ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅପ୍ରେଲ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ମହାବିଷୁବ ସଂକ୍ରାନ୍ତି, ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ ଏବଂ ଓଡ଼ିଆ ନବବର୍ଷ ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକଙ୍କ କଲମରୁ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୩ |
| **କାହାଣୀ ବିଭାଗ** | | ୧୮ |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୧୯ |
| ବନ୍ଧୁତ୍ୱ | ରାଜୁ କୁମାର ପାତ୍ର | ୨୫ |
| କୁହୁଡ଼ିଭରା ରାତି କୋହଭରା ଛାତି | ସତ୍ୟବାନ ନାୟକ | ୨୯ |
| ନୂଆ ସକାଳ | ସୁଷମା ପରିଜା | ୩୩ |
| କେବେ ସୁଖ କେବେ ଦୁଃଖ | ତ୍ରିଲୋଚନ ଦାସ | ୩୮ |
| ଦେହର ରଙ୍ଗ | ଅନସୂୟା ପଣ୍ଡା | ୪୫ |
| ବାପ ନୁହେଁ ସେ କାଳସର୍ପ | ସୌମେନ୍ଦ୍ର ମହାନ୍ତି | ୪୯ |
| ହତଭାଗିନୀ ଅଞ୍ଜନା | ହେମନ୍ତ ନାଏକ | ୫୪ |
| ସଂସ୍କାର | ମାନସ କୁମାର ମହାନ୍ତି | ୫୯ |
| କୁଜି ନେତା | ମହେଶ୍ୱର ସାହୁ | ୬୨ |
| ପ୍ରକୃତି ଓ ସଂସ୍କୃତି | ରାଜେଶ କୁମାର ବାରିକ | ୬୭ |
| ଶକ୍ତିରୂପେଣ | ସୁଶ୍ରୀ ସାବିତ୍ରୀ ସ୍ୱାଇଁ | ୭୦ |
| ତାଲାବନ୍ଦ ବା ଲକଡାଉନ୍ | ନିରୁପମା ପ୍ରଧାନ | ୭୫ |
| ଉଡ଼ା ଚଢ଼େଇ | ନୂତନ କୁମାର ବେହେରା | ୭୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଭାରି ଲୋଭୀ | ଅଙ୍କିତା ପାଢ଼ୀ | ୮୩ |
| ଜନ୍ମଦିନର ସ୍ମୃତି | ବୈବସ୍ଵତ ନାୟକ | ୯୧ |
| **କବିତା ବିଭାଗ** | | **୯୩** |
| କିଏ ଏ କରୋନା | ପୁଷ୍ପାଞ୍ଜଳୀ ପଟ୍ଟନାୟକ | ୯୪ |
| କୋଭିଡ୍-୧୯ | ବରୁଣ କୁମାର ଦାସ | ୯୫ |
| ଆଲୋ କରୋନା | ଦୁର୍ଯ୍ୟୋଧନ କରଡ଼ା | ୯୬ |
| କୋଭିଡ୍-୧୯ : ତୃତୀୟ ବିଶ୍ୱଯୁଦ୍ଧ | ଦଣ୍ଡାସୀ ପ୍ରଧାନ | ୯୮ |
| କରୋନାର ଭୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୦୧ |
| ଜାଗୃତି ଅଭିଯାନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୦୨ |
| କରୋନାରୁ ମୁକ୍ତିଦିଅ ଭଗବାନ | ଡଃ ମନୋରଞ୍ଜନ ବିଷୋୟୀ | ୧୦୩ |
| ଜେଜେ ଓ ନାତୁଣୀ | ସୁବ୍ରତ ମଲିକ | ୧୦୫ |
| ଜନତା କର୍ଫ୍ୟୁ | ନୂତନ କୁମାର ବେହେରା | ୧୦୭ |
| ସମସ୍ତେ ଘରେ ରହିବା | ହରେରାମ ପଣ୍ଡା | ୧୦୯ |
| ଶୁଣିବ ପ୍ରାର୍ଥନା ମୋର | ବାସନ୍ତୀଲତା ଜେନା | ୧୧୦ |
| କରୋନାର ଦାଉ | ଶାନ୍ତନୁ କୁମାର ରାଉତ | ୧୧୨ |
| ମୃତ୍ୟୁର ଆହ୍ୱାନ | ରୀତା ମଲ୍ଲିକ | ୧୧୩ |
| ଚାଇନା ରାକ୍ଷସ | ଅଙ୍କିତା ପାଢ଼ୀ | ୧୧୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଉତ୍କଳ ଦିବସ | ମହେଶ୍ୱର ସାହୁ | ୧୧୮ |
| ପ୍ରଭୁ | ବନିତା ପାତ୍ର | ୧୧୯ |
| ଶୋଷ | ମନୋଜ କୁମାର ବେହେରା | ୧୨୦ |
| ବିଜୟୀ | ଶ୍ରୀକ୍ଷେତ୍ର ସୁନ୍ଦର | ୧୨୧ |
| ପରିଚୟ | ସହଦେବ ଧରୁଆ | ୧୨୨ |
| ତୋ ଖୁସିପାଇଁ | ଡା ନୀଳମାଧବ କର | ୧୨୩ |
| ହୃଦୟ ଖୋଜେ ତୁମକୁ | ଲକ୍ଷ୍ମଣ ମହାନ୍ତି | ୧୨୪ |
| ମୋ ଗାଁ ସହର ଲାଗୁଛି | ମହେନ୍ଦ୍ର କୁମାର ସ୍ୱାଇଁ | ୧୨୫ |
| ପ୍ରଥମ ଥର | ପ୍ରକାଶ ରଞ୍ଜନ ସ୍ୱାଇଁ | ୧୨୭ |
| ମୋ ବୋଉ | ସତ୍ୟବାନ ନାୟକ | ୧୨୯ |
| ଅପାସୋରା ପ୍ରେମ | ସରୋଜ ସାହୁ | ୧୩୦ |
| ଗୁହାରୀ ମୋ ଶୁଣ ଭଗବାନ | ସେବକାନ୍ତ ନନ୍ଦ | ୧୩୧ |
| ଆହେ ଦୟାମୟ ହରି | ଅନାମଚରଣ ସାହୁ | ୧୩୨ |
| ଫଗୁଣ ଦେଇଛି ଧୋକା | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୧୩୩ |
| ମାଆ | ପୁଷ୍ପଲତା ସାହୁ | ୧୩୪ |
| ମା | ଶାନ୍ତିଲତା ସାହୁ | ୧୩୬ |
| କିଛି ତୁମେ... କିଛି ମୁଁ... | ମଞ୍ଜୁଲତା ସିଂ | ୧୩୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଶୁଣିଲୁ ବାଇନ... | ରାମ ପ୍ରସାଦ ସିଂହ | ୧୩୯ |
| ଭଞ୍ଜଭୂମି | ଆୟୁଷ ମହାନ୍ତ | ୧୪୦ |
| ମୋ ଦଶପଲ୍ଲା | ଓମ୍ ପ୍ରସାଦ ପ୍ରଧାନ | ୧୪୨ |
| ବିବାହ | ପୂର୍ଣ୍ଣିମା ଲେଙ୍କା | ୧୪୪ |
| ଆଖିଲୁହ ମାପେ ତା ଛାତିରେ | ମନୋରଞ୍ଜନ ମୁଦୁଲି | ୧୪୫ |
| ରାଜାଧିରାଜ ବସନ୍ତ | ଡଃ ସଂଜୀବ କୁମାର ପାଣିଗ୍ରାହୀ | ୧୪୮ |
| ମୁଁ ହିଁ ସମୟ | ଶ୍ରୀରାଜଶେଖର ସି 'ଚିମା' | ୧୫୦ |
| ମୁଁ ଲଙ୍କାପତି ରାବଣ | ଜୟନ୍ତ କୁମାର ସାହୁ | ୧୫୨ |
| ଅସରନ୍ତି | ଶିବ ଶଙ୍କର ସାହୁ | ୧୫୩ |
| ହେ ଈଶ୍ୱର ତୁମର ଏଇ ପୃଥିବୀରେ | ବିଜୟ କୁମାର ପଣ୍ଡା | ୧୫୫ |
| ମଧୁବାବୁ | ରାମଚନ୍ଦ୍ର ପ୍ରଧାନ | ୧୫୮ |
| ସୁସ୍ଥ ରହିବା | ନବୀନ ପଧାନ | ୧୫୯ |
| ଫୁଲଟିଏ | ହେମନ୍ତ ପାତ୍ର | ୧୬୦ |
| ଆହ୍ୱାନ : ଦୁଃଖଶୋକରୁ ମୁକ୍ତି ଅଭ୍ୟାସ | ଘରୁଆ ବୈଷ୍ଣବ | ୧୬୨ |
| ପୂର୍ଣ୍ଣ ଚଉତିଶା | ହୁତାସନ ଜଗତ | ୧୬୪ |
| ମୋ ବାପା | ଋତୁପର୍ଣ୍ଣା ମହାନ୍ତି | ୧୭୨ |
| ଭୁଲି ମୁଁ ପାରୁନି ତତେ | ନରେନ୍ଦ୍ର ବାରିକ | ୧୭୩ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅସମାହିତ ପ୍ରଶ୍ନ | ଦେବରାଜ ମେହେର | ୧୭୪ |
| ସୁନାର ଅତୀତ | ଅଭିମନ୍ୟୁ ବେହେରା | ୧୭୫ |
| କାହିଁକି ଏମିତି ତମେ କଲ | ଭାରତୀ ସାହୁ | ୧୭୬ |
| ମା | ସୁଦିପ୍ତା ବେହେରା | ୧୭୭ |
| ଚଇତି ପରବ | ବାଲାଜୀ ସେଠୀ | ୧୭୮ |
| ସଫଳ ମୁଁ ନୁହଁ | ତୁଷାରକାନ୍ତ ନାଏକ | ୧୮୧ |
| ସମୟର ଡର | ପୁଷ୍ପାଞ୍ଜଳୀ ପଣ୍ଡା | ୧୮୩ |
| ରେଶମ ନଗର | ଲିପ୍ସା ଆଚାର୍ଯ୍ୟ | ୧୮୪ |
| ଆସିଛି ବସନ୍ତ | କୃଷ୍ଣଚନ୍ଦ୍ର ଡାକୁଆ | ୧୮୭ |
| ଓଢ଼ଣା କହୁଛି ଓଢ଼ଣା ହେବ | ଜଗନ ପାଳ | ୧୮୯ |
| ତଥାପି ବଞ୍ଚିଛି | ଓଜସ୍ୱିନୀ ଶତପଥୀ | ୧୯୦ |
| ପଖାଳ ଦିବସ | ଶାନ୍ତନୁ ବିଷୋୟୀ | ୧୯୩ |
| ଭଲପାଏ | ମିତ୍ରଭାନୁ ବିଶ୍ୱାଳ | ୧୯୪ |
| ହେବୁନାହିଁ ବିସ୍ଥାପିତ | ଅଶ୍ୱିନୀ କୁମାର | ୧୯୫ |
| ଆଜି ମୁଁ ସେଇ ରଜନୀ | ଲକ୍ଷ୍ମୀକାନ୍ତ ମାଝୀ | ୧୯୭ |
| ପ୍ରଭୂ କାହିଁକି ଯାଇଛ ଶୋଇ | ବୈଦ୍ୟନାଥ ପଣ୍ଡା | ୧୯୯ |
| ମୋ ଖୁସି | ଅନୁସୂୟା ମିଶ୍ର | ୨୦୦ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଅକୁହା କିଛି କଥା | କାର୍ତ୍ତିକ ପାଣିଗ୍ରାହୀ | ୨୦୧ |
| ବିଷ୍ଣୁନାମ | ରୋଜା ପଣ୍ଡା | ୨୦୨ |
| ସ୍ୱପ୍ନର ନାୟିକା | ପ୍ରଶାନ୍ତ କୁମାର ପଧାନ | ୨୦୩ |
| ତୁମେ ଗଲାପରେ | ପ୍ରଶାନ୍ତ କୁମାର ନାଥ | ୨୦୪ |
| ସବୁଜ ସ୍ୱର୍ଣ୍ଣ | ସତ୍ୟନାରାୟଣ ମିଶ୍ର | ୨୦୬ |
| ପାହାଡ଼ର ଦୁଃଖ | ଅଶୋକ କୁମାର ପଧାନ | ୨୦୮ |
| ଅଧିକାର | ସୁବ୍ରତ କୁମାର ଜେନା | ୨୧୦ |
| ପ୍ରାୟଶ୍ଚିତ | ଗୌରୀ ପଣ୍ଡା | ୨୧୨ |
| ସୀମାନ୍ତ ସୈନିକ | ଅଶୋକ କୁମାର ପ୍ରଧାନ | ୨୧୩ |
| ତୁମ ସ୍ମୃତି | ଜୟନାରାୟଣ ପରିଡ଼ା | ୨୧୫ |
| ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ | ପ୍ରସନ୍ନ ପ୍ରଧାନ | ୨୧୭ |
| ହୋଲି ମଉଜ | ରୋହିତ ସେଠୀ | ୨୧୯ |
| ନବଧା ଭକ୍ତି | ରାଜେଶ ଦୀପ | ୨୨୧ |
| ପ୍ରଥମ ପ୍ରେମର ଶେଷ ଚିଠି | ଚମ୍ପେଶ୍ୱର ସନବର୍ଷିଆ | ୨୨୨ |
| ମଶା | ନନ୍ଦିନୀ ରାଉତ | ୨୨୪ |
| ଚଇତି ଚକୋର | ଧୀରେନ୍ଦ୍ର କୁମାର ପ୍ରଧାନ | ୨୨୫ |
| ଶିକ୍ଷକ | ବିଶ୍ୱନାଥ ଭୁଏ | ୨୨୭ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ପହିଲି ଛୁଆଁରେ | ସତ୍ୟବ୍ରତ ସାହୁ | ୨୨୮ |
| ସୁଦାମାର କୋହ | ସଂଜୀବ କୁମାର ଦାସ | ୨୨୯ |
| ସୁପ୍ତ ମାନବ | ସରୋଜିନୀ ମିଶ୍ର | ୨୩୨ |
| ଆଧୁନିକା ବୋହୁ | ପ୍ରଭାସିନୀ ସେନାପତି | ୨୩୩ |
| ତମେ ଗଲାପରେ | ଦେବବ୍ରତ ବାରିକ | ୨୩୪ |
| ସନ୍ଧ୍ୟା | ଅଲେଖ ମେହେର | ୨୩୫ |
| ତୁହି ମୋର ମୁକତିପଥ | ନିଲାମ୍ବର ମହାନନ୍ଦ | ୨୩୬ |
| ଷଠିଘର | ପ୍ରୀତିରଞ୍ଜନ ନାୟକ | ୨୩୮ |
| ପ୍ରେମ ଶରଧାବାଲି | ଆଶୁତୋଷ ମେହେର | ୨୩୯ |
| ଏଇ ତ ଜୀବନ | ରଞ୍ଜୀତ ଅରେବେଡ଼ିଆ | ୨୪୦ |
| ପରି ଓ ପକ୍ଷି | ସନାତନ ମହାକୁଡ଼ | ୨୪୨ |
| **ସମ୍ବଲପୁରୀ ବିଭାଗ** | | **୨୪୩** |
| ଚିଠି | ରମଣୀରଞ୍ଜନ ବିଶ୍ୱାଳ | ୨୪୪ |
| ମୁନୁଷ | ରମଣୀକାନ୍ତ ସାହୁ | ୨୪୫ |
| ତାଲାବନ୍ଦ | ଫିରୋଜ କୁମାର ପଟେଲ | ୨୪୭ |
| ଆମର୍ କେନ୍ତା ହେବା ମେଲ | ଫିରୋଜ କୁମାର ପଟେଲ୍ | ୨୪୮ |
| ଶିରମତିର୍ ହଁସି | ଦେବରାଜ ମେହେର | ୨୪୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ମୁନୁଷ୍ ଜୀବନ୍ | ବୈବସ୍ୱତ ନାଏକ | ୨୫୧ |
| ସୁନାର୍ ଗାଆଁ | ନାଟ୍ୟମହର୍ଷି ଭରତ ଧରୁଆ | ୨୫୨ |
| ଧରତି | ଆଶିଷ କୁମାର ପଣ୍ଡା | ୨୫୪ |
| ମୋର୍ ମାଁ ରୁସିଛେ | ସ୍ୱାଗତିକା ଦିସ୍ରି | ୨୫୫ |
| ଲଟର୍ ପଟର୍ | ଆଶୁତୋଷ ଠାକୁର | ୨୫୬ |
| ଲେହେଁଟିଆ ମନୁଷର୍ ପଲଟିଆ ଜୀବନ୍ | ଜିତେନ୍ଦ୍ର ସାହୁ | ୨୫୭ |
| ଆଏଲା ବସନ୍ତ | କ୍ଷମାନିଧି ସାହୁ | ୨୫୯ |
| କରୋନା | କ୍ଷମାନିଧି ସାହୁ | ୨୬୧ |
| କୁଛୁ | ପ୍ରସନ୍ନ ପ୍ରୟାସ ଭୁଏ | ୨୬୨ |
| ବଧିଆଁ | ସୁଭାସ ଚନ୍ଦ୍ର ଭୁଏ | ୨୬୩ |
| ମାଲକାନ୍‌ଗିରି | ବିଶ୍ୱନାଥ ଭୁଏ | ୨୬୫ |
| **ପ୍ରବନ୍ଧ ବିଭାଗ** | | **୨୬୬** |
| ତାଳି, ଥାଳି, ଦୀପ ବନାମ ବିରୋଧୀ | ସୁବଳ ମହାପାତ୍ର | ୨୬୭ |
| ଗରୀବର ଦୁଃଖ | ନିବେଦିତା ମହାପାତ୍ର | ୨୭୧ |
| ପ୍ରାଚୀନ ଘୁମୁସର ରାଜ୍ୟ | ବି. ପ୍ରକାଶ ଚନ୍ଦ୍ର ପାତ୍ର | ୨୭୪ |
| କରୋନା ଏକ ବିଶ୍ୱ ମହାମାରୀ | ଶୁଚିସ୍ମିତା ଗୌଡ଼ | ୨୮୩ |
| ଆପଣଙ୍କ ପସନ୍ଦ : ଜୀବନ ନା ମୃତ୍ୟୁ | ଇଂ ବିଦ୍ୟାଧର ପଣ୍ଡା | ୨୮୬ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| କରୋନା ଏକ ଅଦୃଶ୍ୟ ଶତ୍ରୁ | ଦୀପକ ଷଡ଼ଙ୍ଗୀ | ୨୯୨ |
| କରୋନା ଭୂତାଣୁ | କୈଳାଶ ଚନ୍ଦ୍ର ସାହୁ | ୨୯୫ |
| କରୋନା : ଅଦୃଶ୍ୟ ରୋଗ | ଶାନ୍ତନୁ କୁମାର ରାଉତ | ୨୭୬ |
| ଆତଙ୍କିତ ବସନ୍ତ | ଅରୂପ ଗିରି | ୨୯୯ |
| ଗୃହବନ୍ଦୀର ଆତ୍ମକଥା | ପଙ୍କଜ ପାଣିଗ୍ରାହୀ | ୩୦୧ |
| ଦୁଃସ୍କୃତ ବିନାଶ : ଅଗ୍ନିଅସ୍ତ୍ରର ପ୍ରୟୋଗ | ସୋସିଆଲ୍ ଫୋରମ୍ | ୩୦୫ |
| ଶିଶୁ ଶ୍ରମିକ ସମସ୍ୟା | ସୌମ୍ୟରଞ୍ଜନ ପାଢ଼ୀ | ୩୧୧ |
| ବିଶେଷ ସୂଚନା | | ୩୧୩ |


ଆହ୍ୱାନ ଇ-ପତ୍ରିକାରେ ପ୍ରକାଶନ ହେତୁ ଲେଖା ପଠାଉଥିବା ସମସ୍ତ ସାହିତ୍ୟିକ ବନ୍ଧୁଙ୍କୁ ବିନମ୍ର ଅନୁରୋଧ କରୁଛି, ଦୟାକରି ନିଜର ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାନ୍ତୁ । ଆପଣ ଚାହିଁଲେ ଆକୃତି / ଶ୍ରୀଲିପି / ଅପ୍ରାନ୍ତ / ଗୁଗୁଲ୍ ଓଡ଼ିଆ କିବୋର୍ଡ଼ ଦ୍ୱାରା ଟାଇପ୍ କରି ପଠାଇ ପାରିବେ ।

ଟାଇପ୍ ହୋଇଥିବା ଆଲେଖ୍ୟକୁ ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ଉପସ୍ଥାପିତ କରି ପଠାଇଲେ ତାହା ପ୍ରକାଶନ ହେତୁ ତୁରନ୍ତ ଯୋଗ୍ୟ ବିବେଚିତ ହେବ । ଧନ୍ୟବାଦ ।

Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକାର ବର୍ଷ ୨୦୨୦ର ବିଷୁବ ସଂସ୍କରଣ ଆପଣଙ୍କୁ ଭେଟି ଦେଉଥିବା ବେଳେ ମୁଁ ଯେତିକି ଆନନ୍ଦ ଅନୁଭବ କରିବା କଥା, ସେତିକି କରି ପାରୁନାହିଁ । ଏହାର କାରଣ କେବଳ ଗୋଟିଏ ଏବଂ ତାହା ହେଉଛି, ବର୍ତ୍ତମାନର ବିଷମ ପରିସ୍ଥିତି । କରୋନା ନାମକ ଯେଉଁ ଭୂତାଣୁ ବର୍ତ୍ତମାନ ସମଗ୍ର ମାନବଜାତି ପାଇଁ ଏକ ଶତ୍ରୁ ଭାବରେ ଉଭା ହୋଇଛି ତାହାକୁ ପ୍ରତିହତ କରିବାପାଇଁ ମନୁଷ୍ୟମାନଙ୍କୁ ପୁଣିଥରେ ଆଦିମ ଯୁଗକୁ ଫେରିବାକୁ ପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ବର୍ତ୍ତମାନ ଅନିଚ୍ଛା ସତ୍ତ୍ୱେ ବିଶ୍ୱର ଚାରିଶହ କୋଟିରୁ ଅଧିକ ଲୋକ ଗୃହବନ୍ଦୀ । ପରସ୍ପରଠାରୁ ଢେର୍ ଦୂରତାରେ ସମସ୍ତେ ରହିବାକୁ ବାଧ୍ୟ ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ବୋଲି ଆମେ ପିଲାଦିନୁ ପଢ଼ି ଆସିଛୁ, ଯାହା ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦୌ ଗ୍ରହଣୀୟ ହୋଇ ପାରିନାହିଁ । ଆମେ ଚାହିଁଲେ ସୁଦ୍ଧା ସାମାଜିକ ଭାବରେ ମିଳାମିଶା କରିବା ଉଚିତ ନାହିଁ । ଆମେ ପରସ୍ପରଠାରୁ ଯେତେ ଅଧିକ ଦୂରତା ରକ୍ଷା କରିବା ଆମେ ସେତେ ସୁରକ୍ଷିତ ରହିପାରିବା । ଅଦ୍ଭୁତ ଭୂତାଣୁ ବିଷୟରେ ନିତି ନୂଆ ନୂଆ ତଥ୍ୟ ଉନ୍ମୋଚନ ହେଉଥିବା ହେତୁ ଏହାକୁ ନେଇ ଅନେକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଶଂକା ସୃଷ୍ଟି ହୋଇଛି । କରୋନା ଭୂତାଣୁ ଅନେକ ବର୍ଷରୁ ରହିଛି ଏବଂ ବେଳେ ବେଳେ ଏହା ସଂକ୍ରମଣ ସୃଷ୍ଟି କରିଛି, ହେଲେ ଏବେ ଯେଉଁ କରୋନା ଭୂତାଣୁ ଆସିଛି ଏହା ଅନ୍ୟ ଭୂତାଣୁ ମାନଙ୍କଠାରୁ ଢେର ଅଧିକ ଭୟଙ୍କର । ଏହାର ସଂକ୍ରମଣ କରିବା କ୍ଷମତା ଅଧିକ ତେଣୁ ନିଜକୁ ସୁରକ୍ଷିତ ରଖିବାକୁ ହେଲେ ଆମେ ଜାଣି ନାହୁଁ ଯେ ଭୂତାଣୁ କେଉଁଠାରେ ରହିଥିବ ତେଣୁ ସବୁଠାରୁ ସୁରକ୍ଷିତ ସ୍ଥାନ ହେଉଛି ଆମ ନିଜ ଘର । ଯଥାସମ୍ଭବ ଆମେ ନିଜ ଘରେ ହିଁ ରହିଲେ ଭଲ ହେବ । ଏବଂ ଯଦି ଆମେ ଭାବୁଥାଉ ଯେ ଆମେ ସଂକ୍ରମଣର ଶୀକାର ହୋଇପାରିବା ତା ହେଲେ ଆମକୁ ବାରମ୍ବାର ଆମ ହାତକୁ ସାବୁନ୍ ଦ୍ୱାରା ଧୋଇବାକୁ ପଡ଼ିବ । ଅନାବଶ୍ୟକ ଭାବେ ହାତକୁ ନାକ, ଆଖି ଏବଂ ମୁହଁରେ ଲଗାଇବା ଉଚିତ ହେବ ନାହିଁ । ସାମାନ୍ୟ ଥଣ୍ଡା ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଚିକିତ୍ସକଙ୍କ ପରାମର୍ଶ ନେବାକୁ ହେବ ।

ଆପଣମାନେ ସମସ୍ତେ ସୁରକ୍ଷିତ ରହନ୍ତୁ, ଆମ ରାଜ୍ୟ, ଦେଶ ତଥା ସମଗ୍ର ବିଶ୍ୱ ଏହି ବିପଦରୁ ଶୀଘ୍ର ନିସ୍ତାର ପାଉ ଏହି ପ୍ରାର୍ଥନା ପ୍ରତ୍ୟେକ ମୁହୂର୍ତ୍ତରେ କରୁଛି । ଶତ୍ରୁର କୂଟନୀତି ଏବଂ ପଦକ୍ଷେପକୁ ଆମେ ସମସ୍ତେ ମିଶି ହରାଇ ପାରିବା । ଭାରତୀୟ ଗଣତନ୍ତ୍ରର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ମାର୍ଚ୍ଚ ୨୨ ତାରିଖରେ ଏକ ଦିନିକିଆ ଜନତା କର୍ଫ୍ୟୁ ଲାଗୁ କରାଯାଇଥିଲା ଏବଂ ପରେ ୨୪ ତାରିଖରେ ଏହା ୨୧ ଦିନ ପାଇଁ ସମ୍ପୂର୍ଣ୍ଣ ଦେଶରେ ଲକଡାଉନ୍ ବ୍ୟବସ୍ଥା ଲାଗୁ କରାଯାଇଛି । ଏହାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ କାରଣ ଆମ ପାଖରେ ଆଉ କୌଣସି ଉପାୟ ବି ନାହିଁ ।

ଆପଣମାନେ ଦେଖିଥିବେ କିଛି ଲୋକ ଅମାନିଆ ହୋଇ ଏହି ସବୁ କଟକଣା ମାନିବାକୁ ଅବାଧ୍ୟ ହେଉଛନ୍ତି ଏବଂ ଏହିଭଳି ଏକ ଗୋଷ୍ଠୀ ଦିଲ୍ଲୀରେ ଆୟୋଜିତ ଏକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତବଲିଘି ଜମାତରେ ଅଂଶ ଗ୍ରହଣ କରିବାପରେ ପ୍ରାୟ ଅଧିକାଂଶ ବ୍ୟକ୍ତିଙ୍କୁ କରୋନା ହୋଇଥିବା ଜଣା ପଡ଼ିଛି । ଅତ୍ୟନ୍ତ ଉଦ୍‌ବେଗର ବିଷୟ ସେହି ଜମାତରୁ ବାହାରି ଲୋକମାନେ ଦେଶର ବିଭିନ୍ନ ରାଜ୍ୟକୁ ଯାଇ ନିଜ ନିଜ ରାଜ୍ୟରେ କରୋନା ଭୂତାଣୁ ସଂକ୍ରମଣକୁ ବଢ଼ାଇଥିବା କଥା ରାଜ୍ୟ ସରକାର ମାନେ ଜଣାଇଛନ୍ତି । କ୍ଷୋଭର ବିଷୟ ଯେତେବେଳେ ସମଗ୍ର ଦେଶ ଲକଡାଉନ୍ ମାନି ନିଜ ଘରେ ବନ୍ଦ ହୋଇ ରହିଛନ୍ତି ସେହି ସମୟରେ ଜମାତ୍ ସହ ସଂଶ୍ଳିଷ୍ଟ କିଛି ବ୍ୟକ୍ତି ନିୟମକୁ ଅମାନ୍ୟ କରି ଏକତ୍ରିତ ହୋଇଛନ୍ତି ଏବଂ ଏବେ ମଧ୍ୟ ହେଉଛନ୍ତି । ବାରମ୍ବାର କୁହାଯାଉଛି ଯେ ଏକାଠି ହେଲେ ଭୂତାଣୁ ସଂକ୍ରମଣ ଶୀଘ୍ର ହେବ ଯାହାକୁ ଏମାନେ ଗ୍ରହଣ କରିବା ଭଳି ଦେଖାଯାଉନାହିଁ । ଲକଡାଉନ୍ ବ୍ୟବସ୍ଥାଦ୍ୱାରା ଭାରତରେ କରୋନା ସଂକ୍ରମଣ ହାର ବହୁମାତ୍ରାରେ କମ ହୋଇଯାଇଥିବା ବେଳେ ଏକୁଟିଆ ତବଲିଘି ଜମାତ୍ ହେତୁ ଏହି ହାର ତୀବ୍ର ବେଗରେ ବୃଦ୍ଧି ପାଇବାକୁ ଲାଗିଲା । ତଥାପି ବିଶ୍ୱ ସ୍ତରଠାରୁ ଢେର କମ ହାରରେ ସଂକ୍ରମଣ ଭାରତରେ ଦେଖାଯାଉଛି । ଆଶା କରିବା ଯେ ଏହି ଲକଡାଉନ୍ ସମାପ୍ତ ହେଉ ହେଉ ଭାରତରେ ସଂକ୍ରମଣ ହାର ବହୁତ କମ ହୋଇଥିବ ।

ଓଡ଼ିଶା ସରକାର କିନ୍ତୁ କରୋନା ବିରୁଦ୍ଧରେ ଯୁଦ୍ଧରେ ଅଗ୍ରଗଣ୍ୟ ରହିବେ । ଯେତେବେଳେ ସମୁଦାୟ ଦେଶ କରୋନାକୁ ନେଇ ଚିନ୍ତାଶୀଳ ହୋଇନଥିଲା ସେତେବେଳେ ଓଡ଼ିଶା ସରକାର ସାମାଜିକ ଦୂରତାକୁ ପ୍ରାଧାନ୍ୟ ଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନ ବନ୍ଦ କରିଦେଇଥିଲେ ଏବଂ ପରେ ପରେ ସମୁଦାୟ ରାଜ୍ୟରେ କର୍ଫ୍ୟୁ ଲାଗୁ କରିଥିଲେ । ଭାରତ ସରକାର ୨୧ ଦିନିଆ ଲକଡାଉନ୍ ଲାଗୁ କରିଥିବା ବେଳେ ଓଡ଼ିଶା ସରକାର ଲକ ଡାଉନ୍‌କୁ ୩୦ ଅପ୍ରେଲ ପର୍ଯ୍ୟନ୍ତ ବଢ଼ାଇଛନ୍ତି । ଓଡ଼ିଶାରେ ଅପେକ୍ଷାକୃତ କମ କରୋନା ରୋଗୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଥିବା ବେଳେ ଦେଶର ସର୍ବବୃହତ କରୋନା ହସପିଟାଲ ପ୍ରକଳ୍ପ ଓଡ଼ିଶାରେ ହିଁ ରହିଛି । ଏବଂ ଗଞ୍ଜାମ ଜିଲ୍ଲାରେ ଗୋଟିଏ ବି କରୋନା ରୋଗୀ ନଥିବା ସତ୍ତ୍ୱେ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର ଜିଲ୍ଲାରେ ଘର ଘର ବୁଲି ରୋଗୀଙ୍କୁ ଖୋଜିବା ଏବଂ ଚିକିତ୍ସାପାଇଁ ପଦକ୍ଷେପ ନେବା କାର୍ଯ୍ୟ ଆରମ୍ଭ ହୋଇଛି । ଜିଲ୍ଲାରେ ଲୋକମାନେ ଜିଲ୍ଲାପାଳଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି ।

କରୋନା ଭଳି ମହାମାରୀର କବଳରେ ସମଗ୍ର ବିଶ୍ୱ ରହିଥିବା ଭଳି ଏକ ଅବିଶ୍ୱସନୀୟ ଏବଂ ସଂକଟପୂର୍ଣ୍ଣ ସମୟରେ ମୁଁ ଆପଣମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି ଏବଂ ଆଶା କରୁଛି ଆହ୍ୱାନ ଇ-ପତ୍ରିକାର ଏହି ସଂସ୍କରଣ ଆପଣଙ୍କ ଏହି ସଙ୍ଗରୋଧ ସମୟରେ କିଛି ଆମୋଦପ୍ରମୋଦ ଆଣିଦେବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ନୂଆ

# କରୋନା

ଭୂତାଣୁ ସଂକ୍ରମଣ

## ଅନେକ ବ୍ୟକ୍ତି ଏହି କରୋନା ଭୂତାଣୁ ବିଷୟରେ ଚିନ୍ତିତ ।



କରୋନା ଏକ ବୃହତ ଭୂତାଣୁ ଗୋଷ୍ଠୀର ଏକ ଭୂତାଣୁ, ଯାହା ମନୁଷ୍ୟ ଏବଂ ପଶୁମାନଙ୍କୁ ଥଣ୍ଡା ଜନିତ ରୋଗଭଳି ସଂକ୍ରମଣ କରିଥାଏ । ଏହାଦ୍ୱାରା ସାମନ୍ୟ ଜ୍ୱର ଥଣ୍ଡାରୁ ଆରମ୍ଭ କରି ଅତି ବିପଦ୍‌ଜନକ ଶ୍ୱାସ ସଂକ୍ରମଣ ମଧ୍ୟ ହୋଇଥାଏ ।

ସଂପ୍ରତି ଦେଖା ଦେଇଥିବା କରୋନା ଭୂତାଣୁ, ଯାହା ଏମ୍‌ଇଆର୍‌ଏସ୍ ସଂକ୍ରମଣ କରିଥାଏ, ଅପେକ୍ଷାକୃତ ଏକ ନବୀନତମ ଭୂତାଣୁ, ଯାହା ବିଷୟରେ ଅଧିକ ସୂଚନା ବର୍ତ୍ତମାନ ସୁଦ୍ଧା ଉପଲବ୍ଧ ହୋଇପାରିନାହିଁ । ଏହା କେମିତି ହୁଏ, ଏହାଦ୍ୱାରା କଣ କଣ ଲକ୍ଷଣ ଦେଖାଯାଇପାରେ, ବା ରୋଗୀକୁ କେଉଁଭଳି ସଂକ୍ରମିତ ହୁଏ, ଆଦି ବିଷୟରେ ଅଧିକ ଗବେଷଣା ଚାଲିଛି ।

## ଏହି ରୋଗପାଇଁ କୌଣସି ସୁନିଶ୍ଚିତ ଚିକିତ୍ସାବ୍ୟବସ୍ଥା ରହିଛି କି ?



ବର୍ତ୍ତମାନ ସମୟରେ ଏହି ଭୂତାଣୁଜନିତ ସଂକ୍ରମଣ ପାଇଁ କୌଣସି ନିଶ୍ଚିତ ଚିକିତ୍ସା ବ୍ୟବସ୍ଥା ନାହିଁ । କିନ୍ତୁ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଲକ୍ଷଣ ଅନୁସାରେ ବିକଳ୍ପ ଚିକିତ୍ସା ଉପଲବ୍ଧ କରାଯାଇ ରୋଗ ଉପଶମ କରିବାକୁ ଚେଷ୍ଟା କରାଯାଉଛି ।

## ଏହି ଭୂତାଣୁ ପାଇଁ କୌଣସି ଟୀକାକରଣ ବ୍ୟବସ୍ଥା ରହିଛି କି ?



ନା । ବର୍ତ୍ତମାନ ସୁଦ୍ଧା ଏହି ଭୂତାଣୁର ପ୍ରତିଷେଧକ ହିସାବରେ କୌଣସି ଟୀକା ଆବିଷ୍କାର କରାଯାଇନାହିଁ ।

## ଏହି ନୂତନ କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ସବୁ କଣ ?

- କାଶ ହେବା — ଜ୍ୱର ଆସିବା
- ନିମୋନିଆ ହେବା — ଶ୍ୱାସରୁଦ୍ଧ ହେବା

**କିଛି କ୍ଷେତ୍ରରେ**

- ବାନ୍ତି ହେବା — ତରଳଝାଡ଼ା ହେବା

**ରୋଗବ୍ୟାପିଲେ**

- ଅତ୍ୟାଧିକ ନିମୋନିଆ — ବୃକକ୍ ଯନ୍ତ୍ର ଅକାମୀ ହେବା

ଏବଂ ଯଦି ଏହି ରୋଗକୁ ସଠିକ ସମୟରେ ଚିକିତ୍ସା କରାଯାଏ ନାହିଁ, ତା'ହେଲେ ଏହାର ସୁଦୂରପ୍ରସାରୀ ପ୍ରଭାବ ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଇପାରେ ।

ବିଶ୍ୱାସ କରାଯାଏ ଯେ କରୋନା ଭୂତାଣୁ ଅନ୍ୟ ସମସ୍ତ କରୋନା ଭୂତାଣୁ ଏବଂ ଥଣ୍ଡାଜ୍ୱର ଭଳି ବ୍ୟାପିଥାଏ ।

| | | |
|---|---|---|
| ରୋଗୀ ସଂସ୍ପର୍ଶରେ ଆସିବା ଦ୍ୱାରା | ରୋଗୀର ଛିଙ୍କ ଓ କାଶ ଦ୍ୱାରା | ରୋଗୀଙ୍କ ମୁହଁ, ନାକ, ଆଖି ଆଦିକୁ ଛୁଇଁବା ଦ୍ୱାରା |

## ଏହି ସଂକ୍ରମଣରୁ ନିଜକୁ ରକ୍ଷା କରିବାର କିଛି ଉପାୟ;

- ସଂକ୍ରମଣର ସନ୍ଦେହ ଥିଲେ / କିମ୍ବା ଘରକୁ ବାହାରୁ ଫେରିବାପରେ ହାତକୁ ସାବୁନ ଦ୍ୱାରା କିମ୍ବା ସ୍ପିରିଟ୍ ଦ୍ୱାରା ସଫା କରନ୍ତୁ ।
- କାଶ ହେଉଥିଲେ ନିଜ ମୁହଁ ଓ ନାକକୁ ମାସ୍କ କିମ୍ବା ରୁମାଲ / ଟିସୁ ପେପର୍ ଦ୍ୱାରା ଘୋଡ଼ାଇ ରଖନ୍ତୁ ।
- କାଶୁଥିବା / ଛିଙ୍କୁଥିବା ବ୍ୟକ୍ତିଙ୍କଠାରୁ ଦୂରତା ବଜାୟ ରଖନ୍ତୁ ।
- ଆମିଷ ଖାଦ୍ୟକୁ ଭଲଭାବରେ ରୋଷେଇକରି ଖାଆନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ବାରହା ଶିକାରମାନ

ଏମିତି ଆଉ ଏକ ଦିନ । କୁହାଯାଇପାରେ କଲରାପତରିଆ ବାଘର ଦିନ । ବାଘଟି ଖୁବ୍ ସହଜରେ ଜଲ୍‌ଦି ଗଛ ଉପରକୁ ଚଢ଼ିଗଲା । ଗଛରେ ମୋଟା ବକଳା ଥିଲା ତେଣୁ ତାକୁ ଚଢ଼ିବା ପାଇଁ କିଛି କଷ୍ଟ ହୋଇନଥିଲା । ଗଛ ଉପରେ ଏକ ମୋଟା ଡାଳ ଉପରେ ବସି ତଳକୁ ଅନାଇ ରହିଲା । ଅନେକ ସମୟ ବସିବା ପରେ ତାକୁ ଏମିତି କିଛି ଦୃଶ୍ୟ ହେଲା ନାହିଁ । ତାପରେ ବୁଲି ପଡି ତଳକୁ ଦେଖିବାକୁ ଚେଷ୍ଟାକଲା । ତା ଶରୀର ତଳୁଆ ହୋଇଗଲା । ଉପର ଲାଙ୍ଗୁଡ ଗଛ ଡାଳରେ ଲାଗି ଟିକିଏ ବୁଲି ଯାଇଛି । ପିଚା ଗଛ ଉପରେ ଡାଳ ଦେହରେ ଲାଗିଛି । ପଛର ଗୋଡ ଦୁଇଟି ଡାଳର ଦୁଇଟି କେନା ଉପରେ ।

ଆଗ ଗୋଡ ଡାଳର ତଳ ଆଡକୁ । କଲରାପତରିଆ ବାଘଟି ତଳକୁ ଭଲଭାବେ ନିରୀକ୍ଷଣ କରୁଥିଲା । ତାର ଛୋଟ କାନଟି ଏପଟ ସେପଟ ହୋଉଥିଲା । ଏ ଗଛଟିରେ ଅନେକ କେନା ଥିଲା । ଏମିତି ସିଧା ଗଛ ନୁହେଁ । ଉପରେ ଡାଳ, ତା ଭିତରେ କଲରାପତରିଆ ବାଘଟି ଖୁବ୍ ସହଜରେ ଛପି ଯାଉଥିଲା । କଲରାପତରିଆ ବାଘର ଗୋଡ ଗଛଟିର ଏକ ବକଳା ଭଳିଆ ଦେଖାଯାଉଥିଲା । ସାମାନ୍ୟ ଭିନ୍ନ କିନ୍ତୁ ବହୁତ ଅଂଶରେ ମିଶିଯାଇଥିଲା । ବକଳା ଯେମିତି କଳା, ଧଳା, ନାଲିଆ, ଫାଟ ଫାଟ, କେଉଁଠି ମୋଟା କଳା ହୋଇଯାଇଛି ତ କେଉଁଠି ପତଳା ହୋଇଯାଇଛି । ସେମିତି କଲରାପତରିଆ ବାଘର ଦେହସାରା ରଙ୍ଗ, ହଳଦିଆ, ଧଳା, କଳା, ଟିକିଏ ଅଧିକ ନାଲି, ଟିକିଏ ଅଧିକା ମୋଟା କଳା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚିହ୍ନ କେଉଁଠି ଥୋପି ଥୋପିକିଆ କଳା ଚିହ୍ନ । ତେଣୁ ଗଛର ଡାଳରେ ପ୍ରାୟେ ସେ ପ୍ରାୟ ମିଶିଯାଉଥିଲା । ଏହି ଗଛ ଭିତରେ ଛପିଯିବା ଗୁଣ କଲରାପତରିଆ ବାଘକୁ ଏକ ମହାନ୍ ଶିକାରୀ କରି ଗଢି ତୋଳିଛି । ଏମାନେ ଗଛରେ ଛପି ରହି ଶିକାର ଉପରକୁ ହଠାତ୍ ଡେଇଁ ପାରନ୍ତି ।

ଏମିତି ଅନେକ ସମୟ ରହିବା ପରେ କଲରାପତରିଆ ବାଘଟି ତଳକୁ ଡେଇଁପଡ଼ିଲା । ଆଗରେ ଥିବା ଶିକାର ଆଡକୁ ଖୁବ୍ ଜୋର୍ରେ ଦୌଡିବାକୁ ଲାଗିଲା । ଦୌଡିବା ସମୟରେ ତାର ମୁହଁ ଆଗକୁ ହୋଇଯାଇଥାଏ । କାନ ଦୁଇଟି ବେକ ଆଡକୁ ମୋଡି ହୋଇଯାଇଥାନ୍ତି । ମୁହଁ ଚାପି ହୋଇ ରହି ଯାଇଥାଏ । ପଛର ଗୋଡଦୁଇଟି ପେଟଆଡକୁ ବୁଜି ହୋଇ ଯାଇଥାନ୍ତି । ଲାଙ୍ଗୁଡ ବଙ୍କା ହୋଇ ପଛକୁ ଲମ୍ବି ଯାଇଥାଏ । କଲରାପତରିଆ ବାଘଟି ଖୁବ୍ ଜୋର୍ରେ ଦୌଡୁଥିଲା । ଏହାର ଶରୀରର ଗଠନ ଚିତାଭଳି ଯଦିଓ ନୁହେଁ ତଥାପି ଚିତା ଭଳି ଛାତି ଅଂଶ ଖୁବ୍ ସୁଦୃଢ । ଏମିତିଆ ଛାତି ମୁଖ୍ୟତଃ ଦୌଡିବା ପାଇଁ ଗଠିତ ହୋଇଛି । କିନ୍ତୁ ବହୁତ ଲମ୍ବା ଦୌଡିବା ପାଇଁ କଲରାପତରିଆ ବାଘର ଶରୀର ଗଠିତ ହୋଇନି । କଲରାପତରିଆ ବାଘର ଛାତି ଅଂଶ ଆଉ ପେଟ ଅଂଶ ମଧ୍ୟରେ ବହୁତ ପ୍ରଭେଦ ନଥିଲା । ଏହାର ଆଗ ଛାତି ଆଉ ପଛ ଗୋଡ ମଧ୍ୟରେ ଏତେ ଚିତା ଭଳିଆ ଗଠିତ ନୁହେଁ । ଚିତାର ଛାତିଟି ଖୁବ୍ ବଡ । ତାପରେ ପେଟ ଅଂଶଟି ପିଠିରେ ଲାଗିଯିବା ପରି ଲାଗେ । କିନ୍ତୁ କଲାରା ପତରିଆ ବାଘର ତା ନୁହେଁ, ସେଠି ପେଟଟି ପିଠିରେ ଲାଗିବା ପରି ଜଣା ପଡେନି । ଏହା ଖୁବ୍ ଜୋର୍ ଲମ୍ବା ଦୌଡିନପାରେ ।

ଏହି ବାଘ ଲୁଚି ରହି ଆଉ ଏକଦମ୍ ହଠାତ୍ ଦୌଡି ଶିକାର କରିପାରେ । ବାଘ ତଳେ ଡେଇଁପଡି ଦୌଡିବାକୁ ଲାଗିଲା । ଦୌଡିଲା ବେଳକୁ ବାଘର ଶରୀରର ରେଖା ଗୁଡିକ ଏକଦମ୍ ଅସ୍ପଷ୍ଟ ହୋଇଯାଇଥାଏ । ତାର ଚମତ୍କାର କଳା କଳା ଚିହ୍ନ ଗୁଡିକ ସବୁଜ ଘାସ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ଜମି ଉପରେ ଫୁଟି ଉଠୁଥିଲା । ବାଘର ଶରୀର ସବୁଜ ଘାସ ଜମି ଉପରେ ଏକ ସୁନ୍ଦର ଚିତ୍ର ଆଙ୍କୁଥିଲା ।

ତା ଆଗରେ ଦଳେ ବାରହା ଖୁବ ଜୋରରେ ଦୌଡୁଥାନ୍ତି । ମା ଆଉ ତା ପଛରେ ପାଁଚ ଛଅଟା ଛୋଟ ଛୁଆ । ଛୁଆମାନେ ମାର ପ୍ରାୟ ଅଧା ଆକାରର । ଏମିତିଆ ଶିକାର କରିବାକୁ ଖୁବ ମଜା ଲାଗେ । ଏ ଭିତରେ ଗୋଟିଏ ଦୁଇଟି ଛୁଆ ଭୂଲ କରି ବସନ୍ତି । ସେମାନେ ମାର ରାସ୍ତାରେ ଦୋଡିଲେ ବାଘ ହୁଏତ ସେମାନଙ୍କୁ ଧରି ପାରନ୍ତା ନହିଁ । କିନ୍ତୁ ପ୍ରାଣ ବିକଳରେ ଦୌଡିଲାବେଳେ ଗୋଟିଏ ଦୁଇଟି ଖୋଜ ଭୂଲ ହୋଇଯାଏ ।

ଛୁଆମନେ ମଧ୍ୟ ଭଲ ଦୌଡନ୍ତି । ଏକ ଲମ୍ବା ଦୌଡରେ ସେମାନେ ଶେଷରେ ବାଘକୁ ହରାଇଦେବେ । କିନ୍ତୁ ସେମାନଙ୍କର ଦୌଡିବାରେ ଅନେକ ବିଳମ୍ବ ହୋଇଯାଇଥିଲା । ଏଣୁ ସେମାନଙ୍କୁ ବଂଚିବାପାଇଁ ପ୍ରାଣ ପଣେ ଦୌଡିବାକୁ ପଡୁଥିଲା । ବାଘ ନିଜର ଶକ୍ତି ଖଟାଇ ଦୌଡୁଥାଏ । ଥରେ ଦୁଇଥର ନିଜର ଥାବାକୁ ଛୋଟ ବାରାହା ଦେହରେ ମାରିବାକୁ ଚେଷ୍ଟା କରୁଥିଲା । କିନ୍ତୁ ଖସି ଯାଉଥିଲା । ଏମିତି ଦୌଡୁ ଦୌଡୁ ଛୋଟ ବାରହାଟିଏ ମାର ରାସ୍ତାରୁ ଅଲଗା ହୋଇଗଲା । ଏବେ ସେ ବାଘଠାରୁ ଆଉ ବଂଚି ପାରିବା ନାହିଁ । ରାସ୍ତା ଭଲ ଭାବେ ଜଣାନାହିଁ ।

ଖୁବ ଜୋରରେ ଦୌଡୁ ଦୌଡୁ ସେ କେଇ ଖୋଜ ଭିତରେ ଆସିଗଲା । ହଠାତ୍ ବୁଲିଯିବା କଳାଟା ଏ ପର୍ଯ୍ୟନ୍ତ ଭଲ ଭାବେ ଶିଖି ପାରିନଥିଲା । ଯେତେବେଳେ ବାଘ ପଂଝା ମାରିବାକୁ ଚେଷ୍ଟା କରିବ ସେହି ସମୟରେ ବୁଲିଗଲେ ବାଘ ଆଉ ହଠାତ୍ ବୁଲି ପାରିବ ନାହିଁ । ତାର ଗତିକୁ ପରିବର୍ତ୍ତନ କରିବା ପାଇଁ ଟିକେ ସମୟ ଦରକାର । ଏଇ କ୍ଷଣକରେ ବାଘଠାରୁ ଶିକାର ଅନେକ ଦୂରକୁ ଚାଲିଯିବ । ସେ କଳା ନଥିଲା ତା ଛଡା ଦେହରେ ଏତେ ଶକ୍ତି ନାହିଁ । କଲରାପତରିଆ ବାଘ ତାକୁ ଦୌଡୁ ଦୌଡୁ ଏକ ପଂଝା ମାରିଲା । ଛୁଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାରହାଟା ତଳେ ପଡି ଘୁଷୁରି ହୋଇଗଲା । ଆଉ ଦୌଡିବ ଦୌଡିବ ହେଉଛି କଲରାପତରିଆ ବାଘ ଡେଇଁପଡି ତାର ତଂଟି ଧରିନେଲା । ଏବେ ଆଉ ରକ୍ଷା ନାହିଁ । ତାର ମୃତ୍ୟୁ ହେଲା । ବାଘ ବାରହା ମଲା ପର୍ଯ୍ୟନ୍ତ ତାର ଗଳାକୁ ଧରି ରଖିଥିଲା ।

କଲରାପତରିଆ ବାଘର ଅନେକ ଗୁଣ । ସେ ଭିତରୁ ଏକ ବଡ ଗୁଣ ହେଲା ଛୋଟ ଜୀବଙ୍କୁ ଶିକାର କରିନେବା । କିମ୍ବା ଅନ୍ୟର ଛୋଟ ଛୁଆମାନଙ୍କୁ ମାରିଦେବା । ଯଦି ଭୋଜ୍ୟ ହୋଇଥାନ୍ତି ତେବେ ଖାଇଦେବା ।

ଆଉ ଏକ ଦିନ କଲରାପତରିଆ ବାଘଟା ବଡ ଭୋକିଲା ଥିଲା । କିଛି ଦିନ ହେଲା ଶିକାର କରି ପାରିନି । ତେଣୁ ଶିକାର ସଂନ୍ଧାନରେ ବାହାରି ଯାଇଥିଲା । ତାର କାନ ଆଉ ଆଖି ଖୁବ ସତର୍କ ଥିଲା । ସେ ସବୁ ଜିନିଷକୁ ତୀକ୍ଷଣ ଭାବେ ଲକ୍ଷ୍ୟ କରୁଥିଲା । ସବୁ ଶବ୍ଦକୁ ବାରୁଥିଲା । ଆଖି ଆଉ କାନ ଉପରେ ଭରସା କରି କଲେରା ପତରିଆ ବାଘ ସହଜରେ ଶିକାର କରିନେଇପାରେ ।

କାହିଁ କେଉଁଠି ଚାଲୁଥିବାର ଦେଖା ଯାଉନାହାନ୍ତି ।

ସେ ବଡ ବ୍ୟସ୍ତ ହେଉଥିଲା । ଜଙ୍ଗଲଟା ଏବେ କଣ ଜୀବ ଶୂନ୍ୟ ହୋଇଗଲାଣି । ତାକୁ ଏତେ ଭୋକ ଲାଗୁଥିଲା ଯେ ଠେକୁଆଟିଏ ହୋଇଥିଲେ ଶିକାର କରି ନିଅନ୍ତା । କିନ୍ତୁ କିଛି ପ୍ରାଣୀ ଦେଖା ଯାଉନଥିଲେ ।

ଏକଥା ଯେ କିଛି ପ୍ରାଣୀ ନଥିଲେ ବୋଲି କୁହାଯାଇ ନପାରେ । ଜଙ୍ଗଲରେ ଅନେକ କାନ ଆଉ ଅନେକ ଆଖି ଅଛି । ଏ ଭିତରେ କଲରାପତରିଆ ବାଘ ଟିକିଏ ଖୋଲାକୁ । ବାହାରି ଆସିଲା । ସେପଟୁ ମା ବାରହାଟିଏ ଚାଲି ଚାଲି ଆସୁଥିଲା । ବାରହା ଯେମିତି ବାଘକୁ ଦେଖି ଦେଇଛି ସେ ଚୁପ୍ କରି ଠିଆ ହୋଇଗଲା । ବାରହାର ଠିଆ ହେବ ଦେଖିଲେ ଯିଏ କେହି ଭାବିବ ଯେ ଏକ କାଠଗର ଟିକିଏ ଉଚ୍ଚ ହୋଇ କଣେଇ ହୋଇ ପଡିଛି । ତାର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଳା ଆଖି ବାଘ ଉପରେ ଲାଗି ରହିଥିଲା ।

ବାରହାର ବସାସ୍ଥାନଟା ପାଖରେ । ଏ ବାରହାଟା ମାଟି ଭିତରେ ଗାତ ଖୋଳି ନିଜର ଛୁଆଙ୍କୁ ରଖିଥିଲା । ଗାତଟା ବହୁତ ଭିତରକୁ ଯାଇ ପାରିନଥିଲା । କିନ୍ତୁ ସହଜରେ କେହି ପାଇବ ନାହିଁ । ଭିତରକୁ ବହୁତ ଲମ୍ବା ଗାତ ମଧ୍ୟ ହୋଇନାହିଁ । ସହଜରେ ବାଘ ମାଟି ଖୋଳି ବାରହାଛୁଆଙ୍କୁ ଧରି ପାରିବ ନାହିଁ । ସେ ନିଜ ବସାରୁ କେଇ ଖୋଜ ଦୂରରେ ଥିଲା । ଏବେ କିନ୍ତୁ ଆଗେଇବାଟା ବିପଦ୍‌ଜନକ ।

ବାଘଟା ବହୁତ ସନ୍ତର୍ପଣର ସହ ଆସୁଥାଏ । ଏଣେ ଗୋଟିଏ ବୁଦା ଧାରରୁ ବାରହାଟି ବାଘକୁ ଅନଇ ଥାଏ । ଅନେକ ବେଳ ହେଲା ବାରହା ଗାତ ପାଖକୁ ଆସିନି । ଛୁଆମାନେ ଭୋକିଲା ଅଛନ୍ତି । ସେ ଚାହିଁକରି ମଧ୍ୟ ପାଖକୁ ଆସି ପାରୁନଥିଲା । ଏଣେ ମାଉ ଆସିବାର ସମୟ ହେବାରୁ ଛୁଆମାନେ ଧରେ ଶବ୍ଦ କରୁଥିଲେ । ଏହି ସାମାନ୍ୟ ଶବ୍ଦ କିନ୍ତୁ କଲରାପତରିଆ ବାଘ କାନରେ ପଡିଗଲା । ତାର ଆଖି ଖୁବ ଉଜ୍ଜ୍ୱଳ ହୋଇଉଠିଲା । ସେ ରହିଯାଇ ଶବ୍ଦ ବାରିବାକୁ ଲାଗିଲା ।

ବାରହା ବାଘକୁ ଏମିତି ରହିବାର ଦେଖି କିଛି ଆକ୍ରମଣର ଆଶଙ୍କା କରୁଥିଲା । ବାଘଟା ଆଉ ଟିକେ ଆଗେଇ ଆସିଲା । ଏ ପର୍ଯ୍ୟନ୍ତ ବାଘ ଯଦିଓ ବାରହାକୁ ଦେଖିନି, ବାରହା ଆଉ ସେଠି ରହିବାବୁ ଉଚିତ ମଣିଲା ନାହିଁ । ଅଳ୍ପ କେଇ ଖୋଜରେ ବାରହା ଯେତେ ଜୋରରେ ଦୌଡିଲେ ମଧ୍ୟ ବାଘ ତାକୁ ଧରିନେବ । ଏଣୁ ଆଉ ବିଳମ୍ବ କରିବା ଉଚିତ ନୁହେଁ । ମା ବାରହା ଖୁବ ଜୋରରେ ଦୌଡି ପଳାଇଲା ।

ଛୁଆମାନେ ଏଣେ ଗାତ ବାହାରକୁ ଆସିଯାଇଥିଲେ । ବାଘର ତୀକ୍ଷଣ ନଜର ବାରହାର ଯିବା ରାସ୍ତାରେ ଥିଲା । ଏମିତିଆ ହଠାତ୍ ଦୌଡିବାର ଶବ୍ଦରେ ବାରହା ଛୁଆମାନେ କିଛି ବୁଝି ପାରିଲେ ନାହିଁ । ଗୋଟିଏ ଛୁଆ କେମିତି ଗାତ ବାହାରକୁ ଆସିଗଲା ।

 Magazine Downloaded from www.aahwaan.com

ଆଉ ଏହି ସାମାନ୍ୟ ହଲଚଲ ବାଘ ଆଖିରେ ପଡିଗଲା । ସେ ଗୋଟାଏ ଲମ୍ଫରେ ଛୋଟ ବାରହା ଛୁଆଟିକୁ ଧରିନେଲା । ଛୁଆ ମୁହଁରୁ ଶବ୍ଦଟିଏ ବାହାରିଲା ନାହିଁ । ସେଇ ପାଖରେ ତାକୁ ମାରି ଖାଇଦେଲା ।

ଏବେ ସେ ବାରହା ଗାତ ଜାଣିନେଇଥିଲା । ମାଟି ଭିତରକୁ ସିଧା ଅଣଓସାରିଆ ହୋଇ ଗାତଟା ଚାଲି ଯାଇଛି । ବଡ ବଡ ଘାସ ଆଉ ଛୋଟ ବୁଦା ପାଖରେ । ସେ ଭିତରେ ଗାତଟା ଖୋଜି ପାଇବାର କଥା ନୁହେଁ । ବାରହା ଛୁଆମାନେ ଗାତ ଭିତରକୁ ତଥାପି ଚାଲି ଯାଇ ନଥିଲେ । ସେମାନେ କଣ ହେଲା ବୁଝିପାରି ନଥିଲେ । ବାଘଆସି ବଡ ବଡ ଆଖିରେ ଗାତକୁ ଅନାଇଲା । କେତେଟା ଛୋଟ ମୁଣ୍ଡ ଏପଟ ସେପଟ ହେଉଛି । ସେ ବିଳମ୍ବ ନକରି ନିଜର ଗୋଡକୁ ଭିତରେ ପୁରାଇ ଏକ ଛୁଆକୁ ଟାଣି ଆଣିଲା । ଛୁଆମାନେ ବହୁତ ଭିତରକୁ ଯିବାକୁ ସମୟ ପାଇଲେ ନାହିଁ ।

ତାର ମୁନିଆ ନଖରେ ଏକ ଛୁଆ ଲାଗି ବୋବାଉ ଥିଲା । ବାଘ ମୋଟେ ବିଳମ୍ବ ନକରି ତାକୁ ମୁହଁରେ ମାଡି ବସିଲା ଆଉ କ୍ଷେପାକରେ ଡେଇଁ ପାଖର ଏକ ବୁଦା ମୂଳକୁ ଯାଇ ଛୁଆଟିକୁ ଖାଇଦେଲା । ପେଟରେ କିଛି ଭୋଜନ ହେଲାଣି । କିନ୍ତୁ ତାର ପେଟ ପୁରି ନଥିଲା । ଏ ଶିକାରରେ ବେଶୀ ମାଂସ ନାହିଁ । ଆଉ ଛୁଆଙ୍କୁ ମାରିବା ପାଇଁ ସେ ଗାତ ପାଖକୁ ଆସିଲା । ଛୁଆମାନେ ବାଘର ଏମିତିଆ ପଂଝା ଶିକାର ଦେଖି ବହୁତ ଭିତରକୁ ଚାଲି ଯାଇଥିଲେ । ପଂଝାରେ ଆଉ ଶିକାର ଲାଗିଲେ ନାହିଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁତ୍ୱ



ରାଜୁ କୁମାର ପାତ୍ର

ସମୟ ଭୋର ସକାଳ । ସଠିକ ସମୟ ଜଣା ନଥିଲେ ମଧ୍ୟ ସମୟ ପାଖାପାଖି ୫:୪୫ ରୁ ୬:୧୦ ମିନିଟ୍ ଭିତରେ । ଅନ୍ତରଙ୍ଗ ବନ୍ଧୁ 'ଅମିତ'ର ଫୋନ୍ କଲ୍ ଶଯ୍ୟାତ୍ୟାଗ କରିବାକୁ ବାଧ୍ୟ କରୁଥିଲା ଯେମିତି । ନିଦ୍ରିତ ଚକ୍ଷୁରେ ଅସହାୟ ଭଙ୍ଗୀରେ ଫୋନ୍ ରିସିଭ୍ କରୁକରୁ ବିପରୀତ ପାର୍ଶ୍ୱରୁ କ୍ଷୀଣ ଚାପ ଗଳାରେ ଅଭିମାନ ସ୍ୱରରେ ଅମିତ କହୁଥାଏ, "କ'ଣ ରାଜୁ ପ୍ରତିଦିନ ତୁ ସଠିକ୍ ସମୟରେ ଫୋନ୍ ମାଧ୍ୟମରେ ମତେ ଜାଗ୍ରତ କରିଥାଉ । ଆଜି ଶୋଇପଡ଼ିଲୁ ନା କ'ଣ ? ଦେହ ଭଲଅଛି ତ ? ହଉ ସେମିତିରେ ବି ଆଜି ବିଳମ୍ବ ହେଲାଣି । ପାଖ ଛକରେ ମୁଁ ତୋର ଅପେକ୍ଷା କରିଛି । ଶୀଘ୍ର ପ୍ରସ୍ତୁତ ହୋଇକି ଆସେ ।" ଏକ ନିଶ୍ୱାସ ମଧ୍ୟରେ କହିଗଲା ଅମିତ ।

ରାଜୁ ଓ ଅମିତ ବାଲ୍ୟକାଳରୁ ଅନ୍ତରଙ୍ଗ ବନ୍ଧୁ । ଯେଉଁ ସମୟରେ ହାଫପ୍ୟାଣ୍ଟ ଖଣ୍ଡିଏ ପିନ୍ଧି ଗାଁ ଦାଣ୍ଡ ଧୂଳିରେ ଅ, ଆ ଲେଖିବାକୁ ଚେଷ୍ଟା କରୁଥିଲେ ସେତେବେଳ ଠାରୁ ସେମାନେ ସାଙ୍ଗ । ହୃଦୟ ମଧ୍ୟରେ ଉଭୟଙ୍କ ପ୍ରତି ଗଚ୍ଛିତ ରହିଥିଲା ଅସରନ୍ତି ଅନାବିଳ ଭଲପାଇବା ।

ଅମିତକୁ ଆମ୍ବ ଖାଇବାକୁ ଭାରି ପସନ୍ଦ । ଜିଦ୍ ଧରେ ଗାଁ ଶେଷମୁଣ୍ଡରେ ଥିବା ଆମ୍ବ ତୋଟାକୁ ଯାଇ ଦୃଷ୍ଟାମିର ସହ ଆମ୍ବ ଖାଇବାକୁ । ସାଙ୍ଗର ଏତାଦୃଶ ମନୋବଳ ସମ୍ମୁଖରେ ଆମ୍ବତୋଟା ମାଲିକର ରୁକ୍ଷ କର୍କଶ ତାଗିଦ୍ ସମୂହ ମୂଲ୍ୟହୀନ ହୋଇପଡ଼େ ରାଜୁ ଆଗରେ । ଆମ୍ବ ସଂଗ୍ରହ ସମୟରେ କେତେଥର ରାଜୁର କହୁଣୀ କ୍ଷତବିକ୍ଷତ ହୋଇଛି ତାର ସୀମା ନାହିଁ । ଲୋତକ ପୂର୍ଣ୍ଣ ନୟନରେ ଅମିତ ରାଜୁର ଖଣ୍ଡିଆ ସ୍ଥାନରୁ ଧୂଳି ଝାଡ଼ିଦେବା ପରେ ଯନ୍ତ୍ରଣା ଗୁଡ଼ିକ ଅପସରି ଯିବାକୁ ବାଧ୍ୟ ହେଉଥିଲେ ଯେମିତି । ଉଭୟଙ୍କମଧ୍ୟରେ ବନ୍ଧୁତ୍ୱର ଚେର ଏତେ ଭିତରକୁ ପ୍ରବେଶ କରିଥିଲା ଯେ ଦୁହେଁଦୁହିଁଙ୍କୁ ମୁହୂର୍ତ୍ତ ମଧ୍ୟ ଦୂରେଇ ରହିବାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହଜେ ଗ୍ରହଣ କରିପାରୁନଥିଲେ । ଅନିଚ୍ଛା ସତ୍ତ୍ୱେ ସେ ବର୍ଷ ରାଜୁ ଗୀଷ୍ମ ଛୁଟି ବିତାଇବା ନିମନ୍ତେ ମାମୁଘରକୁ ଯାଇଥିଲା । କିନ୍ତୁ ଅମିତର ଅନୁପସ୍ଥିତ ରହିବା ଯେମିତି ରାଜୁ ପ୍ରତି ପିଞ୍ଜରା ମଧ୍ୟସ୍ଥ ପକ୍ଷୀ ସଦୃଶ ଥିଲା । ତା'ର ଅଟଳ ଜିଦ୍ ଯୋଗୁଁ ସନ୍ଧ୍ୟାରେ ଘରକୁ ଆଣି ଛାଡିବାକୁ ବାଧ୍ୟ ହୋଇଥିଲେ ଅଜା । ଜଣକର ଦେହ ଖରାପ ହେବା କଥା ଶୁଣିବା କ୍ଷଣି ଅନ୍ୟ ଜଣକୁ ଯନ୍ତ୍ରଣାରେ ଜର୍ଜରିତ କରି ପକାଏ ଯେମିତି । ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ଏତେ ନିବିଡ ଥିଲା ଯେ ବିଦ୍ୟାଳୟରେ କୌଣସି ଦୃଷ୍ଟ ପିଲା ତାଙ୍କ ସହ ଝଗଡ଼ା କରିବାକୁ ସାହସ କରିପାରୁନଥିଲେ ।

ସମୟ ବିତି ଚାଲିଥିଲା । ସମୟ ଚକ୍ରରେ ତାଳ ଦେଇ ଉଭୟେ ଆହୁରି ଘନିଷ୍ଠ ସହଯୋଗୀ ସମ୍ପର୍କରେ ମଜ୍ଜି ଯାଇଥିଲେ । ସମୟ କ୍ରମେ ମେଟ୍ରିକ ପରୀକ୍ଷା ଶବ୍ଦରେ କବାଟ ଠକ୍ ଠକ୍ କଲା । ନିଜର ଘନିଷ୍ଠ ସମ୍ପର୍କ ପରି ଉଭୟଙ୍କ ଟେବୁଲ ପାଖାପାଖି ପଡ଼ିଥିଲା ପରୀକ୍ଷା ହଲରେ । ସେଦିନ ଥିଲା ଗଣିତ ପରୀକ୍ଷା । ଅଧଘଣ୍ଟା କାଳ ସୁରୁଖୁରୁରେ ପରୀକ୍ଷା ଚାଲିଥିଲା । ହଠାତ୍ ପରୀକ୍ଷା ହଲର ନିରବତାକୁ ପରିହାସ କରି ଦେଇଥିଲା ରାଜୁ ହାତରୁ କଲମଟି ଖସି ପଡି । ତଳମୁହାଁ ହୋଇ ଅସହାୟ ଭଙ୍ଗୀରେ ବ୍ୟସ୍ତବିବ୍ରତ ଚିତ୍ତରେ କଲମ ଉଠାଇଲା ସମୟରେ ଘଟିଗଲା ଆଉ ଏକ ଦୁର୍ଘଟଣା । ରାଜୁର ଆଖିରୁ ଚଷମାଟି ଚଟାଣରେ ଖସିପଡ଼ି ଦୁଇଖଣ୍ଡରେ ପରିଣତ ହୋଇଗଲା । ଅସହାୟ ଏବଂ ବିଷର୍ଣ୍ଣ ମନରେ ଭଙ୍ଗା ଚଷମାର କାଚରେ କେତେବେଳେ ପଶ୍ନପତ୍ର ତ କେତେବେଳେ ଉତ୍ତରଖାତା ଉପରେ ନଜର ପକାଇବା ନିମନ୍ତେ ଚେଷ୍ଟିତଥିଲା ସେ । ଶ୍ରେଣୀରେ ସମସ୍ତେ ନିଜ ଲେଖାରେ ନିମଗ୍ନ ଥିବା ସ୍ଥଳେ କେବଳ ଜଣକର ନଜର ତା ଉପରେ କେନ୍ଦ୍ରୀଭୂତ ହୋଇଥିଲା । ସେ ଥିଲା ଘନିଷ୍ଠ ସହଯୋଗୀ ଅମିତ । ଚତୁର୍ଦ୍ଦିଗକୁ ଥରେ ନିରିକ୍ଷଣ କରି ହଠାତ୍ ତା ହାତରୁ ଉତ୍ତରଖାତା ଟାଣି ନେଇଥିଲା ସେ । ପ୍ରତିବଦଳରେ ସେ ନିଜର ଖାତାକୁ ରାଜୁ ଟେବୁଲ ଉପରେ ରଖିଦେଲା । ଅବଶିଷ୍ଟାଂଶ ସମୟ ଅମିତ ରାଜୁର ଖାତାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖିବାରେ ବ୍ୟସ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରହିଲା । ପରୀକ୍ଷା ସମାପ୍ତ ହେବା ପରେ ରାଜୁ ଅମିତକୁ ଆଲିଙ୍ଗନ କରି ପକାଇଥିଲା । ଲାଗୁଥିଲା ଅମିତକୁ ଧନ୍ୟବାଦ ଅର୍ପଣ କରିବା ନିମନ୍ତେ ତା ନିକଟରେ ଭାଷା ନାହିଁ । ଲୋତକପୂର୍ଣ୍ଣ ଛଳଛଳ ନୟନରେ ରାଜୁ ପଶ୍ନ କଲା "ସାଙ୍ଗ ତୋର କ'ଣ ହେବ କହିଲୁ ?" ରାଜୁ ଆଖିରୁ ଲୁହ ପୋଛି ଅମିତ ସହାସ୍ୟ ବଦନରେ ଉତ୍ତର ଦେଇଥିଲା, "ତୁ ଜମା ଚିନ୍ତା କରନାହିଁ । ପ୍ରଥମ ଅଧଘଣ୍ଟାଏରେ ଯେତିକି ଉତ୍ତର ଲେଖିଛି ଯେ ମୁଁ କେବେ ବି ଫେଲ୍ ହେବି ନାହିଁ ।" ଏମିତି ଥିଲା ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ।

ମେଟ୍ରିକ୍ ପରୀକ୍ଷାର ଫଳ ପ୍ରକାଶ ହୋଇଥିଲା ।ଉଭୟେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଅମିତ ବିଜ୍ଞାନ ବିଷୟ ନେଇ ଟିଟିଲାଗଡ଼ର ଡିଏଭି କଲେଜରେ ଏବଂ ରାଜୁ କଳା ବିଷୟ ନେଇ ନାମ ଲେଖାଇଥିଲା ବଲାଙ୍ଗିରର ରାଜେନ୍ଦ୍ର କଲେଜରେ । ସମୟ ଚକ୍ରରେରେ ଉଭୟଙ୍କ କଲେଜ ସିନା ଅଲଗା ହୋଇଥିଲା କିନ୍ତୁ ସେମାନଙ୍କ ମଧ୍ୟରେ ସମ୍ପର୍କ ଥିଲା ପୂର୍ବବତ୍ ନିବିଡ଼ ।

ସମୟ କ୍ରମେରେ ଉଭୟେ ସମାଜରେ ନିଜସ୍ୱ ଉଦ୍ୟମରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି । ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ନିଜର ବ୍ୟସ୍ତବହୁଳ ଜୀବନରୁ କିଞ୍ଚିତ୍ ସମୟ ବାହାର କରି ପରସ୍ପର ସହିତ ସମୟ କରାଇଛନ୍ତି ।ପରବର୍ତ୍ତୀ ସମୟରେ ସାଂସାରିକ ଯନ୍ତ୍ରଣାରେ ଜର୍ଜରିତ ହୋଇ ପରସ୍ପରକୁ ସ୍ମରଣ କରିଛନ୍ତି ମାତ୍ର । ସମୟ କ୍ରମେ ଉଭୟେ ବୃଦ୍ଧାବସ୍ଥାରେ ଉପନୀତ ହୋଇଛନ୍ତି । ଗୋଟିଏ ସହରରେ ବାସ କରୁଥିବା ସତ୍ତ୍ୱେ ପରସ୍ପର ସହିତ ସାକ୍ଷାତକାରର ସମ୍ଭବ ହୋଇପାରିନି । ପୁଅବୋହୂର କଠୋର ନିର୍ଯାତନା ଓ ତାଗିଦ୍ ଯୋଗୁଁ ଉଭୟଙ୍କୁ ଗୃହର ଚାରିକାନ୍ଥ ମଧ୍ୟରେ ବନ୍ଦୀ ଜୀବନଯାପନ କରିବାକୁ ପଡିଛି । ଧର୍ମପତ୍ନୀ ଥିଲେ କିଛି ମନର ଭାବନାକୁ ପ୍ରତିପାଦିତ କରନ୍ତେ, କିନ୍ତୁ ପତ୍ନୀଙ୍କୁ ଧରାପୃଷ୍ଠରୁ ବିଦାୟ ନେବାରେ ଅନେକବର୍ଷ ବିତିଗଲାଣି । ବୟସର ଅପରାହ୍ନରେ ଉପସ୍ଥିତ ହୋଇଥିଲେ ଉଭୟେ । ସ୍ୱାସ୍ଥ୍ୟବସ୍ଥା ଦୁର୍ବଳ ହୋଇପଡିଛି । କଠୋରତାର ସମସ୍ତ ସୀମା ଉଲ୍ଲଂଘନ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଭୟଙ୍କୁ ଶେଷରେ ବୃଦ୍ଧାଶ୍ରମରେ ପହଞ୍ଚାଇ ଦେଇଛନ୍ତି ତାଙ୍କର ପରିବାର ବୃନ୍ଦ । ଗୋଟିଏ ବୃଦ୍ଧାଶ୍ରମରେ ଦୁଇବନ୍ଧୁ ଥିଲେ ମଧ୍ୟ ସମ୍ମୁଖ ଦର୍ଶନ କିମ୍ବା ଖବର ବି ନଥିଲା ଉଭୟଙ୍କ ପାଖରେ ।

ଦିନ ବିତିଚାଲିଛି । ରବିବାର ସକାଳ ୮:୧୫ ପାଖାପାଖି । ବୃଦ୍ଧାଶ୍ରମର ଅଗଣାର ଗୋଟିଏ କୋଣରେ କାଠ ଚୌକି ଉପରେ ଚିନ୍ତାଗ୍ରସ୍ତ ଭାବରେ ବସି ରହିଥିଲେ ରାଜୁବାବୁ । ଦୃଷ୍ଟି ପଡିଥିଲା ବଗିଚାର ଆମ୍ବ ବୃକ୍ଷ ମୂଳେ ଦୀର୍ଘ ସମୟଧରି ପକ୍ୱ ଆମ୍ବ ଖାଇବାରେ ଚେଷ୍ଟିତ ଥିବା ବୃଦ୍ଧଙ୍କ ଉପରେ । ଥରହର ଶରୀରରେ ଧୀରେ ଧୀରେ ପାଦ ପକାଇ ରାଜୁବାବୁ ସେ ଦିଗକୁ ଅଗ୍ରସର ହେଲେ । କିଛି ସମୟ ପରେ ରାଜୁବାବୁ ସେଠାରେ ପହଞ୍ଚି ବୃଦ୍ଧ ବ୍ୟକ୍ତିଙ୍କ କାନ୍ଧରେ ହାତ ଦେଲେ । ପଛକୁ ବୁଲିପଡି ବୃଦ୍ଧ ବ୍ୟକ୍ତି ଜଣକ ଦେଖିଲେ ପିଲାଦିନର ଅନ୍ତରଙ୍ଗ ଘନିଷ୍ଠ ବନ୍ଧୁ ରାଜୁ ସମ୍ମୁଖରେ ଛିଡ଼ା ହୋଇଛି । ରାଜୁବାବୁ ଆଖିରୁ ଚଷମା ଖୋଲି ଗାମୁଛାରେ ଥରଥର ହସ୍ତରେ ସଫା କରି ପୁଣି ଥରେ ପିନ୍ଧିଲେ ।ଚକ୍ଷୁ ସାମ୍ନାରେ ଦଣ୍ଡାୟମାନ ହୋଇଛି ସେଇ ଅନ୍ତରଙ୍ଗ ସାଥୀ ଅମିତ । ଅମିତ ବାବୁଙ୍କ ଆମ୍ବ ଖାଇବାର ଇଚ୍ଛାଶକ୍ତି ଆଗରେ ରାଜୁବାବୁ ଆମ୍ବ ତୋଳିବାକୁ ଚେଷ୍ଟା କରୁଥିବା ବେଳେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ । ପିଲାଦିନ ପରି ସେହି ସମୟରେ ମଧ୍ୟ ଅମିତ ବାବୁ ରାଜୁବାବୁଙ୍କୁ ଭୂମିରୁ ଉଠାଇ ଧୂଳି ସମୂହ ଝାଡ଼ି ଦେଇ ଜାବୁଡ଼ି ଧରିଲେ ନିଜର ଛାତିରେ ।

ଉଭୟଙ୍କ ଆଖିରୁ ଅଶ୍ରୁ ବୁନ୍ଦା ଗୁଡ଼ିକ ଖସି ପଡୁଥିଲା ମେଘମାଳାରୁ ବର୍ଷା ଟୋପା ଖସିବା ଭଳି ............................

ଭରସୁଜା, ବଲାଙ୍ଗିର
ପିନ୍ : ୭୬୭୦୬୧ ଭ୍ରାମ୍ୟଭାଷ : ୯୭୭୭୬୦୪୬୪୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁହୁଡ଼ିଭରା ରାତି କୋହଭରା ଛାତି



ସତ୍ୟବାନ ନାୟକ

ମୁଁ ନୂଆବର୍ଷ ପାଇଁ ଛୁଟି ନେଇ ସେଦିନ ରାଉରକେଲାରୁ ଟ୍ରେନ ଯୋଗେ ଘରକୁ ଆସୁଥାଏ । ସେଦିନ କୌଣସି ଏକ ଦୁର୍ଘଟଣା ପାଇଁ ଟ୍ରେନ ଭଦ୍ରକରେ ପହଞ୍ଚିବାକୁ ପାଖାପାଖି ଆଠ ଘଣ୍ଟା ବିଳମ୍ବ ହେବାରୁ ମୁଁ ମୋର ସାନ ଭାଇକୁ ଷ୍ଟେସନ ଆସିବାକୁ ମନାକରିଦେଇଥିଲି । ଶେଷରେ ଟ୍ରେନ ଆସି ଭଦ୍ରକ ଷ୍ଟେସନରେ ପହଞ୍ଚିଲା ରାତି ପାଖାପାଖି ଗୋଟାଏ ହେବ । ଷ୍ଟେସନ ଠାରୁ ଆମ ଘର ବହୁ ଦୂର ତେଣୁ ରାତିରେ କେହି ଗାଡିବାଲା ଯିବାକୁ ରାଜି ହେଲେନାହିଁ ତେଣୁ ଭାବିଲି ରାତିଟା କୌଣସି ହୋଟେଲ କିମ୍ବା ଲଜରେ ରହିଯିବି ସକାଳ ହେଲେ ଘରକୁ ଯିବି କାରଣ ଡିସେମ୍ବର ମାସ ଶେଷ ହାଡଭଙ୍ଗା ଶୀତ ପରି ପ୍ରବଳ ଶୀତ ହେଉଥାଏ ତେଣୁ ମୁଁ ଆଉ କିଛି ନ ଭାବି ହୋଟେଲ କିମ୍ବା ଲଜ୍ ଅଭିମୁଖେ ଆଗେଇ ଚାଲିଲି । ଶୀତୁଆ ରାତି ରାସ୍ତାଘାଟ ପୂରା ଶୂନଶାନ କେହି କୁଆଡେ ନଥାନ୍ତି ରାସ୍ତାରେ କୁକୁର ମାନଙ୍କର କାନ୍ଦିବାର ସ୍ୱର ଶୁଣା ଯାଉଥାଏ । ଚାରିଆଡେ ଘନ କୁହୁଡି ଘୋଟିଥାଏ ପାଖକୁ ପାଖକୁ ଲୋକ ଦେଖା ଯାଉ ନଥାନ୍ତି ଏମିତି ନିଃସବ୍ଦ ରାତିରେ ଏକା ଚାଲୁ ଚାଲୁ ଜଣେ ବୁଢି ସ୍ତ୍ରୀ ଲୋକର କାନ୍ଦିବା ସ୍ୱର ଶୁଣାଗଲା ରାସ୍ତା ପାଖରେ ଥିବା ଦୋକନ ସମ୍ମୁଖରେ କିନ୍ତୁ ହଠାତ୍ ଠିକ ସେଇ ସମୟରେ ଲାଇନ ଚାଲିଯିବାରୁ କିଛି ଦିଶୁ ନଥାଏ ଏବଂ ପ୍ରବଳ କୁହୁଡି ବି ହୋଇଥାଏ ।

ନିଜକୁ ଭାରି ଡର ବି ଲାଗୁଥାଏ କାରଣ ଏଇ ହାଡଭଙ୍ଗା ଶୀତ ରାତି ଆଉ ଶୂନଶାନ ରସ୍ତାରେ କିଏ ବା କାହିଁ ବସି କାନ୍ଦୁଥିବ କିନ୍ତୁ ମନ ବୁଝୁ ନଥାଏ ଏତେ ରାତିରେ ସେ ସ୍ତ୍ରୀ ଲୋକର କାନ୍ଦ ଶୁଣି । ମନରେ ଡର ଥାଏ କିନ୍ତୁ ସାହସ କରି ପକେଟରୁ ମୋବାଇଲଟି କାଢି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋବାଇଲ ଲାଇଟ୍ ମାରି ସେ ବୁଢି ସ୍ତ୍ରୀ ଲୋକ କାନ୍ଦୁଥିବା ଦୋକାନ ସମ୍ମୁଖ ଆଡକୁ ଗଲି । ଆଉ ଯାଇ ଯାହା ଦେଖିଲି ନିଜେ ନିଜକୁ ବି ସହିପାରିଲିନି କାହିଁକିନା ସେ ବୁଢି ସ୍ତ୍ରୀ ଲୋକଟିର ବୟସ ପଖାପାଖି ଅଶିରୁ ପଞ୍ଚାଅଶି ହେବ । ପାଖରେ ବି କେହି ନାହାନ୍ତି ଏତେ ଶୀତ ରାତିରେ ପାଖରେ ଘୋଡେଇ ହେବା ପାଇଁ ବି କିଛି ନାହିଁ । ଏ ହାଡଭଙ୍ଗା ଶୀତରେ ବୁଢିଟି ବରଡା ପତର ପରି ଥରୁଥାଏ । ସେ ବୁଢି ସ୍ତ୍ରୀଲୋକର ଏମିତି ଦୁଃର୍ଦଶା ଦେଖି ମୁଁ ନିଜକୁ ରୋକି ପାରିଲିନି ମୁଁ ଟ୍ରେନରେ ଘୋଡି ଆସିଥିବା କମଳଟିକୁ ମୋ ବ୍ୟାଗରୁ କାଢି ସେ ବୁଢିକୁ ଘୋଡାଇଦେଇ ସେଠାରେ ବସିଲି ଆଉ ସେ ବୁଢି ଲୋକଟିର ନାଁ ପଚାରିଲି କିନ୍ତୁ ସେ ଠିକ୍ ଭାବରେ କଥା ବି କହିପାରୁନଥାଏ ତଥାପି ତାର ନାଁ ରେବ ବୋଲି କହିଲା । ଘର ପଚାରିବାରୁ ଗୋଟେ ମଫସଲି ଗାଁ ନାଁଟେ କହିଲା । ମୁଁ ସେ ବୁଢି ସ୍ତ୍ରୀ ଲୋକକୁ ପଚାରିଲି ଏତେ ରାତିରେ ତୁମେ ଏଠି କ'ଣ କରୁଛ ? ତୁମର କ'ଣ କେହି ନାହାନ୍ତି କି ତୁମର ଘର ନାହିଁ ? ଏତିକି କଥା ଶୁଣି ମୋର ବୁଢିଟି ଭୋ ଭୋ କରି କାନ୍ଦି ଉଠିଲା ଆଉ କାନ୍ଦି କାନ୍ଦି କହିଚାଲିଲା ତା'ର ଛାତିରେ ଥିବା ସେଇ କୋହଭରା କାହାଣୀ ।

ବୁଢି କହିଲା ତା'ର ଦୁଅଟି ପୁଅ ଓ ଗୋଟାଏ ଝିଅ ଅଛି । ଦୁଇ ପୁଅ ବାହା ହେଇସାରିଛନ୍ତି ବୋହୂ ବି ଅଛନ୍ତି । ଝିଅ ଅଛି ନାତିନାତୁଣି ବି ଅଛନ୍ତି ସେ ମୋତେ ଛାଡି କୋଡିଏ ବର୍ଷ ହେବ ଆରପାରିକୁ ଚାଲିଗଲେଣି କିନ୍ତୁ ପୁଅ ଯଉ ପୁଅ ଝିଅଙ୍କୁ ଜନମ କରି ଛୋଟରୁ ବଡ କଲି ହେଲେ ସେହି ମାନେ ଆଜି ମୋତେ ଏଇଠି ଛାଡି ଯାଇଛନ୍ତି । ସେମାନଙ୍କ ପାଇଁ ମୁଁ ଆଜି ବୋଝ ହେଇଯାଇଛି । ବୁଝିଲୁ ପୁଅ ପୁଅ ଦୁହେଁ ଆଉ ଝିଅ ଘର ଜମି ବାଡି ପାଇଁ ଝଗଡା ଲାଗି ଅଲଗା ଅଲଗା ହୋଇରହିଲେ ।ତାଙ୍କ ବାପ ଗଲାପରେ ମୋତେ ସେମାନଙ୍କ ପାଖରେ ଭାଗ କରିଦେଲେ ବଡପୁଅ ପାଖେ ମାସଟେ ସାନପୁଅ ପାଖେ ମାସଟେ ରହିବି ବାକି ଆଉ ଯଉ ମାସ ଏକତିରିଶି ଦିନ ସେଦିନ କହିଲେ ନହେଲେ ଉପାସ

ଆହ୍ୱାନ ପତ୍ରିକା

 Magazine Downloaded from www.aahwaan.com

ନହେଲେ କଉ ମନ୍ଦିର କିମ୍ବା କାହା ଘରେ ମାଗି ଖାଏ ଆଉ ସେଇଠି ଶୁଏ । ଆଉ ଏବେ ସେମାନଙ୍କର ପୁଅଝିଅ ହେଲାପରେ ମୋତେ ପଚାରେ କିଏ । ଭଲମନ୍ଦ କିଛି କହିଲେ କହୁଛନ୍ତି ନିଜ ପିଲା ଛୁଆଙ୍କ କଥା ନିଜେ ବୁଝିପାରୁନୁ ଆଉ ତୁ ବଢିଟା ତୋ କଥା କେମିତି ବୁଝିବୁ ।

ହଁ ! ସେମାନଙ୍କ ପାଇଁ ମୁଁ ଆଜି ବୁଢି ପାଲଟି ଯାଇଛି ବୋଝ ହେଇଯାଇଛି କିଛି କାମ ଧନ୍ଦା କରିପାରୁନାହିଁ ସେମାନେ କା'ଣ ପାଇଁ ମୋ କଥା ବୁଝିବେ ?

ସେମାନେ କାଉଁ ବୁଝିବେ ଗୋଟେ ମାଆ ତାର ଛାତିରୁ କ୍ଷୀର ଖୁଆଇ ଏତେ ବଡ ସୁସ୍ଥ ସବଳ କରିଛି କେତେ ଦୁଃଖ କଷ୍ଟରେ ଏବେ ସେମାନଙ୍କ ପାଇଁ କିଛି କରିପାରୁନାହିଁ ବୋଲି ଆଣି ଏଠାରେ ଛାଡି ଦେଇ ଯାଇଛନ୍ତି । ଏ ହାଡଭଙ୍ଗା ଜାଡରେ ହାତ ଗୋଡ କିଛି କାମ କରୁନାହିଁ ଯିବି କୁଆଡେ ଦେହରେ ବଳ ବି ନାହିଁ ଯେ କଉଠି କାମ ପାଇଟି କରି ପେଟକୁ ଦାନା ଦେବି । ଦି ଦିନ ହେଇଗଲା କିଛି ଖାଇନାହିଁ ସେ ବୁଢି ସ୍ତ୍ରୀ ଲୋକଟିର ଏ ସବୁ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । କାହିଁକି ନା ଯଉ ମାଆ ନିଜର ଛାତିରୁ କ୍ଷୀର ଖୁଆଇ ତା'ର ପିଲାମାନଙ୍କୁ ଛୋଟରୁ ବଡ କଲା । ସୁସ୍ଥ ସବଳ କଲା ଆଜି ସେମାନେ ସେଇ ମାଆକୁ ବୋଝ ଭାବି ଆଣି ରାସ୍ତା କଡରେ ଛାଡି ଚାଲି ଯାଇଛନ୍ତି । ଦେହକୁ ଖଣ୍ଡେ କନା ଖାଇବାକୁ ମୁଠେ ଦାନା ସେମାନେ ତାଙ୍କ ମାଆକୁ ଦେଇପାରୁନାହାନ୍ତି ।

ମୁଁ ଆଉ କିଛି କଥା ନଭାବି,ମୋ ଖାଇବା ପାଇଁ ଆଣିଥିବା ପାଉଁରୁଟି ଆଉ କଦଳୀ ବ୍ୟାଗରୁ କାଢି ସେଇ ବୁଢି ସ୍ତ୍ରୀକୁ ଖାଇବାକୁ ଦେଲି । ସେ ଖାଉ ଖାଉ କାନ୍ଦି ପକାଉଥାନ୍ତି ତାଙ୍କର ସେ ଆଖିର ଲୁହ ଆଉ ଛାତି ଭିତରେ ଥିବା କୋହକୁ ମୁଁ ବୁଝିପାରିଥିଲି ଗୋଟେ ମାଆ କେତେ ଦୁଃଖ କଷ୍ଟ ସହିପାରେ ତା ଜୀବନ କାଳ ଭିତରେ ଯାହାକୁ ଆଉ କିଏ ପାରିବ ନାହିଁ କଉ ଜନମରେ ।

ଆହ୍ୱାନ ପତ୍ରିକା

Magazine Downloaded from www.aahwaan.com

ସେ ବୁଢି ସ୍ତ୍ରୀ ଲୋକର କଥା ଶୁଣୁଶୁଣୁ ସକାଳ ପ୍ରାୟ ହେଇଗଲା ତେଣୁ ମୁଁ ଆଉ ହୋଟେଲକୁ ଗଲିନାହିଁ କି ଯିବା ପାଇଁ ବି ଆଉ ମନ ନଥିଲା କାହିଁକି ନା ସେ ବୁଢି ମାଆକୁ ଏମିତି ଏକୁଟିଆ ଛାଡି ଯିବାକୁ ଇଚ୍ଛା ହେଉ ନଥିଲା । ସକାଳ ହେବାରୁ ଏକ ଗାଡିରେ ସେ ବୁଢି ମାଆକୁ ନେଇ ଏକ ଜରାଶ୍ରମରେ ଛାଡିଲି । ସେଠାରୁ ଆସିଲାବେଳେ ସେ ମାଆର ଆଖିରେ ଲୁହ ଆଉ ଓଠରେ ହସ ଦେଖିଲି ମୁଁ ସେ ବୁଢି ମାଆକୁ ପଚାରିଲି ମାଆ ତୋ ଆଖିରେ ଲୁହ ଆଉ ଓଠରେ ହସ କ'ଣ ପାଇଁ ? ସେ ବୁଢି ମାଆଟି କହିଲା ଏ ଆଖିର ଲୁହ ସେଇ ପୁଅମାନଙ୍କ ପାଇଁ ଯେଉଁମାନେ ନିଜର ହୋଇବି ନିଜ ଜନ୍ମ କଲା ବାପାମାଆ ମାନଙ୍କୁ ଏଇ ବୟସରେ ବେସାହାରା କରିଦେଉଛନ୍ତି ନିଜର ସୁଖଶାନ୍ତି ପାଇଁ । ସେମାନେ ଏକଥା ଭାବୁ ନାହାନ୍ତି ଯେ ସେମାନେ ବି କାହାରି ବାପାମାଆ ଆଉ ସେମାନେ ବି ଦିନେ ବୁଢା ବୁଢି ହେବେ । ସେମାନଙ୍କର ପିଲାମାନେ ଯଦି ସେତେବେଳେ ଏମିତି କରିବେ ତାହା ହେଲେ ସେମାନେ କରିବେ କ'ଣ ? ଆଉ ଓଠରେ ହସ ଏଇଥି ପାଇଁ ତୁ ପୁଅ ନିଜର ନ ହେଇ ବି ଯାହା କରିଛୁ ତା କେହି କରିବେ ନାହିଁ ଆଜିକା ଦୁନିଆରେ । ମୁଁ ତୋତେ ଆଶୀର୍ବାଦ କରୁଛି ତୁ ଭଲରେ ରହ ହସ ଖୁସିରେ ସବୁବେଳେ ରହ ଏହା କହି ମୋତେ ତା କୋଳକୁ ନେଇ ମୋ ମଥାକୁ ଆଉଁସି ମୋତେ ଗେହ୍ଲା କରିପକେଇଲା ଆଉ ଖୁସିରେ କାନ୍ଦିପକେଇଲା । ସେ ବୁଢି ମାଆକୁ ବୁଝେଇ ତାକୁ ପ୍ରଣାମ କରି ଘରକୁ ଫେରିଥିଲି ଏବଂ ସମୟ ପାଇଲେ କେତେବେଳେ ଜରାଶ୍ରମକୁ ଯାଇ ସେ ବୁଢି ମାଆକୁ ଦେଖାକରି ଆସେ ।

କୋଡଗମ୍ଭୀର, ଚଣ୍ଡିଗାଁ, ଚରମ୍ପା, ଭଦ୍ରକ

ମୋ- ୮୫୯୯୮୮୫୮୫୭ ଇମେଲ୍ : satyabannayak1995@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୂଆ ସକାଳ



ସୁଷମା ପରିଡା

ଗତ ରାତିରୁ ଲଗାଣ ବର୍ଷା ଲାଗି ରହିଛି । ଚେମେଇ ପଧାନର ଦି' ବଖୁରିଆ ଚାଳଘର ଛପର ଭେଦି ଘର ଖଣ୍ଡ କବିଲ ବତୁରିଲା ଭଳିଆ ବତୁରି ସାରିଲାଣି, ଘରର ଗୋଟାଏ କଣ କୁଙ୍କୁରି କାଙ୍କୁରି ହୋଇ ଅଖା ପାରି ଦେଇ ବସି ରହିଛି ସନିଆ ବୋଉ ଆଉ ପକ୍କା ଘରଟିଏ କରି ନ ପାରିବାର ଚେମେଇ ପଧାନର ନି ପାରିଲା ପଣିଆକୁ ଧିକ୍କାରି ଚାଲିଛି ।ରାତିସାରା ନିଦ ନାହିଁ ଚେମେଇ ପଧାନ ଆଖିରେ । ପଟାଟିଏ ପକେଇ ବସି ରହିଛି ସେମିତି । ସନିଆବୋଉର ଟାଣ କଥା ଛୁଞ୍ଚି ଭଳିଆ କାନରେ ଗଳି ଯାଉଛି ତେବେ ବି ପାଟି ବୁଜି ବସି ରହିବାକୁ ବାଧ୍ୟ ହେଉଛି କାରଣ ତା'ରି ସାଥିରେ ଇନ୍ଦିରା ଆବାସ ପାଇଁ ଦରଖାସ୍ତ କରିଥିବା ସେଇ ଗାଆଁର ହରି ପଧାନ, ଜଗୁ ପଧାନ, ବାସୁ ବେଉରା, ନଟ ବେଉରା କୋଉ କାଳରୁ ସରକାରୀ ଟଙ୍କାରେ ପକ୍କାଘର କରି ଆନନ୍ଦରେ ଅଛନ୍ତି ହେଲେ ତା'ର ଦରଖାସ୍ତ ଏ ଯାଏଁ ମଞ୍ଜୁର ହୋଇ ପାରୁନାହିଁ ।ବାରମ୍ବାର ବ୍ଲକ ଅଫିସ୍, ତହସିଲ ଅଫିସକୁ ଯାଇ ଯାଇ ଚେମେଇ ପଧାନର ଚପଲ ଘୋରି ହୋଇ ଗଲାଣି, ଅଣ୍ଟା ପିଠି ବିନ୍ଧିଲାଣି କିନ୍ତୁ ତା'ର ଦରଖାସ୍ତ ଏ ଯାଏଁ ମଞ୍ଜୁର ହୋଇପାରୁନି ।ଆଜି ଆସ, କାଲି ଆସ, କହି କହି ଅଫିସର ବାବୁମାନେ ତା'କୁ ଦଉଡେଇ ଚାଲିଛନ୍ତି ।ଚେମେଇ ପଧାନ ଭାବୁଥିଲା ତା'ରି କପାଳଟା ଫଟା ନହେଲେ ମାଟ୍ରିକ୍ ପାସ କରିଥିବା ସନିଆଁ ଏଠି ମୂଲ ଲାଗି ଲାଗି ବିଚାର ହୋଇ କ'ଣ ଦାଦନ ଖଟିବାକୁ ଯାଇଥାନ୍ତା କେରଳ ରାଜ୍ୟକୁ ? ସନିଆଁ ବୋଉ ଏମିତି ଧଇଁପେଲି ହୋଇ ପଡିଥାଆନ୍ତା ଏଇ ଠି ? ସବୁ ତା'ରି ଦୋଷ । ମନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମନେ ସ୍ଥିର କଲା କାଲି ରାତି ପାହିବା କ୍ଷଣି ସେ ନିଶ୍ଚୟ ଯାଇ ବ୍ଲକ୍ ଅଫିସରେ ବସିବ, ସେଠାକାର ବଡ ଅଫିସରଙ୍କୁ ଦେଖା କରି ପଚାରିବ, କାହିଁକି ତା'କୁ ଇନ୍ଦିରା ଆବାସ ଘରଟିଏ ମିଳିଲା ନାହିଁ ଏ ଯାଏଁ ।

ଏଇ ଗଲା କିଛିଦିନ ତଳେ ସରିଛି ଭୋଟଦାନ, ଭୋଟ ପୂର୍ବରୁ ଗାଁ ସରପଞ୍ଚ, ତାଙ୍କ ଚେଲା ଚାମୁଣ୍ଡା ମାନଙ୍କୁ ଧରି ଗାଁ ଗାଁ ବୁଲି ତାଙ୍କ ନେତାଙ୍କ ଭୋଟ ଦେଇ ଜିତେଇ ଦେବାକୁ କେତେ ଗେହ୍ଲେଇ ହୋଇ କହି ଯାଇଥିଲେ ଘର ଘର ବୁଲି, ଯାହାର ଯେଉଁ କାମ ଡାକି ଆଣୁଛନ୍ତି ଅଛି ତାଙ୍କ ଦଳ ଜିତିଲେ ସବୁ କାମ ସାଙ୍ଗେ ସାଙ୍ଗେ କରିଦେବେ ବୋଲି ଆଖି କାନ ଛୁଇଁ ହଲପ କରି କହି ଯାଇଥିଲେ, ଚେମେଇ ଆଉ ସନିଆଁ ବୋଉଙ୍କୁ ହାତ ଖରଚ ପାଇଁ ପାଆଁଶ ଲେଖା ଟଙ୍କା ଦେଇ ଯାଇଥିଲେ, ସେଇ କଥାକୁ ବିଶ୍ୱାସକରି ଚେମେଇ ସପରିବାର ସେଇ ଦଳକୁ ଭୋଟ ଦେଇଥିଲା, ନେତା ତ ଜିତିଗଲେ, ନୂଆ ସରକାର ହେଲା ହେଲେ କାଇଁ ଚେମେଇର ଘରଟି ଏଯାଏଁ ମଞ୍ଜୁର ହୋଇ ପାରିଲାନି । କଷ୍ଟେ ସମଷ୍ଟି ରାତି ପାହିଲା, ଚେମେଇ ପଧାନ ସଜବାଜ ହୋଇ ଧାଇଁଲା ବ୍ଲକ୍ ଅଫିସକୁ ।

ବ୍ଲକ୍ ଅଫିସରେ ଏତେ ସକାଳୁ କେହି ଆସି ନଥାନ୍ତି, ସବୁବେଳେ ଗହଳ ଚହଳ ଲାଗି ରହୁଥିବା ଅଫିସ୍‌ଟା ଖାଁ ଖାଁ ଲାଗୁଥାଏ, ଚେମେଇ ଯାଇ ଅଫିସ୍ ବାରଣ୍ଡାରେ ବସି ପଡିଲା । ଭୋକରେ ପେଟ ଆଉଣ୍ଠି ପକାଇଲାଣି, କାଲିଠାରୁ ଖାଡା ପାଡା ଉପାସ, ରୋଷେଇ ଚାଳିଆରେ ତ ଆଣ୍ଠିଏ ପାଣି, ଘରେ କିଛି ବୋଲି କିଛି ନାହିଁ, ଖାଇବ କ'ଣ ? ସେମିତି ବାବୁ ମାନଙ୍କ ବାଟ ଜଗିବସି ରହିଲା । ଦିନ ପ୍ରାୟ ଆଠଟା ବେଳକୁ ଝାଡୁଦାର ଆସି ଅଫିସ୍ ଖୋଲାଖୋଲି କରି ଝାଡୁ କଲା, ପିଅନ ଆସି ବାବୁଙ୍କର ଟେବୁଲ୍ ସଫାକରି ପାଣି ଆଣିବାକୁ ଭିତରକୁ ଯାଇଛି, ଏଇ ସମୟରେ ଧୋବ ଫରଫର ପୋଷାକ ପିନ୍ଧା ବାବୁ ଜଣେ ଭିତରକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଶିଲେ, ସେଇ ବୋଧହୁଏ ବଡ ଅଫିସର ହୋଇଥିବେ ଭାବି ଚେମେଇ ପଧାନ ବସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବାକୁ ବରଷେ କି ଦି ବରଷ ହେଲାଣି ଏଠିକି ଧାଇଁଧାଇଁ ମୋ ଅଣ୍ଟାରେ ବାତ ବାହାରି ପଡିଲାଣି ହେଲେ ମୋର ଦରଖାସ୍ତ ମଞ୍ଜୁର ହେଇ ପାରୁନି । ମୋ ସାଥିରେ ଦରଖାସ୍ତ କରିଥିବା ଆମ ଗାଆଁର ଅନ୍ୟମାନଙ୍କ ଇନ୍ଦିରା ଆବାସ ଘର କୋଉ କାଳୁ ହୋଇ ସାରିଲାଣି, ହେଲେ ମୋର ଦରଖାସ୍ତ ମଞ୍ଜୁର ହୋଇପାରୁନି କାହିଁକି ? ଗତରାତି ଠାରୁ ଲଗାଣ ବର୍ଷାଯୋଗୁଁ ଆମେ ବୁଢାବୁଢୀ ଦିଇଟା ସେଇ ଭଙ୍ଗାଘରେ ଅଧମରା ହୋଇ ପଡିରହିଛୁ, ଆପଣ ତ ଏଇ ଅଫିସର ବଡବାବୁ, ଆପଣ ଆମ ଦୁଃଖ ନ ବୁଝିଲେ ଆଉ କିଏ ବୁଝିବ, ସେଇ କଥା ଜଣାଇବାକୁ ଆସିଛି ଆପଣଙ୍କ ପାଖକୁ । ଆଗରୁ ଅନେକଥର ଆସିଛି ଆପଣଙ୍କ ପାଖରେ ପହଞ୍ଚି ପାରିନାହିଁ, ଆପଣଙ୍କ ଦପ୍ତରର ଅନ୍ୟ ବାବୁମାନେ ମୋତେ ଭିନ୍ନଭିନ୍ନ କାରଣ ଦେଖାଇ ଫେରାଇ ଦେଇଛନ୍ତି ହେଲେ ଆଜି ଆପଣଙ୍କ ଦେଖା ପାଇଛି, ଆପଣଙ୍କ ପାଖରୁ ଦି' ପଦ ଶୁଣିବାକୁ ଚାହୁଁଛି, ଆପଣମାନେ କହୁଛନ୍ତି ଆମ ଦେଶରେ ଆମ ଶାସନରେ ବିକାଶ ଆସିଛି, ଦେଶରେ ଗରିବ ଆଉ ରହିବନି, ତେବେ ମୋ ଭଳିଆ ଗରିବମାନେ ଆପଣଙ୍କର ଏମିତି ଅଣହେଳାରେ ମରିଗଲା ପରେ ତ ଆପେ ଆପେ ଦେଶ ଗରିବ ଶୂନ୍ୟ ହୋଇଯିବ, ସେଇ ଯୋଜନା କରିଛନ୍ତି କି ଆପଣଙ୍କ ସରକାର ? ବଡବଡିଆଙ୍କ ପାଇଁ ସରକାରଙ୍କ ସବୁ ଯୋଜନାର ସୁବିଧା ଆମ ନାଆଁରେ ଦେଇ, ସରକାର ଗରିବ ହଟାଉଛନ୍ତି ବୋଧହୁଏ ? ଚେମେଇ ପଧାନର ରୁଦ୍ଧ ହୋଇ ଯାଉଥିବା କଣ୍ଠସ୍ୱର ନବନିଯୁକ୍ତ ବିଡିଓ ଶ୍ରୀ ସତ୍ୟବ୍ରତ ନାୟକଙ୍କ ହୃଦୟକୁ ଝିଞ୍ଜାରି ପକାଉଥିଲା, ତା'ଆଖିର ଲୁହରେ ଧୋଇ ହୋଇ ଯାଉଥିଲା ସରକାରଙ୍କ ସମସ୍ତ ବିକାଶର ଯୋଜନା, ତା'ର ତତଲା ଦୀର୍ଘ ନିଶ୍ୱାସରେ ଭସ୍ମୀଭୂତ ହୋଇ ଯାଉଥିଲା ତାଙ୍କ ଭଳି ଅନେକ ସଚ୍ଚୋଟ ଅଫିସର୍ ମାନଙ୍କର ଦେଶ ସେବା କରିବାକୁ ନେଇଥିବା ଭୀଷ୍ମ ଶପଥ ସବୁ । ସେ ଦୁଇ ହାତରେ କୋଳେଇ ନେଲେ ଚେମେଇ ପଧାନଙ୍କୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଙ୍କ ଆଖିରୁ ଲୁହ ପୋଛି ଉତ୍ତର ଦେଲେ "ମଉସା ! ବ୍ୟସ୍ତ ହୁଅନାହିଁ, ମୁଁ ଆଜି ହିଁ ତୁମର ଇନ୍ଦିରା ଆବାସ କଥା ବୁଝିଦେବି, ତୁମ ପୁଅଲାଗି କ'ଣ କରା ଯାଇପାରେ ତାହା ଦେଖିବି । ସରକାରଙ୍କୁ ଦୋଷ ଦେଇ ଲାଭ ନାହିଁ ମଉସା ! ଆମରି ଭିତରେ କିଛି ଅମଣିଷ ଅଛନ୍ତି ଯେଉଁମାନେ ସରକାରଙ୍କ ସବୁ ଯୋଜନାର ଅପବ୍ୟବହାର କରୁଛନ୍ତି, ନିଜର ସ୍ୱାର୍ଥ ହାସଲ ଲାଗି ସାଧାରଣ ଜନତାଙ୍କୁ ସ୍ୱାର୍ଥ ଲୁଟି ଚାଲିଛନ୍ତି, ନିଜର ଉନ୍ନତି କରି ଦେଶର ଉନ୍ନତିରେ ବାଧକା ହେଉଛନ୍ତି, ଆମେ ଆଗ ସେମିତି ଲୋକମାନଙ୍କୁ ଚିହ୍ନଟ କରି ତାଙ୍କ ମୁଖାଖୋଲି ଦେବା, ତାଙ୍କୁ ଆଇନ୍ ହାତରେ ଦଣ୍ଡ ଦିଆଇବା, ତା'ହେଲେ ଦେଶରୁ ଗରିବୀ ନିଶ୍ଚୟ ଘଟିବ, ଦେଶ ଠିକ୍ ଆଗେଇବ ।"

କ'ଣ ଯାଦୁ ଥିଲା ସତ୍ୟବ୍ରତଙ୍କ କଥାରେ କେଜାଣି, ଚେମେଇ ପଧାନକୁ ସେ କଥା ସବୁକୁ ଭରସା କରିବାକୁ ମନ କହୁଥିଲା, ସେ ଆଗକୁ ଗୋଟାଏ ନୂଆ ସକାଳ ଦେଖିବାକୁ ଆଶା କରୁଥିଲା, ଉଦୟ ଭାନୁର ନରମ ମୁଲାୟମ ହସ ଉକୁଟି ଉଠିଲା ଚେମେଇ ପଧାନ ଓଠରେ, ସେ ହସିଲା, ମନଖୋଲି ହସିଲା, ବିଡିଓ ସତ୍ୟବ୍ରତ ନାୟକଙ୍କ ମୁଣ୍ଡ ଉପରେ ଆଶୀର୍ବାଦର ହାତ ବୁଲେଇ ଆଣି ସେ ବାହାରି ଆସିଲା ବ୍ଲକ୍ ଅଫିସ ଭିତରୁ । ଗାଆଁ ଆଡକୁ ଚାଲିଲା ବେଳକୁ ଉତ୍ସାହରେ ତା' ପାଦ ଦୁଇ ଗୁଣ ବେଗରେ ପଡୁଥିଲା ।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ: ୭୫୩୦୦୪

ଦ୍ରାମ୍ୟଭାଷ : ୯୩୩୭୨୭୨୬୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେବେ ସୁଖ କେବେ ଦୁଃଖ



ତ୍ରିଲୋଚନ ଦାସ

ପଞ୍ଚୁ ନିଜ ମୁଣ୍ଡରୁ ଗାମୁଛା କାଢି ପବନରେ ଟିକେ ଝାଡିଦେଇ ମୁହଁ ପୋଛିଲା । ସୂର୍ଯ୍ୟ ଆସି ମୁଣ୍ଡ ଉପରେ ହେଲେଣି । ଟାଣ ଖରା ସାଙ୍ଗକୁ ଭୀଷଣ ଗୁଳୁଗୁଳି, ଆଜି ବୋଧହୁଏ ବର୍ଷା ହବ । ଖରାରେ ଆଉ ବେଶୀ ସମୟ ରହି ହବନି । ଲଙ୍ଗଳ ରଖି ବଳଦଙ୍କୁ ଜୁଆଳିରୁ ଖୋଲୁଛି ଏତିକି ବେଳକୁ ହରି ଭାଇ ପୁଅ ମନୁଆ ଦୂରରୁ ଡାକିଲା, "ପଞ୍ଚୁକାକା ! ଖୁସି ଖବର, ତୁମ ନାତି ହେଇଚି ।" ପଞ୍ଚୁ ଦଣ୍ଡେ ଛିଡା ହେଲା । ମଧୁଆ ଦୌଡିଆସି ତା ହାତରେ ଧରିଥିବା ମୋବାଇଲରୁ ଗୋଟେ ଫୋଟୋ କାଢି ପଞ୍ଚୁକୁ ଦେଖେଇ କହିଲା, "ଏଇ ଦେଖୁନ, କେଡେ ଗୁଲୁଗୁଲିଆ ହେଇଛି, ସତୁରା ଭାଇ ହସ୍ପିଟାଲରୁ ପଠେଇଛି । ମୁଁ ଖୁଡିକୁ ଦେଖେଇ ତୁମକୁ ଖୋଜିଲା ବେଳକୁ ତୁମେ ଆସି ବିଲରେ । ତୁମ ଭାଗ୍ୟ ଖୋଲି ଗଲା କାକା, ଆମ ସାହିର ହରିପଣ୍ଡା ଭଳି ତୁମେ ବି ନାତି ଏକୋଇଶାକୁ ଉଡାଜାହାଜ ଚଢି ହାଇଦ୍ରାବାଦ ଯିବ ।" ପଞ୍ଚୁ ଫୋଟୋକୁ ଟିକେ ନିରେଖି ଦେଖିଲା, ଆଜିକାଲି ତାକୁ ଭଲରେ ଦେଖା ଯାଉନି, ତେବେ ଝାପସା ଆଖିରେ ଯାହା ଦେଖିଲା, ଭାରି ତୋଫା ହେଇଚି ଟୋକାଟା । ଆମ ସତୁରାଟା ସାବନା, ଠିକ୍ ତା ଭଳି, ହେଲେ ପୁଅ ତାର ତୋଫା ଗୋରା, ଠିକ୍ ବୋହୁର ରଙ୍ଗ ନେଇଚି । ବୋହୁ କଥା ମନେ ପଡିଲା ବେଳକୁ ତା ମନଟା ଫିକା ପଡିଗଲା । ମିଶ୍ରଘର ଝିଅ, ପୁଣି ସେମାନେ ବଡଲୋକ । ସତୁରାକୁ ଯେତେ ବୁଝେଇଲେ ବି ବୁଝିଲାନି । ତା' ବୋଉ ତାକୁ କେତେ କରି କହିଲା, ଆରେ ତଳ ଜାତିରୁ ଆଣିଲେ କିଛି ଦୋଷ ନାହିଁ, କିନ୍ତୁ ଉଚ୍ଚଜାତି, ପୁଣି ପୁରୀ ବ୍ରାହ୍ମଣ, ଘୋର ଅନର୍ଥ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଯିବରେ ! ସତୁରାଟା କିନ୍ତୁ ଭାରି ଏକ ଜିଦିଆ, କହିଲା ସେମାନେ ଯଦି ଆମଘରେ ଝିଅ ଦେବାକୁ ରାଜି ଅଛନ୍ତି, ତୁ କାହିଁକି ମନା କରୁଛୁ ?ଆମ୍ଭ ଘରକୁ ଆସିଲେ ସେ ହବ ଶତୃଘ୍ନ ମହାପାତ୍ରର ସ୍ତ୍ରୀ, ତା ସାଙ୍ଗିଆ କ'ଣ ଆଉ ମିଶ୍ର ହେଇରହିବ ?ସତୁରା କଲେଜରେ ପଢୁଥିଲା ବେଳେ ତା ନିଜ ସାଙ୍ଗିଆ ମହାକୁଡ଼ରୁ ମହାପାତ୍ର କରି ଦେଇଛି, ଆଉ ବାପାକୁ ବି ଉପରକୁ ଉଠେଇ ଦେଇଛି । ସତୁରା ବୋଉ ଦୀର୍ଘନିଶ୍ୱାସଟେ ଛାଡ଼ି କହିଲା, ହଉ ତୋ ଇଚ୍ଛା, ତୁ ଯେଉଁଟା ଭଲ ଭାବୁଛୁ ସେଇଟା କର । ଶେଷରେ ତା ବାହାଘର ମନ୍ଦିରରେ ହେଇଗଲା । ତାଙ୍କ ଆଡୁ ବହୁତ ଲୋକ ଆସିଥିଲେ, ବାହାଘର ଯାବତୀୟ ଖର୍ଚ୍ଚ ବି ସେମାନେ ତୁଲେଇଲେ । ସେ ଖାଲି ସତୁରା ଆଣିଥିବା ଦାମିକିଆ ଧୋତି ପଞ୍ଜାବୀ ପିନ୍ଧି ସେଠି ଛିଡ଼ାହେଲା । ସମୁଦି ମେଳ ବେଳେ ସୁଟ୍‌ପିନ୍ଧା ସମୁଦୀ ଯେତେବେଳେ ତାକୁ କୁଣ୍ଢେଇ ପକେଇଲେ, ତାକୁ ଲାଗିଲା ଯେମିତି ଯାତ୍ରା ପାର୍ଟିରେ ଧୃତରାଷ୍ଟ୍ର ଲୁହାଭୀମକୁ କୁଣ୍ଢେଇ ପକାଉଛି । ସେ ଅଣନିଃଶ୍ୱାସୀ ହୋଇ ଯାଉଥିଲା, କିନ୍ତୁ ତା ସତ୍ୱେ ବି ସେ ପାନଖିଆ ପୋକରା ଦାନ୍ତ ଦେଖେଇ କଷ୍ଟରେ ହସିଲା । ସେଇଠୁ ପୁଅବୋହୁ ଘରକୁ ଆସିଲେ ସିନା, କିନ୍ତୁ ଝିଅଟି ଭାରି କଷ୍ଟରେ ଚଉଠି ଯାଏ ରହିଲା । ବଡଲୋକ, ପୁଣି ସହରୀ ଝିଅ, ଅପନ୍ତରା ଗାଁରେ କେମିତି ବା ଚଳିପାରିବ ?ଚଉଠି ବାସିଦିନ ସତୁରା ତା ବୋଉକୁ କହିଲା ଯେ ସେମାନେ ବାହାରକୁ ବୁଲିବାକୁ ଯିବେ, ଉଡାଜାହାଜ ଟିକେଟ୍ ଆଗରୁ ହେଇ ଯାଇଚି । ତା ବୋଉ ଯେତେବେଳେ କହିଲା ଯେ ଅଷ୍ଟମଙ୍ଗଳା ସରି ନାହିଁ, ବାହାରକୁ ଗଲେ କଥାଟା ଅସୁନ୍ଦର ହବ, ସତୁରା କିଛି ବୁଝିଲାନାହିଁ । କହିଲା ସେସବୁ ପୁରୁଣା କାଳିଆ କଥା, ତାକୁ ଆଉ କେହି ମାନୁନାହାନ୍ତି । ତା' ପରଦିନ ସେମାନେ ଆଣ୍ଡାମାନ ବୁଲିଯିବେ କହି ଘରୁ ବାହାରି ଗଲେ, ଆଉ ଏଠି କି ନଫେରି ସିଧା ହାଇଦ୍ରାବାଦ ଯିବେ ବୋଲି କହିଲେ । ପଞ୍ଚୁ ବୁଝିପାରିଲା ନାହିଁ

 Magazine Downloaded from www.aahwaan.com

ଯେ ଆଣ୍ଡାମାନ ମାନେ ତ କଳାପାଣି, ଇଂରେଜ ମାନେ ଆମ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଦଣ୍ଡଦେବା ପାଇଁ ସେଠା ଜେଲରେ ରଖୁଥିଲେ । ଆଉ କଳାପାଣି ପାରି ହେଇ ଯାଉଥିବା ଲୋକ କେବେ କେମିତି ଜଣେ ଅଧେ ଫେରୁଥିଲେ । ଏବେ କ'ଣ ଆଜିକାଲି ନୂଆ ବାହା ହେଇଥିବା ପୁଅଝିଅ ସେଠିକି ବୁଲି ଯାଉଛନ୍ତି ? ଯାହାହେଉ ସେହିଦିନ ଠୁ ଯେ ପୁଅ ବୋହୁ ଯାଇଛନ୍ତି, ଆଉ ତିନିବର୍ଷ ହେଲାଣି, ଗାଁକୁ ଫେରିନାହାଁନ୍ତି । ବର୍ଷେତଳେ ସତୁରା ବୋଉ ଦେହ ଖରାପ ହେଲାରୁ ସେ ଏକା ଆସିଥିଲା, ବୋହୁ କଥା ପଚାରିଲାରୁ କହିଲା, ତାଙ୍କ କମ୍ପାନୀ କୁଆଡେ ଆଗ ସପ୍ତାହରେ ତାକୁ ବିଦେଶ ପଠେଇବ, ସେଇଥି ପାଇଁ ତାକୁ ଛୁଟି ମିଳିଲା ନାହିଁ । ତାପରେ ସତୁରା ମଝିରେ ମଝିରେ ପଡିଶାଘର ମନୁଆ ନହେଲେ ବାବୁଲି ଫୋନରୁ ତା ବୋଉ ସାଙ୍ଗରେ କଥା ହୁଏ । ଆଉ ବୋହୁ ସାଙ୍ଗରେ କଥା ହେଲକି ବୋଲି ତାକୁ ପଚାରିଲେ ମନ ବୁଝେଇବାକୁ କହେ ଯେ ବୋହୁ ବୋଧହୁଏ ତା ଅଫିସରେ ଥିବ, ତା ନହେଲେ ସେ କ'ଣ କଥା ହେଇ ନଥାଆନ୍ତା ! ସେ କିନ୍ତୁ ଲକ୍ଷ୍ୟ କରିଛି, ବେଳେବେଳେ ସତୁରା ବୋଉ ତାକୁ ଲୁଚେଇ କାନ୍ଦେ, ପଚାରିଲେ କହେ ସେ କିଛି ନୁହେଁ, ଗାଆଁରେ ବାପାଙ୍କ ଦେହ ଖରାପ ତ !ସେଥିପାଇଁ ମନଟା ଭଲ ଲାଗୁନି । ପଞ୍ଚୁ ଯେତେବେଳେ କହେ ଯେ ଚାଲ ତୁମ ବାପାଙ୍କୁ ଦେଖି ଆସିବା, ସେକଥା ବାଆଁରେଇ ଦିଏ । କହେ, ସାନ ଭାଇ ପରା ବାପାଙ୍କ ପାଖରେ ଅଛି । ସେ ଖୁବ୍ ସେବା କରୁଛି, ଭାଗ୍ୟରେ ଥିଲେ ସିନା ଏମିତିକା ପୁଅ ମିଳେ ।

ପଞ୍ଚୁ ମୋବାଇଲକୁ ଧରି ଏତେ ସବୁ କଥା ଭାବୁଥିବା ଭିତରେ ମୋବାଇଲ୍ ଉପରୁ ଯେ ଆଲୁଅ କେତେବେଳୁ ଚାଲିଯାଇଛି ତା ସେ ଜାଣିପାରିନି । ମନୁଆ କହିଲା, "କକା, ମୋବାଇଲ ତ ଅଫ୍ ହୋଇଗଲାଣି, ଖାଲିଟାରେ କ'ଣ ଦେଖୁଚୁ, ଦିଅ ମୁଁ ଆଉ ଥରେ ସେ ଫଟୋଟା କାଢି ଦେବି ।" ପଞ୍ଚୁ ମନୁଆକୁ ମୋବାଇଲ୍ ଫେରାଇ ଦେଇ କହିଲା, "ନା ଏବେ

 Magazine Downloaded from www.aahwaan.com

ଆଉ ନୁହେଁ, ଘରକୁ ଗଲେ ଭଲକିନା ସେ ଟୋକାକୁ ଦେଖିବି ।”

ସେଦିନ ରାତିରେ ସତୁରା ତା ବୋଉ ସାଙ୍ଗରେ କଥା ହେଲା ଆଉ ହସ୍ପିଟାଲରୁ ଘରକୁ ଆସିଲେ ପୁଅକୁ ଦେଖେଇବ ବୋଲି କହିଲା । ଏହା ଭିତରେ ଚାରିପାଞ୍ଚଦିନ ବିତିଗଲା । ସତୁରା ବୋଉ ବେଳେ ବେଳେ ମନୁଆକୁ ଫୋନ୍ ଆସିଛି କି ବୋଲି ପଚାରେ । ମନୁଆନା ଆସିନି ବୋଲି କହିଲେ, ତା ମୁହଁଟା ହଠାତ୍ କେମିତି କାନ୍ଦୁରା ଦେଖାଯାଏ, ପଚାରିଲେ କଥା ବୁଲେଇଦିଏ । ଏହା ଭିତରେ ଦଶଦିନ ବିତିଗଲା, ସତୁରା ବୋଉ ମଝିରେ ମଝିରେ ମନୁଆ ନ ହେଲେ ବାବୁଲି ଘରଆଡୁ ବୁଲିଆସେ, କାଳେ କିଛି ଖବର ଆସିଥିବ । ଏକୋଇଶାକୁ ଆଉ ଛଅଦିନ ଥାଏ । ସତୁରା ବୋଉ ଶେଷରେ ପଞ୍ଚୁକୁ କହିଲା, “ସତୁରା ତ ପାଗଳାଟା, ସେ ଫୋନ୍ ନକଲା ନାହିଁ, ତୁମେ ହେଲେ ଥରେ ଛୁଆର ଭଲମନ୍ଦ ଟିକେ ପଚାର, ଯେତେ ଯାହା ହେଲେ ବି ସେ ଆମରି ରକ୍ତ, ଆମ ବଂଶ ରକ୍ଷା ତ ସେ ହିଁ କରିବ ।” ପଞ୍ଚୁ ପ୍ରଥମେ ଭାବୁଥିଲା ସେ ନିଜଆଡୁ ଫୋନ୍ କରିବନି, କିନ୍ତୁ ସତୁରା ବୋଉର ଶୁଖିଲା ମୁହଁ ଦେଖି ଶେଷରେ ମନୁଆ ପାଖକୁ ଯାଇ ସତୁରାକୁ ଫୋନ୍‌କଲା । ସତୁରା କଥାରୁ ସେ ଯାହା ଜାଣିଲା ଯେ ପିଲା ଆଉ ବୋହୂ ଭଲ ଅଛନ୍ତି, କିନ୍ତୁ ଆଜି ପର୍ଯ୍ୟନ୍ତ ଫୋନ୍ ନକରି ସେ କିଛି ଭୁଲ କରିଛି ବୋଲି ତା କଥାରୁ କିଛି ଜଣା ପଡିଲାନି । ଏକୋଇଶିଆକୁ ଆଉ ତିନିଦିନ ଥାଏ । ସତୁରା ବୋଉ ପଞ୍ଚୁକୁ ପଚାରିଲା, “ହଇହେ ! ରେଳଗାଡ଼ିରେ ହାଇଦ୍ରାବାଦ ଗଲେ କେତେଦିନ ଆଉ ଉଡାଜାହାଜରେ ଗଲେ କେତେ ସମୟ ଲାଗେ କି ?” ପଞ୍ଚୁ ସତୁରା ବୋଉ ମୁହଁକୁ ଚାହିଁଲା ଆଉ ଗୋଟେ ଦୀର୍ଘନିଃଶ୍ୱାସ ଛାଡି କହିଲା, “ମୁଁ ସେଦିନ ହରିପଣ୍ଡାଙ୍କୁ ପଚାରୁଥିଲି, କହିଲେ ରେଳଗାଡ଼ିରେ ଗଲେ ଗୋଟେ ଦିନ ଆଉ ଗୋଟେ ରାତି, ଆଉ ଉଡାଜାହାଜରେ ଗଲେ ମାତ୍ର ଦେଢ଼ଘଣ୍ଟା ।” ଆଜିକାଲି ଚାକିରୀ କରୁଥିବା ପିଲାମାନେ ରେଳଗାଡ଼ିରେ ସମୟ ନଷ୍ଟ ନକରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଡାଜାହାଜରେ ଯା'ଆସ କରୁଛନ୍ତି, ଆଉ ବାପାମା ଯିବାକୁ ଥିଲେ ପିଲାମାନେ ତାଙ୍କ ପାଇଁ ଟିକେଟ୍ କରି ପଠେଇ ଦଉଚନ୍ତି । ହରିନନା ଆହୁରି କହୁଥିଲେ ଯେ ଭାବିବାର କିଛି ନାହିଁ, ଆଜିକାଲି ଆମ ଭଳି ସବୁ ସାଧାରଣ ଲୋକ ଉଡାଜାହାଜରେ ଯିବା ଆସିବା କରୁଛନ୍ତି । ସେ ଗତଥର ଯାଇଥିବା ଦିନ ଦେଖିଲେ ଯେ ବରହମପୁରର ଗୋଟେ ବୁଢି ଆଣ୍ଠୁଯାଏ ଲୁଗାପିନ୍ଧି, ନାକରେ ନୋଥ ଲଗେଇ ଉଡାଜାହାଜରେ ଯାଉଥିଲା । ପଣ୍ଡିତେ କହୁଥିଲେ, ପଞ୍ଚୁ ତୁମର ବି ସୁଯୋଗ ଆସିଗଲାଣି, ଲୁଗାପଟା ସଜାଡି ରଖ । ସତୁରା ତ ମୋବାଇଲରେ ଟିକେଟ୍ ପଠେଇବ । ତାକୁ ଛାପି, ଆଧାର୍ କାର୍ଡ ଧରି ସିଧା ଉଡାଜାହାଜ ଷ୍ଟେସନ୍‌ଯିବ, ଆଉ ଆକାଶରେ ଉଡିବ ।

ପଞ୍ଚୁ ଉଡାଜାହାଜ କଥା କହୁଥିଲା ବେଳେ ସତୁରା ବୋଉର ଆଖି ଦୁଇଟା ଆନନ୍ଦରେ ଚିକ୍‌ଚିକ୍ କରୁଥିବା ଦେଖିଲା । ଗତ ପନ୍ଦର ଦିନ ଭିତରେ ସତୁରା କଥା ଭାବୁଭାବୁ ପଞ୍ଚୁ ମନଭିତରେ କୋହ ଉଠୁଥିଲେ ବି ସେ ସତୁରା ବୋଉର ଦୁଃଖ ବଢେଇବାକୁ କିଛି କହୁନଥିଲା । ତା'ପାଇଁ ସତୁରା ଥିଲା ତା'ର ଦୁନିଆ, ତା'ର ସବୁ ଅଳି ଅର୍ଦ୍ଦଳି କୁ ସେ ହିଁ କେବଳ ସମ୍ଭାଳୁ ଥିଲା । ସତୁରା ବେମାର ପଡିଲେ ସେ ଦିନଦିନ ଧରି ତାହାରି ବିଛଣା ପାଖରେ ବସି ରହୁଥିଲା । ଦଶବର୍ଷ ଧରି ମା' ହୋଇ ନପାରିବାର ନିନ୍ଦା ସହିସହି ଯେତେବେଳେ ତା ଜୀବନ ଅନ୍ଧାର ହୋଇ ଆସିଥିଲା, ଠିକ୍ ସେତିକି ବେଳେ ସତୁରା ତା କୋଳକୁ ଆସି ତାକୁ ବଞ୍ଚି ରହିବାର ଆଲୁଅ ଦେଖାଇଥିଲା । ଏବେ ଯାହା ସବୁ ଘଟୁଛି, ତାକୁ ଦେଖି ପଞ୍ଚୁ ଭାବୁଥିଲା ଯେ ପୁଅ ନିଜ ଇଛାରେ ବାହା ହୋଇଯିବାର ଧକ୍କାକୁ ସେ ସିନା ସମ୍ଭାଳି ନେଲା, ଏବେ କିନ୍ତୁ ଆଉ ସେଭଳି କିଛି ଧକ୍କାକୁ ସେ ସମ୍ଭାଳି ପାରିବନି, ଭାଙ୍ଗିଯିବ ।

ଏକୋଇଶିଆକୁ ଆଉ ମାତ୍ର ଦୁଇଦିନ ଥିଲେ ବି ସତୁରା ପାଖରୁ କିଛି ଖବର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଲାନି । ପଞ୍ଚୁ ଜାଣିସାରିଥିଲା ଯେ କ'ଣ ଘଟିବ, କିନ୍ତୁ ସତୁରାବୋଉକୁ ସବୁବେଳେ କହୁଥିଲା ଯେ ଉଡାଜାହାଜରେ ଉପର ଓଳି ଯିବାକୁ ଥିଲେ ସକାଳ ଦଶଟାରେ ଟିକେଟ୍ ଆସିଲେ ବି ଚଳିବ । ସେ ତ ଆଧାରକାର୍ଡ ରେଡି କରି ରଖିଛି, ଗାଁ ମୁଣ୍ଡରୁ ଅଟୋ ନେଲେ ଦେଢ଼ଘଣ୍ଟାରେ ପରା ଭୁବନେଶ୍ୱରରେ ପହଞ୍ଚିଯିବେ । ଏକୋଇଶିଆ ଦିନ, ସତୁରାବୋଉ ମୁହଁ ଶୁଖେଇ ବସିଥିବା ବେଳେ ପଞ୍ଚୁ କହିଲା, "ଆଜିକାଲି ବଡ଼ ସହର ମାନଙ୍କରେ ଏକୋଇଶିଆ ଭଳି ଗୋଟେ ଗାଉଁଲି କାମ ଆଉ କେହି କରୁନାହାଁନ୍ତି ।" ଏକାଥରେ ଅନ୍ନ ଛୁଆଣି କରୁଛନ୍ତି । ସେତିକି ବେଳକୁ ନିଶ୍ଚୟ ଆମକୁ ଯିବାକୁ ପଡିବ । ସତୁରା ପୁଅକୁ କୋଳରେ ଧରି ତୁମେ ଆଗେ କ୍ଷିରୀ ଖୁଆଇବ, ତାପରେ ଯାଇ ସିନା ଅନ୍ୟମାନେ ଖୁଆଇବେ । ଏକୋଇଶିଆ ଦିନ ଦଶଟା ବେଳକୁ ମନୁଆ ତାଙ୍କ ଘରକୁ ଆସିଲା । ସେଦିନ ଆଉ ଆଗଭଳି ଡାକ ନ ପକେଇ ଆସ୍ତେ କିନା ପଞ୍ଚୁକୁ ପଚାରିଲା, "କାକା, ଖୁଡି ନାହାନ୍ତି କି ?" ଖୁଡି ଗାଆଁ ଆଡେ ଯାଇଛି ବୋଲି କହିବାରୁ ମନୁଆ ଗୋଟେ ଦୀର୍ଘନିଃଶ୍ୱାସ ଛାଡି କହିଲା, "ଆମ ସତୁରା ଭାଇ ଯେ ଏମିତି କରିବ ମୁଁ ତାହା କେବେ ବି ଭାବି ନଥିଲି ।" ତାପରେ ସେ ତା ମୋବାଇଲରୁ ଗୋଟେ ଫୋଟୋ କାଢି ଦେଖେଇ କହିଲା, "ଏଇ କିଛି ସମୟ ଆଗରୁ ସତୁରା ଭାଇ ଗୋଟେ ଫୋଟୋ ପଠେଇଛି ।" ପଞ୍ଚୁର ଆଉ ଫୋଟୋ ଦେଖିବାର ଆଗ୍ରହ ନଥିଲା । କିନ୍ତୁ ସତୁରାବୋଉ ଯେମିତି କିଛି ଖବର ନପାଏ ସେଥିପାଇଁ ମନୁଆକୁ ଘର ପଛପଟକୁ ଡାକି ନେଇ ମୋବାଇଲରେ ଫୋଟୋଟା ଦେଖୁ ଦେଖୁ ଚମକି ପଡ଼ିଲା । ଲାଗିଲା ଯେମିତି ହଠାତ୍ ତା ଆଖପାଖରେ କେଉଁଠି ଗୋଟେ ବଜ୍ର ପଡିଗଲା । ଫୋଟୋରେ ନାତିକୁ ନୂଆଲୁଗା ପିନ୍ଧେଇ କୋଳରେ ଧରି ଆଈ ବସିଥିଲେ, ତାଙ୍କ ପଛପଟେ ସତୁରା, ତା'ବୋହୂ ଆଉ ସମୁଦୀ ହସହସ ମୁହଁରେ ଛିଡ଼ା ହେଇଥିଲେ । ସମୁଦୀଙ୍କ ହସୁଥିବା ମୁହଁକୁ ଦେଖି ପଞ୍ଚୁକୁ ଲାଗିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେମିତି ଧୃତରାଷ୍ଟ୍ର ଲୁହାଭୀମକୁ ଚାପି ଖଣ୍ଡଖଣ୍ଡ କରିଦେଇ ଅଟ୍ଟହାସ୍ୟ କରୁଚି ।

ତା ପରଦିନ ସକାଳୁ ସତୁରାବୋଉକୁ ଯେତେ ଡାକିଲେ ବି ସେ ଉଠିଲା ନାହିଁ । ପଞ୍ଚୁ ତା ଦେହରେ ହାତ ଦେଇ ଦେଖିଲା, ଖଇ ଫୁଟିଲା ଭଳି ତାତି । ସେ ମନୁଆକୁ ଗୋଟେ ଅଟୋ ଡାକିବାକୁ କହି ନିଜେ ତାକୁ ଟେକାଟେକି କରି ଗାଡ଼ିରେ ବସେଇଲା ବେଳକୁ ସେ ଗଡ଼ି ପଡୁଥିଲା । ପାଖ ଡାକ୍ତରଖାନା କମ୍ପାଉଣ୍ଡର କହିଲେ ଯେ ଡାକ୍ତର ବାବୁ କରୋନା ଡିଉଟିରେ ଯାଇଛନ୍ତି, ତୁମେ ରୋଗୀକୁ ବଡ଼ ଡ଼ାକ୍ତରଖାନାକୁ ନେଇଯାଅ । ବଡ଼ ଡ଼ାକ୍ତରଖାନାରେ ଡାକ୍ତରବାବୁ ରୋଗୀକୁ ଭଲଭାବରେ ଦେଖି କହିଲେ, "ଏହାଙ୍କ ପାଖରେ ସେମିତି କୌଣସି ବଡ ରୋଗର ଲକ୍ଷଣ ନାହିଁ । ଯେତିକି ଜ୍ୱର ଅଛି ସେଥିରେ ତାଙ୍କର ଏଭଳି ଅବସ୍ଥା ହେବା କଥା ନୁହେଁ । ମୋର ଯେତେଦୂର ମନେ ହୁଏ, ସେ କୌଣସି ଗୋଟେ ଶକ୍ତ ମାନସିକ ଆଘାତ ପାଇଛନ୍ତି । ମୁଁ ଔଷଧ ଲେଖି ଦେଇଛି । ଏବେ ରୋଗୀକୁ ଘରକୁ ନେଇଯାଅ । ଟିକେ ଭଲହେଲେ ତାଙ୍କୁ ଜଣେ ମାନସିକ ରୋଗ ଡାକ୍ତରଙ୍କୁ ଦେଖାଅ ।" ପଞ୍ଚୁ ଡାକ୍ତରଙ୍କୁ ହାତ ଯୋଡ଼ି କହିଲା, "ସାର୍ ରୋଗୀ ଭଲ ହେଇଯିବ ତ ! ଡାକ୍ତରବାବୁ କହିଲେ, "ଡାକ୍ତର ତ ଆଉ ଭଗବାନ ନୁହଁନ୍ତି । କେବଳ ଭଗବାନ ଚାହିଁଲେ ହିଁ ତାହା ସମ୍ଭବ ହେବ ।"

ତ୍ରିଲୋଚନଦାସ

୨୯-ଏ, କଳ୍ପନାଏରିଆ,ବି.ଜେ.ବି.ନଗର,ଭୁବନେଶ୍ୱର-୭୫୧୦୧୪

ଦୂରଭାଷ:୭୦୦୮୭୩୫୧୬୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେହର ରଙ୍ଗ



ଅନସୂୟା ପଣ୍ଡା

"ମାରେ ଗୋଟେ ଇମେଲ ଆଡ୍ରେସ ଲେଖିବୁକି ? ପ୍ୟାରିସରେ ଯେଉଁ ପିଲାଟି ଇଣ୍ଟେରିଅର ଡେକୋରେଟର ଅଛି ତା ବାପା ଆଜି ଫୋନ କରିଥିଲେ । ତୁ ମେ' ମାସରେ ଆସିଥିବା ସମୟରେ ସେମାନେ ତୋତେ ଦେଖିବାକୁ ଆସିଥିଲେ । ସେମାନେ ତୋତେ ପସନ୍ଦ କରିଛନ୍ତି । ତୋର ଗୋଟେ ଭଲ ଫଟୋ ସେ ଇମେଲ ଆଡ୍ରେସରେ ପଠେଇବୁ ତ' । ତା ଫଟୋ ବି ସେ ପଠାଇବ ।

ପସନ୍ଦ ଆସିଲେ ସେ ସ୍କାଇପରେ ତୋ ସହ କଥା ହେଇ ତାଙ୍କ ଘରେ ଜଣାଇବ । ପିଲାର ମତାମତ ଉପରେ ସବୁ ନିର୍ଭର କରେ । ଶ୍ରାବଣ ମାସ ପୂର୍ବରୁ କଥାଟା ଛିଣ୍ଡିଗଲେ, ଆସନ୍ତା ଡିସେମ୍ବରରେ ପିଲାଟି ଆସିଲେ ସେମାନେ ବାହାଘର କରିବାକୁ ରାଜି ଅଛନ୍ତି ।" ଫୋନରୁ ବାପାଙ୍କ ବ୍ୟାକୁଳତା ଠିକରେ ବୁଝି ପାରୁଥିଲା ନୀତା । ସବୁ ଶନିବାର, ରବିବାର ସେଇ ଏକା କଥା । ବାପା ଏମିତି କେତେଟା ପ୍ରସ୍ତାବ ବିଷୟରେ କହୁଥିବେ ଓ ନୀତା ମୁହଁରେ ନକହିଲେବି ମନେ ମନେ ଚିଡୁଥିବ ।

ସତେଯେମିତି ସବୁ ଏବେ ନୀତା ଉପରେ ନିର୍ଭର କରେ । ଗୋଟେ ଭଲ ଫଟୋଟିଏ ପଠାଇ ଦେଲେ ବିଦେଶରେ ଥିବା ଓଡ଼ିଆ ଯୁବକ ଜଣକ ତାକୁ ପସନ୍ଦ କରି, ବିବାହ ପାଇଁ ସ୍ୱୀକୃତି ଦେଇଦେବ । ପଥ ପ୍ରାନ୍ତରରେ ପଡିଥିବା ଅହଲ୍ୟା ରାମଙ୍କ ସ୍ପର୍ଶ ପାଇଲା ପରି, ବିବାହ ମଣ୍ଡପରେ ଟୋପାଏ ସିନ୍ଦୁର, ଦୁଇ ପଟ ଚୁଡ଼ି ତା ହାତରୁ ପିନ୍ଧି ନୀତା ଯେମିତି ଝିଅ ଜନ୍ମରୁ ମୁକ୍ତି ପାଇଯିବ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏଇ ଅକ୍ଟୋବରଠୁ ତାକୁ ବତିଶ ବର୍ଷ ଚାଲିବ । ଧୀରେ ଧୀରେ ବୟସ ବଢ଼ିବା ସହ ଭଲ ପ୍ରସ୍ତାବ ଆସିବା କମି ଆସେ । ସବୁ ବାହାଘର ଋତୁ ପୂର୍ବରୁ ସେ ସପ୍ତାହେ ସପ୍ତାହେ ଛୁଟି ନେଇ ଘରକୁ ଯାଏ । ଘର ସଂଗ୍ରହାଳୟ ପରି ସଜା ହୁଏ । ମୁହଁରେ ହସ ଫୁଟାଇ ବାପା ସେମାନଙ୍କୁ ପାଛୋଟି ଆଣି ଦାଣ୍ଡ ଘରେ ବସାଉଥିବେ । ଜଳଖିଆ ପର୍ବ ସହ ପରିବେଶକୁ ହାଲୁକା କରିବାକୁ ବାପା ଗୁଡ଼ାଏ ଗପୁ ଥିବେ । କାଚ କପବୋର୍ଡ଼ ଭିତରୁ ଦେଖାଯାଉ ଥିବା ସିଲ, କପ କୁ ଦେଖାଇ କହୁଥିବେ ଏଇଟା ମୋ ଝିଅ ଷ୍ଟେଟ ଲେବେଲ ଡିବେଟ କମ୍ପିଟେସନରେ ପାଇଥିଲା, ଏଇଟା ଜିଲ୍ଲା ସ୍ତରୀୟ ଗୀତ ପ୍ରତିଯୋଗିତାରେ... । ମୋ ଝିଅକୁ ଘାସ କଟାଠୁ ଘୋଡା ଚଢ଼ା ଯାଏ ସବୁ ଜଣା । ଏବେ ହାଇଦ୍ରାବାଦରେ ଗୋଟେ ବଡ କମ୍ପାନୀରେ ଅଛି ।

ଦେହର ରଙ୍ଗକୁ ମାନିଲା ପରି ଶାଢ଼ୀ ପିନ୍ଧି ଡର ଡର ହୋଇ ଆସି ବସେ ନୀତା । ଭାବେ ଆଜି ଏ ପରୀକ୍ଷାର ଅନ୍ତ ହେଉ । ଆଉ ତାର ଧର୍ଯ୍ୟ ନାହିଁ । ସେ ସମୟରେ ସେ ଭୁଲିଯାଏ ସେ ଗୁଗୁଲ ଭଳି ଏକ ନାମଜାଦା କମ୍ପାନୀରେ ଗୋଟେ ଟିମର ଲିଡ ଭାବରେ କାମ କରୁଛି । ଦୁଇ ଦୁଇ ଥର ଫରେନ ଯାଇ ଆସିସାରିଛି । କେତେ ପିଲା ତା ଅଧୀନରେ କାମ କରୁଛନ୍ତି ।

ସେମାନେ ଗଲାପରେ, ପଲିଥିନରେ ବଳିଯାଇ ଥିବା ସିଙ୍ଗଡ଼ାଟିଏ ରୋଷେଇ ଘରୁ ଆଣି ଖାଇଲା ବେଳେ ବାପା କହୁଥିବେ, "ଖୁବ ସୁନ୍ଦର ଦିଶୁଥିଲା ମୋ ଝିଅ ଆଜି, ମୁଁ ହୋଇଥିଲେ ସଙ୍ଗେ ସଙ୍ଗେ ମତାମତ ଦେଇ ଦେଇଥାନ୍ତି ।"

ସବୁଥର ପରି ବାପାଙ୍କର ଅଶେଷ ଆକାଂକ୍ଷାରେ ପୂର୍ଣ୍ଣଛେଦ ପକାଇଦିଏ ସେଇ ଗୋଟିଏ କଥା, "ସବୁ ଭଲ ଯେ ହେଲେ ଦେହର ରଙ୍ଗଟା ଶାବନା ।"

ମୁହଁରେ ପାଉଡର ପ୍ରଲେପ ଯେତେ ମାରିଲେବି ତା ଦେହର ସାବନା ରଙ୍ଗଟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେମାନଙ୍କ ତୀକ୍ଷ୍ଣ ଆଖି ଠିକ ପଢିନିଏ । କେବେ କେବେ ଭାବେ ମାଜିମୁଜି ସଫା ରଙ୍ଗ କରି ହୁଅନ୍ତା କି ତା ଦେହର ରଙ୍ଗକୁ । ଯଦି ଦେହର ରଙ୍ଗଟା ସବୁ କାଟି ଦିଏ, ତେବେ ଏତେ କଥା ପଚାରନ୍ତି କାହିଁକି ଝିଅ ଦେଖିବା ବେଳେ ! କଣ ବି ଦେଖନ୍ତି ସେଇ ଅଧ ଘଣ୍ଟା, ଘଣ୍ଟାଏ ଭିତରେ ଯେ ସାରା ଜୀବନ ପାଇଁ ସଉଦା କରନ୍ତି !

ଭଲ ଝିଅ ନୁହେଁ, କଥାକୁହା ରଙ୍ଗୀନ ଟିଭି ଟିଏ ଦରକାର ସମସ୍ତଙ୍କୁ । ସବୁ ତ ଥିଲା ନୀତାର, ଡେଙ୍ଗା, ମଧ୍ୟମ ଉଚ୍ଚତା, ଗଢ଼ଣ ସୁନ୍ଦର, ଉଚ୍ଚ ପଦବୀ, ମୋଟା ଦରମା, ଅନ୍ୟ ସାଙ୍ଗ ମାନଙ୍କପରି ତାର ପୁଅ ସାଙ୍ଗ ନଥିଲେ । ସେ ଏବେବି ବାପାଙ୍କର ସୁନା ଝିଅ । ହେଲେ ସୁନା ଝିଅ ହୋଇ ବୋଧେ ବାପାଙ୍କୁ ସେ ହଇରାଣ କରୁଛି ।

ଧୀରେ ଧୀରେ ତା ମନରେ ବସାବାନ୍ଧି ଗଲା ଗୋରା ଓ ସୁନ୍ଦର ଝିଅ ମାନେ ଖାଲି ବାହାହୁଅନ୍ତି ।

ବାହାଘର ଟା କଣ ତା ପାଇଁ ନିହାତି ଦରକାର ! ନା ! ତା ପାଇଁ ନୁହେଁ ସମାଜ ପାଇଁ ଦରକାର । କାଇଁ କିଛି ତ ହଇରାଣ ହେଉନି ନ ବାହାହୋଇ । ଖାଲିଯାହା ବାପା ବୋଉ ବ୍ୟସ୍ତ ହେଉଛନ୍ତି, ଅନ୍ୟ ଏକ ଭଉଣୀ ବି ତା ତଳେ ।

ନେଟ ଖୋଲିଲା, ବାପା ଦେଇଥିବା ଇମେଲ ଆଡ୍ରେସରେ ଫଟୋ ପଠାଇବାକୁ । ଗତ ଶୁକ୍ରବାର ଦିନ ଟିମ ଲଞ୍ଚରେ ହୋଟେଲ ରେସିଡେନସିର ଲନରେ ଜିନ୍ସ ସହ ଯେଉଁ ପରପଲ ରଙ୍ଗର ଫରମାଲ ପିନ୍ଧି ଗୋଟେ ଫଟୋ ନେଇଥିଲା ଖୁବ ଭଲ ଦିଶୁଛି । ପିଲାଟା ଫରେନରେ ଅଛିତ ଠିକ ହେବ, ମାତ୍ର ସେଠି ଗୋରା ଚମଡା ଦେଖି ଦେଖି ଭାରତୀୟ ଗୋରା ବି ତାକୁ କଳା ରଙ୍ଗ ଲାଗିବଣି ।

ମନେ ଭାବି ହସିଲା ନୀତା । "ହେଲେ ଜିନ୍ସ ପିନ୍ଧା ଫଟୋ ବାହାଘର ପାଇଁ ଚଳିବତ ?

 Magazine Downloaded from www.aahwaan.com

ହଁ ! ଖାଲି ଶାଢ଼ୀ, ସଲ୍ୱାର ପିନ୍ଧା ସଂସ୍କରୀ ଫଟୋ ଦେଇଦେଲେ କଣ ସେ ମୋ ଫଟୋକୁ ଦେଖି ବାହା ହୋଇଯିବ ! ସେ ଜାଣୁ ମୁଁ ସବୁ ପ୍ରକାର ପୋଷାକ ପିନ୍ଧେ ବୋଲି । ଯାହାର ଇଚ୍ଛା ବାହାହେଉ ନ ହେଲେ ନ ହେଉ । ମୋର ସବୁ ଦୁର୍ବଳତା ଜାଣି ମୋତେ ଯିଏ ଗ୍ରହଣ କଲା ସେ ମୋର ପ୍ରକୃତ ସହଯାତ୍ରୀ ।" ଫଟୋ ଟି ପଠେଇ ଦେଇ ମୁଣ୍ଡରୁ କାଢି ଦେଲା କଥାଟା, ନାସ୍ତିବାଚକ ଉତ୍ତର ନିଜ ପାଇଁ ନିଜେ ମୁଲ୍ୟାଙ୍କନ କରି ।

ଉତ୍ତର ମେଲ ରେ ପିଲାଟା ତା ଫଟୋ ପଠାଇ, ସ୍କାଇପରେ କଥା ହେବାକୁ ସମୟ ମାଗିଥିଲା । "ଖୁବ ଡେଙ୍ଗା, ଗୋରା, ହାଣ୍ଡସମ ଦେଖିବାକୁ ପିଲାଟା । ଏକଣ ମୋତେ ପସନ୍ଦ କରିବ ? "

ସ୍କାଇପରେ କଥା ହେବାଦିନ ନା ନୀତା ମେକପ ନେଇଥିଲା ନା ଭଲ ଡ୍ରେସ ବଦଳାଇଥିଲା । ଯେମିତି ଥିଲା ସେମିତି କଥା ହେଲା । ଧୀରେ ଧୀରେ ପିଲାଟି ତାକୁ ସହଜ ଲାଗୁଥିଲା ଓ ସେ ମଧ୍ୟ ନୀତାକୁ ଖୁସିରେ ଗ୍ରହଣ କରିଥିଲେ ।

ବାପା ଖୁସିରେ ସେଦିନ ଫୋନ କଲେ, “ମା'ରେ, ସେପ୍ଟେମ୍ବର ଏଗାରକୁ ନିର୍ବନ୍ଧ ଓ ଡିସେମ୍ବର ଏକରେ ବିବାହ ପାଇଁ କଥା ଛିଣ୍ଡିଛି । ଛୁଟିପାଇଁ ମ୍ୟାନେଜରଙ୍କୁ ଆଗରୁ କହିଥିବୁ ।"

ନୀତା ଭାବୁଥିଲା ସମସ୍ତଙ୍କ ପାଇଁ ଦେହର ରଙ୍ଗ ସବୁବେଳେ ମହତ୍ତ୍ୱ ରଖେନି । କେତେଜଣ ମନର ରଙ୍ଗକୁ ମଧ୍ୟ ବୁଝିପାରନ୍ତି । ତୁମକୁ ବୁଝିପାରୁଥିବା ମଣିଷଟି ଯେତେ ଦୂରରେ ଥିଲେବି ମନର ରଙ୍ଗକୁ ବୁଝିପାରେ, ସବୁଦିନ ପାଇଁ ଆପଣାର କରିପାରେ, ଦେହର ରଙ୍ଗ ତ କିଛି ଦିନର ସବୁଦିନ ପାଇଁ ନୁହେଁ ।

କାର୍ଡଗୁଡି, ବାଙ୍ଗାଲୋର, ଭ୍ରାମ୍ୟଭାଷ : ୯୮୪୦୭୦୬୧୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପ ନୁହେଁ ସେ କାଳସର୍ପ



ସୌମେନ୍ଦ୍ର ମହାନ୍ତି

କଟକ ସହରରେ ରହୁଥାନ୍ତି ଗୋଟେ ପରିବାର । ପରିବାର କହିଲେ; କମଲବାବୁ, ସ୍ତ୍ରୀ କୌଶଲ୍ୟା ଆଉ ପୁଅ ଝିଅ ହୋଇ ଦୁଇଟି । ପୁଅର ନାଆଁ ବିନୟ, ଝିଅର ନାଆଁ ଅମ୍ରିତା । ଅମ୍ରିତା ବଡ଼, ବିନୟ ସାନ । କମଲବାବୁ ଯୋଡ଼ା ବଡ଼ବିଲିରେ କାମ କରନ୍ତି । ବହୁତ କମ ଘରକୁ ଆସନ୍ତି, ଛ' ମାସକୁ ଥରେ ନହେଲେ ବର୍ଷକୁ ଥରେ । ଛୁଆ ଦୁଇଟା ସ୍କୁଲରେ ପଢୁଥାନ୍ତି, ସେପଟେ ତାଙ୍କର ରୋଜଗାର ବି ବହୁତ କମ ଥାଏ । ସେଥିପାଇଁ, ଚଳିବାକୁ ଟିକେ କଷ୍ଟ ହେଉଥାଏ ।

କିନ୍ତୁ, ହଠାତ ସେମାନେ ଉନ୍ନତି କରିବାକୁ ଲାଗିଲେ । କମଲବାବୁ କୁଆଡେ ସେଠି କଂଟ୍ରାକ୍ଟର ହୋଇଯାଇଥିଲେ । ଧୀରେ ଧୀରେ ତାଙ୍କର ଘରକୁ ଆସିବା ବହୁତ କମ ହୋଇଗଲା । ଦୁଇ ବର୍ଷ କି ପାଞ୍ଚ ବର୍ଷରେ ଥରେ ଆସନ୍ତି ।

ଯ୍ଥା ଭିତରେ, ବିନୟ ଆଉ ଅମ୍ରିତା ବଡ଼ ହେଇଯାଇଥାନ୍ତି । ପାଠପଢା ବି ଦୁଇ ଜଣଙ୍କର ସରିଯାଇଥାଏ । ଅମ୍ରିତା ନର୍ସିଂ କରି ଗୋଟେ ପ୍ରାଇଭେଟ ମେଡିକାଲରେ କାମ କରୁଥାଏ ।

ବିନୟ ଏମିତି competitive ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥାଏ । ପିଲା ହିସାବରେ ବହୁତ ଭଲ ପିଲା ବିନୟ ଏବଂ ବହୁତ ଶାନ୍ତଶିଷ୍ଟ । ସମସ୍ତଙ୍କ ସହ ମିଶିଯାଏ, ଭାରି ହସକୁରା ପିଲାଟିଏ ।

ଏମିତି କିଛି ଦିନ ବିତିଗଲା ପରେ ଅମ୍ରିତାର ବାହାଘର ବହୁତ ଧୂମଧାମରେ କରାଗଲା । କମଲବାବୁ ବି ଅମ୍ରିତାର ବାହାଘର ପାଇଁ ଘରକୁ ଆସିଥାନ୍ତି । କୌଶଲ୍ୟା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଡାମ କମଲବାବୁଙ୍କୁ କହିଲେ, "ପୁଅର ତ କିଛି ଚାକିରୀ ବାକିରି ହେଲାନି । ତୁମେ ତମ ପାଖରେ କୋଉଠି ଗୋଟେ କାମ ବୁଝିଦିଅ ଯେ ସେ ସେଇଠି ଯାଇ ଚାକିରୀ କରିବ ।"

କମଲବାବୁ ପ୍ରଥମେ ଟିକେ କୁନ୍ଥୁକୁନ୍ଥୁ ହେଲେ । ପରେ ବାଧ୍ୟ ବାଧକତାରେ କହିଲେ, 'ହଉ, ଦେଖିବା ।' କାମକୁ ଯିବାର କିଛିଦିନ ପରେ ଫୋନକଲେ ଘରକୁ, କୌଶଲ୍ୟା ମାଡାମଙ୍କୁ କହିଲେ, "ଏଇଠି ଗୋଟେ Supervising କାମ ଅଛି, ପୁଅକୁ କହିବ ଆସିବ ।"

ବିନୟ ବି କୁଆଡୁ ଚାକିରୀ ଖଣ୍ଡେ ନପାଇ ହତାଶ ହେଇ ବୁଲୁଥାଏ । ସେ ବି ରାଜି ହେଇଗଲା ବାପା କଥାରେ, ଯାଇ ପହଞ୍ଚିଲା ଯୋଡ଼ା ବଡ଼ବିଲରେ ।

ପହଞ୍ଚିଲା ପରେ, କମଲବାବୁ ତାକୁ ଗୋଟେ ମେସରେ ନେଇ ଛାଡିଲେ ଏବଂ ତା Roommateଙ୍କ ସହ ଚିହ୍ନା ପରିଚୟ କରାଇଦେଲେ । ବିନୟ ତା ବାପାଙ୍କୁ ତାଙ୍କ ସହ ରହିବା କଥା ପଚାରିଲା । ସେ କହିଲେ ଯେ, "ନାଇଁ ନାଇଁ ମୋ ସହ ରହିବାରେ ଅସୁବିଧା ଅଛି, ତୁ ସେସବୁ ବୁଝିପାରିବୁନି ।" ପୁଅ ଭାବିଲା, "ବୟସ୍କ ଲୋକଙ୍କ ସହ ରହୁଛନ୍ତି ବୋଧେ ? ସେଥିପାଇଁ ମନାକଲେ ।"

କମଲବାବୁ ବିନୟ ରୁମ ଠାରୁ ୫ କିମି ଦୂରରେ ରହୁଥାନ୍ତି । ଏମିତି ବେଳେବେଳେ ସେମାନଙ୍କର ଭେଟ ସାକ୍ଷାତ ହୁଏ ।

ବିନୟ ସେଠି କିଛି ଦିନ ରହିଲା ପରେ ତା ବାପାଙ୍କର ଗତିବିଧି ତାକୁ ଜମା କାହିଁ ଭଲ ଲାଗିଲା ନାହିଁ ? ଏମିତି ଥରେ ଜଣେ ଅଚିହ୍ନା ଅଜଣା ଲୋକ ସହ କଥା ହେଉଥାଏ ବିନୟ । ସେ ଲୋକ ଜଣଙ୍କ ପଚାରିଲେ ବିନୟକୁ, "ତୁମ ଘର କେଉଁଠି ? ତୁମ ବାପା କଣ କରନ୍ତି ?"

ବିନୟ ଯେତେବେଳେ କହିଲା କି ସେ ଏଇ ଯୋଡ଼ା ବଡ଼ବିଲରେ Contracting କାମ କରନ୍ତି । ସେ ଲୋକଟି ଭାରି ଉତ୍କଣ୍ଠା ସହକାରେ ପଚାରିଲା, "କିଏ ସେ ?" ବିନୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯେତେବେଳେ ବାପାର ନାଆଁ କହିଲା, ସେ ଲୋକ ବି ଆଶ୍ଚର୍ଯ୍ୟ ହୋଇ କହିଲା, "ତୁମେ କଣ ତାଙ୍କ ବଡ଼ ପୁଅ ?" ବିନୟ କହିଲା, "ମୁଁ ତାଙ୍କର ଗୋଟେ ବୋଲି ପୁଅ ।" ପୁଣି ସେ ଲୋକ ଆଚମ୍ବିତ ହୋଇ କହିଲା, "ତାଙ୍କର ବା ଏଠି ଛୋଟ ଛୋଟ ପୁଅ ଦୁଇଟା ଅଛନ୍ତି । ସ୍କୁଲରେ ପଢୁଛନ୍ତି । ତୁମେ କଣ ଏକଥା କହୁଛ ?"

ଏସବୁ କଥା ଶୁଣିଲା ପରେ, ବିନୟର ମୁଣ୍ଡ କିଛି କାମ ଦେଉନଥାଏ । ସେ ସଙ୍ଗେ ସଙ୍ଗେ ରୁମକୁ ଆସିଲା ଏବଂ ଭାବିଲା, ଆଜି ତା ବାପାଙ୍କର ପିଛା କରି କଥାର ସତ୍ୟତା ପରୀକ୍ଷା କରିବ ।

ସେଦିନ ସନ୍ଧ୍ୟାବେଳେ ବାପାର ପିଛା କରି କରି ପହଞ୍ଚିଗଲା ଯାଇ ଠିକଣା ସ୍ଥାନରେ ଅର୍ଥାତ ବାପା ରହୁଥିବା ଜାଗାରେ । ସେଠି ଯାହା ଦେଖିଲା, ତା ଆଖିକୁ ଆଦୌ ବିଶ୍ୱାସ ହେଲା ନାହିଁ ।

ବାପାର ସତକୁ ସତ ଆଉ ଗୋଟେ ପରିବାର । ଦୁଇଟା ଛୋଟ ଛୋଟ ପୁଅ । ବାପା ବାପା ବୋଲି ଡ଼ାକୁଥାନ୍ତି । ଯେତେବେଳେ କମଲବାବୁ ଦେଖିଦେଲେ ବିନୟକୁ, ତାଙ୍କର ବି ମୁଣ୍ଡ ଚକର ଖାଇଗଲା । କଣ କରିବେ କଣ ନାହିଁ ତାକୁ କିଛି ବାଟ ଦେଖାଗଲା ନାହିଁ? ପୁଅକୁ ପ୍ରଥମେ ଫାଙ୍କିବାକୁ ଚେଷ୍ଟା କଲେ । କିନ୍ତୁ, କଣ କରିବେ ? ପୁଅ ତ ସବୁ ଦେଖିସାରିଲାଣି ।

ପୁଅକୁ ବହୁତ ବୁଝେଇଲେ, ବୋଉକୁ ଏବିଷୟରେ ନ କହିବାକୁ ମଧ୍ୟ କହିଲେ । କିନ୍ତୁ, ପୁଅ ବାପର କୌଣସି କଥାରେ ରାଜିହେଲା ନାହିଁ । ଶେଷରେ ବାପକୁ ଧମକ ଦେଇ କହିଲା, "ତୁମେ କେମିତି ଆମ ସହ ଏମିତି ଛଳନା କରିପାରିଲ ? କଣ ପାଇଁ ଆମକୁ ଏମିତି ଧୋକା ଦେଲ ? କଣ ପାଇଁ, କଣ ପାଇଁ ?" ଏକଥା ମୁଁ ଖାଲି ବୋଉକୁ କହିବି କଣ, ସାରା ଦୁନିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରେ ତୁମ ପର୍ଦ୍ଦାଫାଶ କରିଦେବି ।

କମଲବାବୁ ପୁଅକୁ ବୁଝାଇ କହିଲେ, "ଦେଖ, ଏକଥା ତୋବ୍ୟତୀତ କେହି ଜାଣିନାହାନ୍ତି ଯେ ମୋର ଦୁଇଟା ପରିବାର ବୋଲି । ତୁ ଯଦି ବାହାରେ ଏକଥା କହିବୁ ତେବେ ମୋର ଖାଲି ଇଜ୍ଜତ ମହତ ଯିବନି, ମୋତେ ଜେଲ୍ ହେଇଯିବ । ଦୟାକରି ଏକଥା କାହାକୁ କହନା ।"

ତଥାପି ପୁଅ ରାଜିହେଲା ନାହିଁ ବାପା କଥାରେ ।

କମଲବାବୁ ଧମକ ଦେଲା ଭଳି ବି କହିଲେ ଯେ ପରିଣାମ କିଛି ଭଲ ହେବନି ବୋଲି ।

ତଥାପି ବିନୟ ମାନିବାକୁ ନାରାଜ । ତୁରନ୍ତ ସେଠୁ ପଳାଇ ଆସିଲା ସେ । ଏବଂ ରାତିରେ ଘରକୁ ବାହାରିବାକୁ ପ୍ରସ୍ତୁତ ହେଲା ।

ଟ୍ରେନ ଥାଏ ରାତି ଦଶଟାରେ । ସବୁ ଜିନିଷ ବନ୍ଧାବନ୍ଧି କରି ବାହାରିଲା, ଘରକୁ ଯିବା ପାଇଁ ଏବଂ ବୋଉକୁ ଖାଲି ଏତିକି ଫୋନରେ କହିଲା ଯେ ସେ କାଲି ଘରେ ପହଞ୍ଚିବ ବୋଲି । ତା ବାପା କୋଉଠୁ ଖବର ପାଇ ଆସି ପହଞ୍ଚିଗଲେ ତା ପାଖରେ । ତାକୁ ପୁଣି ମନାକଲେ ଘରକୁ ଯିବା ପାଇଁ,  କି ବୋଉକୁ ଜଣେଇବା ପାଇଁ ? କିନ୍ତୁ, ବିନୟ ତା କଥାରେ ଅଟଳ ।

ସେଠୁ ତା ବାପା ରାଗ ତମତମ ପଳେଇଗଲେ ।

ବିନୟ ରୁମରୁ ବାହାରି ଚାଲି ଚାଲି ଷ୍ଟେସନ ଆଡକୁ ଯାଉଥାଏ ।  ହଠାତ କେହି ଜଣେ ତା ମୁଣ୍ଡକୁ ଶକ୍ତ ଆଘାତ ଦେଲା ଗୋଟେ ମୋଟା ଲୁହା ରଡ଼ରେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାକୁ ସେଠୁ ଉଠେଇନେଲେ ଦୁଇ ଦୁର୍ବୃତ୍ତ ଏବଂ ଦେହକୁ ଭୁଜାଲି ମାଡ଼ରେ କ୍ଷତାକ୍ତ କରି, ତା ଦେହରେ ବସ୍ତାଏ ଲୁଣ ବୋଳି ପୋତିଦେଇ ଆସିଲେ ଏକ ନିର୍ଜନ ସ୍ଥାନରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା'ପରଦିନ, ଦିନ ଗଡି ସନ୍ଧ୍ୟା ହେଲାରୁ, ମାଆ ତାର ବ୍ୟସ୍ତ ହୋଇ ଫୋନ କଲେ ତା ବାପାଙ୍କ ପାଖକୁ ।

କିନ୍ତୁ କମଲବାବୁ କହିଲେ, "ମୁଁ ତ ତାକୁ ନିଜେ କାଲି ଟ୍ରେନରେ ବସେଇକି ଆସିଲି । ସେ କଣ ଏଯାଏଁ ଘରେ ପହଞ୍ଚିନି ?"

କାମାସକ୍ତ ଏ ଦୁନିଆ
ମନରେ କାମନା ନିଆଁ
ପୁଅକୁ ଚିହ୍ନେନି ବାପ
ଦେଖିଲା ନିଜର ସ୍ୱାର୍ଥ
ପୁତ୍ର ମୋହ ଗଲା ବ୍ୟର୍ଥ
ସାଜିଲା ସେ କାଳ ସର୍ପ ||

ସୌମେନ୍ଦ୍ର ମହାନ୍ତି
ରାଣୀଓଳା, କସର୍ଦା, କଟକ
ମୋ : ୯୫୮୩୨୦୫୮୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହତଭାଗିନୀ ଅଞ୍ଜନା



ହେମନ୍ତ ନାଏକ

ପଥ ପ୍ରାନ୍ତର ନିର୍ଜନ ଇଲାକା, ଗାଁଠୁ ଅନେକ ଦୂରରେ କ୍ଷେତଟିଏ । ଝୁପୁଡି କୁଡିଆ ଘରେ ଚାରି ପ୍ରାଣୀ । ବୈଶାଖ ମାସର ତାତି ଖରା । ବାଡ଼ି ପଛପଟ ଆମ୍ବଗଛମୂଳେ ବସି ଅଞ୍ଜନା ମୁହଁ ପୋତି ଶାଢ଼ୀ କାନିରେ ପୋଛୁଥାଏ ଆଖିର ଲୁହକୁ । ଦୈବାତ୍ ଭାଗ୍ୟ ତାର ଖସିପଡିଲା ଯେମିତି ପର୍ବତର ଅତଡା ପଥର ମାଡ଼ରେ । କେଁ ଭେଁ ହେଇ ବହୁତ ଚେଷ୍ଟା କରିଛି ଚଢ଼ିବାକୁ । ହେଲେ ଆଜି ବଳଶୁନ୍ୟ । ନିରୁପାୟ୍ ! ! ! ସଂଯୋଗ ବୋଲି ଭାବିନିଏ ନିଜ ଭାଗ୍ୟକୁ । ସବୁ ପ୍ରଚେଷ୍ଟା ତାର ବିଫଳ । କିଂକର୍ତ୍ତବ୍ୟବିମୁଢ଼ ହେଇ ଆଜି ସେ ଏକାକୀ ।

ବିଚାରି ହତଭାଗିନୀ ଅଞ୍ଜନା ...... ! ! !

ବାହାହେବା ତାର ବର୍ଷେ ପୁରିନି । ଚତୁର୍ଥାବସ୍ଥାର ଶେଷ ପାହାଚରେ ଶାଶୁ ଓ ଶ୍ୱଶୁର । କାଠିକୁ କୁଟାଟିଏ କରିବାକୁ ଆଉ ତାଙ୍କର ବଳ ନାହିଁ । କଣ ବା କରିବେ, ସମୟ ସରିଯାଇଛି । ଖୁବ୍ ଭଲ ପାଆନ୍ତି ତାକୁ । ଭାରି ସ୍ନେହରେ ଡାକନ୍ତି, ଆଲୋ ମାଁ ଅଞ୍ଜୁ ଆସିଲୁ ମାଁ ! ! ଗଙ୍ଗାଜଳ ପରି ପବିତ୍ର ମାଁ ଡାକରେ ପେଟ ପୁରିଯାଏ ଅଞ୍ଜନାର । ସବୁ ଦୁଃଖକୁ ଅକ୍ଳେଶରେ ଭୁଲିଯାଏ ଅନାଥିନୀ ଗରିବ ଝିଅଟି ।

କଣ ନ ସହିଛି ଅଞ୍ଜନା ତା ପିଲାବେଳେ । ଦୁଃଖକୁ ଅମୃତ ପରି ସବୁବେଳେ ପିଇଛି, ଚନ୍ଦନ ଭଳି ସହିଛି । ଖଟିଛି ! ! ବହୁତ ଖଟିଛି ! ! !

ସେଦିନର ସବୁ କଥା ଗୁଡିକ ଅଞ୍ଜନାକୁ ଭାରାକ୍ରାନ୍ତ କରି ଆନ୍ଦୋଳିତ କରିପକାଏ, ବାରମ୍ବାର ........ !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାପା ତା' ଅଦିନରେ ଆରପାରିକୁ ଚାଲିଗଲାପରେ ଦେବାଶିଷ ପଣ୍ଡାଙ୍କ ଘରର ଅଇଁଠା ବାସନ ମାଜି ଭାରି କଷ୍ଟରେ ପେଟ ପୋଷିଛି । ବଡ଼ ହେଇଛି । ସେଠି ସବୁ କିଛି ପାଇଛି । ସୁଖ ପାଇଛି ଦୁଃଖ ପାଇଛି । ଅଜଣା ସମ୍ପର୍କର ଡୋରୀରେ ବାନ୍ଧିହେଇ, ନୂଆଁ ପରିଚୟ ପାଇଛି । ପରିବାରର ଜଣେ ସଦସ୍ୟ ଭାବରେ ଅଗ୍ରାଧିକାର ଦେଇଛନ୍ତି ଦେବାଶିଷ ତାକୁ ।

ରିଟାୟାର୍ଡ଼୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବାଶିଷ ବାବୁ । ଖୁବ୍ ଭଲ ଲୋକ । ପାଞ୍ଚ ଲୋକରେ ତାଙ୍କର ସୁନାମ ଅଛି । ସ୍ୱାଭିମାନୀ ମଣିଷ । ହେଲେ ସମୟେ ସମୟେ ବେଶ୍ ରାଗିଯାନ୍ତି ମଧ୍ୟ । ତାଙ୍କ କଥା ହିଁ କଥା । ପରିବାର ଲୋକେ ସମସ୍ତେ ଡରନ୍ତି ତାଙ୍କୁ । କିନ୍ତୁ ଅଞ୍ଜନା ସବୁବେଳେ ଫ୍ରି ରେ ରହେ । କାହିଁକି ନା ଦେବାଶିଷ ବାବୁ ନିଜ ଝିଅଠୁ ବି ବେଶି ଆଦର କରନ୍ତି ଅଞ୍ଜନାକୁ । କେବେ ଦୋଷ ଧରନ୍ତିନି । ଅଞ୍ଜନା ମଧ୍ୟ ଭୁଲିଯାଏ ତା ପିତୃହରା ଦୁଃଖ ଓ ବିଧବା ମାଁର ଯନ୍ତ୍ରଣାକୁ ଦେବାଶିଷ ବାବୁଙ୍କ ହାତ ପରଶରେ । ବେଳେବେଳେ କୁହନ୍ତି ତାକୁ .....

ଆଲୋ ମାଁ ଅଞ୍ଜୁ... ତୋ ମାଁ ପାଖକୁ ଫୋନ୍ କରିଥିଲୁ ଟି ? ଯାଉନୁ ଫୋନ୍ ଟିକିଏ କରିବୁ, ସୁଖ ଦୁଃଖ ହେବୁ । ବିଚାରି ଏକାକି ଖୋଜୁଥିବ ଯେ ! ! !

ଆପଣ ହିଁ ମୋର ସବୁକିଛି ସାହୁକାର ! !

ବାପା, ମାଁ ସର୍ବସ୍ୱ, ମୋର ବା ଆଉ କଣ ଲୋଡ଼ା ଯେ, ଅଞ୍ଜନା ଛଳଛଳ ହେଇଯାଏ ! ! !

ଝିଅ ମୁହଁରୁ ସାହୁକାର ଶବ୍ଦଟି ବେଶ୍ କାଟେ ଦେବାଶିଷ ବାବୁଙ୍କୁ ।

ମା, ବାପା ବୋଲି କହୁଛୁ, ସାହୁକାର କଣ ଯେ ? ? ?

ଆଦରେ କୁଣ୍ଢେଇ ପକାନ୍ତି ଅଞ୍ଜୁକୁ । ଆଜିଠୁ ସାହୁକାର ବୋଲି ଡାକିବୁନି ବାପା ବୋଲି ଡାକିବୁ ! ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଞ୍ଜନା ବାପା ବୋଲି ଡାକି ଦଉଡି ଯାଏ ଦେବାଶିଷ ସାର୍ ଙ୍କ ପାଖକୁ ... ! ! ! !

ଅଞ୍ଜନା ପିଲାଦିନୁ ସେଠି ବଡ଼ ହେଇଛି । ଅପାଠୁଆ ହେଲେ ମଧ୍ୟ ଉତ୍ତମ ଶିକ୍ଷା ଓ ସଂସ୍କାର ପାଇଛି । କେହିବି କହିପାରିବେନି ଅନାଥିନୀ ଅଶିକ୍ଷିତ ଝିଅଟିଏ ବୋଲି । ଚାଲି ଚଳଣି ସବୁ ଉଚ୍ଚକୋଟୀର । ଦେଖିବାକୁ ମଧ୍ୟ ଭାରି ସୁନ୍ଦରୀ । ଧାରୁଆ ମୁହଁକୁ ଶୁକ ଚଞ୍ଚୁ ପରି ନାକଟିଏ । ଖୁବ୍ ମନଲୋଭା ଚେହେରା । ଶ୍ୟାମଳିନୀ ହେଲେ ମଧ୍ୟ ଭାରି ସୁନ୍ଦର ଗଠନ । ବୀଣା ଜିଣା କଣ୍ଠସ୍ୱର । କୋଇଲି ମଧ୍ୟ ଲାଜେଇ ଯିବ ତା ଲାଳିତ୍ୟ କଣ୍ଠରେ । ଯେକେହି ଦେଖିଲେ ପସନ୍ଦ କରିବେ । ସେମିତି ଆଜି ଛାଲୁ ମଉସା ଦେଖୁଛନ୍ତି ଅଞ୍ଜନାକୁ ।

'ଛାଲୁ ମଉସା' ମନେମନେ ବିଚାର କରନ୍ତି ସତରେ ବୋହୂ କରିନେଲେ ଭଲ ହୁଅନ୍ତା । ସମ ଜାତିର । ଅନାଥିନୀ ହେଲେ କଣହେଲା । ସର୍ବଗୁଣେ ସମ୍ପୂର୍ଣ୍ଣା । ସାକ୍ଷାତ ଅନ୍ନପୂର୍ଣ୍ଣାଙ୍କ ଅବତାର, ଖୁବ୍ ଲକ୍ଷ୍ମୀବନ୍ତୀ । ପୁଅ ସୁବ୍ରତ ସହିତ ରାମସୀତା ପରି ଯୋଡ଼ି ହେବେ । ଦେବାଶିଷ ବାବୁ ହେଉଛନ୍ତି ପୁରୁଣା ସାହୁକାର ସେ କଥା କେବେ କାଟିବେନି । ଅନେକ ବର୍ଷରୁ ଚାଷକାମ ସହିତ ଘରକାର୍ଯ୍ୟ କରିଆସୁଛନ୍ତି ଛାଲୁ ମଉସା । ଖୁବ୍ ଭଲପାନ୍ତି ତାଙ୍କୁ ଦେବାଶିଷ ବାବୁ । ନିଶ୍ଚୟ ଏ ପ୍ରସ୍ତାବରେ ରାଜିହେବେ । ସ୍ଥିର କଲେ ଛାଲୁ ମଉସା ।

ଛୋଟ ମୁହଁରେ ବଡ଼କଥା, କେମିତି କହିବେ ଛାଲୁ ମଉସା, ସାହସ ହୁଏନି ତାଙ୍କ । ତଥାପି ଦିନେ ମନକଥା କହିବାକୁ ଚେଷ୍ଟାକଲେ ଛାଲୁ ମଉସା ।

ସାହୁକାରେ ମୁଁ ଟିକେ କଣ କହୁଥିଲି ଟି ! ! ! ! !

କଣ କହିବ ଛାଲୁ ହେ କୁହ .... ! ! !

ଆଜ୍ଞା ଆମ ଅଞ୍ଜୁ କୁ ମୋ ପୁଅ ସାଥିରେ ବାହାକରି ବୋହୂ କରି ନେବାକୁ ଚାହୁଁଛି ! !

କିଛି ନ କହି ଟିକିଏ ନିରବ ରହିଲେ ଦେବାଶିଷ ବାବୁ । ଓହୋ ଏଇକଥା ! ! !

ବଢ଼ିଆ ହେବ... ବଢ଼ିଆ ହେବ ଛାଲୁ ହେ ! ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ମଧ୍ୟ ସେଇୟା ଭାବୁଛି । ଅଞ୍ଜୁ ବଡ଼ ହେଲାଣି, ତାକୁ ହାତେରୁ ଦିହାତ କରିବା ମୋ କର୍ତ୍ତବ୍ୟ । ଝିଅଟିଏ ପରି ପାଳିଛି । ବଢ଼ିଆ ଝିଅଟା ସୁବ୍ରତ ସହିତ ଯୋଡ଼ି ଠିକ୍ ହେବ । ଏକଥା ଅଞ୍ଜୁର ମାଁକୁ ଟିକିଏ ଜଣେଇ ଶୀଘ୍ର ନିର୍ବନ୍ଧ କାର୍ଯ୍ୟ ସାରିଦେବା ।

ନିଷ୍ପତ୍ତି ନେଲେ ଦେବାଶିଷ ବାବୁ ,,,,  । ।

ଲଗ୍ନ ସ୍ଥିରହେଲା, ଶୁଭ ମୁହୂର୍ତ୍ତରେ ସୁବ୍ରତ ଏବଂ ଅଞ୍ଜନାର ବିବାହ ସମ୍ପନ୍ନ ହେଲା । ଦେବାଶିଷ ବାବୁ ଖୁସିରେ ଝିଅକୁ ବିଦାୟ ଦେଲେ । ଝିଅ ଚାଲିଗଲା ଶାଶୁଘର ଗଣପୁରହାଟ । ଗାଁରୁ କିଛି ଦୂର କ୍ଷେତରେ ଘରକରି ରହୁଥିଲେ ଛାଲୁ ମଉସା । ତାଙ୍କ ପୁଅ ସୁବ୍ରତ ସାଥିରେ ନବ ଦମ୍ପତି ରୂପରେ ବେଶ୍ ଖୁସିରେ ରହିଲେ ସେମାନେ । ସବୁ କିଛି ଭୁଲିଯାଇ ନୂତନ ସଂସାରରେ ବାନ୍ଧି ହେଇଗଲା ଅଞ୍ଜନା । ଶାଶୁ ଶ୍ୱଶୁର ଓ ସ୍ୱାମୀଙ୍କ ସେବାରେ ସବୁବେଳେ ତା ମନ ବଳବତ୍ତର ଥାଏ । ସତେ ଯେମିତି ସେ ସ୍ୱର୍ଗସୁଖ ଲଭିଛି । ସକାଳୁ ଗାଧେଇ ତୁଳସୀ ମୂଳେ ପାଣି ଢାଳି, ସନ୍ଧ୍ୟାରେ ପ୍ରତିଦିନ ଦୀପ ଜାଳି ଈଶ୍ୱରଙ୍କୁ ପ୍ରାର୍ଥନା କରେ । ଏକ ସୁନ୍ଦର ସଂସ୍କାରି ବୋହୂ ରୂପେ ପରିଚୟ ଦିଏ ଅଞ୍ଜୁ ।

ହେଲେ ସମୟର ଚକ୍ର ବଡ଼ ବିଚିତ୍ର । କେତେବେଳେ ଉତ୍ପାତ ଝଡ଼ ତ ଆଉ କେତେବେଳେ ଫୁଲ ବର୍ଷା । କିନ୍ତୁ ଅଞ୍ଜନା ଭାଗ୍ୟରେ ମାଡ଼ି ଆସିଥିଲା ଏକ ପ୍ରଳୟଙ୍କରୀ ମହାବାତ୍ୟା । ସବୁ ଚୁର୍ ମାର୍ କରି ଭସେଇ ନେଲା ତା ସୁଖର ସଂସାରକୁ ମୁହୂର୍ତ୍ତରେ ।

ବିବାହର ମାତ୍ର ଚାରି ମାସ ବିତିଛି । ସୁବ୍ରତର ଦେହ ଭଲନାହିଁ । ଜ୍ୱର ସାଙ୍ଗକୁ ତଣ୍ଟି ଦରଜ ହଉଛି ଅନେକ ଚିକିତ୍ସିତ ହେଲା ପରେ ମଧ୍ୟ ଭଲ ହଉନି । ଏବେ ଚିକିତ୍ସିତ ହେବାପାଇଁ କଟକ ବଡ଼ ଡାକ୍ତରଖାନା ଯାଇଛନ୍ତି । ସେଠି ରିଟାୟାର୍ଡ୍ ENT ପ୍ରଫେସରଙ୍କ ତତ୍ତ୍ୱାବଧାନରେ ଟେଷ୍ଟ ରିପୋର୍ଟ ମୁମ୍ବାଇ ପଠାହେଲା । କିଛିଦିନ ରିପୋର୍ଟରୁ ଜଣାପଡ଼ିଲା ଯେ, ସୁବ୍ରତକୁ ଗ୍ଲେନ୍ କ୍ୟାନ୍ସର । ତେଣୁ ସବୁବେଳେ ଖାଇବା ବେଳେ ଖୁବ୍ କଷ୍ଟ ଅନୁଭବ

 Magazine Downloaded from www.aahwaan.com

କରନ୍ତି । ଖାଦ୍ୟ ନଳୀରେ ଘା ହେଇ କ୍ୟାନ୍ସର, ପୁଣି ଶେଷ ପାହାଚ ଅତିକ୍ରମ କରିଛି । ପ୍ରଫେସର କହିଲେ ବଞ୍ଚେଇବା ଭାରି କଷ୍ଟ । ଅପରେସନ ବାବଦକୁ ୨ ଲକ୍ଷ ଟଙ୍କା । ତଥାପି ଜୀବନର କୌଣସି ଗ୍ୟାରେଣ୍ଟି ନାହିଁ ।

ଅଞ୍ଜନା ମୁଣ୍ଡ ଉପରେ ଚଡ଼କ ପଡ଼ିଗଲା .... ! ! ! !

ଏତେ ଟଙ୍କା ..... ! ! ! !

ପାଇବ କଉଠୁ ଅଞ୍ଜନା ! ! ! ବ୍ୟାକୁଳିତ ହେଉଥାଏ;

ଖବର ଦେଲା ଦେବାଶିଷ ବାବୁଙ୍କୁ । କିଛି ଟଙ୍କାର ସାହାଯ୍ୟ ପାଇଁ । ଦେବାଶିଷ ବାବୁ ମଧ୍ୟ ଖବର ଶୁଣି ମର୍ମାହତ ହେଇଗଲେ । ସଙ୍ଗେସଙ୍ଗେ ପଚାଶ ହଜାର ଟଙ୍କା ଧରି ପହଞ୍ଚିଲେ ଅଞ୍ଜୁ ପାଖକୁ । ଏବଂ ଝିଅକୁ ଶାନ୍ତ୍ୱନା ଦେଇ ବୁଝାଇ କହିଲେ କିଛି ହବନି ଧୟ୍ର ଧର ! ! !

କିନ୍ତୁ ଅଞ୍ଜନା ପାଖରେ ଆଉ ଧୈର୍ଯ୍ୟ ନଥିଲା । କାହିଁକି ନା ସେ ସମ୍ପୂର୍ଣ୍ଣ ଜାଣିଥିଲା ତା ସ୍ୱାମୀ ସୁବ୍ରତ ଆଉ ବଞ୍ଚିବେନି । ବଞ୍ଚିଛନ୍ତି ସତ ହେଲେ, ନିଶ୍ଚୟ୍ର ମରିଯିବେ ତା ଆଖି ସାମ୍ନାରେ ଅଳ୍ପ ଦିନ ମଧ୍ୟରେ । ଅଣନିଃଶ୍ୱାସୀ ହେଇଯାଉଥାଏ ପ୍ରତି କ୍ଷଣ କ୍ଷଣକରେ । ଆଠ ମଙ୍ଗୁଳାର ଶାଢ଼ୀ ଏଯାଏଁ ଚିରିନି ହେଲେ ବିଧବା ଶାଢ଼ୀଟା ବୋଧେ ହାତଠାରି ଡାକୁଛି, ଆଲୋ ଆ.... ଆଲୋ ଅଞ୍ଜୁ ... ଆ ...... ! ! ! !

ଆଖି ପୁରିଥାଏ ଆଖିର ଲୁହରେ ,,

ଅଞ୍ଜନା ସେମିତି ପୋଛୁଥାଏ ତା'ଆଖି ଲୁହକୁ ପିନ୍ଧିଲା କାନି ପଣତରେ ......... ! ! ! ! !

କିରାବାହାଲ, ଜୁରିଆ, ପାଟଣାଗଡ଼, ବଲାଙ୍ଗିର
ମୋ :୮୧୪୪୨୪୯୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସଂସ୍କାର



ମାନସ କୁମାର ମହାନ୍ତି

ସେଦିନ ପୁଅକୁ ନେଇ ମୁଁ ମନ୍ଦିର ବାହାରିଲି, ମନ୍ଦିର ଗେଟ ପାଖରେ ଗାଡି ରଖି ଓହ୍ଲାଇବା ବେଳକୁ ଗୋଟେ ଗାଈ ଦେହରେ ମୋ ଗୋଡ଼ ବାଜିଗଲା, ମୁଁ ତାକୁ ମୁଣ୍ଡିଆ ମାରିଲି । ପୁଅ ମୋତେ ପଚାରିଲା, ବାପା ତାକୁ କାଇଁ ବିଷ୍ଣୁ କଲ ? ମୁଁ କହିଲି, ସେ ପରା ଗୋମାତା ତା ଦେହରେ, ଭଗବାନ ଅଛନ୍ତି ।

ମନ୍ଦିରରେ ଭଗବାନଙ୍କୁ ଦର୍ଶନ କଲି, ବେଢ଼ା ପରିକ୍ରମା କରିବା ବେଳେ ମନ୍ଦିର ପଛପଟେ, ଭଗବାନଙ୍କ ମୂର୍ତ୍ତି ପଛପଟେ କାନ୍ଥରେ ମୁଣ୍ଡିଆ ମାରିଲି, ତା'ତଳ ପିଣ୍ଡିରେ ବସିପଡ଼ିଲି । ମୋ ପୁଅ ଏ ସବୁକୁ ଲକ୍ଷ୍ୟ କରୁଥିଲା, ପଚାରିଲା, ବାପା ତମେ ସେ ଉପର ପଥରରେ ମୁଣ୍ଡିଆ ମାରିଲ ଅଥଚ ଏ ତଳ ପଥର ଉପରେ ବସି ପଡ଼ିଲା ଏଥିରେ କଣ ଭଗବାନ ନାହାନ୍ତି ?

ମନ୍ଦିରରୁ ଫେରିବା ବେଳକୁ ଦେଖିଲି, ଗୋଟେ କୁକୁର ମୋ ଗାଡି ଉପରେ ମୁତୁଛି, ରାଗରେ  ଗୋଟେ ଗୋଇଠା ତାକୁ ମାରିଲି । ସେ କେଂ କେଂ ହୋଇ ପଳାଇଲା । ମୋ ପୁଅ ମତେ ପଚାରିଲା, ବାପା ତାକୁ କାଇଁ ଗୋଇଠା ମାରିଲା ? ମୁଁ କହିଲି ଦେଖୁନୁ ସେ କେମିତି ଗାଡି ଉପରେ ମୁତୁଛି । ପୁଅ କହିଲା ବାପା ତା ଦେହରେ କଣ ଭଗବାନ ନାହାନ୍ତି ? ତମେ ପରା କହୁଥିଲ ଭଗବାନ ସମସ୍ତଙ୍କ ଦେହରେ ଅଛନ୍ତି ।

ମୋ ପାଖରେ ତା ପ୍ରଶ୍ନର କିଛି ଉତ୍ତର ନଥିଲା । ମୁଁ ଚୁପ ରହିବାକୁ ପସନ୍ଦ କଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରିବା ବେଳକୁ ଭିକାରୀମାନଙ୍କୁ କିଛି ପଇସା ଦାନ ଦେଲି ।

ବଜାରକୁ ଆସିଲି କିଛି ଶାଗ ଓ ପରିବା କିଣିଲି । ସେ ଶାଗବାଲି ବୁଢ଼ୀ ସାଙ୍ଗରେ ମୋର ଟିକେ ଝଗଡା ହେଇଗଲା । ଏତିକି ଟିକେ ଶାଗକୁ ୧୦ ଟଙ୍କା କହୁଛି । ବୁଢ଼ୀକି ରାଗରେ ଟିକେ ଗାଳି ଦେଲି । ଶାଗ ନ ନେଇ ଫେରିଆସିଲି । ପୁଅ ପଚାରିଲା ସେ ଶାଗ କେତେ ଟଙ୍କା ହୋଇଥାନ୍ତା ? ମୁଁ କହିଲି ଏ କେତେ ୫-୭ ଟଙ୍କା । ପୁଅ କହିଲା ବାପା ମନ୍ଦିର ପାଖରେ ତମେ ଯାଚିକରି ସେ ଭିକାରୀ ମାନଙ୍କୁ ପଇସା ଦେଲା, ଅଥଚ ଏଠି ଗୋଟେ ବୁଢ଼ୀ ମାଉସୀ ସାଙ୍ଗେ ମାତ୍ର ଟଙ୍କା ୩ ଟା ପାଇଁ ଝଗଡା କଲ ?

ତମେ ପରା ମୋତେ କହୁଥିଲ ବଡ଼ମାନଙ୍କୁ ତୁ ନ କହି ତମେ କହିବା ପାଇଁ, ତମେ ତ ସେ ଶାଗ ମାଉସୀଙ୍କୁ ତୁ ତା କରି କହିଲା । ସେ କଣ ତୁମ ଠାରୁ ବଡ଼ ନୁଁହାନ୍ତି କି ?

ଅନ୍ୟ ଏକ ଦିନ ମୁଁ ଘରେ ଥାଏ, ମୋ ଅଫିସର ବଡ଼ବାବୁ ଫୋନ କରିଥିଲେ, ମୁଁ ମୋ ସ୍ତ୍ରୀକୁ କହିଲି କହିଦିଅ ମୋତେ ଜର ହୋଇଛି । ମୋ ସ୍ତ୍ରୀ ବି ସେୟା କହିଦେଲା । ପାଖରେ ବସି ଟିଭି ଦେଖୁଥିବା ମୋ ପୁଅ ମୋତେ ଏମିତି ଚାହିଁଲା ଯେ ମୋତେ ଚୋର ପରି ଲାଗିଲା । ସେ କହିଲା ବାପା ତମେ ମୋତେ ମିଛ କହିବାକୁ ମନାକରୁଛ, ନିଜେ କେମିତି ମିଛ କହୁଛ ? ଆମ ସାର କହୁଥିଲେ... ମିଛ କହିବା ମହାପାପ... ରାତିରେ ଦେଖିବ ନାଗ ସାପ ।

ସନ୍ଧ୍ୟା ହେଲା, ପୁଅ ଖେଳିକରି ଘରକୁ ଆସିଲା ମୁଁ କହିଲି ଯା ଗୋଡ ହାତ ଭଲକରି ଧୋଇଦେ, ଠାକୁରଙ୍କ ପାଖରେ ପ୍ରାର୍ଥନା କର ତାପରେ ବସିକି ପାଠପଢ଼ କହି ମୁଁ ଟିଭି ଦେଖୁଥାଏ । ପୁଅ  ପ୍ରାର୍ଥନା ସାରି ଆସିଲା, ମୁଁ ଖଟରେ ଶୋଇଥାଏ । ପୁଅ ପଚାରିଲା ବାପା ସନ୍ଧ୍ୟାବେଳେ କଣ ସମସ୍ତେ ପ୍ରାର୍ଥନା କରନ୍ତି ? ମୁଁ କହିଲି ହଁ । ସେ କହିଲା ତମେ ତ କେବେ ପ୍ରାର୍ଥନା କରୁନ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ପୁଅ ବହିଖାତା ସବୁବେଳେ ଏଠି ସେଠି ଫୋପାଡ଼ି ଦିଏ, ଦର୍କାରବେଳେ ଖୋଜି ଖୋଜି ହଇରାଣ ହୁଏ । ତେଣୁ ମୁଁ ତାକୁ ସବୁବେଳେ ପାଟି କରେ । ଜିନିଷ ପତ୍ର ସଜାଡ଼ିକି ରଖ । ଦିନେ ମୁଁ ତରତର ହୋଇ ଅଫିସ ବାହାରିବା ବେଳକୁ ମୋ ବେଲ୍ଟଟା ପାଇଲିନି । ମୋ ସ୍ତ୍ରୀକୁ ପାଟି କଲି । ସେ କହିଲା ତମେ ତ ସବୁବେଳେ ପ୍ୟାଣ୍ଟ ସାର୍ଟ ଏଠି ସେଠି ପକେଇଦେବ । ମୁଁ ଖୋଜୁଛି ରୁହ । ପୁଅ ଟିଭି ଦେଖୁଥିଲା, ସେ ବୋଧେ ଆମ କଥା ଶୁଣିପାରିଲା, ଟିଭିର ଭଲ୍ୟୁମ କମ  କରିଦେଲା । ମୋ  ବେଲ୍ଟଟା ଖୋଜିଆଣି ମୋ ହାତକୁ ବଢାଇଦେଲା । ସେ କିଛି ନ କହି ବି ତା ଚାହାଣୀରେ ମୋତେ କିଛି କହୁଥିଲା ।

ସେ ବ୍ୟସ୍ତ ବହୁଳ ଜୀବନ ହେଉ ବା ହେଉ ଜ୍ଞାନ, ଆମେ ବାସ୍ତବ ଠାରୁ ବହୁତ ଦୂରକୁ ଚାଲି ଯାଇଛେ । ଆମର କଥା ଓ କାମ ଭିତରେ କିଛି ସାମଞ୍ଜସ୍ୟ ରହୁନି । ଆମେ ଆମ ପିଲାମାନଙ୍କ ଠାରୁ ଯାହା ଆଶା କରୁଛେ, ଆମେ ନିଜେ ସେୟା କରୁ ନାହୁଁ । ଆମେ ଆମ ପିଲା ମାନଙ୍କ ପାଇଁ ଆଦର୍ଶ ହୋଇପାରୁ ନାହେଁ କିନ୍ତୁ ଆଶା କରୁଛେ ଯେ ଆମ ପିଲାମନେ ଆଦର୍ଶ ହୁଅନ୍ତୁ । ।

ମାନସ କୁମାର ମହାନ୍ତି

ଖାକିମଠ, ନୂଆସାହି

ପୁରୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁଜି ନେତା



ମହେଶ୍ୱର ସାହୁ

ପିଲାଟି ଭାରି ସରଳ, ଶାନ୍ତ ଓ ଜିଦ୍‌ଖୋର ସ୍ୱଭାବର । ଜୀବନର ସମସ୍ତ ପ୍ରାଥମିକତାରେ ପିତାମାତାଙ୍କର ଆଶୀର୍ବାଦ ଏକାନ୍ତ କାମ୍ୟ ହୋଇଥାଏ । ପିତାମାତା ଆଶିଷରୁ ସନ୍ତାନ ସୁଖୀ ହୋଇଥାନ୍ତି ।

ପାଠ ପଢିବା ଓ ଶିକ୍ଷିତ ହେବା ସମସ୍ତ ପିତାମାତାଙ୍କର ପିଲା ପ୍ରତି ଲକ୍ଷ୍ୟ ରହିଥାଏ । ସେମିତି ଭରତ ଉପରେ ବାପାଙ୍କର ବିଶ୍ୱାସ ରହିଥିଲା । ମୋ ଭରତ ପାଠ ପଢିବ ଓ ଭଲ ମଣିଷ ହେବ । ହେଲେ ପାଠରେ ଦୁର୍ବଳ ଥିବା ଭରତର ଆଗ୍ରହ ନଥିଲା ପାଠ ଉପରେ । ଭରତ ପାଠ ପଢୁ ଥାଏ ଓ ସବୁବେଳେ ସାଙ୍ଗ ସାଥି ଧରି ବୁଲିହେଉଥାଏ । ବାପା ମାଆ ଓ ଶିକ୍ଷକ ଯେତେ ବାଧ୍ୟ କଲେ ମଧ୍ୟ ପାଠଉପରେ ଧ୍ୟାନ ଦେଉ ନ ଥାଏ । ଶେଷରେ ଦଶମ ପରୀକ୍ଷାରେ ଫେଲ ହୋଇ ଘରେ ରହିବାକୁ ପଡିଲା ।

ନିଜର ପାଠ ପ୍ରତି ଦୁର୍ବଳ ମନ ଓ ଲକ୍ଷ୍ୟହୀନ ମଣିଷ କଣ ବା କରିପାରିବ । ଶେଷ ରାସ୍ତା ରହିଥିଲା ରାଜନୀତି । ରାଜନୀତି କରିବା ଉଦ୍ଦେଶ୍ୟରେ ଗାଁ ନେତାଙ୍କର କୁଜି ନେତା ସାଜିଲା ଭରତ ।

ନିର୍ବାଚନ ସମୟ ଆସିଯାଇଥାଏ । ଚାରିଆଡେ ପ୍ରଚାର ପ୍ରସାର ଆରମ୍ଭ ହେଲା । କେଉଁ ଦଳରେ ରହିଲେ ଲାଭ ଆଉ କେଉଁ ଦଳରେ ରହିଲେ କ୍ଷତି ବିଷୟରେ ଜାଣିନେଇଥିଲା ଭରତ । ନିର୍ବାଚନରେ ଲୋକ ଶାସକ ଦଳକୁ ପସନ୍ଦ କରନ୍ତି । କାରଣ ଶାସକ ଦଳର ନେତା ମାନେ ନିର୍ବାଚନରେ ବହୁତ ପଇସା ଖର୍ଚ୍ଚ କରିଥାନ୍ତି । ଭରତକୁ ଶାସକ ଦଳ ଆକର୍ଷିତ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

କରିଥିଲା । ନିଜର ଆକାଂକ୍ଷା ଓ ଲାଳସା ପୂରଣ କରିବା ପାଇଁ ସେ ସାଜିଥିଲା କୁଜି ନେତା । ଅର୍ଥାତ ନେତାଙ୍କର ଚମଚା । ଚମଚା ନ ସାଜିଲେ ଆଉ କଣ ବା କରିବ । ଦିନ ମଜୁରିଆ ହୋଇ କାମ କରିବାକୁ ତ ଭାରି କଷ୍ଟ ହେଉଛି । ଦଳର ବିଜୟ ପରେ ନେତାଙ୍କ ଠାରୁ କେତେ କାମ ଆସିବ । ଗୋଟେ ରାସ୍ତା କାମ କରାଇଲେ ଲକ୍ଷ ଲକ୍ଷ ଲାଭ । ଖାଲି ନେତା ଜିତିବା ଦରକାର ।

ମନ ମୁନ ଚୈତନ୍ୟ ଏକ କରି ଏକାଗ୍ର ଚିତ୍ତରେ ଦଳ ପାଇଁ କାର୍ଯ୍ୟରତ ରହିଥିଲା ଭରତ । ନେତାଙ୍କର ଜୟ ହେଉ ଆହ୍ୱାନରେ ଦୁଲୁକାଇ ଦେଉଥିଲା ପୁରା ସହର । ସବୁରି ହୃଦୟରେ ନିଜ ଦଳର ବିଜୟର ବାର୍ତ୍ତା ଦେବାର ପ୍ରଚେଷ୍ଟାରେ ଲାଗିରହିଥାଏ ଭରତ । ଗାଁ ଦାଣ୍ଡରେ ହିରୋ ଭଳି ବୁଲୁଥାଏ ଭରତ ଆଉ ଲୋକଙ୍କୁ କହୁଥାଏ ବିଜୟଭାଇଙ୍କୁ ବିଜୟ ଟୀକା ପିନ୍ଧେଇବା ପାଇଁ । ବିଜୟ ଭାଇ ଆମର ଭାଇ ଆଉ ଆପଣ ମାନଙ୍କର ଭାଇ ଜିନ୍ଦାବାଦ ବୋଲି ଜୋର ସୋରରେ ପ୍ରଚାର ପ୍ରସାର କରୁଥାଏ ଭରତ ।

ଆଉ ଦୁଇଦିନ ବାକି ଅଛି ମତଦାନ । ସବୁ ଦଳର ନେତାମାନେ ଜୋର ସୋରରେ ନିଜ ଦଳ ପାଇଁ ଲାଗି ଯାଇଥାନ୍ତି । ଭରତର ଗାଁରେ ଅନ୍ୟ ଏକ ଦଳର ନେତା ସରପଞ୍ଚ ପ୍ରତିନିଧି ରୂପେ ପଞ୍ଜିକରଣ କରିଥାନ୍ତି । ସେ ନିଜ ଗାଁର ଭରତ ଉପରେ ବହୁତ ବିରକ୍ତ ହେଉଥାନ୍ତି ଓ ବହୁତ ରାଗୁଥାନ୍ତି ମଧ୍ୟ । ଦୁଇଥର ଭରତକୁ କହିଲେଣି ତୁ ଆମ ଦଳରେ ସାମିଲ ହୋଇ ଯାଆ । ନ ହେଲେ ଭଲ କଥା ହେବନି । ହେଲେ ଭରତ କୁହେ ସାମିଲ ନ ହେଲେ କଣ କରିବ ଯେ । ମୋ ବିଜୟ ଭାଇ ନିଶ୍ଚୟ ଜିତିବ । ସେ ବହୁତ ଭଲ ଲୋକ ଆଉ ତମେ ଚୋର ! ତମେ ସରପଞ୍ଚରେ ଜିତିଲେ ପୁରା ପଞ୍ଚାୟତକୁ ଖାଇଦେବ । ତମେ ଆମ ଗାଁ ଲୋକ ହେଲେ ତମେ ଚୋର ଆଉ ଠକ ତମକୁ କିଏ ମତଦାନ ଦେବ ଯେ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହୁତ ଚିଡିଯାଏ ବିକ୍ରମ । ମୋ ଗାଁ ଲୋକ ହୋଇ ଅନ୍ୟ ଏକ ଗାଁର ଲୋକର ଦଳକୁ ସହଯୋଗ କରୁଛି । ଏକୁ ପାନେ ଦେବାକୁ ହେବ । ସୁଯୋଗ ଖୋଜିବାରେ ଲାଗିରହିଥାଏ ବିକ୍ରମ । ବିକ୍ରମର ଲକ୍ଷ୍ୟ ନିର୍ବାଚନରେ ଜିତିବ । ନିର୍ବାଚନରେ ହାରିଗଲେ ମାନ ଇଜ୍ଜତ ସବୁ ମାଟିରେ ମିଶିଯିବ । କରଜ କରି ନିର୍ବାଚନରେ ଲଢୁଛି ଯଦି ହାରିଯାଏ ତେବେ ମହାଜନକୁ ପଇସା କଉଠୁ ଆଣିକି ଦେବି ! ଏମିତି ଚିନ୍ତାରେ ରହିଥାଏ ବିକ୍ରମ । ନିର୍ବାଚନର ପୂର୍ବଦିନ ପ୍ରତିନିଧି ମାନେ ଗାଁ ସାହିରେ ବୁଲି ଅର୍ଥ ଦାନ କରିଥାନ୍ତି । କାହାକୁ ମାଂସ ମଦ ଦିଆଯାଏ ତ କାହାକୁ ଟଙ୍କା ଶହେ । ଏମିତି ନ ଦେଲେ ଲୋକ ରାତା ରାତି ବଦଳିଯିବେ ।

ନିର୍ବାଚନର ପୂର୍ବଦିନ ଭରତ ପୁରା ଦମରେ ବୁଲି ହେଉଥାଏ । ବିଜୟ ଭାଇକୁ ମତଦାନ କର ବୋଲି ଗାଁ ସାରା ଲୋକଙ୍କୁ ବୁଝାଉଥାଏ । ହଠାତ ବିଜୟ ଭାଇ ଫୋନ କରି କହିଲେ ଭରତ ମୋ ପାଖରୁ କୋଡିଏ ହଜାର ଟଙ୍କା ନେଇଯାଅ । ଆଉ ତମ ଗାଁରେ ଯେଉଁ ମାନେ ମୋତେ ମତଦାନ କରିଲା ଭଳି ଲାଗିବ ସେମାନଙ୍କୁ କିଛି କିଛି ଦେଇ ଦେବ । ଭରତ ବହୁତ ଖୁସି ହୋଇଗଲା । ପ୍ରଥମ ଥର ତା ପାଖକୁ ରାଜନୀତିରୁ ଟଙ୍କା ଆସିବ ପୁଣି ମୋଟା ଅଙ୍କରେ । ଭରତ ଯାଇ ବିଜୟ ଭାଇଙ୍କ ପାଖରୁ ଟଙ୍କା ନେଇଆସିଲା ଓ ଗାଁରେ ଲୋକଙ୍କୁ କିଛି କିଛି ଦେବାକୁ ଲାଗିଲା । ନିର୍ବାଚନ ପୂର୍ବଦିନ ରାତି । ନିଜ ଗାଁରେ ଭରତ ନିର୍ଦ୍ୱନ୍ଦରେ ବୁଲୁଥାଏ । ଭରତ ମଧ୍ୟ ବହୁତ ସାହସୀ ଓ ସ୍ୱାସ୍ଥ୍ୟବାନ ମଧ୍ୟ । କୌଣସି ଟୋକା ତା ସାମ୍ନା କରିବାକୁ ଭୟ କରନ୍ତି । ବିକ୍ରମ କାନକୁ ଭରତ ପଇସା ବାଣ୍ଟୁଥିବାର ଖବର ପହଞ୍ଚିଲା । ସେ ରାଗି ପୁରା ପୁରି ଖପ୍ପା ।

ଭରତ ପଇସା ଦେବା ଦ୍ୱାରା କିଛି ଲୋକ ତା ଆଡ଼କୁ ଆକର୍ଷିତ ହେଉଥାନ୍ତି । ଭରତ ଭାଇ କହି ତା ପଛରେ ମଧ୍ୟ କିଛି ଲୋକ ବୁଲୁଥାନ୍ତି । ନିର୍ବାଚନର ପୂର୍ବ ରାତିର

 Magazine Downloaded from www.aahwaan.com

ପରିବେଶରେ ଭରତର କୁଜିନେତାର ବେଶ । ଗାଁ ସାରା ବୁଲି ହେଉଥାଏ । ବିକ୍ରମ ଦଳର ଲୋକ ମାନେ ମଧ୍ୟ ବୁଲି ହେଉଥାନ୍ତି । ସମସ୍ତେ ଲୁଚା ଛପାରେ ଟଙ୍କା ବାଣ୍ଟୁଥାନ୍ତି ।

ରାତ୍ରିର କରାଳ ବୁକୁରେ ବିକ୍ରମର ସାମ୍ନା ସାମ୍ନି ହୋଇ ଗଲା ଭରତ ସହିତ ।

ବିକ୍ରମ, "ଭରତ ନିଜ ଗାଁ ଲୋକକୁ ଛାଡି ଅନ୍ୟଗାଁ ଲୋକ ପାଇଁ ପଇସା ବାଣ୍ଟୁଛୁ । ଏଇଟା ତୋ ପାଇଁ ଭାରି ପଡିବ ।"

ଭରତ, "ଏଇଟା ଆମର ଗଣତନ୍ତ୍ର ରାଷ୍ଟ୍ର । ଯିଏ ଯାହାର ପସନ୍ଦ ସିଏ ତାକୁ ଭୋଟ ଦେଇ ପାରିବ ।"

ବିକ୍ରମ, "ମୁଁ କଣ ତୋର ପସନ୍ଦ ନୁହେଁ ?"

ଭରତ, "ନାଁ ନାଁ ନାଁ... ତୁମେ ମୋର ପସନ୍ଦ ନୁହଁ !"

ବିକ୍ରମ, "ମୁଁ କାହିଁକି ତୋର ପସନ୍ଦ ନୁହେଁ ? ମୁଁ କଣ ତୋତେ ଗନ୍ଧାଉଛି କି ?"

ଭରତ, "ତୁମେ ଗନ୍ଧାଉଛୁ ତା ସହିତ ତୁମେ ସରପଞ୍ଚ ହେଲେ ୟେ ପଞ୍ଚାୟତକୁ ପାଞ୍ଚ ବର୍ଷ ପାଇଁ ତଳକୁ ପେଲିଦେବ !"

ବିକ୍ରମ ଓ ତାର ଦଳର ଲୋକ ମାନେ ଭରତ ଉପରେ ଆକ୍ରମଣ କରିଥିଲେ । ଭରତ ମଧ୍ୟ ଛାଡିବା ଲୋକ ନୁହେଁ, ସେ ମଧ୍ୟ ଓଲଟା ଆକ୍ରମଣ କରିଥିଲା । ଧସ୍ତାଧସ୍ତି ଓ ପେଲାପେଲି ହେଉ ହେଉ ଗଣ୍ଡଗୋଳରେ ପରିଣତ ହୋଇଥିଲା । ବିକ୍ରମ ପକ୍ଷରେ ଥିବା କିଛି ମଦ୍ୟପ ଭୁଜାଲିରେ ଭରତ ଉପରେ ଆକ୍ରମଣ କରିଥିଲେ । ଭରତ ସପକ୍ଷରେ ଥିବା ଲୋକ ଭରତକୁ ରକ୍ତାକ୍ତ ଦେଖି ଦଉଡି ପଳାଇ ଯାଇଥିଲେ । ଭରତ ବେହୋସ ହୋଇ ଯାଇଥିଲା । ଗଣ୍ଡଗୋଳ ବଢି ଯାଇଥିଲା । ଦୁଇ ପକ୍ଷ ମଧ୍ୟରେ ରାତ୍ରି ସଂଗ୍ରାମ ଚାଲିଲା । ଭରତର ଶରୀରରେ ବହୁତ ଆଘାତ ଲାଗିଥାଏ । ରକ୍ତାକ୍ତ ହୋଇଯାଇଥାଏ ସମ୍ପୂର୍ଣ୍ଣ ଶରୀର । ବିଜୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଇ ଖବର ପାଇ ଘଟଣା ସ୍ଥଳରେ ପୋଲିସ ଧରି ପହଞ୍ଚି ଥିଲେ । ଭରତକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠା ଯାଇଥିଲା ।

ସମ୍ପୂର୍ଣ୍ଣ ରାତି ଦୁଇ ଦଳ ମଧ୍ୟରେ ଛକା ପଞ୍ଝା ଚାଲିଥାଏ । ଅନ୍ଧାରିଆ କିଏ କାହାକୁ ବାଡେଇ ଦେଉଥାଏ ତ କିଏ କାହା ଘରେ ନିଆଁ ଲଗେଇ ଦେଉଥାଏ । ପରିସ୍ଥିତି ଦେଖି ଥାନା ଅଧିକାରୀ ଏକ କାର୍ଟୁନ ପୋଲିସ ମୃତୟନ କରାଇଲେ ପଞ୍ଚାୟତ ପାଇଁ ।

ରାତି ପହିଲା ନିର୍ବାଚନ ମଧ୍ୟ ହେଲା । ଭରତ ଦେହରେ ରକ୍ତର ଅଭାବ ଥିବାରୁ ବିଜୟ ଭାଇ ରକ୍ତ ପାଇଁ ସମ୍ପୂର୍ଣ ଖର୍ଚ୍ଚ ଯୋଗାଇ ଦେଲେ । ହେଲେ ଭରତ ମତଦାନ ଦେଇ ପାରିନଥିଲା ।

ନିଜେ ଚାଷବାସ କରି ନିଜର ପେଟ ପୋଷୁଛି ହେଲେ ତାକୁ କେହି ରାଜନୀତି କଥା କହିଲେ ହାତ ଯୋଡି ନମସ୍କାର ହୋଇ କହେ ଜୀବନରେ କୁଜିନେତା ହେବି ନାହିଁ ।

ଲେଖକ:ମହେଶ୍ୱର ସାହୁ

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,

ବାଲେଶ୍ୱର (ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରକୃତି ଓ ସଂସ୍କୃତି



ରାଜେଶ କୁମାର ବାରିକ

DJ ଭଜନରେ ଗାଁ ଦାଣ୍ଡ କମ୍ପିଉଠୁଥାଏ । ମଝିରେ ମଝିରେ ହରିବୋଲ ସାଙ୍ଗକୁ ଗାଁ ପିଲା ମାନଙ୍କ ଚିତ୍କାର ଦେହକୁ ଶିହରାଇ ଦେଉଥାଏ । ଆଉ ନିଜକୁ ସମ୍ଭାଳି ପାରିଲାନି ଚନ୍ଦନ । ଧାଇଁଆସିଲା ଜେଜେଙ୍କ ପାଖକୁ

ଜେଜେ.... ଜେଜେ ଚାଲ ଆମେ ଦୋଳମଣ୍ଡପ ପାଖକୁ ଯିବା ମୋର ସବୁସାଙ୍ଗ ମାନେ ସେଠାକୁ ଆସିଛନ୍ତି । ଚାଲନା ଜେଜେ......... ।

ଚେୟାର ଉପରୁ ନିଜକୁ ପ୍ରସ୍ତୁତ୍ କରିନେଇ କହିଲେ । ନାରେ ବାବା ମୋର ସେଠାକୁ ଯିବାର ନାହିଁ କି ଭଗବାନଙ୍କୁ ଅପମାନ କରିବାର ନାହିଁ । ତା ପରେବି ମୋ ଦେହ ଭଲ ନାହିଁ ତୁଛାକୁ ଦେହ କିଆଁ ବିଗାଡିବି । ତୁ ଯା ତୋ ମମିକୁ କହିବୁ....... !

ମମି ବାବାଙ୍କ ସଙ୍ଗେ ବଜାରକୁ ଯାଇଛନ୍ତି ପରା କଲର ଆଣିବାକୁ । ତୁମେ ଚ୍‌ଲନା ପ୍ଲିଜ୍ ଜେଜେ ଚାଲନା ।

ଦେଖ୍ ଚନ୍ଦନ ତୁ ଜିଦ୍ କରନା । ସେଠାରେ ତ ମେଞ୍ଚା ମେଞ୍ଚା ଭଗବାନ ଫଟୋ ଥିବା ସିନ୍ଦୁର, ଧୂପ, ବିସ୍କୁଟ୍, ଚେନାଚୁରର କାଗଜ ଜରି ସବୁ ତଳେ ଗଡୁଥିବେ । ସେମାନଙ୍କ ଠାରୁ ନିଜକୁ ରକ୍ଷା କରି ଦୋଳ ମଣ୍ଡପରେ ଭଗବାନଙ୍କୁ କେମିତି ପୁଜାକରିବା । ତା ପରେ ଏଇ DJ ଭଜନରେ ଉଦଣ୍ଡିଆ ନାଚ କଣ ଆମକୁ ଶୋଭା ଦେଉଛି । ଏମିତିରେ ମୋର ସବୁ ରୋଗ ଆଉ ବିଗାଡିବାକୁ ଯିବିନି ତୁ ଯା........

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

(ମନ ଦୁଃଖ କରି ତୁନି ହୋଇ ବସିଲା ଚନ୍ଦନ ଆଉ କହିଲା) ତୁମେ ପରା କହୁଥିଲ ଭଗବାନ ସବୁଠି ଅଛନ୍ତି ତାହାଲେ ବିସ୍କୁଟ୍ ଚେନାଚୁର ଜରି କାହିଁକି ଦେଖୁଛ ଯେ। ବରଷକରେ ଥରେ ଦୋଳ ପୂର୍ଣ୍ଣିମା ଆସିଛି ପାଗବି ଭଲ ଅଛି ତାପରେ ବି ତୁମେ ଏମିତି କାହିଁକି କହୁଛ ଜେଜେ ପ୍ଲିଜ୍ ଚାଲନା ।

ଆମ ସଂସ୍କୃତି ଆମ ପରମ୍ପରା ନାମରେ ବିଦେଶୀ ସଂସ୍କୃତିର ତଡକ୍କାରେ ଭକ୍ତି ଭାବନା ନାମରେ ବେପାରକୁ ଅଗ୍ରାଧିକାର ଦିଆଯାଉଛି । ବିବାହ ଠାରୁ ବ୍ରତ ଘର, ଜନ୍ମଦିନ ଠାରୁ ଶ୍ରାଦ୍ଧବାର୍ଷିକୀ ପର୍ଯ୍ୟନ୍ତ ସବୁ ମନ୍ଦିରରେ ଆୟୋଜନ ହେଉଛି । ଏପରିକି ବିଭିନ୍ନ ଧର୍ମର ଲୋକ ଭଗବାନଙ୍କ ନାମରେ ଚଡି, ବେନିୟନ କମ୍ପାନୀ ମଧ୍ୟ ଭଗବାନଙ୍କ ନାମରେ କରୁଛନ୍ତି । ଏ ସବୁ ପ୍ରହସନ ଭିତରେ ଆମେମାନେ ଆମ ମୂଳ ଉଦ୍ଦେଶ୍ୟଠାରୁ ଦୂରକୁ ଚାଲିଯାଉଛୁ । ଭଗବାନଙ୍କ ନାମରେ ଭକ୍ତିଭାବ ଠାରୁ ବେପାରକୁ ଅଧିକ ଗୁରୁତ୍ୱ ଦେଉଛୁ । ତୁମେ ଏବେ କୁହ ଆମପାଇଁ ଭକ୍ତି ବଡ ନା ଆମପାଇଁ ପ୍ରାପ୍ତି ବଡ ।

ସତ କଥା ଜେଜେ ହେଲେ ଆମ ସମାଜ କଣ ? ଏସବୁକୁ ମାନୁଛି । ଆମେ ପାଠକୁ ଭଗବାନ ମାନୁଥିବା ବେଳେ ସବୁ ଜୋତା ତଳେ ଲେଖା ରହୁଛି । ତମାଖୁ ଗୁଟୁଖା ଦେହପାଇଁ କ୍ଷତିକାରକ ହୋଇଥିବା ବେଳେ ଭଗବାନ ଙ୍କ ନାମରେ ଅଧିକ ବିକ୍ରି ହେଉଛି । କିନ୍ତୁ ଆମେ କରିବା କଣ ? ଆଜିର ସଭ୍ୟ ସମାଜରେ ବଞ୍ଚିବାକୁ ହେଲେ ଯାବତୀୟ ଅସଭ୍ୟ କାମ କରିବାକୁ ପଡୁଛି । ନା ଅଛି ଭକ୍ତି ନା ଅଛି ମୁକ୍ତି ଖାଲି ପ୍ରାପ୍ତି ଆଉ ପ୍ରାପ୍ତି ।

ପ୍ରକୃତିକୁ ବିଗାଡିବାକୁ ଯାଇ ବନ୍ୟା, ବାତ୍ୟା, ଭୂମିକମ୍ପ ସବୁ ଯାବତୀୟ ପ୍ରାକୃତିକ ବିପର୍ଯ୍ୟୟ ସବୁ ଏଇଥିପାଇଁ । ଦେଖୁନୁ ଚିନରେ ଏଇ ପ୍ରକୃତିକୁ ବିଗାଡିବାକୁ ଯାଇ କରୋନାରେ ହଜାର ହଜାର ସଂଖ୍ୟାରେ ମରିଗଲେ । ଆମ ବେଳ ବେଶୀ ଦୂର ନୁହେଁ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେଠୁ ସତର୍କ ହେବାର ସମୟ ଆସିଯାଇଛି ନହେଲେ ପ୍ରକୃତି ନିଜେ ନିଜର ରାସ୍ତା ବନାଇ ନେବ । ସତର୍କ ରୁହ ସଠିକ୍ ରୁହ ।

ସତକଥା ଜେଜେ ଆମକୁ ଆମର ଆଦତ୍ ବଦଳାଇବାକୁ ହେବ । ନହେଲେ ଏଇ ସୁନ୍ଦର ପୃଥିବୀ ଟା ଅସୁନ୍ଦର ହେବାକୁ ବେଶି ସମୟ ଲାଗିବନି ।

(କବାଟ ଠକ୍ ଠକ୍ ଆବାଜ୍ ହେଲା ଚନ୍ଦନ ଉଠିଯାଇ କବାଟ ଖୋଲେତ ବାବା ଆଉ ମାମା ଆସିଛନ୍ତି) ବହୁତ ଗୁଡାଏ ଖେଳନା ଦେଖି ଖୁସି ହେଲା ସତ, ସେଥିରେ ଥିବା ଭଗବାନଙ୍କ ଫଟୋ ସବୁ କାଢି ଦେଇ ମହାଆନ୍ଦରେ ଖେଳିଲା ।

ରାଜେଶ କୁମାର ବାରିକ୍

ଦେବେନ୍ଦ୍ର ପୁର,ଅଭଣା , ବାଲେଶ୍ୱର

ମୋ ୯୯୯୮୭୨୨୩୩୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶକ୍ତିରୂପେଣ



ସୁଶ୍ରୀସାବିତ୍ରୀ ସ୍ୱାଇଁ

ନାଁଟି ତା'ର ସେବତୀପୁର, ନିପଟ ମଫସଲ ଗରିବ ଗୁରୁବାଙ୍କ ଗାଁ ସେଇଟା । ଗାଁରେ ଅଛି ଅସହାୟ ପାଗଳୀଟିଏ, ନା ଅଛି ତାର କୌଣସି ପରିବାର ନା କୁଡ଼ିଆ । ପାଖାପାଖି ୨୫ ବର୍ଷ ବୟସ ହେବ !ନୁଖୁରା ଅସଜଡା ଚୁଟି ।କିଏ କେତେବେଳେ ଦୟା କରି ମୁଠିଏ ଖାଇବାକୁ ଦେଲେ ସେତକ ତା ପାଇଁ ଢେର୍, ନହେଲେ ଭୋକ ଉପାସରେ ବୁଲୁଥାଏ ।

ଗାଁ ବ୍ରାହ୍ମଣ ସାହିରେ, ନରି ମିଶ୍ରର ଗରିବ ସଂସାରଟିଏ, ଘରେ ମିଶ୍ରକୁ ଛାଡ଼ିଦେଲେ, ତା ଦୁନିଆ ତାର କଲେଜ ପଢୁଆ ଝିଅ ପାଖେ ସରିଯାଏ, ନା ମାନିନୀ, ଯିଏ ରୂପରେ ଓ ଗୁଣରେ ଗୋଟିଏ ଚାଉଳରେ ଗଢ଼ା । ମିଶ୍ରବାବୁ ଗାଁ ମନ୍ଦିରେ ପୂଜା ପାଠ କରି ଯାହା ଦୁଇ ପଇସା ପାଆନ୍ତି ସେଇ ପଇସାରେ, ଏ ବାପାଝିଅ କଷ୍ଟେମଷ୍ଟେ ଚଳି ଯାଆନ୍ତି । ଆଖପାଖ ଗାଁରେ ମିଶ୍ରଙ୍କର ଖାତିରି ବହୁତ, ଗାଁବାସୀ ବି ବହୁତ ମାନନ୍ତି ।ମାନିନୀର ସୁନ୍ଦରତା ସେଥିରେ ପୁଣି କଲେଜ ଟପର, ଏଲାଗି ଘରେ ଭରି ଭରି ବିବାହ ପ୍ରସ୍ତାବ, କିନ୍ତୁ ମିଶ୍ରବାବୁ ଏସବୁକୁ ଏଡେଇ ଦିଅନ୍ତି । କଥାଟି ହେଉଛି, ବାପା ଝିଅର ଏକ ମାତ୍ର ସ୍ୱପ୍ନ, ମାନିନୀ ଅଧିକରୁ ଅଧିକ ପାଠପଢି, ବଡ ହାକିମ ଟିଏ ହେବ ।

ବଡ ଆଶ୍ଚର୍ଯ୍ୟର ବିଷୟ ଯେ ଏତେ ସବୁ ଗୁଣର ଅଧିକାରୀ ହୋଇ ମଧ୍ୟ, ମାନିନୀ ସେଇ ପାଗିଳି ଉପରେ ଅହେତୁକ ସ୍ନେହ ଭଲପାଇବା ରଖିଥାଏ । ପାଗଳୀର ମନଟା ସେଇ ମାନିନୀ ପାଖେ, ଯେବେ ବି ପାଗିଳି ତା ଘରକୁ ଯାଏ ତାକୁ କିଛି ନାକିଛି ଖାଇବାକୁ ମିଳିଯାଏ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତା ସହ ବହୁ ଆଦର ଓ ଭଲପାଇବା, ତେଣୁ ମାନିନୀ ପ୍ରତି ବି ପାଗଳୀର ଏକ ଅଲଗା ସ୍ନେହ ରହିଥାଏ ।

ପାଗଳିର ଗୋଟେ ହାତେ ମଇଳା ଗଣ୍ଠିଲି ତ ଆଉ ଗୋଟେ ହାତେ ବାଉଁଶ ବାଡ଼ି ଓ ତା ସହ ମଇଳା ଚିରାଫଟା ଲୁଗା ଖଣ୍ଡେ ପିନ୍ଧି ବୁଲୁଥାଏ । କେହି ତାକୁ ରଗାଇଲେ ବାଡ଼ି ଉଠାଇ ମାରିବାକୁ ଗୋଡ଼ାଏ । ତା ମନରେ ଯେତେବେଳେ ଯାହା ଆସିଲା ତାହା କରୁଥାଏ । ଏପରିକି କେତେବେଳେ କାନ୍ଦେ ତ କେତେବେଳେ ହସେ, ପୁଣି କେତେବେଳେ ହସିକି ନାଚି ଉଠେ ପୁଣି ହସିହସି କାନ୍ଦିପକାଏ । ଏପରି ବିଚିତ୍ର କାମରୁ ଜଣା ପଡୁଥିଲା ଯେ ସେ କୌଣସି ଏକ ପ୍ରତାରଣାର ଶିକାର ହୋଇଚି ।

ପ୍ରତାରଣା ନୁହ ତ, ପାଗଳୀର ଏ ଅନ୍ଧାର ଜୀବନର ପଛର କାରଣ ବହୁ ଭୟାଭୟ । କିଛି ମାସପୁର୍ବେ, ମାଁବାପା ଛେଉଣ୍ଡ ଝିଅଟିଏ ଗୋଟିଏ ପୁଅକୁ ତା'ର ସବୁକିଛି ଭାବି ବସିଛି, ତାକୁ ନେଇ ଗୋଟେ ସୁନାର ଘରର ସ୍ୱପ୍ନ ଦେଖି ସାରିଛି । ସେ ପୁଅ ବି ତାକୁ ମିଛିମିଛିକା ଭଲ ପାଇବାର ଆଶ୍ୱାସନା ଦେଇ ଚାଲିଥାଏ, କିନ୍ତୁ ସତଟି ସେ ପୁଅଟି ଜମାରୁ ତାକୁ ଭଲ ପାଉନଥିଲା । ଏହି ମିଛ ପ୍ରତାରଣା ଭଲ ପାଇବାକୁ ଝିଅଟି କେବେ ବି ବୁଝି ପାରିନଥିଲା କି ବୁଝିବା ପାଇଁ ଚେଷ୍ଟା କରିନି । ନିରୀହ ସରଳ ନିଷ୍କପଟ ଝିଅର ଭଲପାଇବାର ଫାଇଦା ଉଠାଉଥିଲା ପୁଅଟି । ତାର ଶାରୀରିକ ଭୋକ ମେଣ୍ଟାଇବା ପାଇଁ ତା ସହ ଛଳନା କରିଥିଲା ଏବଂ ଗର୍ଭବତୀ ଅବସ୍ଥାରେ ତାକୁ ଗୋଇଠା ମାରି ଅନ୍ୟ ଏକ ଝିଅଟିକୁ ବିବାହ କରିଥିଲା । ଏହି ଅସହାୟତା ଅବସ୍ଥାରେ ଗାଁ ଲୋକେ ବି ତା ସାଥ ଦେଲେନି ଓଲଟା ତାକୁ ଗାଁରୁ ନିଆଁ ପାଣି ବାସନ୍ଦ କରିଦେଲେ । ଗାଁ ବାହାରେ ରୁଗୁଣା ପିଲାଟିକୁ ଜନ୍ମଦେଲା, ହେଲେ ପିଲାଟିର ସେବାପାଇଁ କୌଣସି ବୈଦିକ ସାହାଯ୍ୟ ସେ କରି ପାରିନଥିଲା, ଯାହା ଫଳରେ ପିଲାଟି ଠିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୟରେ ଔଷଧ ନ ପାଇପାରି ଆଖି ବୁଜିଦେଲା । ପିଲାର ମୃତ ଶବ ତାକୁ ପାଗଳୀ କରି ଦେଇଛି, ସେ ହିଁ ଆଜି ମାନିନୀର ପାଗଳୀ । ପାଗଳୀ ହେବା ଦିନୁ, ସବୁ ଗାଁବାସୀଙ୍କୁ ତା ଛୁଆର ହତ୍ୟାକାରୀ ଭାବି ଠେଙ୍ଗାଟି ଧରି ମାରିବାକୁ ଗୋଡ଼ାଉଥାଏ । ଏସବୁ କଥା ମାନିନୀ ଶୁଣିଚି, ଆଉ ପାଗିଳିର ଶୂନ୍ୟ ଜୀବନରେ ସାଙ୍ଗ ଭଳି ରହିଛି ।

ମାନିନୀ ଥିଲା ଯୁକ୍ତଦୁଇ ବିଜ୍ଞାନର ଛାତ୍ରୀ, ଆଉ ସେ ପ୍ରତିଦିନ କଲେଜ ସାରି ଟ୍ୟୁସନକୁ ଯାଏ । ଟ୍ୟୁସନଟି ଥିଲା ଗାଁଠୁ ତିନିରୁ ଚାରି ମାଇଲ ଦୂରେ, ତେଣୁ ଫେରୁଫେରୁ ପ୍ରାୟ ସନ୍ଧ୍ୟା ଗଡି ଯାଉଥିଲା । ଝିଅର ପାଠପଢ଼ାକୁ ନେଇ କେବେ ବି କୌଣସି ଜିନିଷ କମ୍ ରଖି ନଥିଲେ, ମିଶ୍ରବାବୁ । ଚେଷ୍ଟା ସତ୍ତ୍ୱେ, ସେ ଝିଅ ପାଇଁ ସାଇକଲଟିଏ ଯୋଗାଡ କରି ପାରୁନଥିଲେ । ଗାଁମୁଣ୍ଡରେ ସରପଞ୍ଚର ବାତରା ପୁଅ ପଦିଆ ଆଉ ତାର ବାଳୁଙ୍ଗା ସାଙ୍ଗ ସବୁବେଳେ ଝିଅମାନଙ୍କୁ ହଇରାଣ କରନ୍ତି । ହେଲେ ମାନିନୀ ପ୍ରତି ତାର ନଜର ସବୁଠୁ ଖରାପ ଥିଲା । ତଥାପି ବଢ଼ିଲା ଝିଅର ପାଠକୁ ବନ୍ଦ ନକରିବା ପାଇଁ ସବୁବେଳେ ଯାଆନ୍ତି ଗାଁ ମୁଣ୍ଡକୁ ତାକୁ ସନ୍ଧ୍ୟାରେ ଆଣିବାକୁ । ଯାହା କାମଥିଲା ମଧ୍ୟ ସେ ଝିଅଟିକୁ ସବୁବେଳେ ଯାଇ ଆଣନ୍ତି ।

ଦିନେ ମିଶ୍ରଙ୍କ ଦେହଟା ହଟାତ ଭୀଷଣ ଖରାପ ହେଇଯିବାରୁ ଝିଅକୁ ଆଉ ଆଣିବାକୁ ଯାଇ ପାରିଲେନି । ଗାଁମୁଣ୍ଡ ରାସ୍ତାଟା ଅନ୍ଧାରୁଆ ଓ ନିଛାଟିଆ, ସେ ଦିନକୁ ବି ପଦିଆ ଆଉ ତାର ମେଳିଟା ସେଇ ଜାଗାରେ ଜଗି ବସିଥିଲେ । ମାନୀନିକୁ ଟ୍ୟୁସନରୁ ଏକା ଫେରନ୍ତା ଦେଖି ପଦିଆ ତାର ଅସଲ ରୂପ ଦେଖେଇ ଦେଲା । ଶଳାଟାର କୁକୁର ବୁଦ୍ଧି ସେ ମାନିନୀର ଇଜ୍ଜତ ଲୁଟିବାକୁ ଚେଷ୍ଟା କରି ଟଣା ଓଟରା କରିଛି । ଭାଗ୍ୟର ବିଡମ୍ବନା ସେଦିନକୁ ବୋଲି ସେ ନିଛାଟିଆ ଜାଗାଟା ପୁରା ନିଛାଟିଆ ଓଜନ ଶୂନ୍ୟ । କେତେ ନେହୁରା କାକୁତୀ-ମିନତୀ କରିଲା ମାନିନୀ, ହେଲେ ବି ପଦିଆ ଗୋଟେ କଥା ବି ଶୁଣୁନଥିଲା । ସତେ ଯେମିତି ନିଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେହର ଭୋକ ମେଣ୍ଟାଇବାକୁ ହିଁ, ତାର ଜୀବନର ଲକ୍ଷ୍ୟ ମାନି ନେଇଥିଲା । ଝିଅଟିର କାନ୍ଦିଲା ମୁହଁଟିକୁ ଦେଖି ବି ତାର ଆସୁରିକତା କମ ହେଉନଥିଲା । କଳେବଳେ କୌଶଳେ ମାନିନୀର କପଡାକୁ ଚିରିଦେଲା । ଏତିକିରେ ମାନିନୀ ଯୋର କରି ରଡି ଛାଡିଲା ।

କିଛି ଖୋଜିଖୋଜି ଆସି ନଦୀ ଆଡକୁ ପଳେଇ ଆସିଛି, ପାଗଳୀଟା । ରଡିଟା ତା କାନରେ ପଡିଲା । ଝିଅର ଚିତ୍କାର ଶୁଣି ସେ ଜାଣିପାରିଲା ଯେ ସେଇଟା ମାନିନୀ ଚିତ୍କାର । ଆଉ ଧାଇଁଲା ଚିତ୍କାର ଆଡକୁ । ଦେଖିଲା ଫଟା କପଡାଟି ପଦିଆ ହାତରେ । ତାକୁ ଦେଖି ପାଗଳୀ ଚିଲେଇଲା, "ଛାଡେ ତାକୁ ରଇଜଳା, ତୋ ଭଉଣୀ ଭଳିଆରେ ସିଏ... ଛାଡେରେ ଚଣ୍ଡାଳ, ବଡ ରୋଗିଆ ।" ଏତିକି ଗାଳି କରି, ତା ବାଡ଼ିଟାକୁ ଫିଙ୍ଗିଲା ପଦିଆ ସାଙ୍ଗପିଲାଙ୍କ ଉପରେ, ଆଉ ଭିଡିଲା ପଡିଆକୁ । ତା ହାତ ଟାଣିଲା ଆଉ କଛାଡ଼ିଲା । ହେଲେ ତାର ସାଙ୍ଗମାନେ ପାଗଳୀକୁ ଆଉ ତା ବାଡ଼ିକୁ ଟାଣି ଫୋପାଡି ଦେଲେ ନଦୀ କଡ଼କୁ ।

ହାତରେ ଠେଙ୍ଗାଟାକୁ ଧରି ନଦୀକଡ଼ରୁ ଯେପରି ଶକ୍ତି ରୂପେଣ ଅବତାରରେ ପୁଣି ଉଠି ଦୌଡି ଆସିଲା ପାଗଳୀ, ଆଉ ମେଳିଟାକୁ ବାଡେଇଲା ଏକା ଥରକେ, କରିଦେଲା ରକ୍ତାକ୍ତ ସବୁ ଛତରାଯାକୁ । ଏପଟେ ପଦିଆ ମାନିନୀକୁ ଜାବୁଡି ଧରିଛି, ତାର ପାରିପାର୍ଶ୍ୱରେ କଣ ହଉଛି ଜମାରୁ ଜାଣିପାରୁନି । ପଡିଲା ପ୍ରହାର ମୁଣ୍ଡରେ, ପଦିଆ ରଡି ଛାଡିଲା, "ବୋଉଲୋ... ।" ମୁଣ୍ଡରୁ ରକ୍ତ ଝରଣା ଭଳି ଝରି ପଡ଼ିଲା, ଆଉ ତଳେ ପଡି ଚିଲ୍ଲେଇଲା । ପାଗିଳିର ସବୁ ରାଗ ଯେମିତି ପଦିଆ ଉପରେ ଅଜାଡି ଦେଇଛି । ରଡ୍ଡୀ ରଡ୍ଡୀ ପଦିଆର ପ୍ରାଣ ବାୟୁଟା ଉଡ଼ିଗଲା ।

ଏସବୁକୁ ଦେଖି ମାନିନୀ ଡରିଗଲା ଆଉ ଗାଁଆଡକୁ ଦୌଡ଼ିଲା, କିଛି ଦୂର ଯାଇକି ପଛକୁ ଦେଖିଲା, ପାଗଳୀଟି କାନ୍ଦୁଛି, ସତେ ଯେମିତି ତାର ଅଧୁରା କାମ ପୁରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଇଯାଇଛି । ପାଖକୁ ଗଲା ମାନିନି ଆଉ କୁଣ୍ଢେଇଦେଲା ପାଗଳୀକୁ । ଦୁଇଜଣ ଯାକ କାନ୍ଦୁଥିଲେ । ସେଠୁ ଦିହେଁ ମିଶି ଫେରିଲେ ଗାଁକୁ । ଦୁଇଟି ଜୀବନକୁଯେମିତି ପୁନର୍ଜୀବନ ମିଳିଗଲା ।

ପିତା: କାଳୁ ଚରଣ ସ୍ୱାଇଁ
ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ (ଓଡ଼ିଆ ବିଭାଗ)
ଶ୍ରୀକୃଷ୍ଣଚନ୍ଦ୍ର ଗଜପତି (ସ୍ୱୟଂଚାଳିତ) ମହାବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି
ମୋ: ୯୯୩୮୭୨୧୫୩୮, ୮୦୧୮୦୨୦୪୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାଲାବନ୍ଦ ବା ଲକ୍‌ଡାଉନ୍



ନିରୁପମା ପ୍ରଧାନ

ଆଜି ପଶୁପକ୍ଷୀମାନଙ୍କର ସଭା ବସିଛି । ସେମାନଙ୍କ ମଧ୍ୟରୁ ଗୋଟିଏ ପଶୁ କହୁଛି, ଆରେ କ'ଣ ହେଇଛି କି ରାସ୍ତାଘାଟ ପୁରା ଶୂନ ଶାନ୍, ନା ଶୁଣା ଯାଉଛି ଗାଡି ମଟର ଘୁଁ ଘା ପେ ପେ ଶବ୍ଦ, ନା ବାହାରୁଛି କଳକାରଖାନାରୁ ପ୍ରଦୂଷିତ ଧୂଆଁ, ଯାହା ଆମକୁ ଅତିଷ୍ଠ କରିପକାଏ, ଦୋକାନ ବଜାର ଜନ ଶୁନ୍ୟ ପ୍ରାୟ୍ ଅନ୍ୟ ଏକ ପଶୁ ସେମାନଙ୍କ ମଧ୍ୟରୁ କହୁଛି, ଆରେ ବିଶ୍ୱକୁ ପରା "କରୋନା ଭାଇରସ" ଭୁତାଣୁ ସଂକ୍ରମଣ କରି ସାରା ବିଶ୍ୱକୁ କଲବଲ କରୁଛି । ସେଥିରୁ ବଞ୍ଚିବା ପାଇଁ ହେଲେ ଘରେ ରହିବା ନିରାପଦ । ସେଥିପାଇଁ ସେମାନେ ତାଲାବନ୍ଦ କରି ଘରେ ବସି ରହିଛନ୍ତି । ତୃତୀୟ୍ ପଶୁଟି କହୁଛି, କେମିତି ବା ନ ହେବ ଭଗବାନ ମଣିଷକୁ ଅଧିକ ବୁଦ୍ଧିଆ କଲେ ବୋଲି ସେମାନେ ଆମ କଥା ଚିନ୍ତା କରୁନାହାନ୍ତି । ଯେଉଁଠି ଆମ ବାସସ୍ଥାନ ଜଙ୍ଗଲକୁ କାଟି ବଡ ବଡ ସହର କଳକାରଖାନା କରି ନିଜ ସହରକୁ ସ୍ମାର୍ଟ ସିଟି କରୁଛନ୍ତି । ଯାହା କଲେ କଲେ ସେଥିରେ ପୁଣି ସମଗ୍ର ବିଶ୍ୱ ପଶୁପକ୍ଷୀ କୀଟପତଙ୍ଗକୁ ମାରି ଖାଇଲେ । ଆମ ପଶୁ ପକ୍ଷୀ ସମାଜକୁ ନିପାତ କରିଦେଲେଣି । ଚତୁର୍ଥ ପଶୁଟି କହୁଛି, ହଁ ଭାଇ ଚୀନର ଉହାନ ସହରରେ ଅତ୍ୟଧିକ ପଶୁପକ୍ଷୀ କୀଟପତଙ୍ଗକୁ ମାରୁଥିବାରୁ ଆମ ପଶୁସମାଜରୁ ହିଁ ଏହି କରୋନା ଭୁତାଣୁ ବାହାରି ସମଗ୍ର ବିଶ୍ୱକୁ କଲବଲ କରୁଛି । ପଞ୍ଚମ ପଶୁଟି ଉତ୍ତରରେ କହୁଛି, ଏ ସଂସାରରେ ଆମ ପାଇଁ ତ ରହିବା ପାଇଁ ଜାଗା ହିଁ ନାହିଁ । ସେଥିପାଇଁ ଆମ ପଶୁ ପକ୍ଷୀ ସମାଜର ଲୋପ ପାଉଛି । ଯେତେ ବି ଦୁଃଖ କଷ୍ଟରେ ବଞ୍ଚିଛନ୍ତି, ତାକୁ ଚିଡିଆଖାନାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖି ଏହି ମଣିଷ ସମାଜ ଆନନ୍ଦ ନେଉଛି । ଷଷ୍ଠ ପଶୁଟି ଠିକ କହିଛ, ଏବେ ସେମାନେ ଠିକ ବୁଝି ପାରୁଥିବେ ଚିଡିଆଖାନାରେ ରହିଲେ କେମିତି ଲାଗେ, ନିଜ ଘରେ ପରିବାର ସହିତ ବନ୍ଦୀ ପ୍ରାୟ ଜୀବନ ବିତାଉଛନ୍ତି । ବାହାର ଦୁନିଆ ଖୁସିରେ ବୁଲି ପାରୁନାହାନ୍ତି । ଆଉ ଯଦି ଯିଏ ବାହାରିଲା ଆମ ପଶୁ ପକ୍ଷୀଠାରୁ ସୃଷ୍ଟି ହେଇଥିବା "କରୋନା ଭାଇରସ" ଭୁତାଣୁରେ ସଂକ୍ରମଣ ହୋଇ ମରୁଛନ୍ତି । ସପ୍ତମ ପଶୁଟି, ହଁ ଭାଇମାନେ ଠିକ କହିଛ । କିଏ ମନା କରୁଛି ଏହି ମଣିଷ ସମାଜକୁ ଉନ୍ନତ ସମାଜ ଗଢିବାକୁ । କିନ୍ତୁ ପ୍ରକୃତି ସହିତ ଖେଳ ଖେଳି ଠିକ କରୁନାହାନ୍ତି । ସମସ୍ତ ପଶୁପକ୍ଷୀମାନେ ମଣିଷ ସମାଜକୁ ଅନୁରୋଧ କରି କହୁଛନ୍ତି; ଭଗବାନ ବଞ୍ଚିବାର ଅଧିକାର ସମସ୍ତଙ୍କୁ ଦେଇଛନ୍ତି, କିନ୍ତୁ କାହାର ଅଧିକାର ଛଡାଇବାର ଅଧିକାର ନୁହେଁ । ତୁମେ ଖୁସିରେ ରୁହ କିନ୍ତୁ ଆମ ପଶୁପକ୍ଷୀ କୀଟ ପତଙ୍ଗକୁ ବଞ୍ଚିବାର ଅଧିକାର ଟିକେ ଦିଅ ।

ଶ୍ରୀମତୀ ନିରୁପମା ପ୍ରଧାନ
କତରବଗା, ରେଙ୍ଗାଲି, ସମ୍ବଲପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉଡ଼ା ଚଢ଼େଇ



ନୂତନ କୁମାର
ବେହେରା

ଏଇ ସେ ସୁନ୍ଦର ବଗିଚା । ଯାହାର ରଙ୍ଗୀନ ଫୁଲ, ମିଠା ମହକ ଆଉ ପ୍ରଜାପତିର ଖେଳ ତାକୁ ଆକୃଷ୍ଟ କରିଥିଲା ଦିନେ । ଜୀବନଟା ତାର ଲାଗୁ ଥିଲା ଚିର ବସନ୍ତ ବସନ୍ତ  । ଏଇଠି ଦେଖିଛି ସେ କୋଇଲି କୁମ୍ଭାଟୁଆ କଜଳପାତି, ହଳଦୀବସନ୍ତ । ଶୁଣିଛି ମଧୁର ସ୍ୱରର କୁଉ..ତାନ,କେତେ ପକ୍ଷୀର ସେ କଳରବ । ଚାରିଆଡେ ଏକ ଆଡମ୍ବର ଶୋଭାର ମନଲୋଭା କାଉଁରି ପରଶ ।

ଆଜି କାହିଁକି ଲାଗେ ସବୁ ବେରଙ୍ଗ ? ଯା' ସୌନ୍ଦର୍ଯ୍ୟର ଜୁଆର ଭାଙ୍ଗି ବେଳାଭୂଇଁକୁ କରି ଦେଉଥିଲା ଚମକପ୍ରଦ । ସେ ନିର୍ବାକ୍ ନିଥର । ଏକ ନିସ୍ତବ୍ଧତାର ଶୋକ ମୁହୂର୍ତ୍ତ ।

ଶ୍ରେୟାଂଶୁ ଏମିତି ଏକ ଭାବନାର ଚକ୍ରବ୍ୟୂହ ଭିତରେ ଫସି ଯାଇଛି । ଯେମିତି ସେ ପାଲଟି ଯାଇଛି ପାଷାଣ । ତା' ଉପରେ ମହାବାତ୍ୟା ଅତିକ୍ରମ କରି ଯାଇଛି । ସତେ କି ସେ ବାତ୍ୟାରେ ଓଲଟି ପଡିଥିବା ଦ୍ରୁମଟିଏ ।

ଆଉ ଜୁଝିବାକୁ ଜୁ ନାହିଁ କି ତା ରାହାର କେହି ସାହା ନାହିଁ । ଗୋଟା ପଣେ କ୍ଲାନ୍ତ ବିବଶ । ବୋଧହୁଏ ଭାବନାକୁ ତାର କ୍ରମଶଃ ରଖି  ଦୀର୍ଘ ନିଶ୍ୱାସ ଛାଡିଲା...

ଏଇ ଶ୍ରେୟାଂଶୁ ଦିନେ ବିଶ୍ୱବିଦ୍ୟାଳୟର ବିଚକ୍ଷଣ ମେଧାବୀ ଛାତ୍ର ଥିଲା, ସ୍ୱର୍ଣ୍ଣ ପଦକ ପାଇ ସାରା ଓଡ଼ିଶାର ଗୌରବ ବଢାଇ ଥିଲା । ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ଅନେକ ସ୍ୱପ୍ନ ସେ ତା' ଆଖିରେ ସାଇତି ରଖିଥିଲା । କଳ୍ପନାର ହିମାଳୟରେ ସେ ପ୍ରାଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଚୁର୍ଯ୍ୟର ଉଚ୍ଚତମ ଏଭାରେଷ୍ଟ ଶୃଙ୍ଗ ତୋଳି ଥିଲା । ଐଶ୍ୱର୍ଯ୍ୟର ଜମାଟ ବନ୍ଧା ବରଫ ଶିଳା ଉପରେ ଖେଳୁଥିଲା ଦ୍ରୁତଗତିରେ ସ୍କେଟିଙ୍ଗ୍ । ଆଉ ଏ ସବୁର ଏକମାତ୍ର ପ୍ରେରଣା, ଇନ୍ଧନ ଥିଲା ତା' ପାଖରେ ତମନ୍ନା । ସେ ହାସ୍ୟମୟୀ ଲାସ୍ୟମୟୀ ସୁନ୍ଦରୀ ତମନ୍ନା, ଶ୍ରେୟାଂଶୁର ଜୀବନ ଥିଲା । ସେ ଥିଲା ତା ହୃଦୟର ସ୍ପନ୍ଦନ ...ଛାତିର କମ୍ପନ..ଶରୀରର ସିହରଣ... ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ । ଏକ ମନ ଏକ ଆତ୍ମା ଥିଲା ଦୁଇ ଦେହର । ଯିଏ ଦେଖୁଥିଲା କହୁଥିଲା, ବାଃ ଯୋଡି ହେବ ଏମିତି... ଅନେକେ ଈର୍ଷାରେ ହୁତୁ ହୁତୁ ଜଳି ଯାଉଥିଲେ ।

ତମନ୍ନା ଶ୍ରେୟାଂଶୁକୁ... ଶ୍ରେୟାଂଶୁ ତମନ୍ନାକୁ ନ ଦେଖି ରହି ପାରୁ ନ ଥିଲେ । ଲୁହା ଚୁମ୍ବକର ଦୃଢ ଆକର୍ଷଣ ପରି ତାଙ୍କର ବି ପରସ୍ପରର ମଧ୍ୟରେ ଦୃଢ ଆକର୍ଷଣ ଥିଲା । ଖୁବ୍ ଗଭୀର ଥିଲା ତାଙ୍କର ପ୍ରେମ । ଆଉ ସେ ପ୍ରେମର କେନ୍ଦ୍ରବିନ୍ଦୁ ଥିଲା 'ଲଭର୍ ପଏଣ୍ଟ ପାର୍କ', ଏଇ ସୁନ୍ଦର ବଗିଚା ।

ଆଜି କିନ୍ତୁ ଏକା ଏକା ଆସି ବସିଛି ଶ୍ରେୟାଂଶୁ । ତାକୁ ଭାରି ନିଛାଟିଆ ଲାଗୁଛି । କ୍ଷତବିକ୍ଷତ ମନରୁ ସ୍ମୃତିର ତତଲା ଲହୁ ଝରି ପଡୁଛି... ରକ୍ତ ରଞ୍ଜିତ ତା ଭାବନାର ସର୍ବାଙ୍ଗ ଅବୟବ ।

ପୁଣିଥରେ ଦୀର୍ଘନିଶ୍ୱାସ ଛାଡିଲା.. ମୁମୂର୍ଷୁ ଅବସ୍ଥାରେ ପଡିଥିବା ଆହତ ସୈନିକ ପରି, ଆଖି ଆଗରେ ସତେଜ ହୋଇ ଉଠିଲା ତାର ସେ ଅତୀତ...

ତମନ୍ନା ଥିଲା ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ଏକମାତ୍ର ଅଲିଅଳି କନ୍ୟା । ସୁନାର ଚାମଚ ରୂପାର ଥାଳି ନେଇ ଜନ୍ମ ହୋଇଥିଲା । ଭୋଗ ବିଳାସର ଅଟ୍ଟାଳିକାରେ ରହୁଥିଲା, ଗଜଦନ୍ତ ପଲଙ୍କରେ ଶୋଉଥିଲା । ଯାହା ମଣିଷ ସ୍ୱପ୍ନ ଦେଖେ ତାହା ଥିଲା ତା ବାସ୍ତବତା ।

ଶ୍ରେୟାଂଶୁକୁ ଭଲ ପାଇଥିଲା, ମନ ପ୍ରାଣ ହୃଦୟ ଦେଇ କିନ୍ତୁ ଆଶା କରିଥିଲା ଶ୍ରେୟାଂଶୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଇ. ଏ. ଏସ୍. ପାଇବ... ତା ବାପାଙ୍କ ପରି ଜଣେ ଉଚ୍ଚପଦସ୍ଥ ଅଧିକାରୀ ହେବ... ଶ୍ରେୟାଂଶୁର ସତ ଚେଷ୍ଟାରେ ବି ସେ ଆଇ. ଏ. ଏସ୍. ପାଇ ପାରି ନଥିଲା । ତିନି ଥର ଯାକ ଅକୃତକାର୍ଯ୍ୟ ହେଲା । ଭାଗ୍ୟର ବିଡ଼ମ୍ବନା, ସତେ ଯେମିତି ବିଫଳତାର ରାହୁ ତାକୁ ଗ୍ରାସ କରି ପକାଇଛି ।

ସେଦିନ ୟୁ. ପି. ଏସ୍. ସି. ପରୀକ୍ଷା ଫଳ ପ୍ରକାଶ ପାଇଲା ପରେ ତମନ୍ନା ଜାଣିଲା ଶେଷ ସୁଯୋଗରେ ବି ଶ୍ରେୟାଂଶୁ ଆଇ.ଏ.ଏସ. ପାଇ ପାରିଲା ନାହିଁ । ଏ ଜୀବନ ତମାମ୍ କେବେ ସେ ଆଉ ଉଚ୍ଚ ପଦାଧିକାରୀ କର୍ମଚାରୀ ହୋଇ ପାରିବ ନାହିଁ ।

ଆଉ ସେ ଫୋନ୍ କରି ଶ୍ରେୟାଂଶୁକୁ ଜଣାଇ ଦେଇଥିଲା, ଦେଖ ଶ୍ରେୟାଂଶୁ... ତୁମେ ଶେଷ ସୁଯୋଗରେ ବି କିଛି ସ୍ଥାନ ପାଇ ପାରିଲ ନାହିଁ । ମୋ ଆଶା ବିଶ୍ୱାସ ଥିଲା ତୁମେ ଆଇ.ଏ.ଏସ୍. ପାଇବ, କିନ୍ତୁ ପାଇଲ ନାହିଁ । କେଉଁ ଭରସାରେ ତୁମକୁ ଚାହିଁ ରହିବି.... ହଁ ବଳି ବଳି ହେଲେ ହୋଇ ପାର ଜଣେ ଶିକ୍ଷକ ନତୁବା ଜଣେ ଅଧସ୍ତନ କିରାଣି । ସାମନ୍ୟ କେଇଟା ଟଙ୍କାର ଗୋଲାମ ହେବ । ତୁମକୁ ନେଇ ମୁଁ ବଞ୍ଚିବି କେମିତି ? ତୁମେ ଜାଣିଛ ମୋ ବାପାଙ୍କର ପ୍ରତିଷ୍ଠା, ଲାଇଫ୍ ଷ୍ଟାଇଲ୍, ଷ୍ଟେଟସ୍... ଶୁଣ ଶ୍ରେୟାଂଶୁ... ତୁମକୁ ଭଲ ପାଇବା ମାନେ ନୁହେଁ ଜୀବନ ଯାକ ତୁମ ସହିତ ଫ୍ରସ୍ଟେଟେଡ୍ ଲାଇଫ୍ ମେଣ୍ଟେନ୍ କରିବି । ଦାରିଦ୍ରତାରେ ସଢି ସଢି ଜିଇଁବି । ଏ ଭଳି ଜୀବନ ମୁଁ ଚାହେଁ ନା... ମୁଁ ଗୌରୀ ନୁହେଁ କି ତୁମେ କେଦାର ନୁହେଁ । ପ୍ରେମକୁ ଅମର କରିବା ପାଇଁ ମରି ଯିବା । ଆଜି ଯୁଗରେ ଏ ସବୁ ବାଚାଳର ପ୍ରଳାପ । ଏ ଦୁନିଆଁରେ ବଞ୍ଚିବାକୁ ହେଲେ ଲୋଡା ବଡ ପଦ ପଦବୀ, ମୋଟା ଅଙ୍କର ଟଙ୍କା... ଏମିତି ଅନେକ କିଛି... ତୁମ ପାଖରେ ଅଛି କଣ...ମାତ୍ର କିଛି ପଢା ଜ୍ଞାନ.. ଶୁଣ ଆଜିଠୁ ମୋତେ କେବେ ଦେଖା କରିବ ନାହିଁ କି କଲ୍ କରିବ ନାହିଁ । ବାପା ମୋ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାହାଘର ଜଣେ ଆଇ.ଏ.ଏସ୍. ଅଫିସରଙ୍କ ସହିତ ଠିକ୍ କରିଛନ୍ତି । ନିକଟରେ ମୋର ବାହାଘର । ମୁଁ ଆଶା କରୁଛି ଆଇ.ଏ.ଏସ୍. ନ ପାଇ ସେ ପଦ ଭୁଲିଲା ଭଳି ମୋତେ ଭୁଲି ଯିବ... ବାୟ୍....

ଶ୍ରେୟାଂଶୁ ପ୍ରତ୍ୟୁତ୍ତରରେ ପଦୁଟିଏ କହିବା ସୁଯୋଗ ବି ପାଇ ନ ଥିଲା । ତମନ୍ନାର କଥା ଶୁଣି ତା ପାଦ ତଳୁ ମାଟି ଖସି ଗଲା । ଏକ ବିସ୍ମିତ ଅବସ୍ଥାରେ ତମନ୍ନାର ଭିତରର ସେ ଘୃଣ୍ୟ ସ୍ୱାର୍ଥ ମତଲବୀ ଭଲ ପାଇବା ସେ ଜାଣିଗଲା । ତାର ଆତ୍ମଚେତନା ବିଳାପ କରି ଉଠିଲା, ସ୍ମୃତି ବିଭ୍ରାଟ ହେଲା । ମାନସିକ ଦ୍ୱନ୍ଦ ଭିତରେ ସନ୍ତୁଳିତ ହେଉଛି ତାର ଅନାଗତ ଭବିଷ୍ୟତ....

ଶ୍ରେୟାଂଶୁ ବେଶ୍ ବୁଝି ପାରିଲା ତମନ୍ନାର ଭଲ ପାଇବା ଥିଲା ଅର୍ଥ ଆଉ ସ୍ୱାର୍ଥ ସର୍ବସ୍ୱ । ଏକ ଶାରୀରିକ ସମ୍ପର୍କର ଆକର୍ଷଣ । ହୀନ ଇନ୍ଦ୍ରିୟ କାମନାକୁ ଚରିତାର୍ଥର ଏକ ଯୋଜନା ବଦ୍ଧ ଅଭିସନ୍ଧି ।

ଅନେକ ସମୀକ୍ଷା କରିଛି... ଭଲ ପାଇବା ପ୍ରେମ କରିବାର ସଂଜ୍ଞାକୁ ମାନସିକ ସ୍ତରରେ ବହୁବାର ପର୍ଯ୍ୟବେକ୍ଷଣ କରିଛି । ଗଭୀରଭାବେ ହୃଦୟର ସହିତ ବିଚାର କରିଛି । ସବୁଠି ତମନ୍ନାକୁ ଏକ ଛଳନା ପ୍ରତାରଣାର ମରୀଚିକା ରୂପେ ଅନୁଭବ କରୁଛି । ତଥାପି କାହିଁକି ସେ ତାକୁ ଭୁଲି ପାରୁନି । ଅନେକ ସମୟରେ ତାର ମନ ଆକାଶକୁ ଝଡ଼ ହୋଇ ସେ ଆସୁଛି, ତାର ଶାନ୍ତ ବକ୍ଷକୁ ଆଲୋଡ଼ିତ କରି ଧ୍ୱସ୍ତ ବିଧ୍ୱସ୍ତ କରି ପକାଉଛି । ଶ୍ରେୟାଂଶୁ ନିଜକୁ ନିଜେ ସମ୍ଭାଳି ପାରୁନି । ଏକ ଆଗ୍ନେୟଗିରି ଭଳି ତା ଅନ୍ତର ଭିତରରୁ ଅସନ୍ତୋଷର ଲାଭା ଉଦ୍ଗିରଣ ହେଉଛି । ଭଲ ପାଇବା ଯେ ଚିରନ୍ତନ ସତ୍ୟ, ଏକ ସ୍ୱର୍ଗୀୟ ଅବଦାନ, ଏ କଥାକୁ ସେ ଆନ୍ତରିକ ଭାବେ ସମର୍ଥନ କରି ପାରୁନି...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୁଏତ ତମନ୍ନାର ଭଲ ପାଇବାରେ ଆବିଳତା ଥିଲା । କିନ୍ତୁ ସେ ତ କାୟ ମନ ବାକ୍ୟରେ ଭଲ ପାଇଥିଲା, ସେଥିରେ ନ ଥିଲା ତିଳେ ବି କପଟତା କି ପ୍ରବଞ୍ଚନା । ବିନିମୟରେ ଯାହା ପାଇଲା ତାହା କଣ ତାର ପ୍ରାପ୍ୟ ଥିଲା ?

ଶ୍ରେୟାଂଶୁ ନିଜେ ନିଜକୁ ବୁଝାଇ ଚାଲିଛି ।

ନିଜେ ନିଜର ଅଣାୟତ ହୋଇନି କି ସଂଯମତା ହରାଇ ନାହିଁ । ଅନ୍ୟମାନଙ୍କ ପରି ବିବେକ ଶୂନ୍ୟ ହୋଇ, ନିଶାସକ୍ତ ହୋଇନାହିଁ କି ପ୍ରତିଶୋଧ ନେବାକୁ କ୍ରୋଧାଗ୍ନିରେ ଜଳି ଯାଇନି । ବରଂ ଏଦୁନିଆଁର ଅହମିକା ଆଭିଜାତ୍ୟରେ ମଣିଷ କେତେ ସଂକ୍ରମିତ ହେଉଛି, ତାହା ମର୍ମେ ମର୍ମେ ଅନୁଭବ କରି ପାରୁଛି... ଏକ ନୀରବ ସ୍ଥାଣୁ ଅବସ୍ଥାରେ ବସିଥାଏ । ଅବସନ୍ନ କ୍ଳାନ୍ତ ହୋଇ ପଡିଛି ।

....ଶ୍ରେୟାଂଶୁ.. ଶ୍ରେୟାଂଶୁ.. କିଏ ଜଣେ ତାକୁ ଡାକି ଜାଗ୍ରତ କରି ପକାଇଛି ।

--ସେ ଦେଖିଛି ତା ଆଗରେ ତାର ଆତ୍ମ ପୁରୁଷ, ଆତ୍ମସତ୍ତା ବିବେକ...

-- କଣ କହିବାର ଅଛି କୁହ...

--ଆରେ ମୁଁ ତୋତେ ଅଧିକ ଆଉ କଣ କହିବି,

ତୋ ଭିତରେ ବୁଦ୍ଧି ବିବେକ ଜ୍ଞାନ ଭରପୁର । ତଥାପି ତୁ ଏମିତି ଭାବେ ଭାଙ୍ଗି ପଡୁଛୁ । ନିଜ ସାମର୍ଥ୍ୟତାକୁ ଅସମ୍ମାନୀତ କରୁଛୁ, ଆତ୍ମବିଶ୍ୱାସକୁ ସନ୍ଦେହ କରୁଛୁ...

-- ମୋ ଭିତରେ ମୁଁ କେବଳ ଭୁଲ୍ ଖୋଜୁଛି, କାହିଁକି ତମନ୍ନା ମୋତେ ଉପେକ୍ଷା କରି ଚାଲିଗଲା, କାହିଁକି ମୁଁ ମୋର ଦକ୍ଷତାକୁ ପ୍ରମାଣ କରି ସଫଳତା ପାଇ ପାରିଲି ନାହିଁ ? ଏହା ହିଁ ମୋର ଭାରାକ୍ରାନ୍ତ ହେବାର କାରଣ...

--ଆରେ ଏ ସବୁ ଏକ ସାମୟିକ ବିଘଟନ, ବଳିଷ୍ଠ ବ୍ୟକ୍ତିତ୍ୱ ଓ ନିର୍ମଳ ଚରିତ୍ର ଗଠନର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରକ୍ରିୟା । ନିଜକୁ ସଜାଡି ଜୀବନ ଅବଲମ୍ବନ କରିବାର ଏକ ସୂକ୍ଷ୍ମ ଦୃଷ୍ଟିକୋଣ । ଆଗକୁ ଅନେକ ଅନେକ ସମ୍ଭାବନା, ସ୍ୱାଗତ କରିବାକୁ ଅପେକ୍ଷାରେ ଅଛି । ତୋ ଭିତରେ ଅନେକ ପ୍ରତିଭା, ନିଶ୍ଚିତଭାବେ ତୋର ଅଗ୍ରଗତି ଅଛି । ଏକ ଶାନ୍ତିମୟ ସୁଖ ଜୀବନ ପାଇଁ ଆହ୍ୱାନ ଦେଉଛି । ଆରେ ଝୁଣ୍ଟି ପଡି ଉଠିବା ହେଉଛି ଜୀବନର ଲକ୍ଷଣ...

– ତୁମେ ଠିକ୍ କହୁଛ, ତଥାପି ମୁଁ କାହିଁକି ମୋ ଭିତରେ ସ୍ଥିରତା ଆଣି ପାରୁନି, ଏ ଦ୍ୱନ୍ଦର ଭଉଁରୀ ଭିତରେ ଫସି ରହିଛି...

– ଏଇ ତୋ ଆଗରେ ଥିବା ସେ ଗଛକୁ ଦେଖ୍, ଶାଖା ପ୍ରଶାଖା ମେଲାଇ କେମିତି ପଲ୍ଲବିତ ହୋଇଛି । ଫୁଲ ଫଳର ସମ୍ଭାରରେ ନିଜକୁ ସଜାଇ ତାର ସର୍ବସ୍ୱକୁ ଏ ଦୁନିଆଁ ଆଗରେ ଅଜାଡି ଦେବାକୁ ପ୍ରସ୍ତୁତ ହୋଇଛି । ଏ ସବୁରେ ଆକୃଷ୍ଟ ହୋଇ କେତେ କେତେ ଚଢେଇ ଆସୁଛନ୍ତି । କିଏ ବସା ବାନ୍ଧି ରହୁଛି, କିଏ ପୁଣି ସାମୟିକ କ୍ଲାନ୍ତି ଦୂର କରି ଦୂରକୁ ଉଡି ଯାଉଛି ।

ସେମିତି ତମନ୍ନା ଆସିଥିଲା ଉଡି ଉଡି ତୋ ପରି ଗଛର ଡାଳରେ ବସିବାକୁ । ବସା ବାନ୍ଧିବାକୁ ନୁହେଁ । ତାର କ୍ଲାନ୍ତି ଦୂର ହୋଇଗଲା, ସେ ଦୂରେଇ ଗଲା । ସେ ଥିଲା ଏକ ଉଡ଼ା ଚଢ଼େଇ..

–ଏ ପଦୁଟିଏ କଥା ଶୁଣି ଶ୍ରେୟାଂଶୁ କେମିତି ପ୍ରକୃତିସ୍ଥ ହୋଇ ଉଠିଲା । ଫେରି ପାଇଲା ତାର ସାମର୍ଥ୍ୟ ଆତ୍ମବିଶ୍ୱାସ... କାନେ କାନେ ଗୁଞ୍ଜରିତ ହେଉଥିଲା ସେ ଏକ ଉଡ଼ା ଚଢ଼େଇ.. ଉଡି ଗଲା, ଏଥିରେ ଗଛ କାହିଁକି ଦୁଃଖ କରିବ, ମ୍ରିୟମାଣ ହୋଇ ପଡିବ ।

– ସ୍ୱତଃସ୍ଫୁର୍ତ୍ତ ଭାବେ ତା କଣ୍ଠରୁ ଭାସି ଆସିଲା ଶବ୍ଦ ଯୋଡିଏ, ଉଡ଼ା ଚଢ଼େଇ....

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭାରି ଲୋଭି



ଅଙ୍କିତା ପାଢ଼ୀ

ନଟିଆ ବୋଲି ପିଲାଟିଏ । ଦିନରାତି ଯା'ଘର ତା'ଘର ହୋଇ ବୁଲିବା ଛଡା କୌଣସି କାମ କରେ ନାହିଁ । ବାପା ଯେତେ ଗାଳି କଲେ ବି ସୁଧୁରିବାର ନାହିଁ । ସବୁବେଳେ ଚାଲି ଯାଉଥିବା ଲୋକ ସାଥିରେ ମଜାକି କରିବାର ଲକ୍ଷଣ ଲୋକ ମାନଙ୍କୁ ବହୁତ ବିରକ୍ତି ଦେଇଥାଏ ହେଲେ ଉପକାରୀ ପିଲାଟିଏ । ନଟିଆର ବାପା ଧତାଲି ଦାସ ଓ ମାଆ ଦୁଖୁଲି ଦାସ ଏକ ଅଜବ ପ୍ରକାରର ଲୋକ । ଭାରି ଲୋଭ ତାଙ୍କର । କେମିତି ଲୋକଙ୍କୁ ଠକେଇ ଦୁଇ ପଇସା ଆଦାୟ କରିବା ସୁଧ ଆକାରରେ ଆଦାୟ କରିବା, ସେଇ ଚକରରେ ରହିଥାନ୍ତି ।

ପୁଅ ନଟିଆ ପାଠ ପଢିଲେ ପଇସା ଖର୍ଚ୍ଚ ହେବ ଭାବି ସେମାନେ ତୃତୀୟ ଶ୍ରେଣୀରୁ ନଟିଆକୁ ପଢ଼ା ବନ୍ଦ କରିଦେଲେ । କହିଲେ ନଟିଆ ବୁଝିଲୁ ପାଠ ପଢିଲେ ମାଷ୍ଟର ପଇସା ଖାଇବ । ବହିଦୋକାନୀ ପଇସା ଖାଇବ । ହେଲେ ଦିନେ ନଟିଆ କହିଲା ବାପା, "ତୁ ଟିକେ ଦେଖ ଆମ ସାହିରେ ସେଇ ଜଉ ଗୁଡୁ ଦୈନିକ ସ୍କୁଲ ବ୍ୟାଗ ଧରି ସକାଳେ ବାହାରି ଯାଉଛି ଯେ ଯାଇଛି ପୁଣି ଫେରିଲା ବେଳକୁ ସଞ୍ଜ ! କେତେ ପଇସା ତା ବାପା ମାଆ ତା ପାଇଁ ଖର୍ଚ୍ଚ କରୁଛନ୍ତି ଦେଖୁନୁ ! ହେଲେ ମୋର କୌଣସି ଖର୍ଚ୍ଚ ନାହିଁ, ଆମଗାଁରେ ତ ଯେଉଁଠି ମାଇକି ବାଜୁଛି ତୁ କହୁଛୁ ହଇରେ ନଟିଆ ତାଙ୍କର ଆଜି ବାହାଘର, ତାଙ୍କର ଆଜି ଶନି ମେଳା ଯା ସେଇଠି ବୁଲି ହେବୁ ଆଉ ତାଙ୍କୁ ଟିକେ କାମରେ ସହଯୋଗ କରିବୁ, ପୁଣି ଖାଇବା ସମୟରେ ହେଲେ ବୋହେ ଖାଇବୁ ଓ କିଛି ମାଗିକି ନେଇ ଆସିବୁ, ଆମ ଦୁଇ ଜଣ ଖାଇବୁ ଓ ରାତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଇଁ ବି କିଛି ରଖିଦେବୁ । ବାପା ତୋ କହିବା ଅନୁସାରେ ମୁଁ ଆମ ଗାଁ ଆଉ ପାଖ ଗାଁରେ ପ୍ରସିଦ୍ଧ ହେଇଗଲିଣି । ଯାହାର ଯେଉଁଠି କିଛି କାମ ହେଉଛି ସବୁ ପରା ଡାକୁଛନ୍ତି । ମୁଁ ଏବେ ଆଉ ଗାମୁଛା ନେଇକି ଯାଉନି ଏବେ ଗୋଟେ ଝୁଲା ନେଇକି ଯାଉଛି ଆଉ ପୁରା ଦୁଇ ତିନି ଦିନ ପାଇଁ ଖାଇବା ନେଇ ଆସୁଛି ।”

ବାପା ଟିକେ ଖୁସିରେ, “ହଁ ସେଇ କଥା ଭାବିଲୁ ଗୁଡୁ ପାଠ ପଢୁଛି ନା ।”

ନଟିଆ ହସିକି କହି ପକାଇଲା, “ହଁ ବାପା ଜାଣିଛୁ ତା ମାଆ ତାକୁ ଦୈନିକ ଗୋଟେ ବଡ଼ ପାତ୍ରରେ ଖାଇବା ଭରି ଦେଉଛି । ମାଷ୍ଟରକୁ ଟିଉସନ ପଇସା ଦେଉଛି ଆଉ ବହି କିଣୁଛି, ଖାତା କିଣୁଛି ଓ ସ୍କୁଲ ବାଲାଙ୍କୁ ବି ପଇସା ଦେଉଛି । ହା ହା ହା...”

ବାପା ଧଡାଲି ଟିକେ ଗର୍ବରେ, “ମୋ ପୁଅ ମୋର ନାଁ ରଖିବ । ଏବେଠାରୁ ଗାଁ ଗହଳିରେ ଫିମସ ହେଇ ଗଲା ।”

ନଟିଆ ହସି ହସି, “ବାପା ଫିମସ ନୁହେଁ ଲୋ ଫେମସ ।”

ବାପା, “ହଁ ହଁ ସେଇ ଫେମସ ! ତୋତେ ଏହି ଖଣ୍ଡ ମଣ୍ଡଳରେ କିଏ ନ ଜାଣେ କହିଲୁ । ଯା ମୁହଁରେ ଦେଖ ନଟିଆ ନଟିଆ... କିଏ ଉପକାରୀ କହୁଛି ତ କିଏ ବଦମାସ କହୁଛି । ଆଉ କାହାର କିଛି କରମ କାଯ୍ୟ ହେଲେ ମୋ ଘରକୁ ଧାଇଁ ଆଉଛନ୍ତି । ଆଉ ନଟିଆ ଟିକେ ବଡ଼ିଭୋରୁ ପଳେଇ ଆଇବୁ କହୁଛନ୍ତି । ବାଃ ବାଃ ତୋ ଭଳି ପୁଅ ଜନ୍ମ କରି ମୁଁ ଧନ୍ୟ ହେଇଗଲିରେ ।”

ନଟିଆ ଟିକେ ମନ ଦୁଃଖରେ କହିଲା, “ବାପା ଜାଣିଛୁ କାଲି ଯେଉଁ ଯାଇଥିଲି ସେଇ ବ୍ରତଘରରେ ।”

ବାପା ଟିକେ ମୁହଁ ଶୁଖେଇ, “କଣ ହେଲା କିରେ ? ? ସେମାନେ ତ ଝୁଲା ଭରି ଖାଇବା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଠେଇ ଥିଲେ  ।"

ନଟିଆ ରୁଦ୍ଧ ଗଳାରେ, "ହଁ ଯେ ! ହେଲେ ଜାଣିଛୁ ଲୋ ବାପା ସେମାନେ ସକାଳୁ ପହରୁ ପତ୍ର କଟିବା ଠାରୁ କାମ କରେଇ କରେଇ ଶେଷରେ ମୋତେ ସବୁ ଖାଇକି ଗଲା ପରେ ଖାଇବାକୁ ଦେଲେ  । ଆଉ ଗୋଟେ କଥା ଜାଣିଛୁ ଲୋ ମାଆ ତାଙ୍କର ଗୋଟେ ବୁଢା ଅଛି , ଦେଖିଲେ ହାଡ଼ ଜଳି ଯାଉଛି  ।"

ମାଆ, "କଣ ହେଲାକିରେ ଧନ  ।"

ନଟିଆ କାନ୍ଦି ପକେଇଲା, "ମାଆ ସେ ବୁଢା ସବୁ କାମ କରେଇଲା ଆଉ ଯେଉଁ ଲୋକମାନେ ଆସନ୍ତି ଜାଣିଛୁ ତାଙ୍କୁ ଗେଷ୍ଟ କୁହାଯାଏ । ତାଙ୍କ ପାଇଁ ସରବତ ହୋଇଥିଲା, ମୋତେ ବହୁତ ଭୋକ ଲାଗିଲାଣି ତେଣୁ ସରବତ ମୁନ୍ଦେ ପିଇଦେଲି । ସେଇଠୁ ବୁଢ଼ାଟା ଆସିକି ଗୋଟେ ବାଡ଼ିରେ ଦୁଇ ପାହାର ମୋ ପିଠିରେ ଦେଇଦେଲା । ମୁଁ ପାଞ୍ଚମିନିଟ ସିଧା ହେଇ ପାରିଲି ନାହିଁ । ମାଆଲୋ ତାଙ୍କ ଘରକୁ ଜଣେ ବାବୁ ଲୋକ ଆସିଥିଲେ । ସେ ମୋ କାମ ଦେଖିକି କହିଲେ ବହୁତ କାମ କଲୁଣି ଗଣ୍ଡେ ଖାଇଦେ । ମୁଁ ଯାଇକି ଖାଇଲି ଆଉ କହିଲି ମୋତେ କିଛି ତରକାରୀ ଆଉ ଖାଇବା ଦିଅ ମୁଁ ମୋ ବାପା ଓ ମାଆଙ୍କ ପାଇଁ ନେବି କହିବାରୁ ସେ ଲୁଚେଇକି ଏତିକି ଦେଇଥିଲେ  ।"

ନଟିଆର ବାପା ବୁଝେଇଲା ଭଳି, "ଆରେ ନଟିଆ ହାତରେ କଣ ପାଞ୍ଚ ଆଙ୍ଗୁଳି ସମାନ ଥାଏ । ଦୁନିଆରେ କଣ ସବୁ ଏକା ପ୍ରକାର ଥାଆନ୍ତି । ତେଣୁ ଜଣେ ଜଣେ ଟିକେ ଟାଣୁଆ ମିଳିବେ ତୁ ଅଡୁଜଷ୍ଟ କରିବୁ ନା  ।"

ନଟିଆ ହସିଦେଇ, "ପୁଣି ଅଡୁଜଷ୍ଟ ହା ହା ଆଡ଼ଜଷ୍ଟ କହୁନୁ । ମୁଁ ଲୋକଙ୍କ ଘରେ ବୁଲି ବୁଲି ପୁରା ଖଣ୍ଡି ଇଂଲିଶ ଶିଖି ସାରିଲିଣି  ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଟିଆ ବାପା ଟିକେ ହସି ଦେଇ, "ଦେଖ ତୁ ମାଗଣାରେ ଏତେ କଥା ଶିଖି ଗଲୁଣି । ହଉ ମୁଁ ଆଜି ଯାଉଛି ଗୋଟେ ବଡ଼ ଝୁଲା ଆଣିବି ।"

ନଟିଆ ଟିକେ ଆଶ୍ଚର୍ଯ୍ୟ ହୋଇ, "କାହିଁକି ଲୋ ?"

ନଟିଆ ବାପା, "ଏବେ ତୁ ଫେମସ ହେଇ ଯାଇଛୁ ଆଉ ଯୁଆଡେ ଯିବୁ ବଡ଼ ଝୁଲା ଭରିକି ଆଣିବୁ ଓ ରାତି ପାହିଲେ କେଉଁଠି ମାଇକି ବାଜୁଛି ଲକ୍ଷ୍ୟ କରିବୁ ହେଲା ! ଯାହା ଛୁଆ ପଢୁଛି ପଢୁ । ପଢିଲେ ତ ସରଗକୁ ଚାଲିଯିବେ । ଆମର ଯେଉଁ ପଇସା ଅଛି ସବୁ ସୁଧ ଆସିକି ବଢୁଛି ଆଉ ବଢିବ । ମୁଁ କାମ କରୁଛି ଆଉ ସୁଧ ଲାଗେଇଛି । ତୋ ମାଆ ଦେଖ ଛେଳି, ଗୋରୁଗାଈ ଓ କୁକୁଡ଼ା ବତକ ପାଳି ବହୁତ ରୋଜଗାର କରୁଛି । ଆମର ଧନ ବଢିବ କେବଳ ବଢିବ । ଆମ ଘର ପାଖରେ ଯେଉଁ ପଣ୍ଡାଘର ଅଛି ତାଙ୍କ ବିଜୁଳି ବଲବର ଆଲୁଅରେ ଆମ ଦାଣ୍ଡ ଆଉ ଆମ ଘର ପୁରା ଆଲୋକିତ ହେଇ ଯାଉଛି ଆମେ ଆଉ , ବିଜୁଳି ଘରକୁ ଆଣିବା ନାହିଁ । ବୁଝିଲୁ ?"

ନଟିଆ ହସିଦେଲା ଫେଁ କିନା, "ହଁ ବାପା, ମୋ ବାପା ଭଳି ଆଉ କିଏ ଅଛି ଯେ ଦୁନିଆରେ କହିଲୁ ! ହଉ ମାଆ ମୋ କପଡା ଧୋଇ ଦେଇଛୁ କି ନାହିଁ? ବହୁତ ଗନ୍ଧ ଆଉଥିଲା !"

ମାଆ, "ହଁ କାଲି ଠାରୁ ବତୁରେଇ ରଖିଛି । ବତୁରେଇ ଗୋଟେ ଦିନ ରଖିଲେ ଆଉ ସାବୁନ ଦରକାର ହେବନି ଏବେ ଧୋଇ ଶୁଖେଇଦେବି ।"

ବାପା ମାଆ ଓ ପୁଅ କଥା ହେଉଥିବା ସମୟରେ ଗୋଟେ ସାହିରୁ ମାଇକି ବାଜିବା ଶବ୍ଦ ଆସିଲା ଓ ବାପାପୁଅ ଦୁଇଜଣ ହସିଦେଲେ । ବାପା କହିଲେ ନଟିଆ ବାଜିଲାଣି.... ବାଜିଲାଣି....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଟିଆ, "ହା... ହା... ହଁ ହଁ ଆସିଯିବେ କେହି ଏଇନେ ଆଉ ତୁ ଯାଉନୁ ଗୋଟେ ବଡ଼ ଝୁଲା ନେଇ ଆସିବୁ ।"

ବାପା, "ହଁ ଝୁଲା ଆଣିବି କଣ ଯେ, ସେଇ ଯେଉଁ ସାହୁ ଘର ବାଡିରୁ ଗୋଟେ ସିମେଣ୍ଟ ବ୍ୟାଗ ଆଣିଛି । ତାକୁ ତ ମାଆ ସିଲେଇ କରିଦେବ ଓ ତୁ ନେଇଯିବୁ, ବୁଝିଲୁ ?"

ଏଇ ସମୟରେ ହରିଆ ଭାଇ ଧାଇଁ ଧାଇଁ ଆସି ପହଞ୍ଚିଗଲେ ଆଉ କହିଲେ, ନଟିଆ ଏଇଠି ଠିଆ ହେଇଛୁ । ତୁ ଏଇନେ ମୋ ସହିତ ପଳେଇ ଚାଲ ।"

ନଟିଆ, "ଦେଖ ହରିଆ କକା ମୁଁ ଦାନ୍ତ ସଫା କରିନି ତେଣୁ ଦୋକାନକୁ କୋଲଗେଟ ଆଣିବାକୁ ଯିବି ଆଉ ସାବୁନ ଆଣିବି, ଆଉ ସାମ୍ପୁ ଆଣିବି ତା ପରେ ଗାଧୋଇ ପାଧୋଇ ଯିବି ନା !"

ହରିଆ ଭାଇ, "ଆରେ ତୁ ଚାଲ ମୁଁ ସବୁ ଦେବି ଆମ ଘରେ ତୁ ସଫା ହେଇଯିବୁ ।"

ନଟିଆ, "ଏଁ ଏ କି କଥା ମ, ତମେ ସିନା ଆଜି ପାଇଁ ଦେଇ ଦେବ ହେଲେ କାଲି ପହର ଦିନ କୋଉଠୁ ଆଣିବି ଯେ ?"

ହରିଆ, "ହଉ ସାବୁନ, ସେମ୍ପୁ ଆଉ କୋଲଗେଟ ବ୍ରସ ଜିଭ ଛାଲି ସବୁ କିଣିକି ଦେଇ ଦେବି ଏଇନେ ଚାଲ ମୋ ସହିତ ।" କହି ହରିଆ କକା ନେଇ ଗଲେ ନଟିଆକୁ ତାଙ୍କ ସହିତ । ବାପା ଧତାଲି ଦାସ ମାଆ ଦୁଖୁଲିକୁ ଅନାଇ କହିଲେ ଦେଖିଲ ମୋ ପୁଅର ବୁଦ୍ଧି । ବାପା ମାଆଙ୍କୁ ଗୋଟେ ସାବୁନ ବି କିଣିବାକୁ ଦେଲାନି । ଏମିତି ପୁଅ ଭାଗ୍ୟରେ ଥିଲେ ମିଳେ । ହଉ ଚାଲ କାଲି ଯେଉଁ ତରକାରୀ ଥିଲା ଓ ପଖାଳ ଭାତ ଥିଲା ଖାଇଦେବା ।

ନଟିଆ ଯାଇ ହରିଆ କକାଙ୍କ ସହିତ ସବୁ କିଛି କିଣି ପକେଇଲା ତା ପରେ କାମ କରିବା ଆରମ୍ଭ କଲା । ଆଜି ବହୁତ ଖୁସିଥିଲା ସେ । ସେଥିପାଇଁ ଗଧ ଭଳି ଖଟିବାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିଲା । କୌଣସି କାମରେ ସହଯୋଗ ନ କରିବାର ଦେଖି ନଥିବ କିଏ । ଲୋକେ କୁହନ୍ତି ଦେଖ ବାପା ସୁଧ ଲଗେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛି ହେଲେ ଛୋଟିଆ ପୁଅଟା ତାର କେମିତି ୟା ଘର ତା ଘର ହୋଇ ପତ୍ର ଉଠା କାମ କରୁଛି । ଗୋଟିଏ ଝିଅ ହୋଇଥିଲା ଯେ, ବଢ଼ିଲେ ବାହାଘର କରିବାକୁ ପଡିବ ବୋଲି ତାକୁ ଚାହିଁଲେ ନାହିଁ । ଜ୍ୱରରେ ପଡି ପଡି ମରିଗଲା । ଆଉ ଏହି ପୁଅଟା ବି ବାରବୁଲା କୁକୁର ଭଳି ହେଉଛି । ଏମିତି ଗାଁ ଲୋକ ବହୁତ କୁହ କୁହି ହୁଅନ୍ତି ।

ବାପା ଧତାଲି ବି ଶୁଣନ୍ତି ଲୋକଙ୍କ କଥା ହେଲେ ସେ କୁହନ୍ତି ମୋତେ କେହି ଦେଇ ଦେବେନି କିନ୍ତୁ କହିବେ ।

ଆଜି ନଟିଆ ଟିକେ ଅଧିକ କାମ କରି ବହୁତ ଥକି ପଡିଥାଏ । ଗାଧୋଇବା ତ ଦୂରର କଥା ପାଣି ପିଇବା ବି ଭୁଲି ଯାଇଥାଏ । ଖାଇବା ସମୟ ହେଲା ପତ୍ର ଉଠା କାମ କରୁଥାଏ ହଠାତ ତା ପେଟରେ ଦରଦ ଆରମ୍ଭ ହେଲା । ପେଟରେ କିଛି ନଥିବାରୁ ପିତ ବାନ୍ତି ହେବାକୁ ଲାଗିଲା । କାହାରିକୁ କିଛି ନକହି ଗୋଟିଏ ପୋଖରୀ ନିକଟକୁ ଯାଇ ସେଠାରେ ମୁହଁ ଧୋଇଲା ଆଉ ବହୁତ ଥକି ଯାଇଥିବାରୁ ଟିକେ ଶୋଇଗଲା । ହରିଆ କକା ଖୋଜି ଖୋଜି ଯାଇ ଦେଖିଲେ ନଟିଆ ପୋଖରୀ କୂଳରେ ଶୋଇଛି । ଡାକିଲେ ନଟିଆ ନଟିଆ.... ! ଶୋଇଛୁ କାହିଁକି । ନଟିଆ ଉଁ କିଣା କହି ଆଖି ବୁଜିଦେଲା । ହରିଆ କକା ତା ଦେହରେ ହାତ ଲଗେଇ ଜାଣିପାରିଲେ ଭୀଷଣ ଜ୍ୱର । ପିଲାଟାକୁ ନେଇ ଆସି ତା ଆଡ଼କୁ ଆଉ ଧ୍ୟାନ ଦେଲି ନାହିଁ । କିଛି ସକାଳଠାରୁ ଖାଇ ନାହିଁ ବୋଧେ ତେଣୁ ତାକୁ ବାନ୍ତି ହୋଇଛି ଓ କମଜୋରି ପାଇଁ ଜ୍ୱର ଆସିଯାଇଛି । ହରିଆ କକା ଉଠେଇ ନେଇଥିଲେ ଘରକୁ । ମୁଣ୍ଡରେ ପାଣି ଦେଇ ଭଲିକି ଧୁଆ ଧୋଇ କରିଦେବାରୁ ଟିକେ ଜ୍ୱର କମିଥିଲା । ଖାଇବାକୁ ମାଗିବାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଇଲା ନାହିଁ । ହରିଆ କକା କିଛି ଖାଦ୍ୟ ସହ ତା ପାଇଁ କିଣିଥିବା ସାବୁନ ଆଉ ସେମ୍ପୁ ନେଇ ତାଙ୍କ ଘରେ ଛାଡ଼ି ଦେଇ ଆସିଲେ ।

ବାପା ଧତାଲି ପୁଅର ଅବସ୍ଥା ଦେଖି କହିଲେ ବ୍ୟସ୍ତ ହଅନା ବାପା ତୋର ଜ୍ୱର ହେଇଛି ଛାଡିଯିବ । ଟିକେ ଶୋଇପଡ଼ । ଆଉ ଜଣେ ଆଇଥିଲା କହି ଯାଇଛି କାଲି ଯିବା ପାଇଁ । ଏମିତି କହି ସ୍ୱାଦିଷ୍ଟ ଖାଦ୍ୟରୁ ବୋହେ ବୋହେ ଗିଳି ପକେଇଲେ ବାପା ଆଉ ମାଆ । ପୁଅ ସେମିତି ରାତିଯାଏ ଶୋଇଥାଏ । ମାଆ ଯେତେ ଲୋଭି ହେଲେ ବି ମାଆ ! ମାଆ କିନ୍ତୁ ପୁଅର ଜ୍ୱର ହୋଇଛି ଜାଣି ଦେହରେ ବାରମ୍ବାର ତେଲ ମାଲିସି କରୁଥିଲେ । ଗୋଡ଼ ହାତ ଦବେଇ ଦେଉଥିଲେ । ପୁଅକୁ ଡାକ୍ତର ପାଖକୁ ନେବାକୁ ବାପାଙ୍କୁ କହୁଥିଲେ, ହେଲେ ବାପା କହୁଥିଲେ, “ଜ୍ୱର ଆସିଛି କଣ ସେମିତି ରହିଥିବ ଛାଡି ଯିବନି ।”

ରାତି ଦଶଟା ହେଲା ଜ୍ୱର ବଢି ବଢି ଚାଲିଥାଏ । ଜ୍ୱର ବଢି ବଢି ମୁଣ୍ଡ ଧରିନେଇଥାଏ । ମୁଣ୍ଡ ବିଚଳିତ ହେବାରେ ଲାଗିଲା । ପିଟି ଛାଟି ହୋଇ କହୁଥାଏ ମାଆ ମାଆ... ହେଲେ ମାଆ ବା କଣ କରିପାରିବ । ବାଡିରୁ ଯାଇ ଗଙ୍ଗଶିଉଳି ପତ୍ର କିଛି ଆଣି, ଛେଚି ତା ରସକୁ ପିଆଇଲା । ହେଲେ ଆଜି କାଲି ପାରାସିଟାମୋଲ ନ ମାନୁଥିବା ଜ୍ୱର କଣ ପତ୍ର ରସରେ କମିବ । ଏମିତି ଉଁ ଉଁ ହେଉଥାଏ ପୁଅ । ବାପା ଶୋଇଯାଇଥିଲେ ସ୍ୱାଦିଷ୍ଟ ବଳକା ଖାଦ୍ୟ ଖାଇ । ହେଲେ ମାଆ ପୁଅ ପାଖରେ ବସି ମୁଣ୍ଡ ଦବେଇ ଦେଉଥାନ୍ତି । ମୁଣ୍ଡରେ ଓଦା କପଡା ପକେଇ ପୋଛି ଦେଉଥାନ୍ତି । ଜ୍ୱର ଏବେ ପ୍ରବଳ ରୂପ ଧାରଣ କଲା ଓ ଦେହ ବିଚଳିତ ହେବାକୁ ଲାଗିଲା । ପେଟରେ ଟିକେ ଦାନା ନ ଥାଏ ତା ସହିତ ଯାହା ବି ପତ୍ର ରସ ପାଣି ପିଆଇଲେ ସବୁ କିଛି ବାନ୍ତି ହୋଇ ବାହାରି ଯାଉଥାଏ ।

ରାତି ପାହିଲା, ଗାଁ ଲୋକ ନଟିଆକୁ ବହୁତ ଭଲ ପାଆନ୍ତି କାରଣ ଉପକାରୀ ପିଲାଟା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନଟିଆର ଜ୍ୱର କମିନି ଡାକ୍ତରଖାନା ନେବାକୁ କହିବାରୁ ବାପା ଧତାଲି କହିଲା ହରିଆକୁ ଡାକ ସେ ନେଇକି ମୋ ପୁଅକୁ ଜ୍ୱର ଦେଇଛି । ସେ ଭଲ କରିବ । ଯେତେ ଯିଏ ନେହୁରା ହେଲେ ବି ଧତାଲି ଦାସ ଶୁଣିବାର ନାହିଁ । ଗାଁ ଲୋକ ହରିଆକୁ ଖବର ଦେଲେ ଓ ହରିଆ ଆସିଲା । ହରିଆକୁ ଧତାଲି କହିଲା ତୁ ନେଇ ମୋ ପୁଅକୁ ଜ୍ୱର ଦେଇଛୁ । ତୁ ଭଲ କରିବୁ ନ ହେଲେ ମୁଁ ଥାନାକୁ ଯିବି । ହରିଆ ବାଧ୍ୟ ହେଇ ନଟିଆକୁ ଡାକ୍ତର ପାଖକୁ ନେଇକି ଗଲା । ଡାକ୍ତର ସମ୍ପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରି କହିଲେ ଯେ ନଟିଆକୁ ଟାଇଫୋଏଡ଼ ହୋଇ ମୁଣ୍ଡକୁ ଜ୍ୱର ଉଠି ଯାଇଛି ତେଣୁ ଜ୍ୱରରୁ ନଟିଆକୁ ବଞ୍ଚେଇବା ବହୁତ କଷ୍ଟ । ଗାଁ ଲୋକ ମାନେ ଡାକ୍ତରଙ୍କୁ ବହୁତ ନେହୁରା ହୋଇଥିଲେ କି ନଟିଆକୁ ଭଲ କରିଦିଅନ୍ତୁ । ହେଲେ ପରିସ୍ଥିତି ଏମିତି ଥିଲା ତିନିଦିନ ଡାକ୍ତର ଖାନାରେ ରହି ନଟିଆର ମୃତ୍ୟୁ ହୋଇ ଯାଇଥିଲା ।

ପିଲାଟିଏ ଯେତିକି ଶ୍ରମ ଓ ଯେତିକି ସଂସ୍କାର ମଧ୍ୟରେ ରହି ନିଜକୁ ବିକଶିତ କରି ପାରିବ ସେତିକି ବାତାବରଣ ତା ପାଇଁ ଯୋଗେଇ ଦେବା ଆବଶ୍ୟକ । ନ ହେଲେ କଢ଼ିଟିଏ ପ୍ରସ୍ଫୁଟିତ ହେବା ପୂର୍ବରୁ ନଷ୍ଟ ହୋଇଯିବ । ଏଣୁ ଅର୍ଥଲୋଭ ମଣିଷକୁ ଦିଗହରା କରିଥାଏ ।

ଅଙ୍କିତା ପାଢ଼ୀ(ବାପା:ରଞ୍ଜନ ପାଢ଼ୀ)

ଅଷ୍ଟମ ଶ୍ରେଣୀ, ମନ୍ମଥପୁର,

ବ୍ରାହ୍ମଣ ଗାଁ, ଭଦ୍ରକ...

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନ୍ମଦିନର ସ୍ମୃତି



ବୈବସ୍ୱତ ନାୟକ

ମାର୍ଚ୍ଚ ୨୧ ମୋର ଜନ୍ମଦିନ । ଏହାମୋର ୧୯ତମ ଜନ୍ମଦିବସ, ଜୀବନଯାତ୍ରାରେ ଚାଲୁ ଚାଲୁ ଆଜି ମୋତେ ୧୯ ବର୍ଷ ପୁରିଲାଣି । ଜୀବନରେ ଯେତେ ଦୁଃଖ, ରାଗ ଅଭିମାନ ଥିଲେ ସୁଦ୍ଧା ନିଜ ଜନ୍ମଦିନରେ ଟିକେ ଖୁସି ଟିକେ ଆନନ୍ଦ ଲାଗେ । ଜୀବନର ଏଇ ଚଲାପଥରେ ବେଳେ ବେଳେ ଅନେକ ସ୍ମୃତି ଛାଡ଼ି ଆଗକୁ ଚାଲିବାକୁ ହୁଏ । ଯେବେ ମନେପଡ଼ିଲେ ସେହି ସ୍ମୃତିଗୁଡ଼ିକ ଫେରିବାକୁ ଇଚ୍ଛା ହୁଏ ଅତୀତକୁ, ମିଶିବାକୁ ବ୍ୟାକୁଳ ହୁଏ ଅତୀତର ଅତିଥି ସହ ।

ରାତି ପ୍ରାୟ ସାଢ଼େ ବାରଟା ବେଳକୁ ମୋର ସାଙ୍ଗମାନେ ହ୍ୱାଟ୍ସଆପ୍ ଆଉ ଫେସବୁକରେ ଅଭିନନ୍ଦନ ଜଣାଉଥାନ୍ତି ଓ ମୁଁ ତାଙ୍କ ପ୍ରତି ଉତ୍ତରରେ ଧନ୍ୟବାଦ ଜ୍ଞାପନ କରୁଥାଏ । ହଠାତ୍ 'ହ୍ୟାପି ବାର୍ଥ୍ ଡେ ଡିୟର୍' ୧୨.୪୫ ବେଳକୁ ମେସେଜ୍ ଆସିଲା । ମୁଁ ବୁଝି ପାରୁନଥିଲି ବ୍ରେକ୍ ଅପର ଦୁଇବର୍ଷ ପରେ କେବେ ମେସେଜ୍ କି ଫୋନ୍ କଲ୍ କରିନଥିଲେ ଆଜି କେମିତି ମନେପଡ଼ିଲା । ହୃଦୟ ଓ ମସ୍ତିଷ୍କ ମଧ୍ୟରେ ଯୁକ୍ତିତର୍କର ଯୁଦ୍ଧ ଆରମ୍ଭ ହୋଇଗଲା । ହୃଦୟ କହୁଥିଲା ଉତ୍ତର ଦେବାକୁ ଓ ମସ୍ତିଷ୍କ କହୁଥିଲା ଅଣଦେଖା କରିବାକୁ । ହୃଦୟ ସ୍ମୃତିର ସିନ୍ଧୁକ ଖୋଲି ଗୋଟି ଗୋଟି ସ୍ମୃତିକୁ ମନେ ପକାଉଥିଲା, ପ୍ରଥମ ଦେଖାର ଦିନକୁ ଆଖି ଆଗରେ ନଚେଇ ଦେଉଥିଲା । ଆଉ ମସ୍ତିଷ୍କ ସବୁ ଲୁହଭିଜା ଓ ନିଦହଜା ରାତିର କୋହ ଦେଉଥିଲା । ଏମିତି ଯୁକ୍ତିତର୍କ ଚାଲୁ ଚାଲୁ ସାଢ଼େ ଏକ୍ ହୋଇଗଲା । ଶେଷରେ ମସ୍ତିଷ୍କ ଠାରୁ ହୃଦୟ ଜିତିଲା ଆଉ ମୁଁ ଉତ୍ତର ଦେଲି, 'ଥେଙ୍କ୍ ୟୁ' । କିଛି ସମୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗଲାପରେ ମେସେଜ୍ ଆସିଲା, ଏ ପର୍ଯ୍ୟନ୍ତ ଶୋଇନାହଁ, କାହାପାଇଁ ଚେଇଁଛ ନା କାହା ସ୍ମୃତିରେ ନିଦ ଆସୁନି ? ଭାବିଲି ବ୍ରେକ୍ ଅପ୍ ପରେ ବି ଆଜି ମୋ ମନର କଥା କେମିତି ଜାଣିପାରୁଛନ୍ତି । କିଛି ସମୟପରେ ଉତ୍ତର ଦେଲି - ତୁମେ ବି ତ ଏ ଯାଏଁ ଶୋଇନ, ତୁମ ଖବର କଣ ? କିଛି ଉତ୍ତର ଦେଲେନି କେବଳ୍ ଲଭ୍‌ର ଇମୋଜି କେତୋଟି ପଠେଇଦେଲେ ।

ଏମିତି ରାତି ଦୁଇଟା ବେଳକୁ ସେ ଫୋନ୍ କଲେ ଆଉ ଭୋର୍ ପାଞ୍ଚଟା ପର୍ଯ୍ୟନ୍ତ କଥା ହୋଇଥିଲୁ । ଦୀର୍ଘ ତିନିଘଣ୍ଟା ଯେପରି କେତେ ସେକଣ୍ଡ ପରି ହିଁ ଲାଗିଲା । ଅନେକ ରାଗରୁଷା ମାନ ଅଭିମାନ ସନ୍ଦେହ ଆଉ କିଛି ଗୋପନକଥା ସେହି ରାତିରେ ଶେଷ ହୋଇ ଯାଇଥିଲା । ତାହା ମୋ ପାଇଁ ଶ୍ରେଷ୍ଠ ଜନ୍ମଦିନ ଗିଫ୍ଟ; ସବୁଠାରୁ ପ୍ରିୟ ବ୍ୟକ୍ତି ମୋ ପାଖକୁ ଫେରି ଆସିଥିଲା । କେବେ ଆଶାନଥିଲା କି ଦିନେ ମୋ ହଜିଲା ଦିନର ପ୍ରେମକୁ ଫେରି ପାଇବି । ପ୍ରେମ ଚିର ଅମର, ପ୍ରେମ ସଦା ପବିତ୍ର, ପ୍ରେମ ଚିର ଶାଶ୍ୱତ, ପ୍ରେମ କେବଳ ମିଳନରେ ନଥାଏ; ତ୍ୟାଗ ହିଁ ପ୍ରେମର ପ୍ରକୃତ ପରିଭାଷା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ଏ କରୋନା



ପୁଷ୍ପାଞ୍ଜଳୀ ପଟ୍ଟନାୟକ

କିଏ ଏ କରୋନା କିପରି ଆସିଲା
ମନୁଷ୍ୟ ଭିତରେ ଧସେଇ ପଶିଲା
କାଳ ହୋଇ ଆସି ପ୍ରାଣ ଖାଇଗଲା
ଯେତେ ଜ୍ଞାନ-ବିଜ୍ଞାନକୁ ହରାଇଲା
କିଛି ପ୍ରତିକାର ହୋଇନପାରିଲା
ଦେଶ ବିଦେଶରେ ବ୍ୟାପି ବ୍ୟାପିଗଲା
କିଏ ଏ କରୋନା କିପରି ଆସିଲା - ୧

ଡରିମରି ବିଦେଶୁ ମନୁଷ୍ୟ ଫେରିଲା
କରୋନା ଭୂତାଣୁ ସାଥିରେ ଆଣିଲା
ଗାଡ଼ି, ଘୋଡ଼ା, ଯାନ ସବୁ ବନ୍ଦହେଲା
ସ୍କୁଲ୍, କଲେଜ୍, କଳକାରଖାନାରେ ବି ତାଲା
କିଏ ଏ କରୋନା କିପରି ଆସିଲା - ୨

ବାୟୁ ପ୍ରଦୁଷଣରୁ ସିନା ମୁକ୍ତି ମିଳିଲା
ବେପାରବଣିଜର ଘୋର କ୍ଷତି ହେଲା
ଘରୁ ବାହାରିବା ମନା ହୋଇଗଲା
ଗରିବଙ୍କୁ ସର୍କାର ଖାଇବାକୁ ଦେଲା
କେବେ ଯିବ ଏ ରୋଗ ଜଣା ନ ପଡ଼ିଲା
କିଏ ଏ କରୋନା କିପରି ଆସିଲା - ୩

ପିତା ଅନ୍ୟଦେଶେ ପୁତ୍ର ଏଠି କାନ୍ଦିଲା
ସ୍ତ୍ରୀ ଛଟପଟ ହୋଇ ସ୍ୱାମୀକୁ ଝୁରିଲା
ମାଆ କାନ୍ଦିକାନ୍ଦି ପ୍ରଭୁଙ୍କୁ ପୂଜିଲା
ମାଳିକା ବଚନ ଆଜି ସତ୍ୟ ଯେ ହୋଇଲା
ଏପରି ବି ହେବ ଦିନେ, କିଏ ଭାବିଥିଲା
କିଏ ଏ କରୋନା କିପରି ଆସିଲା - ୪

କରୋନା ବିଶ୍ୱକୁ ଥରେଇ ଯେ ଦେଲା
ଫୋନ, ଟିଭି ଦେଖି ଦିନ ଯେ ବିତିଲା
ପ୍ରଭୁ ହିଁ ରଖିବେ କହି ହାତ ଟେକିଦେଲା
ବିଶ୍ୱ ଇତିହାସେ ତୋ ନାମ ରହିଲା
ଚଞ୍ଚଳ ଯା ଚାଲି ଏ ଅନୁରୋଧ ରହିଲା
କିଏ ଏ କରୋନା କିପରି ଆସିଲା - ୫

ରେକି ବିଶାରଦ, ଗଜପତି ନଗର, ସପ୍ତମ ଲାଇନ୍,
ବ୍ରହ୍ମପୁର, ଭ୍ରାମ୍ୟଭାଷ : ୯୪୩୭୦୪୩୯୫୧

ଆହ୍ୱାନ ଛାମୁଡ଼ିକା

Magazine Downloaded from www.aahwaan.com

# କୋଭିଡ଼ ୧୯



ବରୁଣ କୁମାର ଦାସ

ଆଂତଙ୍କ

ଅନିଶ୍ଚିତ

ମୃତ୍ୟୁ ଗଣନା

ନିର୍ଜନ ଜନପଦ

ଶବ୍ଦହୀନ ପ୍ରହର ।

ବିରାଜିତ ସତର୍କ

ଆଇନର ନଜର

ଲୋକଡ଼ାଉନ ଜୀବନ

ଅର୍ଥ ଶୂନ୍ୟ

ଧର୍ମ ,ବର୍ଣ୍ଣ ଓ ରଙ୍ଗ ।

ଅଙ୍କୁରିତ ବିଷମୁକ୍ତ ପତ୍ର

ନିଜ ପରି ଫୁଟିଛି ଫୁଲ

ପକ୍ଷୀ ମାପୁଛି ମୁକ୍ତିର ଅମୃତ ।

ପାଳୁସିଆ ,ଭୋଗରାଇ ,ବାଲେଶ୍ବର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଲୋ କରୋନା



ଦୁର୍ଯ୍ୟୋଧନ କରଡ଼ା

ଆଲୋ କରୋନା, ଦରକାର ନାହିଁ ତୋ କରୁଣା... ତୋ କରୁଣା
ସହଜେ ତ ମୋର ଅବସ୍ଥା ଖରାପ
ଜନତା କର୍ଫ୍ୟୁରେ ଘରେ ଦିନଯାକ
ବେଶୀ ବେଶୀ ଆଉ ପ୍ରେମ କରେନା...
ଆଲୋ କରୋନା, ଦରକାର ନାହିଁ ତୋ କରୁଣା... ତୋ କରୁଣା... ।ଘୋଷା ।

କିଏ ବୋପା କିଏ ମାଆ ଜଣାନାହିଁ
ସାରା ଜଗତଟା ଡାକେ ତ୍ରାହି ତ୍ରାହି
କରେନା ଥାଉ ଲୋ ବେଶୀ ବାଟବଣା
ଆଲୋ କରୋନା, ଦରକାର ନାହିଁ ତୋ କରୁଣା... ତୋ କରୁଣା... ।ଘୋଷା ।

ପାକିସ୍ତାନ ସାଥୀ ଚାଇନା ଖାଇଲୁ
ରାହୁଲ ଗାନ୍ଧୀର ମାମୁଁ ଗାଁ ନାଶିଲୁ
ମୋଦିର ସଙ୍ଗାତ ଟ୍ରମ୍ପ କଣା...
ଆଲୋ କରୋନା, ଦରକାର ନାହିଁ ତୋ କରୁଣା... ତୋ କରୁଣା... ।ଘୋଷା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଡ଼ ବଡ଼ ନେତା ବିଜ୍ଞାନୀ ଡାକ୍ତରୀ

ଝାଡ଼ା ହେଲେଣି ଲୋ ତୋ ପ୍ରେମକୁ ଡରି

ଧନ୍ୟ ତୋର ଲୀଳା ତତେ ହିଁ ଜଣା...

ଆଲୋ କରୋନା, ଦରକାର ନାହିଁ ତୋ କରୁଣା... ତୋ କରୁଣା... ।ଘୋଷା ।

ଶହେ ଚୌରାଳିଶି ଲକ୍ ଡାଉନ୍

ସବୁଠି ବନ୍ଦ ଗାଁଠୁ ଟାଉନ୍

ହୋମ୍ କୋରାଣ୍ଟାଇନ୍ ହେଲା ଘୋଷଣା...

ଆଲୋ କରୋନା, ଦରକାର ନାହିଁ ତୋ କରୁଣା... ତୋ କରୁଣା... ।ଘୋଷା ।

ମୋହନା, ଗଜପତି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କୋଭିଡ଼-୧୯ : ତୃତୀୟ ବିଶ୍ୱଯୁଦ୍ଧ



ଦଣ୍ଡାସୀ ପ୍ରଧାନ

ଯୁଦ୍ଧ ! ଆଜି ବିଶ୍ୱ ସମ୍ମୁଖରେ ଯୁଦ୍ଧ !

ମାନବ ବନାମ  ଅମିମାଂସିତ ଅଣୁଜୀବ ଜୀବାଣୁ,

ପକ୍ଷ ଓ ପ୍ରତିପକ୍ଷ ।

ଦିଗରୁ ଦିଗନ୍ତ ପ୍ରମାଦ ! ଫିଟୁ ନାହିଁ ଶାସ୍ତ୍ର ସିନ୍ଧୁକ, ଅସ୍ତ୍ରଶସ୍ତ୍ରାଗାରର ।

ପ୍ରୟାସ ପ୍ରଯତ୍ନରେ ଅସ୍ତବ୍ୟସ୍ତ, ଜ୍ଞାନ ଓ ବିକାଶ ବିଜ୍ଞାନ ।

କରୋନା କବଳିତ କୋଭିଡ୍-୧୯ର ଆହ୍ୱାନ,

ଆଣି ଥୋଇଛି ସାକ୍ଷାତ ସମ୍ମୁଖ ଯୁଦ୍ଧର ସ୍ୱରୂପ-

ମୋର ଏ ମଧୁର ଧରାରେ ସୃଜିଛି ବିଭତ୍ସ ଭୟଙ୍କର ରୂପ !

ମୃତ୍ୟୁ ବିଭୀଷିକାର ବାହୁ ବିସ୍ତାରି ଚାଲିଛି,

କ୍ଷେତ୍ରରୁ କ୍ଷେତ୍ର, ଅପ୍ରାନ୍ତ ଦେଶରୁ ଦେଶାନ୍ତର ।

ଅକ୍ଷୟଶୀଳ ସୃଷ୍ଟିରେ ଆଜି ଅସ୍ପୃଶ୍ୟକାତରତାର ସ୍ୱର-

ସତେ ଲାଗୁଛି ବିଶ୍ୱେ ସମୂଳେ ବିନାଶ ଯିବ ମାନବ ସତ୍ତାର ! ।୧ ।

ଆମେ ମନୁଷ୍ୟ !

ମନମୟ  କୋଷର ତନ୍ମୟି ବରଦାନୀ ବିଜ୍ଞାନୀ ପ୍ରାଣଟିଏ,

ଅନ୍ନରୁ ଆନନ୍ଦମୟ ସ୍ତର ଯାଏ ।

ଧୀମତାର ପୂର୍ଣ୍ଣିମ ପରିଚୟ –

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅକ୍ଷୟ ଊର୍ଜାର ନିୟତ ନିୟମେ, ଅଜେୟ ଦୁର୍ଜୟ ।

ସଦା ଶ୍ରେୟର ବିଶ୍ୱାସୀ । ସତ୍ ର ସିଦ୍ଧାନ୍ତରେ, ଅସତ୍ୟର ଅସ୍ଥାୟୀତ୍ୱରେ ।୨ ।

ଆମେ ସତର୍କ,

ବିଧି ଓ ଧ୍ୟେୟର ଭାବ ଦର୍ଶନରେ ଯୁଗେ ଯୁଗେ ଜାଗ୍ରତ ।

ଆମେ ଆଜି ଆହ୍ୱାନ ଦେଇଛୁ, ସଚେତନତାର ନୂତନ କୌଶଳେ,

ଶୂନସାନ୍ ଆନ୍ଦୋଳନକୁ ନାଇ --

ବିବିଧ ବନ୍ଦ ଓ ସାମାଜିକ ଦୂରତ୍ୱ ଆହ୍ୱାନର ବନ୍ଧନ ଡେଇଁ;

'ଜନତା କର୍ଫ୍ୟୁ' ଅଭିନବ ଅଭୟ ପ୍ରାଥମିକ ପ୍ରାରମ୍ଭ ମାତ୍ର ।

'କରୋନା' ନିପାତର 'ଚକ୍ରବ୍ୟୂହ' ସଂରଚନା ।୩ ।

ସୁସ୍ଥ ମନରେ, ମନକୁ ମନ ମିଳାଇ, ଆମେ ସ୍ୱଚ୍ଛ ।

ଆଜି ଆମେ ଜାଗ୍ରତରେ ସ୍ତବ୍ଧ ।

ଉନ୍ମେଷମୟର ପରିଚୟ ପ୍ରକାଶରେ, ନୀରବ ପ୍ରତିବାଦ ।

ଶତ୍ରୁ ଅବା ମୃତ୍ୟୁରେ ନାହିଁ ଭୟ ।

ବରଂ ଆତ୍ମୋଦ୍ଧାରେ ଅନ୍ୱେଷଣେ ରତ--

ସଙ୍କ୍ରମୀ ସଙ୍ଘର୍ଷେ ଆବିଷ୍କାରିବୁ କୁଶଳୀ ଉପାୟ ।

ମନୁଷ୍ୟ ସତ୍ତାର କ୍ରମବିବର୍ତ୍ତନରେ, ଯୋଡ଼ିହେବ ଏକ ନୂତନ ଅଧ୍ୟାୟ ।୪ ।

କେତେ ମହାମାରୀ ଆସି ଫେରିଛନ୍ତି ।

ଆଉ କେତେ ଭେଷଜ ବିଜ୍ଞାନଗାରାର ବନ୍ଦ କୋଠରୀରେ ବନ୍ଧା ପଡିଛନ୍ତି ।

ପ୍ରତିଷେଧକ ଇଞ୍ଜେକ୍ସନ ଅବା ଆବଦ୍ଧିତ ବଟିକା ଭିତରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ରାହି ତ୍ରାହି ଚିତ୍କାରୁଛନ୍ତି, ମୁକ୍ତି ମାର୍ଗକୁ ଆବୋରି ।

'କରୋନା' ତୋର ବି ସେଥିରୁ ନିସ୍ତାର ନାହିଁ ।

ମୃତ୍ୟୁ ଘଡିର ଘଣ୍ଟ ବି ବାଜି ସାରିଲାଣି ।୫ ।

ଆମର ଧୈର୍ଯ୍ୟ ହିଁ ଆମରି ଆଭୂଷଣ ।

ଆମ ଅନବରତ କର୍ମନିଷ୍ଠ ଉପାସନା ହିଁ ଆମରି ପାରିବାର ପଣ ।

ଆମ ସମସ୍ୟାକୁ ସୁଯୋଗରେ ରୂପାନ୍ତରିତ କରିବାର

ସାମର୍ଥ୍ୟ ହିଁ ଆମ ସଫଳତା ।

ଆମ ଜୀବନ ଜୀଇଁବାର ସତ୍ ସିଦ୍ଧ ସୂତ୍ରହେଲା--

ପୂର୍ଣ୍ଣରେ ପୂର୍ଣ୍ଣକୁ ଯୋଡି ଅବା ବାଦଦେଇ ପରିପୂର୍ଣ୍ଣତ୍ୱକୁ

ପ୍ରତିପାଦନ କରିବାର 'ବୌଦ୍ଧିକ ସମତ୍ୱ' ।

ଜ୍ଞାନ ବିଜ୍ଞାନ ସମ୍ମତ ତାର୍କିକ ଆବର୍ଭାବନା ହିଁ;

ଆମ ବିବିଧ ଭେଦର ବୈଷୟିକ ସମାପ୍ତି ।

ଆମେ ଜୀବନ ଜୀଇଁବାର ସତ୍ ସିଦ୍ଧ ସୂତ୍ରଭେଦ ।୬ ।

ଶ୍ରୀଯୁକ୍ତ ଦଣ୍ଡାସି ପ୍ରଧାନ, ଉ ସା ସେବା ସଂସଦ, ପାତ୍ରପୁର

ଭ୍ରାମ୍ୟ/ଭାଷ୍ୟ ନଂ ୮୭୬୦୧୯୪୯୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନାର ଭୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବଢ଼ି ବଢ଼ିଯାଏ କରୋନା ରୋଗ ଯେ

ଦବି ଦବିଯାଏ ମନ,

କାମରେ ନ ଆସେ ଧନ

ଛୁଇଁଦେବ କାଳେ କିଏ କେଉଁଠାରେ

ସେ ହେତୁ ଅଥୟ ମନ

ନ ଦିଶଇ ବୁଦ୍ଧି ଆନ,

ଡାକ୍ତର ନର୍ସ ପୋଲିସ ପ୍ରଶାସନ

ଦିଶନ୍ତି ଦେବ ସମାନ ।

ନିଜ ଘରେ ସୁରକ୍ଷିତ ରୁହ ଭାଇ

ନ ହରାଅ ନିଜ ପ୍ରାଣ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜାଗୃତି ଅଭିଯାନ



ପ୍ରକାଶ ଚନ୍ଦ୍ର ପଣ୍ଡା

ସଭିଏଁ ଚାଲରେ ଏକାଠି ହେବା
କରୋନା ବିପକ୍ଷେ ମିଶି ଲଢ଼ିବା
ଦିଲ୍ଲୀଠାରୁ ପଲ୍ଲୀ ସବୁଠି ମିଶି
ଜାଗୃତିଭିଜାନ ଜାରି ରଖିବା ।
ସଭିଏଁ ଚାଲରେ ଏକାଠି ହେବା...

ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ
ସଭିଏଁ ମିଶିବା ଏକାଠି ହେବା
କରୋନା ଭୂତାଣୁ ମହାମାରୀଠୁ
ମାନବଜାତିକୁ ରକ୍ଷା କରିବା ।
ସଭିଏଁ ଚାଲରେ ଏକାଠି ହେବା...

କିଛିଦିନ ଚାଲ ଘରେ ରହିବା
କାମଦାମ ଠାରୁ ଦୂରେଇଯିବା
ପ୍ରଶାସନ କଥା ଆମେ ମାନିବା
ସହଯୋଗ ହାତ ବଢ଼େଇଦେବା ।
ସଭିଏଁ ଚାଲରେ ଏକାଠି ହେବା...

ନିଜ ବାସଗୃହେ ନିଜେ ରହିବା
ତେବେ ସଂକ୍ରମଣ ରୋକିପାରିବା
ସଂକ୍ରମଣର ରଜୁକୁ ଆଗକୁ
ବଢ଼ିବାକୁ ଆମେ ଆଉ ନ ଦେବା ।
ସଭିଏଁ ଚାଲରେ ଏକାଠି ହେବା...

ସଚେତନ ନାଗରିକ ଭାବେ
ସମାଜକୁ ଆମେ କି ବାର୍ତ୍ତାଦେବା
ଆମ ପରପୀଢ଼ିର ମଙ୍ଗଳ ପାଇଁ
ହାତକୁ ହାତ ଚାଲ ମିଶାଇଦେବା ।
ସଭିଏଁ ଚାଲରେ ଏକାଠି ହେବା...

ସହକାରୀ ଶିକ୍ଷକ
କଲ୍ୟାଣପୁର, ଭୂଇଁପୁର, ଯାଜପୁର
ଭ୍ରାମ୍ୟଭାଷ : ୮୨୪୯୪୯୯୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନାରୁ ମୁକ୍ତିଦିଅ ଭଗବାନ



ଡଃ ମନୋରଞ୍ଜନ
ବିଷୋୟୀ

ମାନବ ଭାବୁଥିଲା
ଅସାଧ୍ୟକୁ କରିଛି ସାଧନ ।
ରଚିଥିଲା ଶ୍ରେଷ୍ଠ ବୋଲାଇବାକୁ
ନାନା ବ୍ୟୂହମାନ ।
ତା'ର କ୍ରିୟା-ପ୍ରତିକ୍ରିୟା
ହିଂସା-ପ୍ରତିହିଂସାର ପରିଣାମ
ଆଜିର ଏ ଦିନ ।
ଏଠି ନିରାପଦ ନୁହେଁ
ସଂସାର ଡାଳରେ ଝୁଲୁଥିବା
କାହାରି ଜୀବନ ।
ଏବେ ତ ମଣିଷର
ଜୀବନ ପାଲଟିଛି
ବତାସରେ ଝଡ଼ି ପଡ଼ିଥିବା
ପତ୍ର ସମାନ ।

କେତେବେଳେ
ବନ୍ୟା-ବାତ୍ୟା-ମରୁଡ଼ି ତ
ଆଉ କେତେବେଳେ
ମହାମାରୀ ନିଏ ଜୀବନ ।
ଏବେ ତ ମହାମାରୀ କରୋନା ଆତଙ୍କ
ସର୍ବତ୍ର ବିଦ୍ୟମାନ ।
ତା'ର ପ୍ରକୋପରେ
ଜନାକୀର୍ଣ୍ଣ ରାଜପଥ ପାଲଟିଛି
ନିର୍ବାକ ଓ ନିର୍ଜନ ।
ବେଳେବେଳେ
ଏ ନିର୍ଜନତାକୁ ଭାଙ୍ଗି ଶୁଭୁଥାଏ
ପୋଲିସ ଗାଡ଼ିର ସାଇରନ୍
ଆଉ ଘରୁ ନ ବାହାରିବା ପାଇଁ
କରୋନାର ଭୟାବହ ସଂପର୍କରେ ସ୍ଲୋଗାନ୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତଥାପି କେତେବେଳେ କେଉଁଠି
ପଥଚାରୀକୁ ଦେଖିହୁଏ
କଦାଚିତ୍ ରିକ୍ସା
ଆଉ ମୋଟର ଯାନ ।
ଏବେ ତ ଅଟ୍ଟହାସ କରୁଛି
ଗାଁ ଗଣ୍ଡା ସହର ବଜାରର
ବଡ଼ ବଡ଼ ଅଟ୍ଟାଳିକାମାନ ।
ହେ ମାନବ,
କି ଲାଭ ତୋ ଅଣୁ ଶକ୍ତି
ଜ୍ଞାନ ଆଉ ବିଜ୍ଞାନ ।
ଯେତେବେଳେ କି
ଜୀବନ ପାଲଟି ଗଲାଣି
ପୋକମାଛି ସମାନ ।
ନିଜେ ଭସ୍ମାସୁର ସାଜି
ଅଜାଡ଼ି ଦେଲୁ
ନିଜ ଗାଁ ଗଣ୍ଡା ଦେଶ ବିଦେଶର
ଅସଂଖ୍ୟ ଜୀବନ ।
ଆଉ ସହି ହେଉନାହିଁ
ପ୍ରଗତିର ଏ ଉପହାସ ମାନ ।

ଏବେ ତ ଶୁଭୁଅଛି ଖାଲି
ବିଶ୍ୱବାସୀଙ୍କ କରୁଣ କ୍ରନ୍ଦନ ।
ହେ ଭଗବାନ,
ନିଜେ ତ ମାନବ ଅଜାଡ଼ି ଦେଇଛି
ତୁମ ବିଶ୍ୱାସର ଇମାରତ୍
ଆଉ ମାନବିକତାର ଉପବନ ।
ତୁମକୁ ନେଇ ବି ସୃଷ୍ଟି କରିଚାଲିଛି
ନାନା ବିବାଦ ମାନ ।
ତଥାପି ହେ ଭଗବାନ,
ମାନବର ସବୁ ଦୋଷ କ୍ଷମା କରି
ବଞ୍ଚାଇ ରଖିବାକୁ
କରୁଅଛି ନିବେଦନ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୦୪୯୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେଜେ ଓ ନାତୁଣୀ



ସୁବ୍ରତ ମଲିକ

କରୋନା ଭାରତ ମାଡି ଆସିଲା
ଦୋକାନ ବଜାର ବନ୍ଦ ରହିଲା
ଅଦିନରେ  ସ୍କୁଲ ଛୁଟି ହୋଇଲା
ବିଚରା ମାମୁନି କଷ୍ଟ ପାଇଲା  । ।

ଦୁଃଖରେ ମାମୁନି ବସିବା ଦେଖି
ଜେଜେ ପଚାରିଲେ ପାଖକୁ ଡାକି
ନାତୁଣୀର ମୋର କଣ ହୋଇଛି
ଏତେ ସରି ତାର କିଏ କରିଛି  ?

ଜେଜେଙ୍କ କୋଡ଼ରେ ମାମୁନି ବସି
ପଚାରିଲା ତାଙ୍କ କାନ ଆଉଁଷି
କରୋନା ଉତ୍ପତ୍ତି ସ୍ଥଳ କେଉଁଠି  ?
ନର ସଂକ୍ରମିତ ହୁଏ କେମିତି  ?

ନାତୁଣୀକୁ କରି ସ୍ନେହ ଆଦର
ଯତନରେ ଦେଲେ ଜେଜେ ଉତ୍ତର

ଚୀନ ଦେଶର ଉହାନ ସହର
କରୋନା ଭୂତାଣୁ ଜନମ ସ୍ଥଳ  । ।

ଅଖାଦ୍ୟ ଭୋଜନ ତା ସୃଷ୍ଟି କାରଣ
ଚୀନବାସିନ୍ଦାଙ୍କ ବିଶ୍ୱକୁ ଦାନ
ଏ ରୋଗର ନାହିଁ କଉ ନିଦାନ
ଅବେଳରେ ନର  ମୃତ୍ୟୁବରଣ  । ।

ଜେଜେଙ୍କ ପାଟିରୁ ଏତକ ଶୁଣି
ତା ' ଆଖିରୁ ବହିଲା ଲୁହ ଯେତକ
ବାହୁନି ହୋଇ ପୁଣି ପଚାରିଲା
କେମିତି ବଞ୍ଚିବ ନର ଜଗତ  ?

ପୋଛିଦେଇ ଜେଜେ ଲୋତକ ଧାର
ବତାଇଲେ କରୋନା ପ୍ରତିକାର
ବାରମ୍ବାର ହାତ ପାଦ ଧୋଇବା
ନାକ ଓ ପାଟିକୁ ନ ଛୁଇଁବା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିଷ୍କାର ପ୍ରତି ଧ୍ୟାନ ରଖିବା

ଉଷୁମ ପାଣି ନିଶ୍ଚେ ପିଇବା ।।

ମୁହଁରେ ମାସ୍କ ଭିଡି ରଖିବା

କାଶ ଛିଙ୍କ ହେଲେ କପଡା ଦେବା

ଜନଗହଳିଠୁ ଦୂରେ ରହିବା

ଜର ଥଣ୍ଡା ସର୍ଦ୍ଦି ଲାଗି ରହିଲେ

ଡାକ୍ତରଙ୍କ ପରାମର୍ଶ ନେବା ।।

ନୀରବେ ଜେଜେଙ୍କ କଥାକୁ ଶୁଣି

ମାମୁନି ଆମର ହୋଇଲା ତୁନି

ଆକାଶେ ଆସିଲା ରଜନୀ ରାଣୀ

ତା ପରଶେ ଶୋଇଲେ ଜେଜେ ନାତୁଣୀ ।।

ସୁବ୍ରତ ମଲିକ

ମଙ୍ଗଳପୁର, ଅସୁରାଳି,ଭଦ୍ରକ

୭୫୬୧୩୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଜନତା କର୍ଫ୍ୟୁ



ନୂତନ କୁମାର ବେହେରା

ନ ଯାଇ ବାହାରକୁ ଜମା
ଘରେ ବସି ଶୋଇ ରୁହ ବାବୁ,
ସଚେତନ ରହି ସବୁ
ଏ କରୋନାକୁ କରିଦେବା ଫୁଉ...
ଆଜି ତ ହୋଇଛି
ସାରା ଦେଶେ ଜନତା କର୍ଫ୍ୟୁ,
ସଭିଏଁ ମାନିବା ହୁସିଆର ହେବା
ନ ଦେଇ ନିଜର କିଛି ଭିୟୁ
କରୋନା ଭୂତାଣୁ ରୋକିବାର
ଏ ତ ଉପଯୁକ୍ତ ପଦକ୍ଷେପ
ସମର୍ଥନ କରିବା ଆମେ ସବୁ,
ମିଳାମିଶା ଗହଳି ଯାଆ ଆସ
କରିବାରୁ କରୋନାର ବଢେ ଆୟୁ ।
ଆଜି ତ ହୋଇଛି
ସାରା ଦେଶେ ଜନତା କର୍ଫ୍ୟୁ,
ଅଟକ କଲେ ଫାଟକ
ସହଜେ ଆସି ପାରିବ ନାହିଁ ତ
ଏ ବିଷାଣୁ ମେଲି ତାର ବାହୁ,
ନିଜେ ନିଜର ସୁରକ୍ଷା ପାଇଁ
ଉପାୟ ନ ଚିନ୍ତିଲେ
କିଏ ରୋକି ପାରିବ ଆଉ ।
ବିଶ୍ୱ ବଜାରେ ବଢିଛି
ଏ ମହାମାରୀ କରୋନାର ଭାଉ,
ପ୍ରାଣେ ଭୟ ଜୀବନେ ଆତଙ୍କ
ଖେଳାଇ ଦେଇଛି ଇଏ
ଆସ ସଭିଏଁ ତାକୁ କରିବା ଫୁଉ...
ଆଜି ତ ହୋଇଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରା ଦେଶେ ଜନତା କର୍ଫ୍ୟୁ ।

ନୀତି ନିୟମ ଯେତେ

ପାଳିବା ଆମେ ହେଳା ନ କରି ଆଉ,

ହାତ ସଫା ରଖି ଲଗାଇ ମୁଖା

ରହିବା ଦୂରେ ପରସ୍ପରଠାରୁ,

ହାତ ନ ମିଳାଇ ହାତ ଯୋଡ଼ି ସବୁ

କରୋନାକୁ କରିଦେବା କାବୁ

ସୁରକ୍ଷିତ ହେବ ଆମ ପରମାୟୂ ।

ବିପଦ ବେଳରେ

ଧୈର୍ଯ୍ୟ ସାହସର ସାଥେ

ପ୍ରତିକାର ଛଡା କି କରିବା ଆଉ ?

ଜଗତ କଲ୍ୟାଣେ ହେବା ସହାୟକ

ସ୍ୱାସ୍ଥ୍ୟ ସୁରକ୍ଷାର ବିଧାନ ମାନି ସବୁ ।

ଆଜି ତ ହୋଇଛି

ସାରା ଦେଶେ ଜନତା କର୍ଫ୍ୟୁ...

କୋହି, ଗଡ଼ିଆ, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମସ୍ତେ ଘରେ ରହିବା



ହରେରାମ ପଣ୍ଡା

ଦେଶର ପ୍ରଧାନମନ୍ତ୍ରୀ ମୋଦୀଜୀ
ହାତ ଯୋଡ଼ି ଯେତେ କହିଲେ ,
'କରୋନା' ଦୁଃଖ ଦୂର ହୋଇଯିବ
ତିନି ସପ୍ତା ଘରେ ରହିଲେ ।
ଆମର ରାଇଜ ମୁଖିଆ ନବୀନ
କହିଲେ ପକାଇ ରାଣ ,
ଏ ମହା ବିପଦ ଟାଳିବା ପାଇଁକି
ଘରେ ରୁହ ରାତିଦିନ ।
ପ୍ରଶାସନ ସାଥେ ପୋଲିସବାହିନୀ
ଦେବଦୂତ ଚିକିତ୍ସକ ,
କେତେ ସ୍ୱେଚ୍ଛାସେବୀ ଦଳ ଲାଗିଛନ୍ତି
ନ ମାନିକି ଶୋଷ ଭୋକ ।
ତଥାପି କାହିଁକି ଅମାନିଆକିଛି
ନ ମାନନ୍ତି କାହା କଥା ,
ହେଳାକଲେ ଜାଣ ଭେଳା ବୁଡ଼ିଯିବ
ହେବାଟି ଆମେ ହିନସ୍ତା ।
ଇଟାଲୀ, ଫ୍ରାନ୍ସ, ଆମେରିକା ପରି
ଦେଶ ଆଡ଼େ ଟିକେ ଚାହଁ,
ତାଙ୍କ ତୁଳନାରେ କି ଅବା ସାଧନ
ଆମପାଖେ ଅଛି କୁହ ।
ସଭ୍ୟ ଜଗତରେ ଆମଦେଶ ନାମ
ଅଗ୍ରେ ହୋଇଥାଏ ଲେଖା ,
ତଥାପି କାହିଁକି ଗୁରୁଜନଙ୍କର
ବାକ୍ୟ କରୁ ଅଣଦେଖା ।
ସାରାଦେଶ ପାଇଁ ପରୀକ୍ଷାର ବେଳେ
ଚାଲ ସପଥ କରିବା ,
ସାମାଜିକ ବ୍ୟବଧାନ ରକ୍ଷାକରି
ସମସ୍ତେ ଘରେ ରହିବା ।

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ
ଭ୍ରାମ୍ୟଭାଷ - ୯୪୩୮୦୨୫୯୯୫ .

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଣିବ ପ୍ରାର୍ଥନା ମୋର

ଭକ୍ତି ଭାବନାରେ ଡାକୁଛି ପ୍ରଭୁ ହେ
　　ଶୁଣିବ ପ୍ରାର୍ଥନା ମୋର
ଯେତେ ଦୂରେ ଥିଲେ ମୋ ହୃଦ ମନ୍ଦିରେ
　　ରହିଅଛ ନିରନ୍ତର ।୧।
ଭଲ ମନ୍ଦରେ ତ ତୁମକୁ ଡାକୁଛି
　　ବିପଦେ ଆପଦେ ତୁହି
ଏ ଘୋର ଶଂକଟୁ ରକ୍ଷା କର ପ୍ରଭୁ
　　ବିଶ୍ୱ ହୁଏ ହଇ ଚଇ ।୨।
କରୋନା ଭୁତାଣୁ ବିଶ୍ୱକୁ ଗ୍ରାସିଛି
　　ଚାଇନାରୁ ଜନ୍ମ ନେଇ
ସହସ୍ର ଜୀବନ ନିତି ନେଉଅଛି
　　ଔଷଧ ତା ପାଇଁ ନାହିଁ ।୩।
ତା ପାଇଁ କି ଦେଶ ହେଲା ଲକଡାଉନ
　　ଚକ ଅଖ ହେଲା ବନ୍ଦ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନାର ଦାଉ



ଶାନ୍ତନୁ କୁମାର
ରାଉତ

ଗାଁ ଗଣ୍ଡା ସବୁ ଖାଁ  ଖାଁ ଲାଗୁଛି
  ସହି ହଉନାହିଁ ଆଉ
କୁମ୍ଭୀର କାନ୍ଦଣା ଚାଇନା କାନ୍ଦୁଛି
  ଯେ଼ ତା କଲା କରମର ଦାଉ  ।  ! !

କିପରି ତା ସୃଷ୍ଟି କେଉଁଠୁ ତା ଜାତ
  ପାରୁ ନାହାନ୍ତି କେ ଜାଣି
ଚାଇନା ରୁ ଆସି ଓଡ଼ିଶାରେ ମଧ୍ୟ
  ପିଆଇ ଦେଲାଣି ପାଣି ।  ! !

କେନ୍ଦ୍ର ଏବଂ ରାଜ୍ୟ ସରକାର ମିଶି
  ନେଲେ ଦୃଢ ପଦକ୍ଷେପ
ଲକ ଡାଉନ କରି କରୋନା ରୋକିବା
  ରଖିଲେ  ଦୃଢ  ସଂକଳ୍ପ ।  ! !

ନିଜ ସଚେତନ ନିଜର ତ ବନ୍ଧୁ
  ବାହାରକୁ ଯିବା ନାହିଁ
କିଛି ଦିନଯାଏ ଘରେ ରହିଯାଇ
  କରୋନା ଦେବା ଦୁରେଇ  ।  ! !

ଦେବା ଦେବୀଙ୍କର ଧାମ ପରା ଇଏ
  ପୂଜିବା ତାଙ୍କ ପୟର
ଜଗତର ନାଥ ଆହେ ଜଗନ୍ନାଥ
  ଏ କରୋନା ଦାଉ ରୁ
  ପ୍ରଭୁ ତୁମେ ହିଁ ଉଦ୍ଧାର କର  ।  ! !

ନୂଆସାହି, ପାଟରଙ୍ଗା, ଯାଜପୁର
ମୋ - ୯୮୬୧୭୫୬୧୯୮

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୃତ୍ୟୁର ଆହ୍ୱାନ



ରୀତା ମଲ୍ଲିକ

ଚତୁର୍ଦ୍ଦିଗେ ଆଜି ମୃତ୍ୟୁର ତାଣ୍ଡବଲୀଳା

ଜନମାନସ ଭୟରେ ଚକିତ ଓ ଆତଙ୍କିତ ।

ଅତି ନିକଟରେ ମୃତ୍ୟୁକୁ ଦେଖି

ବିଶ୍ୱାସ ହୁଏନା ଜମା ।

ବିଜ୍ଞାନ ଆଜି ହାର୍ ମାନିଛି,

ପ୍ରକୃତି ନିକଟରେ ।

ସର୍ବଶକ୍ତିମାନ' ଇଶ୍ୱରଙ୍କ ଅସ୍ତିତ୍ୱ କୁ

ସ୍ୱୀକାର କରିଛି ମନ ।

ଶେଯରୁ ଉଠିବା ପରଠୁ ଶେଯକୁ ଯିବାଯାଏ,

କେବଳ ଜୀବିକା ଅର୍ଜନର ଲକ୍ଷ୍ୟ ।

ଦେହାଭିମାନ ହିଁ ମନୁଷ୍ୟର ଭ୍ରମର କାରଣ ।

ବୁଦ୍ଧଙ୍କ ପରି କାମନା ଶୂନ୍ୟ ହେବାରେ ପରମ ଆନନ୍ଦକୁ

ବୁଝେନା ଏ ମନ ।

ପାପର ଘଡା ଏଠି ଭରିଯାଏ,

ଗର୍ବ ଆଉ ଅହଂକାରେ ।

ମାଟି ପିଣ୍ଡ ମିଶିବ ମାଟିରେ ଦିନେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୁଲିଯାଏ ଆଜିର ମଣିଷ ।

ମୃତ୍ୟୁର ବିଭୀଷିକା କବଳିତ କରେ

ଏ ସାରା ବିଶ୍ୱକୁ ।

ତଥାପି ଏ ମଣିଷ ନୁହେଁ ସଚେତନ

ମାର୍ଗଚ୍ୟୁତ ମନଟାକୁ ଗ୍ରାସ କରେ

ଲୋଭ ଆଉ ମୋହ ।

ଏବେବି ସମୟ ଅଛି ଫେରିଯିବା

ଅବଚେତନରୁ ଆଉ

ବାଛିନେବା ମହତ ମାର୍ଗକୁ

ସତ୍କର୍ମ,ସତ୍ସଙ୍ଗ ସହ ଅହୋରାତ୍ର

ହରେକୃଷ୍ଣ ନାମ ।

କେବଳ ମାତ୍ର ଉଦ୍ଧରିବେ ସେହି ପରଂବ୍ରହ୍ମ ।

ଯୁଗେ ଯୁଗେ ପତିତଙ୍କ ଉଦ୍ଧାର ପାଇଁ,

ଅବତାର ନିଅନ୍ତି ସେ ଭିନ୍ନ ଭିନ୍ନ ରୂପରେ ।

ଶରଣ ରକ୍ଷକ ସେ 'ଶ୍ରୀଜଗନ୍ନାଥ' ।

ଅଧର୍ମର ବିନାଶ ଆଉ ଧର୍ମର ପ୍ରତିଷ୍ଠାତା ,

ଭାଗ୍ୟବିଧାତା ସେ ।

ବାଲ୍ୟକାଳର ସେହି ପ୍ରାର୍ଥନାଟି ଭାରି ମନେପଡେ,"ସତ୍ୟପଥେ ଧର୍ମପଥେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘେନିଯାଅ ମୋତେ,ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ ।

ସଭିଏଁ ପ୍ରାୟ୍ଯ ଜାଣିଥିବେ ଆଉ ଗାଇଥିବେ ହେଲେ ଜୀବନଯାତ୍ରାରେ , କେତେବା କାର୍ଯ୍ୟକାରୀ

ଏ ଅମୃତ ଭାବନାର ।

ସମୟ୍ଯ ଏବେ ଉପଗତ ଏହାକୁ ପାଥେୟ୍ଯ କରି ଜୀଇଁ ଯିବା ବାକି ଯେତେଦିନ ।

ପରଂବ୍ରହ୍ମଙ୍କର ଶରଣରେ ଯାଅ,ସବୁ କଳୁଷକୁ ଦୂରେଇ ଦେଇ,

ଗତିମୁକ୍ତି ଦାତା ସେ ଭାଗ୍ୟନିଅନ୍ତା,

ତାଙ୍କ ବିନୁ ଅନ୍ୟଗତି ନାହିଁ ।

ଗୀତା ଭଗବତ ଏଠି ମଣିଷର ର ଧର୍ମର ସନ୍ତକ

ସତ୍ୟ ପଥେ ସତ୍ୟ ମିଶେ,ଅସତ୍ୟରେ ଅଧର୍ମ ଅସାର ।

ମଣିଷ ମଣିଷ ମଧ୍ୟେ ଉଚ୍ଚନୀଚ ଭେଦଭାବ ପାଇଁ,

ବିଚିତ୍ର ଏ ସୃଷ୍ଟି ଆଜି ମୃତ୍ୟୁର କରାଳମୁଖେ ଯାଉଅଛି ଧାଇଁ ।

କେବଳ ଯେ, ଦୁଃଖ ଆସେ

ଆମେ ତ ଜୀବନ୍ତ, ରକ୍ତ ମାଂସ ମୋହରେ ଜଡ଼ିତ

ପବନରେ ପବନ ମିଶିବ ମୃତ୍ତିକାରେ ମାଂସ,

ଏ ବିଶ୍ୱ ହୋଇବ ଶାନ୍ତ, ସବୁ ହେବ ଶେଷ ।

ରୀତା ମଲ୍ଲିକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଇନା ରାକ୍ଷସ



ଅଙ୍କିତା ପାଢ଼ୀ

ଚାଇନା ପାଗଳ, ଚାଇନା ରାକ୍ଷସ,
ଚାଇନା ଯେ ସବାଖିଆ ।
ପୋକଜୋକ ଖିଆ, କଞ୍ଚାମାଂସ ଖିଆ,
ଖଲୁଆ ତୁ ହିଂଶିକିଆ ।।
ଯେମିତି ଖାଉଛୁ, ନିରୀହ ଜୀବଙ୍କୁ,
ସେମିତି ଭୋଗିବୁ ତୁହି ।
ମରିବୁ ମାରିବୁ, ଭାବନା ତୋହର,
ବେଶି ଦିନ ତୋର ନାହିଁ ।।
କୁକୁର ଖାଇବେ, ଜନତା ତୋହର,
ବିଲେଇ ବି ଖାଇଯିବେ ।
କି ସ୍ୱାଦ ପାଇଛି, ତୋ ଦେଶ ଜନତା,
କାଳ ସାଜୁଥାଅ ସର୍ବେ ।।
କେମିତି ଯାଉଛି, ନିରୀହ ପଶୁର,
କଞ୍ଚା ମାଂସ ତୋର ମୁଖେ ?

ଫୁଟାଣି ମାରୁଛୁ, ବିଶ୍ୱ ଦରବାରେ,
କଣ୍ଟା ସାଜୁ ଆମ ସୁଖେ ।।
ନିରୀହ ପଶୁର, ଶରୀର ଭୁତାଣୁ,
ସାଜିଲା ଜୈବିକ ଅସ୍ତ୍ର ।
ନିଜେ ନ ବର୍ତ୍ତିଲୁ, ପାଗଳ ସାଜିଲୁ,
ପିନ୍ଧିଲୁ କରୋନା ବସ୍ତ୍ର ।।
ଇଟିଲି ଇରାନ, ଆମେରିକା ସ୍ପେନ,
ଯେତେକ ସମୃଦ୍ଧି ଦେଶ ।
ହୋଇ ଥର ବର, ତାଲା ବନ୍ଦ କଲେ,
ହେଉଛି କି ତୋର ଯଶ ।।
କେଉଁ ଯଶ ବାନା, ଉଡାଇଲୁ ତୁହି,
କହରେ ପାଗଳ ଚୀନ ।
ହୋଇଛୁ ସଜାଗ,ଆମେ ସାକାହାରୀ,
ହୋଇବ କରୋନା ଲୀନ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋଦେଶ ଭାରତ,ସଂସ୍କୃତିରେ ଶ୍ରେଷ୍ଠ

ସର୍ବେ ଏକତ୍ରିତ ହୋଇ ।

କରିବୁ ପ୍ରହାର, କରୋନା ବୁକୁରେ,

ଛାଡିବ ଭାରତ ଭୂଇଁ ।।

ପିତା ମାତା ଗୁରୁ, ଆଉ ଗୁରୁଜନ,

ସଭିଙ୍କ ଆଶିଷ ନେଇ ।

ଆମରି ସଂସ୍କୃତି, ଆଗେଇ ଚାଲିବ,

ଥିବୁ ତୁ ଦାନ୍ତ ଦେଖେଇ ।।

ଅଙ୍କିତା ପାଢ଼ୀ (ବାପା:ରଞ୍ଜନ ପାଢ଼ୀ)

ଅଷ୍ଟମ ଶ୍ରେଣୀ,ମନ୍ମଥପୁର, ବ୍ରାହ୍ମଣ ଗାଁ, ଭଦ୍ରକ..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉତ୍କଳ ଦିବସ



ମହେଶ୍ୱର ସାହୁ

ଉତ୍କଳ ଦିବସେ, ପ୍ରାଥନା ଆମରି,
ସଭିଙ୍କ ଖୁସି ମଙ୍ଗଳ ।
ଧ୍ୱଂସ ବିଭୀଷିକା, ମୃତ୍ୟୁର ତାଣ୍ଡବ,
ନ ଗ୍ରାସୁ ଏହି ଉତ୍କଳ ।।
ବିଶ୍ୱନେତ୍ରେ ଅଶ୍ରୁ,କେତେ ହାହାକାର,
ଉଜୁଡି ଯାଏ ସପନ ।
ସ୍ୱାମୀହରା ହୋଇ,କରେକେ ରୋଦନ,
ମୃତ୍ୟୁ ମୁଖେ କା ନନ୍ଦନ ।।
ଭାଙ୍ଗି ଯାଏ ସ୍ୱପ୍ନ, ଉଜୁଡେ ସଂସାର,
ମିଳେନା ପେଟକୁ ଦାନା ।
ସଭିଏଁ କାତର, ଭୟେ ହାହାକାର,
ଦୁଃଖ ଦିଏ ସେ କରୋନା ।।
ଆମେ ଉତ୍କଳର, ସୁଯୋଗ୍ୟ ସନ୍ତାନ,
ଧର୍ଯ୍ୟ ଶୌର୍ଯ୍ୟ ଭରା ଆମେ ।
ନିୟମ ମାନିବା, ସରକାରଙ୍କର,
ମୃତ୍ୟୁ ନ ଆସୁ ଯେ ଧାମେ ।।
ବିଦେଶୁ ଫେରନ୍ତା, ଉତ୍କଳ ବାସିନ୍ଦା,
ନମିସି କାହାର ସଙ୍ଗେ ।
ଡାକ୍ତରୀ ଚିକିତ୍ସା, କରି କରୋନାର,
ରୁହନ୍ତୁ ଉଚିତ ଢ଼ଙ୍ଗେ ।।
ନିଜ ଘରୁ ଆମେ, ବାହାରିବା ନାହିଁ,
ନଥିଲେ ଜରୁରୀ କର୍ମ ।
ନିଜର ମଙ୍ଗଳ, ସବୁରି ମଙ୍ଗଳ,
ଅଟେ ଉତ୍କଳର ଧର୍ମ ।।
କରୋନା ଭୂତାଣୁ, ଭାରି ସାଙ୍ଘାତିକ,
ମାନେ ନାହିଁ ଛୋଟ ବଡ଼ ।
ଗ୍ରାସସେ କରିବ, ନାହିଁ ଜାତି ଧର୍ମ,
ସଜାଗ ହିଁ ମୁଖ୍ୟ ଜଡ ।।
ଉତ୍କଳ ଦିବସେ, ଏହି ମୋ କାମନା,
ସୁଖରେ ରୁହନ୍ତୁ ସର୍ବେ ।
ଉତ୍କଳ ସଂସ୍କୃତି, ସାକାହାରୀ ଅଟେ,
ବଞ୍ଚିବା ଆମେ ହିଁ ଗର୍ବେ ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଭୁ



ବନିତା ପାତ୍ର

କେଡ଼େ ଭରସାରେ ମଣିଷକୁ କଣ ଦୁନିଆର ଶ୍ରେଷ୍ଠ ପ୍ରାଣୀ
ମଣିଷ ପାଇଁ ଯେ ସୃଷ୍ଟିନାଶ ଯିବ, ଏ କଥା କି ଥିଲ ଜାଣି ?
ମଣିଷ ମନରେ ଭରି ଦେଇଥିଲ ସତ୍ୟ, ଧର୍ମ, ନ୍ୟାୟ, ପୁଣ୍ୟ
ଦୟା, କ୍ଷମା, ତ୍ୟାଗ, ବିବେକ-ବିଚାର, ଦେବତ୍ୱର ସବୁ ଗୁଣ ।
ଆଜିର ମଣିଷ ଗର୍ବ, ଅହଙ୍କାରେ ଧରାକୁ ମଣୁଛି ସରା
ଅନ୍ୟାୟ ଅଧର୍ମ ଅନୀତି ବିଚାରେ ବଢ଼ିଲା ପାପର ଭାରା ।
ଶ୍ରୀରାମ, ଶ୍ରୀକୃଷ୍ଣ ଜନମ ମାଟିରେ ଅଧର୍ମର ଲୀଳାଖେଳା
ଅମଣିଷ ଯଦି ମଣିଷ ନ ହେବ ଅକାଳେ ବୁଡ଼ିବ ଭେଳା ।
ନିର୍ମଳ ହୃଦୟେ, ଆକୁଳ କଣ୍ଠରେ, କର ଆତ୍ମ ସମର୍ପଣ
ଏ ଜୀବଜଗତ ମରଣ ମୁହଁରେ ରକ୍ଷାକର ନାରାୟଣ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୋଷ



ମନୋଜ କୁମାର ବେହେରା

ଶୋଷ ଭିତରେ ଅନେକ ଶୋଷ
କେବେ ଯୌନତାର ତ
କେବେ ମୌନତାର...
କେବେ ଧନାର୍ଜନର ତ
କେବେ ପଦାର୍ଜନର...
ସବୁଠି ଏଇ ଶୋଷ
ସବୁଠି ଏଇ ଗୋଟିଏ ଭୋକ,
ସବୁଠି କାମ-କ୍ରୋଧ-ଲୋଭ
ମୋହ-ମଦ-ମାତ୍ସର୍ଯ୍ୟର ଶୋଷ...
ଅହଂକାର ତ
ଆଉ ଏକ ଶୋଷ
ଅନ୍ଧାର ଭୂଇଁର ସନ୍ଦିଗ୍ଧ ଛକରେ
ଗୋଟାପଣେ ହଜିବାର ଭୟ
ମନତଳର ସଂଗୁପ୍ତ ଭାବନାକୁ
ପ୍ରକାଶ କରିବାର ଭୟ
ମନ ମତାଣିଆ ଅବେଳିଆ ନିଛାଟିଆ
ଝାଞ୍ଜି ପବନରେ
ଏ ଶୋଷ,
ଅସରନ୍ତି ଭାବନାରେ
ନିମଜ୍ଜ ଏ ଶୋଷ
ଶାନ୍ତ ଅରଣ୍ୟରେ ଅଶାନ୍ତର
ଏ ଶୋଷ
ସବୁ ଜ୍ୱାଳା ଭିତରେ
ବୁଡ଼ି ବୁଡ଼ି ଜଳିପୋଡ଼ିଯିବାର ଶୋଷ
ଶୋଷ,
ଏ ତ ଶୋଷ,
ହତାଶାର ଶୋଷ
ଯୌନ ଆକାଂକ୍ଷାର ଶୋଷ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଜୟୀ



ଶ୍ରୀକ୍ଷେତ୍ର ସୁନ୍ଦର

ରାତିର ନିସ୍ତବ୍ଧତା ଓ ଝିଙ୍କାରିର ଶବ୍ଦ ଭିତରେ

ନିଜକୁ ଆବିଷ୍କାର କରେ

ଦିନର ଚଞ୍ଚଳତା ଓ କୋଳାହଳରେ ବି ନିଜକୁ

ଜାହିର କରେ ଦୁନିଆ ଆଗରେ

ସେ ପ୍ରତିଦିନ ସଙ୍ଘର୍ଷ କରେ

ଅନୁଭୂତି ସାଉଁଟେ ଆଗାମୀ ଦିନ ପାଇଁ

ଘାତ ପ୍ରତିଘାତକୁ ଅତିକ୍ରମ କରେ

ବିଶ୍ରାମ ପାଇଁ ମୁହୁର୍ତ୍ତେ ଫୁରସତ ପାଏନି

ସେ ଏମିତି ହିଁ ଜିଇଁ ଚାଲେ

ସେ ତ ଜାଣେ ଚିରଦିନ ଲାଗି ନୁହେଁ ସେ

ସକାଳ ଅତିଥି ପରି ଆସେ କିନ୍ତୁ ଛାଡ଼ିଯିବାକୁ

ଚାହେଁ ଏକ ସ୍ମାରକୀ

ତା ଥିବାର ସନ୍ତକ

ଶତ ଶତ ବାର ପରାଜିତ ହୋଇ ବି

ମୃତ୍ୟୁ କୋଳରୁ ପୁଣି ସ୍ୱପ୍ନ ଦେଖେ

ସେ ମରିପାରେ ହେଲେ ହାରେନା

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ,

ବରଗଡ

ମୋ - ୯୦୯୦୨୭୭୮୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରିଚୟ



ସହଦେବ ଧରୁଆ

ସବୁତ ଅଚିହ୍ନା ଅଚିହ୍ନା
ସେ ତ ସେ ନୁହେଁ
ହେଲେ, କିଏ ତାର ଅତି ଆପଣାର
ଖୋଜୁଛି  ନିଜକୁ ହଜେଇ
ଅପରିଚିତ, ପରିଚୟ ପାଇବାକୁ   ।
ଖୋଜୁଛି ଆପଣା ଭିତରେ ଓ ବାହାରେ
ଅନ୍ତରଂଗ  ବନ୍ଧୁ ବାନ୍ଧବ ଗହଣେ
ଜନ ସମୁଦ୍ରର ଭିଡ ଭିତରେ
କାଳେ କେବେ, କେଉଁଠି ଓ କେଉଠାରେ
କିଏ ଚିହ୍ନିବ ପରିଚୟ ଦେବ
ପରିଚିତ କରାଇବ ତାର ଆତ୍ମୀୟତାକୁ  ।
ଶୂନ୍ୟ ଆକାଶର ଛାଉଣୀ ତଳେ
ଧୁଳି ଧୁସରିତ ରାସ୍ତାରେ, ଗଳି କନ୍ଦିରେ
ସମୁଦ୍ର ନଈନାଳ କୂଳ କିନାରେ
ଖୋଜୁଛି ଅସୁମାରି ଆଶାକୁ ଜାଗ୍ରତ କରି
ନିଜର ପରିଚୟ ପାଇବାକୁ   ।

କିଏ ବା ଚିହ୍ନିବ କାହାକୁ
ଯେଉଠି ମଣିଷ ଚିହ୍ନେନି ମଣିଷକୁ
ଚିହ୍ନେ ତ ଖାଲି ସ୍ୱାର୍ଥର ବୁଜୁଳାକୁ   ।
ଖୋଜୁ ଖୋଜୁ ସେ ବି ଥମିଗଲା
ସେମିତି ରହିଗଲା ଶୁନ୍ୟକୁ ଚାହିଁ ଚାହିଁ
ହତାସିଆ ପାଉଁସିଆ ନେଇ
ପରିଚୟ ବା ଲୋଡା କାହିକି
ମାଟିର ମଣିଷ ତ ମାଟିରେ ମିଶିବ
ପରିଚୟ ବା ଦରକାର କ'ଣ  ?
ହେଲେ,ଖୋଜୁ ଖୋଜୁ ପାଇଲା..ଚିହ୍ନିଲା
ହରାଇଥିବା ଅମୂଲ୍ୟ ସମୟକୁ   ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ,ଭବନେଶ୍ବର
ମୋ.ନଂ : ୬୩୭୨୧୯୧୪୫୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୋ ଖୁସିପାଇଁ



ଡା ନୀଳମାଧବ କର

ତୋ ଲୁହ

ସହି ପାରିବିନି ବୋଲି ବୋଧେ

ମୁଁ ରାଜି ହେଇଯିବି

ତୋ କଥାରେ

...

ମୋ ପାଇଁ

ତୋ ଲୁହ ବୁନ୍ଦେ –

ଅଥଳ ସମୁଦ୍ର

...

ମୋ ଲୁହ ପାଇଁ

ତୋ କାନି ଯଥେଷ୍ଟ ବୋଲି

ତୋ ଭରସା –

ମୋ ପାଇଁ ସାରା ଆକାଶର ଦମ୍ଭ

...

ତୋ ମୁହଁରେ

ହସ ଟିକେ ପାଇଁ

ମୁଁ କଣ ନେସି ପାରିବିନି

ମୋ ମୁହଁରେ

ଟିକିଏ ଛଳନା

...

ଏ ନିଶବ୍ଦ ଯୋଜନାରେ

ଅନ୍ତତଃ ମୋ ପାଖେ

ତୋ ମନ ରଖିପାରିଥିବାର

ଗରବଟେ ତ ଥିବ

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୃଦୟ ଖୋଜେ ତୁମକୁ



ଲକ୍ଷ୍ମଣ ମହାନ୍ତି

ଦିନରାତି ଯିଏ ବାସ ଚହଟାଇ
ମୋ' ଅଗଣାକୁ ମହକାଏ
ତୁମବିନା ପ୍ରିୟା ଗନ୍ଧହୀନ ହୋଇ
ତୁଚ୍ଛ ନିଜେ ମଣୁଥାଏ ।

ଆସିବ କହି ଚାଲିଗଲ ତୁମେ
କେତେ ଆଶା ଦେଇ ମନେ
ତୁମକଥା ଭାବି ଦିନ ମୋର ବିତେ
ତୁମକୁ ଦେଖେ ସପନେ ।

ମୋ କୁସୁମବନ ତୁମକୁ ଝୁରୁଛି
ପ୍ରେମସ୍ପର୍ଶ ତୁମ ଖୋଜେ
ତୁମ ସ୍ମୃତି ସବୁ ହୃଦୟରେ ରଖି
ସୌନ୍ଦର୍ଯ୍ୟରେ ତୁମ ହଜେ ।
ଗୋରା ଦେହେ ତୁମ ହଳଦୀବସନ
ହୃଦୟକୁ ନିଏ ମୋହି

ତୁମ କୃଷ୍ଣକେଶେ ଭ୍ରମରେ ଭଅଁର
ପାଗଳ ହୋଇଲି ମୁହିଁ ।

ଚନ୍ଦ୍ରମାର ଶୋଭା କଳାଦାଗ ପାଇଁ
ଦିଶେ କେତେ ମନୋହର
ତୁମ ଶୋଭା ପ୍ରୀୟା କଳାଜାଇ ପାଇଁ
ଚୋରି କଲା ମନ ମୋର ।

ବିରହ ବେଦନା ଦିଅ ନାହିଁ ଆଉ
ବାସ୍ତବିକ ଆସ ଚାଲି
ତୁମରି ବାଟକୁ ଅନେଇ ରହିଛି
ହୃଦୟ ଝରକା ଖୋଲି ।

ସୌରୀପଲ୍ଲୀ, ଖଟଖଟିଆ, ବୌଦ୍ଧ, ୭୬୨୦୩୦
ଭ୍ରାମ୍ୟଭାଷ : ୬୩୭୧୪୫୦୮୩୪

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗାଁ ମୋ ସହର ଲାଗୁଛି



ମହେନ୍ଦ୍ର କୁମାର ସ୍ୱାଇଁ

ଗାଁରେ ଆଉ ମୋ ଚାଳଘର ନାହିଁ
ସବୁଆଡେ ଛାତ ହେଇଚି
ରଙ୍ଗ ବେରଙ୍ଗର ରଙ୍ଗରେ ସଜେଇ
ଗାଁ ମୋ ସହର ଲାଗୁଚି

ଭାଗବତ ଟୁଙ୍ଗି ନାହିଁ ଆଉ ସେଠି
କ୍ଲବ ଘରେ ଭିଡ ଚାଲିଛି
ମୋବାଇଲ ହାତେ ସମସ୍ତଙ୍କ ଧରା
ଗାଁ ମୋ ସହର ଲାଗୁଚି

ମଣ୍ଡା କି ଆରିସା ଆଉ ଦିଶୁନାହିଁ
ମୋମ୍‌ସର ଯୁଗ ଚାଲିଛି
ମଦପାଣି ଆଉ କୁକୁଡ଼ା ଝୋଳରେ
ଗାଁ ମୋ ସହର ଲାଗୁଚି

ଗାଁ ଠାକୁର ମୋ ପୂଜାପାଏ ନାହିଁ
ମନ୍ଦିର ବନ୍ଦ ହଉଚି
ନେତାଙ୍କ ମୁଣ୍ଡରେ ଫୁଲ ଢଳାହେଇ
ଗାଁ ମୋ ସହର ଲାଗୁଚି

ସାଇକେଲ ଆଉ ଗାଁରେ ମୋ ନାହିଁ
ବାଇକରେ ବୁଲା ହଉଚି
ବାପାକୁ ପୁଅ ଡାଡି ଡ଼ାକିଲାଣି
ଗାଁ ମୋ ସହର ଲାଗୁଚି

ଭାଗବତ ପଢା ଆଉ ଦିଶୁନାହିଁ
ଘରେ ଘରେ ଟିଭି ଚାଲିଚି
ଆଧୁନିକ ଗୀତ ଆଦରି ନେଇକି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାଁ ମୋ ସହର ଲାଗୁଚି

ବୋହୁଚୋରି ଖେଳ ଗାଁରେ ମୋ ନାହିଁ
ନୂଆ କେତେ ଖେଳ ଚାଲିଚି
ମୋ ଗାଁ ଝିଅ ଟିକଟକରେ ନାଚେ
ଗାଁ ମୋ ସହର ଲାଗୁଚି

ଗାଁ ରେ ମୋ ଆଉ ଢ଼ିଙ୍କି ଦିଶେ ନାହିଁ
ଗ୍ରାଇଣ୍ଡର ସବୁ କରୁଚି
ଲୁଗାସଫା ଏବେ ମେସିନରେ ଚାଲି
ଗାଁ ମୋ ସହର ଲାଗୁଚି

ଚିଠିଦେବା ପାଁଇ ଡାକବାଲା ନାହିଁ
ହ୍ୱାଟ୍‌ସଆପରେ କଥା ଚାଲିଚି
ଭିଡ଼ିଓ କଲରେ ମୁଁହ ଦେଖା ଦେଖି
ଗାଁ ମୋ ସହର ଲାଗୁଚି

ପାଣି ପିଇବାକୁ ମାଠିଆ ଯେ ନାହିଁ
ମେସିନରୁ ପାଣି ଆସୁଚି
ବିଶୁଦ୍ଧ ପାଣିର ବେପାର ଚଲେଇ
ଗାଁ ମୋ ସହର ଲାଗୁଚି

ଯନ୍ତାଳ ଭୋଜି ମୋ ଗାଁରେ ଯେ ନାହିଁ
ଛେଳି ଗୋଡ ଭିଡା ଚାଲିଚି
ପଇସା ପଛରେ ସମସ୍ତେ ବୁଲନ୍ତି
ଗାଁ ମୋ ସହର ଲାଗୁଚି

ଧାନବିଲ ଆଜି ଚାଷହୁଏ ନାହିଁ
ମାଗଣା ଚାଉଳ ମିଳୁଚି
ଗାଁ ଭାଇ ମୋର ଚାଷକରେ ନାହିଁ
ଗାଁ ମୋ ସହର ଲାଗୁଚି

ତୁଳସୀଚଉରା ଅଗଣାରେ ନାହିଁ
ମନି ପ୍ଲାଣ୍ଟ ଏବେ ଲାଗିଚି
ସନ୍ଧ୍ୟାଧୂପ ଆଉ ଘରେ ବୁଲେ ନାହିଁ
ଗାଁ ମୋ ସହର ଲାଗୁଚି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରଥମ ଥର



ପ୍ରକାଶ ରଞ୍ଜନ ସ୍ୱାଇଁ

ତୁମେ ଯେଉଁଦିନ ମୋ ଘର ଦାଣ୍ଡରେ
ଓଢଣୀ ଉଡେଇ ଗଲ
ସେଇଦିନ ମୁଁ ଝରକା ଫାଟରେ
ତୁମକୁ ଦେଖିଲି ପ୍ରଥମ ଥର.

ଜାଣିନି କାହିଁକି କେମିତି କେଜାଣି
ତୁମେ ଲାଗିଲ ଭାରି ନିଜର
ତୁମ ଦୁଇ ଆଖି ମୋ ହୃଦୟ କାନ୍ଥରେ
ଲେଖିଲା ପ୍ରେମର ଅଢେଇ ଅକ୍ଷର.

ଯେତେ ଭୁଲିବାକୁ ଚାହିଁଲେ ବି ମୁଁ
ଭୁଲି ମୁଁ ପାରିନି ତୁମକୁ
ପୁଣି ଆଉ ଥରେ ଯିବ କେତେବେଳେ
ଚାହିଁ ବସେ ତୁମ ବାଟକୁ.

ଭୋକ, ଶୋଷ ସବୁ ଭୁଲି ଯାଇଥିଲି
ତୁମକୁ ଦେଖିବା ପାଇଁ
ରାତିରେ  ଆଖିକୁ ନିଦ ମୋ ଆସିନି
ତୁମରି ସପନ ପାଇଁ.

ତୁମକୁ ଦେଖିବା ପରଠୁ ଆଖିରେ
ଦେଖିନି ଆଉ କାହା ମୁହଁ
ତୁମକୁ ଦିନରେ ନ ଦେଖିଲେ ଥରେ
ମନରେ ଉଠେ ଯେ କୋହ.

ଗୋଲାପୀ ରଙ୍ଗର ପୋଷାକ ତୁମର
ଦେହରେ ଥିଲା ସେଦିନ
କଅଁଳ ଖରାରେ ଝଟକି ଗଲା ମୋ
ଘରର ଦାଣ୍ଡ ଦୁଆର.

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁନେଲି ରଙ୍ଗର ମୃରୁଜ ବୁଣି
ସୂରୁଜ ଯେବେ ଆସେ
ମୋ ହୃଦୟକାନ୍ଥରେ ନିତିସକାଳେ ମୁଁ
ତୁମର ଛବିକୁ ଦେଖେ.

ତୁମର ଗୋଲାପୀ ଅଧର ସେଦିନ
ଲେଖିଲା ପ୍ରେମର ଗଳ୍ପ
ଶୁଣିଛି ସେଦିନ ମୋ ଦୁଇ କାନରେ
ତୁମର ଅଳ୍ପ ମିଠା ଆଳାପ.

ଭାବେ ବେଳେବେଳେ ମୋ ମାନସ ପଟରେ
ତୁମରି ଭାବନା ନେଇ
କାଳେ କେତେବେଳେ ଆଉ କିଏ ଆସି
ତୁମକୁ ନେବ ମୋଠାରୁ ଚୋରେଇ.

ସପନ ରାଜ୍ୟର ଭାବନା ମହଲେ
ତୁମକୁ ରଖିଛି ଆଣି
ଜାଣିନି ଏ କଳ୍ପନା ବାସ୍ତବ ହବ କି ନା
ତୁମେ ହେବ ମୋ ପାଟ ରାଣୀ.

ଗ୍ରାମ :-କୁଣ୍ଡଳା
ଜିଲ୍ଲା :-ଭଦ୍ରକ
ପିନ : ୭୫୬୧୩୫
ମୋବାଇଲ ନଂ : ୭୩୭୧୪୯୯୨୭୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବୋଉ



ସତ୍ୟବାନ ନାୟକ

ବୋଉର ପଣତକାନି ତା'ର ସ୍ନେହ
ଦେଲା ମୋତେ ଆଶ୍ରୟ
ଆସିବାକୁ ହେଲା ଏ ଜଗତେ ମୋତେ
ନେଇ ନୂଆ ପରିଚୟ ।
ଜନ୍ମ ଦେଇ ସେ ଋଣି କରିଦିଏ
ସ୍ନେହ ଦିଏ ସାଥବରେ
ସୁଝି ପାରିବିନି ଋଣ ମୁଁ ତା'ର
ଏହି ମୋର ଜୀବନରେ ।
ଗଂଗାଜଳ ପରି ପବିତ୍ର ମମତା
ଆଉ କେହି ନ ଦେବେରେ
ସ୍ନେହ ମୟୀ ଭଳି ମୋର ବୋଉକୁ
କେହି କେବେ ଭୁଲିପାରେ ।
ନିଜ ହୃଦୟର ଲୁହକୁ ସେ ଚାପି
ଦେଉଥାଏ ମୋତେ ଖୁସି
ନିନ୍ଦା ଅପମାନ ମାଡ ଗାଳି ଖାଇ
ନିଜେ ହୋଇଯାଏ ଦୋଷୀ ।
ବୋଉ କ୍ଷୀର ପୁଣି ଅମୃତ ସମାନ
ପିଇ ହେଲି ବଳବାନ
ବୋଉ କୋଳ ପୁଣି ସରଗ ସମାନ
ଶୋଇ ଦେଖେ ମୁଁ ସପନ ।
ଯେଉଁଠି ଖୋଜିଲି ଯେମିତି ଖୋଜିଲି
ତାକୁ ତ ପାଇଲି ନାହିଁ
ତା'ର ମମତାରୂପି ମଧୁର ସନ୍ଧାନ
ସେଇଠି ପାଇଲି ମୁହିଁ ।

କୋଡଗମ୍ଭୀର,ଚଣ୍ଡିଗାଁ,ଚରମ୍ପା,ଭଦ୍ରକ
ମୋ : ୮୫୯୯୮୮୫୮୫୭
ଇମେଲ୍ : satyabannayak1995@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପାସୋରା ପ୍ରେମ



ସରୋଜ ସାହୁ

ଭୁଲି ମୁଁ ଯାଇଛି ଯେବେ ତମଠାରୁ
ଋତୁଲାଗେ ଫିକା ଫିକା
ତୁମବିନା ବାଟ ଚଞ୍ଚଳ ହୁଏନି
ଲାଗେ ଖାଲି ଏକା ଏକା ।

ତମ ମିଳାମିଶା ମିଠା ରାଗରୁଷା
ସବୁଲାଗେ ଅପାସୋରା
କଳ୍ପନାରୁ ଜାତ କଳ୍ପନାରେ ଶେଷ
ଦିଏନାହିଁ କେବେ ଧରା ।

ମନେପଡ଼େ ସିନା ପୁରୁଣା ଅତୀତ
ଅଧା ଭଙ୍ଗା ହୃଦୟରେ
ଅଜାଣତେ ଖୋଜେ ପ୍ରେମର ସ୍ମୃତିକୁ
ନିଜେ ନିଜ ଭାବନାରେ ।

ପାଏନାହିଁ କିଛି ପ୍ରେମର ମହକ
ବହିଯାଏ ଲୁହଧାରେ
ଯନ୍ତ୍ରଣାରେ ଖାଲି ଛଟପଟ ହୋଇ
କୋହକୁ ଜାବୁଡ଼ି ଧରେ ।

ସମ୍ପର୍କଠୁ ଯେତେ ଯାଉଛି ଦୂରକୁ
ସେତିକି ପଡୁଛି ମନେ
ସତ ପ୍ରେମ ଯଦି ହୃଦୟରେ ଥିବ
ଭେଟ ହେବ ଆଉ ଦିନେ ।

ଆଠଗଡ଼, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୁହାରୀ ମୋ ଶୁଣ ଭଗବାନ



ସେବକାନ୍ତ ନନ୍ଦ

ନମୋ ସୃଷ୍ଟିକର୍ତ୍ତା ନମୋ ନାରାୟଣ
ତୁମ୍ଭବଳେ ସର୍ବେ ଜୀବ
ଏ ମର୍ତ୍ତ୍ୟମଣ୍ଡଳେ ରହୁ କାଳେ କାଳେ
ସଦା ଆମ୍ଭ ଭକ୍ତିଭାବ ।
ଆଶୀର୍ବାଦ କରଛନ୍ତି ଯେତେ ନର
ସୁଖେ ବିତୁ ତାଙ୍କ ଦିନ
ମଣିଷ ଜନମ ଶ୍ରେଷ୍ଠ ଅଟେ ଜାଣ
ଅଢ଼େଇ ଦିନ ଜୀବନ ।
ଏ ଦୁଃଖି ଅଧମ ଭଜେ ତୁମ୍ଭନାମ
ସଂସାରୁ ତରିବା ପାଇଁ
ମାୟା, ମୋହ, ଲୋଭ, ହିଂସା ଅପବାଦ
ପାଇଲି କେତେ ଯେ ମୁହିଁ ।
ମୋର ମୋର ବୋଲି ସବୁକୁ କହିଲି
କିଛି ତ ପାଇଲି ନାହିଁ
ସଂସାର ବନ୍ଧନ ସୁଖ ଭାବି ମୁହିଁ
ମିଛେ କେତେ ହେଲି ବାଇ ।
କ୍ଷଣିକ ସୁଖରେ ପଡ଼ିରହି ମୁହିଁ
ତୁମ୍ଭନାମ ଭଜିନାହିଁ

ଦୂରକର ମୋର ସଂସାର ବନ୍ଧନ
ଚରଣେ ନମୁଛି ମୁହିଁ ।
ଦୟାମୟ ପ୍ରଭୁ ଦୟାକର ବାରେ
ମୁକତି ଲଭିବା ପାଇଁ
ଏ ମୂଢ଼ ଜନକୁ ସଦବୁଦ୍ଧି ଦିଅ
ବିପଦୁ ତରିବା ପାଇଁ ।
ତୁମ୍ଭେ ସୃଷ୍ଟି ସ୍ଥିତି ପ୍ରଳୟ କରତା
ହେ ପ୍ରଭୁ ବିଶ୍ୱବିହାରୀ
ସଂସାର ବନ୍ଧନ ଦୂରକର ମୋର
କରୁଅଛି ମୁଁ ଗୁହାରି ।
ପତିତପାବନ ଆହେ ଭଗବାନ
ଶରଣ ପଶୁଛି ଚରଣେ
ସଦଜ୍ଞାନ ଦେଇ ମୁକ୍ତି ପଥ ଦିଅ
ଏ ମୋର ଦୁଃଖି ଜୀବନେ ।

ବନ୍ଧପାଲି, ବଲାଙ୍ଗିର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହେ ଦୟାମୟ ହରି



ଅନାମଚରଣ ସାହୁ

ମନା କରିଥିଲେ ଯାଇ ମୁଁ ନଥାନ୍ତି
ତୋ ସିଂହଦୁଆରେ ପ୍ରଭୁ
କାହିଁ ପାଇଁ ଏତେ କଷଣ ଜଗତେ
ହାହାକାର ଶୁଭେ ବିଭୁ ।୦ ।

ମିଛ ଭକତିରେ ଯାଉଥିଲି ଯଦି
ଧନ,ସୁଖ ଲାଳସାରେ
ମନ ଭରୁଥିଲା ମିଛ ଅଭିନୟ
ନିଜ ସ୍ୱାର୍ଥ କାମନାରେ
ଦେଇଥିଲେ ଦଣ୍ଡ ପାତିଥାନ୍ତି ମୁଣ୍ଡ
ଦୋଷ ମାନି ମୋର ସବୁ ।୧ ।

ଅଭିମାନ କରି ରତ୍ନ ସିଂହାସନେ
ବସିଛୁ ମଉନ ହୋଇ
ଭକତ ସମାଜ କରିଛୁ ବାରଣ
ତୋର ଦରଶନ ପାଇଁ
ଏକା ଏକା ତୁମେ କେମିତି ରହୁଛ
ଗମ୍ଭିରୀ ଭିତରେ ପ୍ରଭୁ ।୨ ।

ମାନ ତେଜି ବାରେ ଚକ୍ର ଆଡୁଆଳେ
ଜଗତ ତୋହର ରଖ
ବାଡ଼ି ନରସିଂହ ରୂପେ ବିଜେ ହରି
ହରିନିଅ ବିଶ୍ୱ ଦୁଃଖ
ଭକତ ତାରଣ ଜଗତ କାରଣ
ଶରଣ ରକ୍ଷଣ ବିଭୁ ।୩ ।

ବିଭୁତିପୁର,କାକଟପୁର,ପୁରୀ
ମୋ-୯୯୩୭୭୨୧୦୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଗୁଣ ଦେଇଛି ଧୋକା



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ଗଲା ଫଗୁଣର ଚିଠି ମୁଁ ପାଇଛି
ଲେଖା ଅଛି ତୁମ କଥା,
ଏଇ ଫଗୁଣରେ ସିନ୍ଦୁର ନାଇଛ
ଦେଖି ଘୁରି ଯାଏ ମଥା ॥

କେତେ ଯତନରେ ଭଲ ପାଉଥିଲି
ରଖିଥିଲି ଶଙ୍ଖା ଚୁଡ଼ି
ଜୀବନ ସାଥିଟେ ଭାବିଥିଲି ସିନା
କାହାସାଥେ ଗଲ ଉଡି.

ପ୍ରେମ ପ୍ରତାରଣା ନଥିଲା ଧାରଣା
ଉଡୁଥିଲି ଝାଡି ଡେଣା,
ମରୀଚିକା ତୁମେ ମାୟାବିନୀ ସାଜି
କରିଗଲ ବାଟ ବଣା.

ଧନ୍ୟରେ ସମୟ ଧନ୍ୟ ତୋ ପ୍ରଣୟ
ଧନ୍ୟ ତୋର ଭାବା ବେଗ,
ନମୁଛି ବିଧାତା ଘଟ ସୂତ୍ର ଦାତା
ଧନ୍ୟ ପୀରତି ଆବେଗ.

ବଙ୍କିଆ, ବୀରମହାରାଜପୁର
ମୋ-୯୪୩୯୧୪୦୮୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ପୁଷ୍ପଲତା ସାହୁ

ଦଶ ମାସ ଦଶ ଦିନ ଗର୍ଭଯନ୍ତ୍ରଣା ସହି
ମୃତ୍ୟୁର କୋଳରେ ନିଜକୁ ଶୁଆଇ
ମୋତେ ଏ ଦୁନିଆର ଆଲୋକ ଦେଖାଏ
ଏ ସଂସାରରେ ମାଆ ମୋର ସିଏ । ।
ଆକାଶ ସମ ଉଦାର ତା ହୃଦୟ
ସାଗର ପରି ସ୍ନେହର ବିଶାଳତମ ଛାତି
ମାଟି ସମ ସହନଶୀଳତା
ସବୁ ଯନ୍ତ୍ରଣା କୁ ସହି ମୋତେ
ଦୁନିଆରେ ବଂଚିବାର ରାହା ଦେଖାଏ । ।
ତା ହାତ ଧରି ଚାଲିବା ଶିଖିଛି
ପ୍ରଥମ ଗୁରୁର ହାତ ସ୍ପର୍ଶରେ
ମୁଁ ଆଗକୁ ଯିବାର ସ୍ୱପ୍ନ ଦେଖିଛି
କେବେ କେବେ ତା ସ୍ନେହର ପରଶ
ମୋ ମଥା ପରେ ଢାଳିଦିଏ
ଅଜାଣତରେ ଆଶୀର୍ବାଦ ବର୍ଷା । ।
ହେଲେ ଆଜି ମୁଁ ସ୍ୱାର୍ଥପର
ନିଜର ଟିକେ ସୁଖ ଆଶାରେ
ଭାଙ୍ଗି ଦେଇଛି ତା ବାଇଚଢେଇ ବସା
ନିଜକୁ ଦୁନିଆରେ ପ୍ରତିଷ୍ଠିତ କରିବା ପାଇଁ
ହଜାଇ ଦେଇଛି ତା ସ୍ୱପ ର ଆଶା
ନିଜ ପରିବାର ,ସଂସାର ସବୁକୁ
କୋଳେଇ ନେଇ କରିଛି ତାକୁ ସାତପର । ।
ଜରାଶ୍ରମରେ ସେ ଆଜି ଛଟପଟ
ହୃଦୟରେ ଅନେକ ଯନ୍ତ୍ରଣାର କୋହ
ତଥାପି ଚାପି ରଖିଛି ମନ ଭିତରେ
ଯେତେ କଷ୍ଟ ହେଲେ ବି
ପ୍ରକାଶ କରିବାକୁ ଅନିଚ୍ଛୁକ
ବାତ୍ସଲ୍ୟ ପ୍ରେମରେ ଭରା ହୃଦୟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେବେ ଅଭିଶାପ ଦେଇ ପାରେନି

ତା ଜନ୍ମକଲା ପିଲାକୁ

ବସୁଧା ପରି ସବୁ ଦୁଃଖ ସହି

ସର୍ବଦା ଅଶୀର୍ବାଦର ହାତ

ରଖିଥାଏ ମୋ ମଥା ପରେ

କାହିଁକି ନା........ ? ? ?

ସେ ମୋ .......ମାଆ

ଆଉ କେହି ନୁହେଁ । ।

ସହକାରୀ ଶିକ୍ଷୟତ୍ରୀ

ମକୁନ୍ଦପୁର ଉ ପ୍ରା ବିଦ୍ୟାଳୟ

ଜଗତସିଂହପୁର

ଫୋନ ନ -୯୭୫୮୫୫୩୦୭୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା



ଶାନ୍ତିଲତା ସାହୁ

ମା' ଡାକରେ ଯେଉଁ ମଧୁରତା ସେ ତ କେଉଁ ଡାକରେ ନାହିଁ
ମା' ସ୍ନେହ ପରି ଅମୃତ ସେ ତ ସରଗେ ନାହିଁ
ମା' କୋଳେ ଯେଉଁ ଆନନ୍ଦ ତା'ର ତୁଳନା ନାହିଁ
ମା' ପରି ବଡ଼ ସମ୍ପଦ ଏହି ଜଗତେ ନାହିଁ
ମା' ର ପଣତ କାନି ଛାଇରେ ଶିଶୁକୁ ଲାଗଇ ଆନନ୍ଦ
ମା' ର ଆଶିଷ ପାଇଲେ ଶିଶୁ ଜିତଇ ଜଗତ
ମା' ରନ୍ଧାପରି ସଂସାରେ ମିଳଇ ନାହିଁ
ମା' ଲୋରୀ ବିନା ଶିଶୁକୁ ନିଦ ଆସେ ନାହିଁ
ମା' ର ମା'ଟି ହୋଇବ ତାର ବାର୍ଦ୍ଧକ୍ୟ କାଳେ
ମା' ର ସେବାଟି କରିବ ନରଖି ସଂକୋଚ ମନେ
ମା' ଆଖିରୁ କେବେ ବି ଝରାଇ ନ ଦେବ ଲୁହ
ମା' ହସୁଥିଲେ ହସିବ କୋଟି ଦେବତାଙ୍କ ମୁହଁ

ଭ୍ରାମ୍ୟଭାଷ : ୭୩୮୧୩୪୧୦୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଛି ତୁମେ... କିଛି ମୁଁ...



ମଞ୍ଜୁଲତା ସିଂ

ଆସ.. ସବୁ ଇର୍ଷା ଓ ଘୃଣାକୁ ପିଠି କରି
ଆଉ ଥରେ ଆଙ୍କିବା ଜୀବନର ଚିତ୍ର
ହାତେ ଧରି ରଙ୍ଗ ଆଉ ତୁଳୀ
ଇନ୍ଦ୍ରଧନୁ କୁ  ମାଗିବା କିଛି ରଙ୍ଗ
କିଛି ତୁମେ.. କିଛି ମୁଁ
ଢ଼ାଳିଦେବା ଧୂସର ମାଟିରେ..
ସେଠି ସଦିଚ୍ଛାର ବାର୍ତ୍ତା ନେଇ ଝରୁଥିବ ମେଘ
ସିନ୍ଦୁରା ଫାଟୁଥିବ ନୂଆ ଏକ ସକାଳର
ବାରମାସୀ ଚଢେଇଟେ ଉଡୁଥିବ
ଭରସାର କୁଟାଖଣ୍ଡ ଚଞ୍ଚୁରେ ଧରି
ସଜାଡୁଥିବ ଭଙ୍ଗା ନୀଡ଼ ତାର..
ଆଖି କୋଣେ ଶୁଖି ଥିବା ବିନ୍ଦୁଏ ଲୁହ
ଧାରେ ହସ ହୋଇ କାହା ଓଠେ ଝଲସୁଥିବ
ପର କରି ଆସିଥିବା ମୁହୂର୍ତ୍ତ ମାନଙ୍କୁ
ସଙ୍ଗୋଳି ଆଣିବା ହାତ ଧରି
କିଛି ତୁମେ... କିଛି ମୁଁ...
ଆପଣାପଣର ରଙ୍ଗ ମାଖି ଦେବା ।
ନୂଆ ନୂଆ ଉଡ଼ା ଶିଖିଥିବା ପକ୍ଷୀ
ଦୂର ଆକାଶକୁ ଉଡାଣ ଭରୁଥିବ..
କଅଁଳ ପତ୍ର ଆଉ ଫୁଲରେ
ଥୁଣ୍ଟା ଗଛଟି ପଲ୍ଲବିତ ହେଉଥିବ
କାହା ଉଦାସପଣକୁ ଧୋଇ ମାଜି
କିଛି ତୁମେ ଆଉ କିଛି ମୁଁ...
ଖୁସିର ରଙ୍ଗ ଭରିଦେବା ।
ନଥିବ ଯନ୍ତ୍ରଣାର ଅନ୍ତଃସ୍ୱର
ଚିକିମିକି ଜହ୍ନ ତାରା ଓହ୍ଲାଉଥିବେ
ମାଟିର ଛାତିକୁ..
ଈଗଲର ପଞ୍ଝା ଭିତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶାନ୍ତିର ପ୍ରଶ୍ୱାସ ନେଉଥିବ ନୀରିହ କପୋତୀ

ବାଘ ମୁହଁରୁ ବଉଳା ଫେରୁଥିବ

ପ୍ରେମର ବାର୍ତ୍ତାଟିଏ ନେଇ

ଲିଭି ଲିଭି ଆସୁଥିବ ଘୃଣାର ପରତ

ପ୍ରେମର ପ୍ରାଣସତ୍ତା ସଞ୍ଚରୁଥିବ

ପ୍ରାଣରୁ ପ୍ରାଣକୁ..

ଆସ ଏବେ..

ଧର ଏଇ  ରଙ୍ଗ ତୁଳୀ

ଏବେ ଖାଲି ଅଙ୍କିବାର ବେଳ..

ମଞ୍ଜୁଲତା ସିଂ

ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୁଣିଲୁ ବାଇନ...



ରାମ ପ୍ରସାଦ ସିଂହ

ଜୀବନ ଡଙ୍ଗାରେ ବସୁ ବସୁ
କେତେବେଳେ ଗୋଡ଼ ଯିବରେ ଖସି,
ଭାଗ୍ୟଫଳ ହୋଇବ ସିଦ୍ଧାନ୍ତ
ଏତିକି ଜାଣିଥା ତୁହି ଏଇଠି ବସି ।।
ଜୀବନ ଛକିରେ ଆସିବ ବିପଦ
ସହିବାକୁ ପଡ଼ିବ ମୁଣ୍ଡ ନୁଆଇଁ,
ରଖିବୁ ଧର୍ଯ୍ୟ ନିଜର ପାଖେ
ନ ଥିବେ ରେ କେହି ତୋରି ପାଇଁ ।।
ବଞ୍ଚିବାକୁ ପଡ଼ିବ ତୋତେ ରେ, ବାଇନ
ଦେଖିବାକୁ ପଡ଼ିବ ଆଗାମୀ ଭବିଷ୍ୟତ,
କରିବାକୁ ପଡ଼ିବ ଦୃଢ଼ ମନୋବଳ
ଏମିତି ଏଇ ସଂସାର ଖେଳ ଜଗତ ।।
ଶୁଣିଲୁ ଦେଇ ମନ, କରିବୁ ପାଳନ
ତୁହିରେ ବାଇନ ଏତିକି କଥା,
ଅବୁଝା ନ ହୋଇ ଗଢ଼ିବୁ ଜୀବନ
ଆସିବ କେତେ ନାନାଦି ବ୍ୟଥା ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଞ୍ଜଭୂମି



ଆୟୁଷ ମହାନ୍ତ

ଏଇ ଯେ ମୋର ଜନମ ଭୂମି
ଏଇ ଯେ ମୋର କରମ ଭୂମି
ସରଗ ଠାରୁ ପ୍ରିୟ ମୋର ଭଞ୍ଜଭୂମି ।
ତାର କଳକଳ ଝରଣା
ତାର ନୀଳନୀଳ ଗଗନ
ତାର ବୁକୁରେ ଭରି ରହିଛି
କେତେ ଯେ ଅଯାଚିତ ଧନରତ୍ନ।
ଭଞ୍ଜଭୂମି ଆହା ଦିଶେ କି ସୁନ୍ଦର
ସମସ୍ତ ଜିଲ୍ଲାଠାରୁ ଏକ ନମ୍ବର
ମୟୂରଭଞ୍ଜ ଦିଶେ କି ସୁନ୍ଦର।
ଜଙ୍ଗଲ ନଦୀରେ ଗଢ଼ା ଜିଲ୍ଲାଟି ଆମର
ସୁଜଳା ସୁଫଳା ଶସ୍ୟଶ୍ୟାମଳାରେ ଭରା ଏ
ବିଲ ପ୍ରାନ୍ତର
ଅଛି ଭୂଗୋଳେ ନାଁ ଆମ ଭଞ୍ଜଭୂମିର।

ଦେଖିଲେ ଭାଇ ପ୍ରକୃତିରାଣୀ ଶିମିଳିପାଳ
ଦେଖିଲେ ଭାଇ କୁମ୍ଭୀର ପ୍ରକଳ୍ପ ରାମତୀର୍ଥ
ମନଟା ମୁଗ୍ଧ ହୋଇଯିବ ସମସ୍ତଙ୍କର
ବରେହିପାଣି, ଚାଉଳିଭଜା ଜଳପ୍ରପାତ
ଜରନ୍ଦାର, ଅସୁରଘାଟି ଜଳପ୍ରପାତ
ଝରଝର ହୋଇ ବହନ୍ତି ନିରନ୍ତରେ।
କେଶରୀ କୁଣ୍ଡ ଭୀମ କୁଣ୍ଡ
ପୁଣି ଶମି ବୃକ୍ଷ ଦେବକୁଣ୍ଡ।
ବାଙ୍ଗିରିପୋଷିର ଘାଟିର ଶୋଭା
ମାଛକାନ୍ଦଣା ଘାଟିର ଶୋଭା
ଆହା କି ଅମାପ ବିଭବ।
ଖୋଇରି ଭଣ୍ଡନ ବୁଢ଼ାବଳଙ୍ଗ
ପୁଣି ଖଡ଼ଖାଇ ନଦୀ ଆମର
ଯୁଗେ ଯୁଗେ ଏଇ ମାଟିରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଝରଝର ହୋଇ ବହନ୍ତି ନିରନ୍ତରେ ।

ବହଳଦା ଖିଚିଂରେ ଅଛି

କୀଚକେଶ୍ୱରୀ ମାଁ ମନ୍ଦିର

ବାରିପଦା ବଳଦେବ ଜିଉ ମନ୍ଦିର

ରାଇରଙ୍ଗପୁର ବଡ ଠାକୁର

ସୁଣ୍ଡଳ ନସ୍କରିଆ ବାବା ମନ୍ଦିର

ରାଇରଙ୍ଗପୁର ଗୋଢ଼ ଐସାନେଶ୍ୱର ମହାଦେବ ମନ୍ଦିର

ଦରଶନ କର।

ଭଞ୍ଜଭୂମି ଆହା ଦିଶେ କି ସୁନ୍ଦର

ସମସ୍ତ ଜିଲ୍ଲାଠାରୁ ଏକ ନମ୍ବର

ମୟୂରଭଞ୍ଜ ଦିଶେ କି ସୁନ୍ଦର।

ଏଇ ଯେ ମୋର ଜନମ ଭୁମି

ଏଇ ଯେ ମୋର କରମ ଭୂମି

ସରଗଠାରୁ ପ୍ରିୟ ଆମ ଭଞ୍ଜଭୂମି।।

ଗ୍ରାମ- ଗଣ୍ଡିଦା ରାଇରଙ୍ଗପୁର ମୟୂରଭଞ୍ଜ ୭୫୭୦୪୨, ୭୩୨୫୯୮୪୧୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଦଶପଲ୍ଲା



ଓମ୍ ପ୍ରସାଦ ପ୍ରଧାନ

ମୋ ଦଶପଲ୍ଲା ହଁ ମୋ ଦଶପଲ୍ଲା
ଦଶାନନକୁ ଦହନ କରେ
ପ୍ରତିବର୍ଷ ଉତ୍ସବ ଆଣେ
ରାବଣ ପୋଡି, ମୀନାବଜାର
ସବୁବର୍ଷରେ ହୁଏ ସବାର
ମହାବୀର କ୍ଷେତ୍ର ନାମେ ହୁଏ ପ୍ରଚାର

ମୋ ମାଟିରେ ଫଳେ ଫସଲ
କୁଆଁରିଆ ମୋ ଯୋଗାଏ ଜଳ
ଚାଷୀଙ୍କର ନାହିଁ ବେଳ ଅବେଳ
ବାହାରି ପଡନ୍ତି ନିତି ସକାଳ
ବାର ମାସରେ ତେର ପରବ
ସଭିଏଁ ବାଣ୍ଟନ୍ତି କେତେ ଦରବ

ଜଙ୍ଗଲ ମୋହର ପଠାଏ କାଠ
କରିନି କେବେବି ଜମାରୁ ମଠ
କାଠ ପଠା ହୁଏ ଶ୍ରୀକ୍ଷେତ୍ର ପାଇଁ
ମହାପ୍ରଭୁଙ୍କର ଯାତରା ପାଇଁ
ପଡେ ହୁରି ଆଉ ଶଙ୍ଖ ଶବଦ
ଦଶପଲ୍ଲା ମୋର ହୁଏ ଆନନ୍ଦ
ହାଟ ପଡେ ଏଠି ଦୁର୍ଗା ବଜାରେ
ମିଳେ କେତେ କଣ ସବୁ ଏଠାରେ

ଦଶପଲ୍ଲାର ଜୀବନ ରେଖା
କୁଆଁରିଆ ନଇ ନାମରେ ଲେଖା
ଅନତି ଦୂରରେ ମୃଗ ବିହାର
ମନ ମୋହି ନିଏ ଜନମନର
କୁଆଁରୀଆ ବନ୍ଧ ଯୋଗାଏ ଜଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଯାତାୟତ ର ଏ ଉତ୍ତମ ସ୍ଥଳ

କଳା, କୀର୍ତି ଆଉ ସଉଧ ପାଇଁ

ମହାବୀର କ୍ଷେତ୍ର ନାମ ଉଠଇ

ଲୋକକଳା ଗ୍ରାମ ସ୍ୱତନ୍ତ୍ର ଗ୍ରାମ

ଯାହା ପାଇଁ ଆମ ବଢେ ସୁନାମ

କୁଞ୍ଜବନ ଗଡ଼ ତାହାର  ନାମ

ଦଶପଲ୍ଲା ମଧ୍ୟେ ଆଦର୍ଶ ଗ୍ରାମ

ଓମ୍ ପ୍ରସାଦ ପ୍ରଧାନ (ଉଦ୍ଭିଦବିଜ୍ଞାନ ସମ୍ମାନ)
ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ,ନୟାଗଡ଼
ଦୂରଭାଷ:- ୯୩୪୮୮୦୩୮୩୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିବାହ



ପୂର୍ଣ୍ଣିମା ଲେଙ୍କା

ବିବାହ ପୂର୍ଣ୍ଣତା ମିଳୁ ନାହିଁ
ବିବାହ ବେଦୀରେ
ସମସ୍ତେ ତତ୍ପର ସାଜସଜାରେ
ମନ ନାହିଁ କାହାକୁ ରୀତିନୀତିରେ

ବିବାହ ସମ୍ପୂର୍ଣ ହେଉଛି
କେବଳ ଫର୍ମାଲିଟିରେ
ବ୍ରାହ୍ମଣ ମନ୍ତ୍ର ପଢେ ଏଠି
ଫେସବୁକରେ ଷ୍ଟାଟସ ଅପଡେଟ ହେଲା
ପରେ

ବିବାହର ରୀତିନୀତି ହୁଏ
କେମେରାମେନର ଇସାରାରେ
ସିନ୍ଦୁରକୁ ପୋଛି ସିନ୍ଦୁର ଦିଆଯାଏ
ଭଲ ଫୋଟୋ ଉଠିବା ନିଶାରେ

ବାହାଘର ସମାରୋହ ହୁଏ
ଲୋକ ଦେଖାଣିଆରେ
ମିଛିମିଛିକା ସମାଜରେ
ନିଜ ଆଧିପତ୍ୟ ଦେଖେଇବା ମୋହରେ

କନ୍ୟା କାନ୍ଦେନାହିଁ ଏଠି ବିଦାୟ ବେଳରେ
ମେକପ ଛାଡ଼ିଯିବ କାଳେ ଥାଏ ଭୟରେ
ରୀତିନୀତି ସବୁଗଲାଣି ଚୁଲିରେ
କନ୍ୟା ବିଦା ଗୀତକୁ କିଏ ପଚାରେ

ଆଧୁନିକ ସମାଜର ବିବାହରେ
ସବୁ ଫର୍ମାଲିଟି ଭାବରେ ....

କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଖିଲୁହ ମାପେ ତା ଛାତିରେ



ମନୋରଞ୍ଜନ ମୁଦୁଲି

ମୁଁ ବି ସେହି ମାଆ... ତା ପରି,
ଜନ୍ମ ପରେ ପରେ ଅନେକ କାନ୍ଦିଚି
ଶ୍ରାବଣ ଧାର ପରି କେତେ ଲୁହ ଆଖି ଦୁଇଟିରୁ ଝରିଚି।
ସବୁ ଲୁହର ଉଷ୍ମତା ଏକା ନୁହଁ,
ସାନ୍ଦ୍ରତା ସମାନ ନୁହେଁ ... ସବୁ ଲୁହ ଅଲଗା ଅଲଗା।

ମା କୋଳରେ ଗୋଡ଼ ଛାଟି କେତେ କାନ୍ଦିଥିବି...
କେତେ ସଦ୍ୟ ଲୁହ ବୋହି ଯାଇଥିବ.... ଜଣାନାହିଁ...
ସାନ୍ଦ୍ରତା ଟିକିଏ ନଥିବ ନିର୍ମଳ ମନର ଲୁହରେ
ସଙ୍ଗେ ସଙ୍ଗେ ମାଆ ମୁହଁ ଦେଖେ.... ହସିଦିଏ,
ଲୁହ ମାଆ ପୋଛିଦିଏ, ତା ଛାତିରେ ଚାପିଦିଏ
ମୋ ଲୁହ ତା ଆଖିକୁ ଚାଲିଯାଏ...
ମୋ କୋହ ତା ଛାତିକୁ ଟାଣିନିଏ...
ମୋ ମୁହଁରେ ହସଟିଏ ଦିଏ ବୋଲି ମୁଁ ତାକୁ ମାଆ କହେ.. !

ରାତିସାରା ମୋ ପାଖରେ ଜଗିଥାଏ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୋ ଛାତି ପାଦର ଉଷ୍ଣତାରେ ତା ଆଖିରେ ଲୁହ ଆସିଯାଏ

ହୃଦୟ ଯନ୍ତ୍ରଣାକୁ ମାପିପାରେ ବୋଲି ସିଏ ମା ହୁଏ।

କେତେ ଦେବାଦେବୀଙ୍କୁ ଲୁହର ନୈବେଦ୍ୟ ଦେଇ ଦିଏ,

ଦେବାଦେବୀ ଜାଣିଥିବେ ତା ଲୁହର ସାନ୍ଦ୍ରତା କେତେ...

ନ ହେଲେ ଆଉ ବା ଜାଣିବ ବା କିଏ... ? ?

ଶୀତଳ ଲୁହ ଝରେ ଯେବେ ତା ଆଖିରୁ,

ମୋ ଛାତି ଫୁଲିଉଠେ, ମୋ ସଫଳତା ପାଇଁ ସିଏ ଖୁସିହୁଏ

ହାତଯୋଡି ଠାକୁରଙ୍କୁ ଦି ଟୋପା ଲୁହ ଢାଳିଦିଏ।

କହୁ ଥାଏ..... ତୁମ ଇଚ୍ଛା ପ୍ରଭୁ ....

ମୋ ମଙ୍ଗଳ ପାଇଁ କେତେ ପ୍ରାର୍ଥନା କରେ,

ଖୁସିର ଲୁହକୁ ପୋଛିଦିଏ... ଲୁହ ଦେଖି ମୁଁ କଷ୍ଟ ପାଇବି ବୋଲି... ! !

ବିଚିତ୍ର ପ୍ରାଣୀ ଗୋଟେ ମୋ ମାଆଟା ସତେ...,

ମୋତେ ପର ଘର ତଡିବାକୁ ନିଦ ବି ନଥାଏ,

ମୋ ବୟସଟା ଅଡୁଆ ଲାଗୁଛି ତାକୁ ,

କଞ୍ଚିରୁ କାଞ୍ଚନ ସବୁ ସଜାଡି ମୋ ପାଇଁ..

ପରଘରକୁ ତଡିବାକୁ ଲାଗିପଡେ....

କାହିଁକି ପୁଣି କାନ୍ଦେ.... ? ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତା ଆଖିରୁ ଲୁହ ଝରେ... ନା...ଅଶ୍ରୁ ଭରେ...

ତା ଲୁହର ସାନ୍ଦ୍ରତା ଏକା ସିଏ କହିପାରେ... ! ! !

ମାଆର ଆଖିରେ

କେତେ ଜାତି ଲୁହ କିଏ ମାପି ପାରେ,

ମମତାର ଲୁହ କେବେ ସ୍ୱତଃ ଝରିପଡେ,

ଆତ୍ମହରା ହୋଇଯାଏ ସ୍ନେହ ପ୍ରେମ କରୁଣା ଭିତରେ।

ଆଖି କେବେ ମାପିପାରେ ନାହିଁ ମାଆର ଲୁହକୁ।

ମାପି ପାରେ ହୃଦୟ ଏକାକୀ ନିବୃତ ଗହ୍ୱରେ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରାଜାଧିରାଜ ବସନ୍ତ



ଡଃ ସଂଜୀବ କୁମାର ପାଣିଗ୍ରାହୀ

ରାଜାଙ୍କ ରଥରେ ଆସିବା ପରି

ତୁମେ ଧରାବତରଣ କର ପୁଷ୍ପରଥରେ

ଦିଗ୍ବିଦିଗେ ଶୋଭା ପାଏ ନାନା ଜାତି ପୁଷ୍ପର ସମ୍ଭାର

ରାଜାଙ୍କ ଗନ୍ତବ୍ୟ ମାର୍ଗରେ

ପୁଷ୍ପ ବର୍ଷଣ ହେବା ପରି

ଆଜି ତୁମେ ଯୁଆଡେ ଯାଉଛ

ସମସ୍ତେ ତୁମ ଉପରେ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରୁଛନ୍ତି

ତୁମେ ରାଜା ନୁହଁ ତ !

ରାଜାଙ୍କ ସହିତ ଛତ୍ର, ଚାମର, ଆଲଟ

ଶୋଭା ପାଉଥାଏ

ତୁମେ ଆସିବାରୁ ନାଗେଶ୍ୱର ପୁଷ୍ପ

ତୁମ ମସ୍ତକରେ ଛତ୍ର ଧାରଣ କରିଛି

ମଳୟ ତୁମକୁ ଚାମର ବ୍ୟଜନ କରୁଅଛି

ମଲ୍ଲୀ,ମାଳତୀ  ଆଲଟ ଧାରଣ କରି

ସୁବାସ ବିତରିବାରେ ବ୍ୟସ୍ତ

ତୁମେ ରାଜା ନୁହଁ ତ ଆଉ କଣ ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତୁମରି ଗନ୍ତବ୍ୟ ପଥରେ

ଭ୍ରମରମାନେ କୁଳ ବଧୂଙ୍କ ପରି

ହୁଳହୁଳି ଦେଉଅଛନ୍ତି

ପଚଂମ ସ୍ୱରରେ

କୋଇଲି ଗାଉଛି ଗୀତ ।

ଯୂଇ,ଜାଇ,ମାଳତୀ

ଗୋଟିପୁଅ ନୃତ୍ୟ କରୁଛନ୍ତି ।

ମାଳ ମାଳ ବୃକ୍ଷ

ସୈନ୍ୟ ସାମନ୍ତଙ୍କ ପରି ସୁସଜ୍ଜିତ

ଏ ସବୁଥିରୁ ଯାହା ଜଣାପଡେ

ହେ ବସନ୍ତ !

ତୁମେ କେବଳ ରାଜା ନୁହଁ

ତୁମେ ରାଜାଧିରାଜ ।

ସା/ପୋ-କୋଷ୍ଠା,ଭାୟା-ବାରିପଦା

ଜିଲ୍ଲା-ମୟୂରଭଂଜ,ପିନ୍-୭୫୭୦୮୪

ଫୋନ୍ ନଂ-୯୪୩୮୪୭୦୦୨୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମୁଁ ହିଁ ସମୟ



ଶ୍ରୀରାଜଶେଖର ସି
'ଟିମା'

ମୁଁ ହିଁ ବଳବାନ ସମୟ,
ମୁଁ ହିଁ ବର୍ତ୍ତମାନ ସମୟ,
ମୁଁ ହିଁ ଐତିହାସିକ ସମୟ,
ମୁଁ ହେଲି ଭବିଷ୍ୟତ ସମୟ।୧।

ପ୍ରତିକ୍ଷଣକୁ ତୀକ୍ଷ୍ଣ ଭାବେ ବୀକ୍ଷଣ କରେ ମୁଁ,
ପ୍ରତି ସମ୍ବତ୍‌ର ସୂକ୍ଷ୍ମ ସମ୍ବାଦର ସାକ୍ଷୀଦିଏ ମୁଁ,
ଆସନ୍ତା ଦିନକୁ ଆଜିର ରୂପ ଦେଇପାରେ ମୁଁ,
ଆଜିକୁ ଗତକାଲି ପଅରି ଦିନ ଅତୀତ କରେ ମୁଁ ।୨।

ନିରନ୍ତର ଗତିଶୀଳ ରୁହେ ମୁଁ,
ପଛକୁ ଫେରିକି ଦେଖେନି ମୁଁ,
ଚିରକାଳ ନିରପେକ୍ଷ ରୁହେ ମୁଁ,
ଭଲମନ୍ଦ ସମୀପରେ ରୁହେ ମୁଁ।୩।

ଆଦି ମଧ୍ୟ ଅନ୍ତରେ ରହୁଛି ମୁଁ,
ଆୟୁଃ ଅବଧିର ମାପଯନ୍ତ୍ର ମୁଁ,
ପ୍ରତି ପୁରାଣଗାଥାରେ ଅଛି ମୁଁ,
ରାମାୟଣ ଭାଗବତରେ ଅଛି ମୁଁ ।୪।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାଭାରତକୁ ଦେଖିଛି ମୁଁ,

ମାଦଳା ପାଞ୍ଜିକୁ ଦେଖିଛି ମୁଁ,

ପ୍ରାଚୀନ କାଳକୁ ଦେଖିଛି ମୁଁ,

ଆଧୁନିକ କାଳକୁ ଦେଖୁଛି ମୁଁ।୫।

ଅପ୍ରତିବନ୍ଧ ଅବିରୋଧୀ ଶକ୍ତିଶାଳୀ ସମୟ ହେଲି ମୁଁ,

ପ୍ରତିକାଳ ବେଳା କାଳ ଜ୍ଞାନ ନିର୍ଣ୍ଣୟ ଦେଇପାରେ ମୁଁ,

ସୃଜନ କରିପାରେ ଅନେକ ଅନେକ ଚରିତ ଚରିତ୍ର ମୁଁ,

ସମସ୍ତ ପର୍ଯ୍ୟବେକ୍ଷଣ ପରିଣାମର ଘୋଷଣା କରେ ମୁଁ ।୬।

ବିଭିନ୍ନ ଋତୁର ସଞ୍ଚାଳନ କରେ ମୁଁ,

ସବୁ ଯୁଗର ପରିଦର୍ଶନ କରେ ମୁଁ,

ପ୍ରକୃତିର ବିନାଶ ଗର୍ଭ ଦେଖିଛି ମୁଁ,

ନବତନ ନିର୍ମାଣର ମଞ୍ଜି ପକାଏ ମୁଁ ।୭।

ସବୁବେଳେ ନିବାଡ଼ ସତ୍ୟ ଦେଖିପାରେ ମୁଁ,

ସମସ୍ତଙ୍କୁ ସମ ପର୍ଯ୍ୟାୟରେ ଆଣିପାରେ ମୁଁ,

ସମତଳ ସଂଶୋଧନ ବିଶୁଦ୍ଧ କରିପାରେ ମୁଁ,

କାହା ଆଗେ କେବେ ନତମସ୍ତକ ହେବିନି ମୁଁ ।୮।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁଁ ଲଙ୍କାପତି ରାବଣ



ଜୟନ୍ତକୁମାର ସାହୁ

ଧରିଛି ବାଣ ହାତରେ ରାମ

ଦେଖିବ ଆଜି ବାଣର ଅଗ୍ନିର ପରିଣାମ,

ମୋ କୁଳ ଉପରେ ଆସିଲେ ଆଞ୍ଚ

ଦେଖିବ କ୍ରୋଧର ରଙ୍ଗମଞ୍ଚ,

ରାମ ବେଶରେ ରାମ ହବ ଉଦ୍ଧାରି

ହବ ସେ ଆଜି ଲଙ୍କାରୁ ପାରି,

ଦେଖିବ ଆଜି ମୋହର ଶକ୍ତି ରାମ

ଭାଙ୍ଗିବ କେମିତି ମୋର ଅଭିମାନ,

ଶୁଣିବ ସେ ଆଜି ଆର୍ତ୍ତଚିତ୍କାର

ଭୁଲିଯିବ ସେ ସୀତାର ସ୍ୱର,

ମୁଁ ରାବଣ ଅତି ନିର୍ଦ୍ଦୟୀ

ବଚନ ଦେଇଥିବା ସୂପନରେଖାର ଭାଇ,

ନଥିଲା ସେ ପରାର ଧନ

କରିଲ ତୁମେ ତାକୁ ଅପମାନ,

କାଟିଲ ତୁମେ ତାହାର ନାକ

ମାଟିରେ ଗଡେଇବି ତୁମ ମସ୍ତକ,

ଆଜି ହବ ଏହି ଯୁଗର ପରିବର୍ତ୍ତନ

ରଖିବି ମୁଁ ଆଜି ରାକ୍ଷୀର ମାନ,

ମତେ ବଧ କରିବାକୁ ଦଶରଥପୁତ୍ର କରିଛି ପଣ

କିପରି ହରାଇବ ମୁଁ ଲଙ୍କା ପତି ରାବଣ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସରନ୍ତି



ଶିବ ଶଙ୍କର ସାହୁ

ମୋ'ଠୁ କିଏ ବେଶି ଜାଣେ,

ତମକୁ ଓ ତମର ପ୍ରେମିକ ପଣକୁ ?

ତମର ସେମିତି ତପସ୍ୟା,

ତମର ସେମିତି ଅପେକ୍ଷା ।

ଜଳିବାର ଓ ଜଳେଇବାର

ଯନ୍ତ୍ରଣା ଭିତରେ ବି ବଢ଼େଇ ରଖ

ଭଲପାଇବାର ମନ୍ତ୍ରଣା !

ଏତେ ଭଲ ପାଇ ବି

କେମିତି ଥାଅ ଚୁପଚାପ ?

ସକାଳର ସଜଫୁଟା ଫୁଲ

ଅବା ପ୍ରିୟ ସାଙ୍ଗ ଭଳି ,

ଦରଦୀ ମୁହଁଟେ ଝାଉଁଳୁ ନ ଥାଏ

ଅପେକ୍ଷାରେ ଥାଏ କୋଉକାଳୁ -

କାଳରୁ କାଳାନ୍ତର ଯାଏ !!

ଅପେକ୍ଷା କରୁ କରୁ କଡ଼ ଲେଉଟାଏ ସମୟ

ଝରିଯାଏ ପାଣି ହାତମୁଠାରୁ

ଅମଳ ପାଇଁ ବଢିଯାଏ କିଆରିରେ ,ଧାନ

ଆଉ କଣ ରହିଯାଏ !

ଖାଲି ଯାହା ଅବସାନ ,

ଭାଗ୍ୟହୀନ ଭଲପାଇବାର !!

ଅଥଚ–

ସ୍ମୃତିର ଦାଢ଼ରେ ପାକଳ ଜୀବନ

ଭାବିବସେ , ସାରିଦେବ ଅଧାକୁହା କଥା ।

ସବୁ କଥା କେବେ ବି ସରେନା,

ସବୁକିଛି କହି ବି ହୁଏନା

କହିବି, ନ କହିବିର ଦ୍ୱନ୍ଦ ଭିତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଟପଟ ହେଉଥାଏ ଅଧ ।କୁହା କଥା ଓ

ପ୍ରତୀକ୍ଷା: କେଉଁଠି ନା କେଉଁଠି ।

ତମର ସେମିତି ତପସ୍ୟା,

ତମର ସେମିତି ଅପେକ୍ଷା ।

ଏ କଥା ବେଶି କିଏ ଜାଣେ --ତମଠୁ !!

ସମ୍ପର୍କ:

ସହକାରୀ ଯନ୍ତ୍ରୀ(ରେଳପଥ)

ପୂର୍ବତଟ ରେଳବାଇ, ରେଳସଦନ

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ଭ୍ରାମ୍ୟଭାଷ:୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ଈଶ୍ୱର ତୁମର ଏଇ ପୃଥିବୀରେ



ବିଜୟ କୁମାର ପଣ୍ଡା

ହେ ଈଶ୍ୱର,
ତୁମର ଏଇ ପୃଥିବୀରେ
କୋଟି କୋଟି ମଣିଷ ତ ସୃଷ୍ଟି କରିଲ
ମାନବିକତା ଟିକେ ଭରିଦେବାକୁ ଭୁଲିଗଲ କି ପ୍ରଭୁ !

ହେ ଈଶ୍ୱର,
ତୁମର ଏଇ ପୃଥିବିରେ ମଣିଷ ଗଢ଼ିଲାବେଳେ
ମୁଖାଟିଏ ଦେବାକୁ ମନସ୍ଥ କରିଥିଲ କି !!
ଜନ୍ମ ନେଲାବେଳେ ତ କାହିଁ ନଥିଲା
ବଡ଼ ହେଲା ପରେ ବହୁରୂପୀ ହେଇ
ଭିନ୍ନ ଭିନ୍ନ ମୁଖାରେ ଆବୃତ୍ତ କଲ କାହିଁକି !

ହେ ଈଶ୍ୱର,
ତୁମର ଏଇ ପୃଥିବୀରେ
ଝିଅ ପୁଅର ପ୍ରଭେଦ ତ କିଛି ରଖିନଥିଲ
ମାତୃଗର୍ଭରେ ମାଂସ ପିଣ୍ଡୁଳା ଟିଏ ଗଢ଼ିଥିଲ


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୂଇଁ ଛୁଇଁଲା ପରେ କାହିଁକି କନ୍ୟା ସନ୍ତାନର

ଭାଗରେ ଅଲୋଡ଼ା ଅଯାଚିତ ଭାବ !!

ହେ ଈଶ୍ୱର,

ତୁମର ଏଇ ପୃଥିବୀରେ ମାନବକୁ

କର୍ମ ତୁମେ ହିଁ ଦେଲ, ବୁଦ୍ଧି ବି ତୁମେ ହିଁ ଦେଲ

ହେଲେ ମଣିଷ ମନରେ ଯୌନ ଶୋଷଣ ନର ହତ୍ୟା ଭଳି

ଜଘନ୍ୟ ଅପରାଧର ରୋଗ କାହିଁକି ଭରିଲ !

ହେ ଈଶ୍ୱର,

ତୁମର ଏଇ ପୃଥିବୀରେ

ତୁମ ବିନା ଅନୁମତିରେ ତ ଗଛରୁ ପତ୍ରଟିଏ ବି ତଳକୁ ଖସେନି

ପବନ ବି ଗତି ବଦଳାଇପାରେନି

ସୂର୍ଯ୍ୟ ବି ନିର୍ଦ୍ଦିଷ୍ଟ ଦିଗରୁ ତୁମ ନିର୍ଦ୍ଧାରିତ ସମୟରେ ହିଁ

ଉଇଁ ଥାନ୍ତି, ଅସ୍ତଗାମୀ ବି ହୁଅନ୍ତି

ଚନ୍ଦ୍ରମା ବି ଆସେ ତୁମ ଇଚ୍ଛାରେ

ସାଗର ଗର୍ଜ୍ଜନ ବି ତୁମ ଇଚ୍ଛାରେ

ବୈଶାଖ ବର୍ଷା ବସନ୍ତ ସବୁ ତୁମ ଇସାରାରେ

ତୁମ ବିନା ଅନୁମତିରେ ନା ଚକ ଗଡ଼େ ନା ରଥ ଚାଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜନ୍ମ ମୃତ୍ୟୁ ଯନ୍ତ୍ରଣା ବେଦନା ତାଡ଼ନାଯଦି ତୁମର ଲିଖିତ

ମରୁଡ଼ି ଦୁର୍ବିକ୍ଷ ବନ୍ୟା ମହାବାତ୍ୟା ଯଦି ତୁମ ପ୍ରାୟୋଜିତ

କର୍ମ ବି ଯଦି ତୁମର ଦାନ

କର୍ମ ଫଳ ଯଦି ତୁମର ବିଚାର

ତାହେଲେ ଏ କୁକର୍ମ ବ୍ୟଭିଚାର ରୁଗ୍ଣ ମାନସିକତା କି ତୁମ ପ୍ରଦତ୍ତ !!

ହେ ଈଶ୍ୱର,

ତୁମେ ତ ହର୍ତା କର୍ତ୍ତା ଦୈବ ବିଧାତା

ଏ ସବୁ ତୁମର ଏ ଅଧମ ସନ୍ତାନର ଜ୍ଞାନର ପରିଧି ବାହାରେ

ଏ ସଂସାରରେ ଘଟୁଥିବା ସବୁ ଅଘଟଣ କଣ

ତୁମ ସମ୍ମତିରେ ଘଟେ !

ପ୍ରଭୁ ଏସବୁ ପ୍ରଶ୍ନର ଉତ୍ତର ବି କାଳେ

ତୁମେ କେବେଳ ପାଖେ ହିଁ ସୀମିତ

କହିଦିଅନ୍ତନି ଥରେ

ନୟନେ ନହେଲେ ବି ସପନରେ.. !!

ସମ୍ପାଦକ, "କନକପ୍ରଭା",ବାଙ୍ଗାଲୋର ,

ଫୋନ : ୯୭ ୩୯୫୯୯୮୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଧୁବାବୁ



ରାମଚନ୍ଦ୍ର ପ୍ରଧାନ

ଘେନ ମଧୁବାବୁ  ଉତ୍କଳ ଦିବସେ
    ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଦେଶ ପାଇଁ ତୁମେ  ଏ ମର୍ତ୍ୟ ମଣ୍ଡଳେ
    ଦେଇ ଅଛ ପ୍ରାଣବଳି...
ତୁମ ଅବଦାନ  ଭାଷା ସାହିତ୍ୟକୁ
    କରିଛି ଦିଗ୍ ବିଜୟୀ
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନେ
    ବୀର ତୁମେ କାଳଜୟୀ....
ହେ ଚିର ପୁଣ୍ୟାତ୍ମା  ପ୍ରବାଦ ପୁରୁଷ
    ଅଗାଧ ତୁମର ଜ୍ଞାନ
ମଧୁ ବାରିଷ୍ଟର  ନାମେ ପରିଚିତ
    ବଢ଼ାଇ ଉତ୍କଳ ମାନ...

ଭାଷା ବିଦ୍ରୋହର ହେ ମୁଖ୍ୟ ପୁରୋଧା
    ଓଡ଼ିଆ ମାଟିର ବୀର
ପ୍ରଥମ ଓଡ଼ିଆ  ଏମ୍-ଏ ପଢୁଆ
    ଥିଲ ତୁମେ ଓଡିଶାର...
ଗଢି ଥିଲ ତୁମେ ଭାଷାର କୋଣାର୍କ
    ତ୍ୟାଗ କରି ସ୍ୱାର୍ଥ ସବୁ
ଆହେ କୁଳବୃଦ୍ଧ ଉତ୍କଳ ଗୌରବ
    କବିପ୍ରାଣ ମଧୁବାବୁ...

ରାମ ଚନ୍ଦ୍ର ପ୍ରଧାନ, ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ : ୯୮୬୧୭୩୮୭୩୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁସ୍ଥ ରହିବା



ନବୀନ ପଧାନ

ହିନ୍ଦୁସ୍ତାନେ ହିନ୍ଦୁଧର୍ମ ନୁହେଁ ଖାଲି
କଳା ଅଟେ ବଞ୍ଚିବାର
ବିଜ୍ଞାନ ସମ୍ମତ ପୁରୁଣା ସଂସ୍କୃତି
ହୋଇ ଯାଉଅଛି ଦୂର ॥
ନବାଗତତିଥି ଶୁଭ ଆଗମନେ
ପାଣିଲୋଟା ରେ ସ୍ୱାଗତ
ନମସ୍କାର କିମ୍ବା ଦୂରେ ରହି କରା
ଯାଉଥିଲା ପ୍ରଣିପାତ ॥
କର ମରଦନ ଦେହେ ଆଲିଙ୍ଗନ
ପାଦ ଛୁଇଁକି ପ୍ରଣାମ
ସନାତନ ଧର୍ମେ ଅତିଥି ସତ୍କାରେ
ନଥିଲା ତ ସମ୍ବିଧାନ ॥

ମୃତାହ ଅଥବା ସନ୍ତାନ ଜନମେ
ନ ଛୁଇଁବା ପରମ୍ପରା
ଭୁତାଣୁ ଜନିତ ସଂକ୍ରମଣ ଠାରୁ
ନର ଦୂରେ ରହୁଥିଲା ॥
ସମୟ ଆସିଛି ହିନ୍ଦୁ ପରମ୍ପରା
ଆମେ ପାଳନ କରିବା
ପାଶ୍ଚାତ୍ୟ ପ୍ରଥାକୁ ପରିତ୍ୟାଗ କରି
ଆସ ହେ ସୁସ୍ଥ ରହିବା ॥

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ,
ବାବୁଫାସଡ଼, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲଟିଏ



ହେମନ୍ତ ପାତ୍ର

ଫୁଲଟିଏ ମୁଁ ଫୁଲଟିଏ
ନୁହେଁ ମୁଁ ବଗିଚାର
ଜୁଇ ଜାଇ ହେନା
ରକ୍ତ ମାଂସରେ ଗଢା
ସୁନ୍ଦର କଳିଟିଏ ।
ଫୁଲ ସିନା ପଡଇ ଝଡି
ବାସ ଚହଟାଇ
ମୁଁ ଝଡିପଡେ ଥରକୁ ଥର
କେବେ ମା ଗର୍ଭରେ
କେବେ ଏନ୍ତୁଡି ଶାଳରେ
କେବେ କାମନା ନିଆଁରେ
କେବେ ଯୌତୁକ ଜୁଇରେ ।।
ଫୁଲର ପରିଚୟ ହୁଅଇ ଯାଣି
ସୁବାସିତ ଭରା ସୌନ୍ଦର୍ଯ୍ୟରୁ
ମୋର ପରିଚୟ
ବାପା ଭାଇ
ସ୍ୱାମୀ ଓ ସନ୍ତାନର ।।।
ବେଳେବେଳେ ଇଛାହୁଏ
ସ୍ରୋତଶ୍ୱିନି ନଦୀଟିଏ ପରି
ସବୁ ପ୍ରତିବନ୍ଧକୁ
ଦେଇ ଦୂରେଇ
ଅଥଳ ସାଗରେ ମିଶିବା ପାଇଁ ।।।।
କିନ୍ତୁ ଦୁର୍ଭାଗ୍ୟ
ମୁଁ ପାରେନା ମିଶି
କାହିଁକିନା
ମୋ ନିଜସ୍ୱ ପଡିଛି ବନ୍ଧା
ଅନ୍ୟ କାହା ପାଖରେ ।।।।।
ଘରର ଏରୁଡିବନ୍ଧ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋର ସିମାରେଖା

ଏମିତିକି ମୁଁ ପାରେନା ପଚାରି

ମୋ ପାଇଁ ଉଚ୍ଛିଷ୍ଟ

ଶ୍ମଶାନର ଠିକଣା । । । । । ।

କାରଣ ମୁଁ ଫୁଲଟିଏ

ନୁହେଁ ବଗିଚାର

ଜୁଇ ଜାଇ ହେନା

ରକ୍ତ ମାଂସରେ ଗଢା

ସୁନ୍ଦର କଳିଟିଏ । । । । । । ।

ହେମନ୍ତ ପାତ୍ର, ବୋତଲଟାଙ୍ଗ, ଯାଜପୁର

ମୋବାଇଲ ନଂ : ୯୮୬୧୭୯୭୮୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ : ଦୁଃଖଶୋକରୁ ମୁକ୍ତି ଅଭ୍ୟାସ



ଘରୁଆ ବୈଷ୍ଣବ

ଆଜିର ଆହ୍ୱାନ ନିତି କର ଲେଖା ପଢା
ନିତି କର ନିଜ ଦେହ ମନ ଶକ୍ତି ଗଢା

ପରମ ଶାସ୍ତ୍ର ଭାଗବତ
ଅଭ୍ୟାସ କରୁଥିବ ନିତ୍ୟ

ବିକିବନି ଭାତ ବିକିବନି ଗୀତ
ତେବେ ଭେଟିବ ଶ୍ରୀ ଜଗନ୍ନାଥ

ନିଜ କାମ ନିଜେ କଲେ
ପ୍ରଭୁ ଦେବେ ଫଳ ବଳେ

ଆପଣା କଲା କର୍ମ ମାନ
ବେଳୁ ହୋଇବ ସାବଧାନ
ଶ୍ରମ ଭୋଜନ ବିଶ୍ରାମ ଠିକ କଲେ

ଦୁଃଖ ଶୋକରୁ ମୁକ୍ତି ମିଳେ

ଧର୍ମ ବିଜ୍ଞାନ ଯେ ବୁଝଇ
ଦୁଃଖ ଶୋକରୁ ମୁକ୍ତି ହୋଇ

ହିସାବେ ସାହାସେ ଯେ ଚଳଇ
ଦୁଃଖ ଶୋକରୁ ସେ ମୁକ୍ତି ପାଇ

ପ୍ରକୃତି ନିୟମ ଯେ ବୁଝଇ
ଦୁଃଖ ଶୋକରୁ ସେ ମୁକ୍ତି ହୋଇ

ନିତି ଯେ ନିଜ ମନ କଥା ଲେଖଇ
ଦୁଃଖ ଶୋକରୁ ମୁକ୍ତି ହୁଅଇ

ସୁ ସମ୍ପର୍କ କଳା ଯିଏ ଜାଣଇ
ଦୁଃଖ ଶୋକରୁ ସେ ମୁକ୍ତି ହୁଅଇ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରେମରେ ଚଳିବା ଯେ ଜାଣଇ
ଦୁଃଖ ଶୋକରୁ ସେ ମୁକ୍ତି ହୁଅଇ

ଭଲ -ମନ୍ଦ ମହିମା ଯେ ବୁଝନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ନିଜ ଦେହ ମନକୁ ଯେ ସଫା ରଖନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ମାୟା ମୁକ୍ତ ହୋଇ ଯିଏ ଚଳନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ସାଧୁ ସନ୍ଥ ସଙ୍ଗ ଯିଏ କରନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ନିଜର ମୂଲ୍ୟ ଯିଏ ଜାଣନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ଆନନ୍ଦ ଅଭ୍ୟାସ ଯେ କରନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ନିଜ ହିତ ପର ହିତ ଯେ କରନ୍ତି
ଦୁଃଖ ଶୋକରୁ ସେ ମୁକ୍ତି ହୁଅନ୍ତି

ପଶୁ ପକ୍ଷୀ ବୃକ୍ଷ ଲତା ସେବା ଯେ କରନ୍ତି
ଦେବତା ଭଳି ସେ ସେବା ପାଆନ୍ତି

କିଏ ପଢନ୍ତୁ ବା ନ ପଢନ୍ତୁ ସତ୍ୟ ଲେଖନ୍ତୁ
ସତ୍ୟ ଲେଖିଲେ କି ଲାଭ ନିଜେ ଜାଣନ୍ତୁ

ସତ୍ୟ କହିଲେ ବିପଦ ଏଣୁ ଲେଖନ୍ତୁ ସତ୍ୟ
ସତ୍ୟ ଲେଖିଲେ କୃପା କରନ୍ତି ଜଗନ୍ନାଥ

ମରିବାକୁ ଆସିଛ ଡର କାହିଁକି ?
ସତ୍ୟ ଲେଖି ମରିଗଲେ ମୁକ୍ତି ମିଳେଟି

ସତ୍ୟପଥେ ପ୍ରଥମେ ମିଳଇ ସଜା
ଶେଷେ ମିଳଇ ବୈକୁଣ୍ଠ ମଜା

ଭ୍ରାମ୍ୟଭାଷ : ୯୮୬୧୦୪୫୦୫୦
ଇମେଲ୍ : happylifemanubhai@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୂର୍ଣ୍ଣ ଚଉତିଶା



ହୁତାସନ ଜଗତ

କବିତା -ପରିବେଶ ପ୍ରଦୂଷଣ

୧-କଣ୍ଠ ବର୍ଣ୍ଣ

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।

(କ)

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।
କଟିଦେଲା ବୋଲି ମଣିଷ ଜାତି ।
କଷ୍ଟ କୁ ପାରୁନି ସେ ଛାତିରେ ପାତି ।

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।
କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।

(ଖ)

ଖାର ହେଲା ସବୁ ସୌନ୍ଦର୍ଯ୍ୟ ପ୍ରକୃତି ।
ଖଣ୍ଡ ବିଖଣ୍ଡ ହୋଇ ପଡ଼ି ରହିଛି ।
ଖାଇ ଗଲା ସବୁ ଏ ମଣିଷ ଜାତି ।
ଖାର ହେଲା ସବୁ ସୌନ୍ଦର୍ଯ୍ୟ ପ୍ରକୃତି ।

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।
କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।

(ଗ)

ଗଛ ଖୁଣ୍ଟ କାଟି ବସିଛି ବସତି ।
ଗୀତ ଗାଉଥିଲେ ଏଠି ପକ୍ଷୀ ଜାତି ।
ଗଛ ଡ଼ାଳେ ଉଡ଼ି ଯାଉଥିଲେ ମାତି ।
ଗଛ ଖୁଣ୍ଟ କାଟି ବସିଛି ବସତି ।

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।
କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।

(ଘ)

ଘଞ୍ଚ ଜଙ୍ଗଲ ମରୁଭୂମି ସାଜିଛି ।


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଘନ ଘନ ଗଛ ସବୁ କଟା ହୋଇଛି ।
ଘନ ବାୟୁ ଘନତା କମି ଯାଉଛି ।
ଘଞ୍ଚ ଜଙ୍ଗଲ ମରୁଭୂମି ସାଜିଛି ।

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।
କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।

(ଙ)

ଉଠ ଉଠ ମୋର ସର୍ବ ସାଙ୍ଗ ସାଥୀ ।
ଉଠି ନ ପାରିଲେ ଭାଙ୍ଗିବ ପ୍ରକୃତି ।
ଉନ୍ନତି ଆଶାରେ ପ୍ରକୃତି ଭାଙ୍ଗୁଛି ।
ଉଠ ଉଠ ମୋର ସର୍ବ ସାଙ୍ଗ ସାଥୀ ।

କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।
କାନ୍ଦୁଛି ଆଜି ଏ ଜଙ୍ଗଲ ପ୍ରକୃତି ।

୨-ତାଲବ୍ୟ ବର୍ଣ୍ଣ

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

(ଚ)

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।
ଚେତି ନ ପାରିଲେ ରକ୍ଷା ଜାଗା ନାହିଁ ।
ଚାପହେଲେ ପ୍ରାଣ ଯିବ ଧଇଁ ସଇଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।
ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

(ଛ)

ଛାର ହେଲା ପ୍ରକୃତି ମଣିଷ ପାଇଁ ।
ଛଟପଟ ହୋଇ ଜୀବ କହେ ତ୍ରାହିଁ ।
ଛାଇ ମିଳୁନି ନିଜକୁ ରକ୍ଷା ପାଇଁ ।
ଛାର ହେଲା ପ୍ରକୃତି ମଣିଷ ପାଇଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।
ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

(ଜ)

ଜୀବନ ହେଉଛି ଆମ ଧଇଁସଇଁ ।
ଯନ୍ତ୍ରର ବିଷାକ୍ତ ଜଳ ଧୂଆଁ ପାଇଁ ।
ଜଳ ବାୟୁ ବିହୁନେ ବଂଚିବା ନାହିଁ ।
ଜୀବନ ହେଉଛି ଆମ ଧଇଁସଇଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

(ଝ)

ଝଡ଼ି ସମସ୍ୟା ପରିବେଶକୁ ଚାହିଁ ।

ଝରେ ତେଣୁ ଏଇ ଅଦିନିଆ ଝଡ଼ି ।

ଝଡ଼ି ସାଙ୍ଗେ ପୁଣି ବାଜେ ଘଡଘଡି ।

ଝଡ଼ି ସମସ୍ୟା ପରିବେଶକୁ ଚାହିଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

(ଞ)

ନର ପାଇଁ ହେଲା ପ୍ରଦୂଷଣ ଯହିଁ ।

ନାରଖାର ହେଲା ପ୍ରକୃତି ତାପାଇଁ ।

ନଷ୍ଟ ପରିବେଶକୁ ବଞ୍ଚାଇବ ସେହି ।

ନର ପାଇଁ ହେଲା ପ୍ରଦୂଷଣ ଯହିଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

ଚେତାଇ ଦେଉଛି ସମସ୍ତଙ୍କୁ ମୁହିଁ ।

ଟ-ମୃଦନ୍ୟ ବର୍ଣ୍ଣ

(ଟ)

ଟପୁଅଛି ପରିବେଶ ପ୍ରଦୂଷଣ ।

ଟପିଲେ ହେବ ସମସ୍ୟାର କାରଣ ।

ଟପିବା ଆଗରୁ ରୋକିବା ହେ ଜନ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

(ଠ)

ଠିକଣା ହଜିବ ଜନଗଣ ମାନ ।

ଠିକ୍ ରୋକି ନପାରିଲେ ପ୍ରଦୂଷଣ ।

ଠାକୁରବି କରିବେନି  କାର୍ଯ୍ୟମାନ ।

ଠିକଣା ହଜିବ ଜନଗଣ ମାନ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

(ଡ)

ଡେରି ହେଲେ ଆଉ ରହିବନି ପ୍ରାଣ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଡଗ ଡଗ ଦେଖା ଯାଉଛି ସେଦିନ ।

ଡାକରା ଦେଉଛି ସମସ୍ତଙ୍କୁ ଶୁଣ ।

ଡେରି ହେଲେ ଆଉ ରହିବନି ପ୍ରାଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

(ଢ)

ଢଳିଲା ଧରାର ଢଙ୍କା ଆସ୍ତରଣ ।

ଢାଙ୍କି ନପାରିଲେ ଗଛ ଲତା ବନ ।

ଢଳି ଯିବଦିନେ ଧରାରୁ ଜୀବନ ।

ଢଳିଲା ଧରାର ଢଙ୍କା ଆସ୍ତରଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

(ଣ)

ଏ ବସୁନ୍ଧାର ବାସିନ୍ଦା ଜନଗଣ ।

ଏଣିକି ରୋକି ନପରିଲେ ପ୍ରଦୂଷଣ ।

ଏଣେତେଣେ କଷ୍ଟ ଭୋଗୀ ଜିବ ପ୍ରାଣ ।

ଏ ବସୁନ୍ଧାର ବାସିନ୍ଦା ଜନଗଣ ।

ଟପୁଛି ଏ ପରିବେଶ ପ୍ରଦୂଷଣ ।

୪-ଦନ୍ତ୍ୟ ବର୍ଣ୍ଣ

(ତ)

ତରସେ ଜୀବ ସୁସ୍ଥ ପରିବେଶକୁ ।

ତୃପ୍ତି କରିବାକୁ ହେବ ଏ ଆଶାକୁ ।

ତୃଷା ତୃପ୍ତି ଶୁଦ୍ଧବାୟୁ ଅଭବାକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

(ଥ)

ଥରହର ହୁଏ ପ୍ରାଣ ଧରିବାକୁ ।

ଥମି ହେବ କି ଆବର୍ଜନା ଗତିକୁ ?

ଥମାଇ ନହେଲେ ଦୃଦଶା ସଭିଙ୍କୁ ।

ଥରହର ହୁଏ ପ୍ରାଣ ଧରିବାକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତରସେ ଜୀବ ସୁସ୍ଥ ପରିବେଶକୁ ।

(ଦ)

ଦୁରେଇ ହେଉଛି ପ୍ରକୃତି ଆମକୁ ।

ଦୁର୍ଲଭ ଆଜି ପ୍ରକୃତି ପାଇବାକୁ ।

ଦୁଖଃ ଲାଗେ ଏ ଜୀବନ ବଞ୍ଚିବାକୁ ।

ଦୁରେଇ ହେଉଛି ପ୍ରକୃତି ଆମକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

(ଧ)

ଧରିବା କିପରି ନିଜ ଜୀବନକୁ ?

ଧରାବି ସହି ପାରୁନି ସମସ୍ୟାକୁ ।

ଧରଣୀ ବି ଖୋଜେ ନିଜ ସୁରକ୍ଷାକୁ ।

ଧରିବା କିପରି ନିଜ ଜୀବନକୁ ?

ତରସେ ଜୀବ ସୁସ୍ଥ ପରିବେଶକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

(ନ)

ନାଶ କଲା ଯେବେ ଗଛ ଜଙ୍ଗଲକୁ ।

ନଷ୍ଟ କଲା ଏ ପରିବେଶ ପୃଷ୍ଠକୁ ।

ନୀର ବାୟୁ ହରିଲା ନିୟନ୍ତ୍ରଣକୁ ।

ନାଶ କଲା ଯେବେ ଗଛ ଜଙ୍ଗଲକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

ତରସେ ଜୀବ ସୁସ୍ଥ ପରିବେଶକୁ ।

୫-ଓଷ୍ଠ ବର୍ଣ୍ଣ

(ପ)

ପ୍ରକୃତି ପରିବେଶ ଦେଉଛି ଡାକ ।

ପରିବେଶ ବଞ୍ଚାଇବା ହୋଇ ଏକ ।

ପରିବର୍ତ୍ତନ କର ପ୍ରଦୂଷଣ ଯାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

(ଫ)

ଫୁଲିବାକୁ ଦିଅ ହେ ଜଙ୍ଗଲ ଯାକ ।

ଫୁଟିଲେ ଜାଣିବ ତାହାର ମହକ ।

ଫୁଟିଲେ ହସିବ ସଂସାର ତକ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫୁଲିବାକୁ ଦିଅ ହେ ଜଙ୍ଗଲ ଯାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

(ବ)

ବଢ଼ିବାକୁ ଦିଅନି ଦୁର୍ଗନ୍ଧ ଯାକ ।

ବଢ଼ିଲେ ଦୁର୍ଗନ୍ଧ ଜନ୍ମିବ ବାହକ ।

ବାହକ ବଢ଼ିଲେ ହେବ ରୋଗ ପୋକ ।

ବଢ଼ିବାକୁ ଦିଅନି ଦୁର୍ଗନ୍ଧ ଯାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

(ଭ)

ଭାସିବାକୁ ଦିଅନି ଜଗତ ଯାକ ।

ଭାରସାମ୍ୟ ହରାଇଛି ଦୁର୍ବିପାକ ।

ଭାର ପଡ଼ିଛି ବୋଲି ଦେଉଛି ଡ଼ାକ ।

ଭାସିବାକୁ ଦିଅନି ଜଗତ ଯାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

(ମ)

ମାରନାଁ ପରିବେଶ କର ଅଟକ ।

ମଟର ଗାଡ଼ି ବିଷ ଧୂଆଁକୁ ଛେକ ।

ମୃତ୍ତିକା ପ୍ରଦୂଷଣକୁ ବି ରୋକ ।

ମାରନାଁ ପରିବେଶ କର ଅଟକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

ପ୍ରକୃତି ପରିବେଶ ଦେଉଛି ଡାକ ।

(ଯ)

ଯନ୍ତ୍ରଣା ହେଉଛି ପ୍ରକୃତି ମଆଁକୁ ।

ଯତ୍ନ କରିବା ଆମ ପାରିବେଶକୁ ।

ଜୀବନ ଧରିବା ସଂକଟ ସଭିଙ୍କୁ ।

ଯନ୍ତ୍ରଣା ହେଉଛି ପ୍ରକୃତି ମଆଁକୁ ।

ଯନ୍ତ୍ରଣା ହେଉଛି ପ୍ରକୃତି ମଆଁକୁ ।

(ର)

ରଖିବାକୁ ହେବ ସୁସ୍ଥ ଜଗତକୁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରକ୍ଷଣ ବେକ୍ଷଣରେ ରକ୍ଷା ସଭିଙ୍କୁ ।

ରାସ୍ତା ଘାଟ ନୀତି ମାନିବା ସବୁକୁ ।

ରଖିବାକୁ ହେବ ସୁସ୍ଥ ଜଗତକୁ ।

ରଖିବାକୁ ହେବ ସୁସ୍ଥ ଜଗତକୁ ।

(ଲ)

ଲଙ୍ଘିବନି କିଛି ସୁରକ୍ଷା ନୀତିକୁ ।

ଲଙ୍ଘିଲେ କ୍ଷତି ଅଗାମି ଭବିଷ୍ୟକୁ ।

ଲୁଣ୍ଠନରୁ ବଞ୍ଚାଇବା ସମାଜକୁ ।

ଲଙ୍ଘିବନି କିଛି ସୁରକ୍ଷା ନୀତିକୁ ।

ଲଙ୍ଘିବନି କିଛି ସୁରକ୍ଷା ନୀତିକୁ ।

(ୱ)

ବଢ଼ିବାକୁ ଦେବନି ପ୍ରଦୂଷଣକୁ ।

ବଢ଼ିଲେ ସଙ୍କଟ ଜୀବ ଜଗତକୁ ।

ବଞ୍ଚିବା ଏବଂ ବଞ୍ଚାଇବା ସଭିଙ୍କୁ ।

ବଢ଼ିବାକୁ ଦେବନି ପ୍ରଦୂଷଣକୁ ।

ବଢ଼ିବାକୁ ଦେବନି ପ୍ରଦୂଷଣକୁ ।

(ଶ)

ସମସ୍ୟା ବେଳେ ନ ଘୁଞ୍ଚିବା ପଛକୁ ।

ଶିଖର ପରିକା ରଖିବା ଶିରକୁ ।

ଶହ ଶହ ସମସ୍ୟା ଆସେ ଅମକୁ ।

ସମସ୍ୟା ବେଳେ ନ ଘୁଞ୍ଚିବା ପଛକୁ ।

ସମସ୍ୟା ବେଳେ ନ ଘୁଞ୍ଚିବା ପଛକୁ ।

(ଷ)

ସଭିଙ୍କ ସହଯୋଗେ ଏଡିବା ତାକୁ ।

ସମସ୍ୟା ଅଟେ ଆମ ସମସ୍ତଙ୍କୁ ।

ସହଯୋଗ ହେବା ସମୋହ କର୍ଯ୍ୟକୁ ।

ସଭିଙ୍କ ସହଯୋଗେ ଏଡିବା ତାକୁ ।

ସଭିଙ୍କ ସହଯୋଗେ ଏଡିବା ତାକୁ ।

(ସ)

ସାଥୀ ହେ ଆସ ବଞ୍ଚାଇବା ପ୍ରକୃତି ।

ଶିତ ଖରା ହେବ ସମୟ ଯେମିତି ।

ସବୁଜ ଜାତିକୁ ରଖିବା ସାଇତି ।

ସାଥୀ ହେ ଆସ ବଞ୍ଚାଇବା ପ୍ରକୃତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାଥୀ ହେ ଆସ ବଞ୍ଚାଇବା ପ୍ରକୃତି ।

(ହ)

ହସିବ ପୁଣି ଏଇ ଜଗତ ଯାକ ।

ହଟାଇ ପାରିଲେ ପ୍ରଦୂଷଣ ତକ ।

ହଟାଇବା ଆସ ହୋଇଣ ଏକ ।

ହସିବ ପୁଣି ଏଇ ଜଗତ ଯାକ ।

ହସିବ ପୁଣି ଏଇ ଜଗତ ଯାକ ।

(କ୍ଷ)

କ୍ଷତି ରୋକିବା ବିନତି ମୋ ସଭିଙ୍କୁ ।

କ୍ଷୟ ହେବାକୁ ଦେବନି ପ୍ରକୃତିକୁ ।

କ୍ଷୟ ପୂର୍ବରୁ ବଞ୍ଚାଇବା ହେ ତାକୁ ।

କ୍ଷତି ରୋକିବା ବିନତି ମୋ ସଭିଙ୍କୁ ।

କ୍ଷତି ରୋକିବା ବିନତି ମୋ ସଭିଙ୍କୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ବାପା



ଋତୁପର୍ଣ୍ଣା ମହାନ୍ତି

ଏ ଘନ ଅନ୍ଧାରେ ତୁମେ ଆଲୋକ
ପ୍ରଚଣ୍ଡ ଗ୍ରୀଷ୍ମରେ ତୁମେ ବାରିଦ ।
ଦୁଃଖ ବିଭାବରୀ ଯାଇଛି ପାହି,
ସୁଖ ମୟୁଖ ଦେଇଛି ଆଣି ।
ତୁମ ଅନ୍ତରୀକ୍ଷେ ମୁଁ ଟିକି ଚଢ଼େଇ
ଉଡ଼ିବୁଲେ ଆଜି ତୁମରି ପାଇଁ ।
ଏ ନେତ୍ର ସାକ୍ଷୀ ତୁମ ଶ୍ରମର
ତୁମ ସ୍ୱେଦେ ଗଢ଼ା ଜୀବନ ମୋର ।
ଆଖିର ନିଦକୁ ତୁମେ ହଜେଇ
ବିନ୍ଦୁକୁ ସାଗର ଦେଇଛ ସଜେଇ ।

କେବେ କହିନାହଁ ଭଲପାଅ ବୋଲି
ଖାଲି ଅଜାଡ଼ିଛ ଅସୁମାରୀ ଖୁସି ।
ଏ ଓଠରେ ହସ ଆଜି ତୁମରି ପାଇଁ
ତୁମ ବିନା ଅନ୍ୟ ଗତି ହିଁ ନାହିଁ ।
ଅଜଣା ଧରାରେ ତୁମେ ସାହା ମୋର
ତୁମେ ହିଁ ଆଦର୍ଶ, ତୁମେ ହିଁ ଈଶ୍ୱର ।
କି ଅବା ବର୍ଣ୍ଣିବି ଏ ଦୁଇ ପଦରେ
ତୁମେ ତ ଅସୀମ ତୁମେ ଅବର୍ଣ୍ଣନୀୟ ।

ଛମୌଜ, ଜଳେଶ୍ୱର
ବାଲେଶ୍ୱର, ଓଡ଼ିଶା, ୭୫୬୦୩୨

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭୁଲି ମୁଁ ପାରୁନି ତତେ



ନରେନ୍ଦ୍ର ବାରିକ

ସମସ୍ତେ ପ୍ରେମ କରନ୍ତି ବୋଲି
ଦିନେ କରିଥିଲି ମୁହିଁ
ପ୍ରେମ ମିଷ୍ଟସ୍ୱାଦ ଚାଖିଥିଲି ଭାବି
ହେଲେ ତାହା ବି ମୋ ଭାଗ୍ୟରେ ନାହିଁ ।
ଏବେ ଛାଡ଼ି କୁଆଡ଼େ ଗଲୁ ଲୋ
ମୋତେ ତୁ ଏକେଲା କରି
ଭାବି ତୋ କଥା, ଲାଗେ ଯେ ବ୍ୟଥା
ସାଜିଛି ମୋ ଆଖିର ବଇରୀ ।
ଅତୀତର କଥା ମନେ ପଡ଼ିଗଲେ
ଲାଗଇ କେତେ ଯେ ଦୁଃଖ
ତୁ ଥିଲୁ ପାଖେ ସବୁ ଖୁସିଥିଲା
ଏବେ ଉଭେଇଗଲା ସେ ସୁଖ ।
ତୁ ସିନା ସତେ ଭୁଲିଗଲୁ ମତେ
କେତେ ସହଜ କରି

ଏ କଥା ମୋର ଭାବନାକୁ ଆସିଲେ
ଅଶ୍ରୁ ନୟନରୁ ପଡ଼େ ଝରି ।
ଜୀଇଁ ପାରୁନାହିଁ କି ମରି ପାରୁନାହିଁ
ଏଇ ଯେ ପରିସ୍ଥିତି ମୋର
ଦୁଃଖ ବିରହକୁ ଭାବି ଦେଖିଲେ
ଲାଗୁଛି ପ୍ରେମକୁ ଡର ।
ବେଳେ ବେଳେ ମୁଁ ସମୟ ମିଳିଲେ
ଭାବଇ ଏକାକୀ ବସି
ପ୍ରେମ କରିକି ବଡ଼ ଭୁଲ୍ କରିଦେଲି
ଏକୁଟିଆରେ ଥିଲି ଖୁସି ।

ଯୁକ୍ତ ତିନି ପ୍ରଥମ ବର୍ଷ (ଓଡ଼ିଆ ବିଭାଗ)
ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ଭବାନୀପଟଣା,କଳାହାଣ୍ଡି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅସମାହିତ ପ୍ରଶ୍ନ



ଦେବରାଜ ମେହେର

ମୋ ଶ୍ୱାସକ୍ରିୟାରେ ତୁମେ ପ୍ରଶ୍ୱାସ

ଏ ଜୀବନେ ତୁମେ ହିଁ ବିଶ୍ୱାସ

ସକାଳ ସୂରୁଜର ତୁମେ ପ୍ରକାଶ

ତହିଁ ଗଢ଼ା ମୋ ମନର ବିନ୍ୟାସ ।

ଏ ଜୀବନେ ତୁମେ ମୋ ମରୁଦ୍ୟାନ

ନିରାଶାରେ ମୋ ଆଶାର କିରଣ ।

ତୁମବିନା ମୁଁ ଯେ ପରିଚୟ ହୀନ

ଅମାବାସ୍ୟାରେ ତୁମେ ପୁନେଇଁ ଜହ୍ନ

ଗ୍ରୀଷମରେ ତୁମେ ଶୀତଳ ପବନ

ପହିଲି ବରଷାର ତୁମେ ଅସୁମାରୀ ସ୍ୱପ୍ନ ।

ଭିଜା ଭିଜା ଶ୍ରାବଣର ଜୁଆରିଆ ମନ

ଫଗୁଣରେ ତୁମେ ମଳୟ ପବନ ।

କେବେ ତୁମେ ରାଧା କେବେ ବଂଶୀସ୍ୱନ

ଝୁରୁଛି ତୁମକୁ ଆଜି ମୋ କଦମ୍ବବନ

କେବେ ତୁମେ ଗଣିତର ଚାରି ସୁତ୍ର ଚିହ୍ନ

ମୋ ଜୀବନେ ତୁମେ ଅସମାହିତ ପ୍ରଶ୍ନ ।

ଦେବଭବନ, ଗୋହିରା ପଦର, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନାର ଅତୀତ



ଅଭିମନ୍ୟୁ ବେହେରା

ବାନ୍ଧି ରଖିପାରିଲିକି ଅତୀତକୁ
ସେଇ ସୁନାର ଅତୀତକୁ
ସୁନା ସକାଳର ସୁନେଲି କିରଣରେ
ଗାଧଉଥିବା ଗାଁ ମାଟିକୁ
ବାନ୍ଧି ରଖିପାରିଲିକି ସୁନାର ଫସଲକୁ
ସୋରିଷ ଫୁଲର କ୍ଷେତକୁ
ସୁନାର ସୂର୍ଯ୍ୟମୁଖୀକୁ
ବାନ୍ଧି ରଖିପାରିଲିକି ଗ୍ରାମଦେବୀ ସୁନାର କଳସକୁ
ଅପରାହ୍ଣର ସୁନେଲି ନଦୀ ପଠାକୁ
ଗାଁ ଆମ୍ବତୋଟାରେ ଉଡୁଥିବା
ସୁନାର ହଳଦୀବସନ୍ତକୁ
ବାନ୍ଧି ରଖିପାରିଲିକି ସେଇ ସୁନା ଝିଅକୁ
ସୁନା ଝିଅ ହାତେ ପିନ୍ଧା ସୁନା କଙ୍କଣକୁ
ସବୁପାରେ ବାନ୍ଧି ରଖିପାରିଲିକି ମନକୁ
ଯୋଉ ମନ ଉଡି ଆସିଥିଲା ସହରକୁ
ସହରରେ ସୁନାର ବସାଟିଏ ବାନ୍ଧିବାକୁ
ଯାହା ସବୁ ଲାଗୁଥିଲା ସୁନା ପରି ଆଖିକୁ
ସବୁଥିଲା ନକଲି ନଥିଲା ସେ ଅସଲି
ରଙ୍ଗ ଲଗା ଭାବନା ଛଳନା
ବାନ୍ଧି ରଖିପାରିଲିକି ଫେରିବାର ବାଟକୁ
ସୋରିଷ ଫୁଲିଆ କ୍ଷେତକୁ
ସୁନାର ଅତୀତକୁ ।।

ଅଧ୍ୟକ୍ଷ – ମାଇଁ ପ୍ଲାନେଟ୍ ପବ୍ଲିକ୍ ସ୍କୁଲ
ସ୍ୱାମପାଟଣା,କେନ୍ଦୁଝର
ମୋ - ୯୯୩୮୧୭୦୬୯

 Magazine Downloaded from www.aahwaan.com

# କାହିଁକି ଏମିତି ତମେ କଲ



ଭାରତୀ ସାହୁ

ତମେ କିଆଁ ଆଜି ଅଟକିଲ
ଏତେଦିନ ଧରି ଯାହା ଭାବୁଥିଲ
ମୁହଁ ଖୋଲି ଥରେ କହିପାରିଲନି
କହିବ କହିବ ହଉଥିଲ ।

କାହିଁକି ଏମିତି ତମେ କଲ ?
ଛାତିତଳେ ଯେତେ ଅସହ୍ୟ ଯନ୍ତ୍ରଣା
ଦୂର ହୋଇଥାନ୍ତା ନଥାନ୍ତା ଶୋଚନା
ଆଗପଛ କିଛି ଭାବିଲନି ଥରେ
ମନ କଥା ମନେ ଚାପିଦେଲ
କାହିଁକି ଏମିତି ତମେ କଲ ?
ଆଉ କା ଜୀବନେ ତୁମ ନୀରବତା
ଲିଭାଇ ଦେଲା ଯେ ଖୁସିର ବଳିତା
ମରଣ ବାଟକୁ ଦେଖାଇ ଦେଲନି
ବଞ୍ଚିବାର ପୂର୍ଣ୍ଣଚ୍ଛେଦ ଦେଲ ।
କାହିଁକି ଏମିତି ତମେ କଲ ?

ପିଲାଦିନେ ସିଏ ଆଉ କା କନିଆଁ
ସାଜିଲା ବୋଲିକି ରାଗି ହେଲ ନିଆଁ
ମିଛିମିଛିକା ସେ ବାହା ବେଦିଟାକୁ
ଅଭିମାନ କରି ଭାଙ୍ଗିଦେଲ ।
କାହିଁକି ଏମିତି ତମେ କଲ ?

ତମ ପାଇଁ ସିଏ ମନ୍ଦିରକୁ ଯାଇ
ନିତି ଜାଳୁଥିଲା ଦୀପଟିଏ ନେଇ
ଅତି ସହଜରେ ତା ପାଇଁ ତମେ
ମଶାଣୀରେ ଜୁଇ ସଜାଡ଼ିଲ
କାହିଁକି ଏମିତି ତମେ କଲ ?

ଯୁନିଦା ପାଟଣା, ଦଶରଥପୁର,
ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୭୮୫୫୮୪୧୧୦୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା



ସୁଦିପ୍ତା ବେହେରା

ତୋ ଉଷୁମ କୋଳର ପରଶ
ଆଜି ମୁଁ ଖୋଜେ
ତୋ ଉଷ୍ଣତାରେ ମୋର
ସବୁ ଦୁଃଖ ହୁଏ ନିର୍ବାପିତ
ତୋ ଓଠର ମଧୁର ସଂଗୀତ
ମୋ ଅସହାୟତାକୁ କରେ ଦୂରୀଭୂତ
ମୋ କାନ୍ଧରେ ଶତସିଂହର
ପରାକ୍ରମ ହୁଏ ଅନୁଭୂତ ।

ମା'
ତୋର ଆଦର୍ଶ ଉପଦେଶ ।
ଜୀବନର ପ୍ରତି ଅଙ୍ଗେ ଅଙ୍ଗେ
କରେ ବିନିଯୋଗ
ଯାହା ମୋର ଏକାନ୍ତ ସାହାସ
ଆଣିଦିଏ ସଫଳତା ଦୂରକରି ବିଫଳତା
ପ୍ରତି ମୁହୂର୍ତ୍ତରେ ପାଏ ତୋର ସ୍ପର୍ଶ ।

ମା'
ତୋର କୋମଳ ହାତର ଆଉଁସା
ଆଜି ବି ମୋ ପିଠି ଖୋଜେ
ଖୋଜେ ତୋର ଦରଦ କଥା
ତୁ ଅନନ୍ୟା ମହନୀୟା
ମୋ ପ୍ରେରଣା ସବୁଦିନ ।

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ଅନ୍ତରବା, ମୋହନା, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚଇତି ପରବ



ବାଲାଜୀ ସେଠୀ

ଚଇତର ଚଇତାଳୀ...

ମହୁଲର ମହୁଆ ଚହଟା...

ଆଦିବାସୀ ଧାଙ୍ଗିଡ଼ିର ଖୋଷାରେ

ସଜ ବଣୁଆ ଫୁଲର ସମ୍ଭାର...

କଷିଆମ୍ବ ଛେଚେଡ଼ାର ଆମ୍ବିଳି ସୁଆଦ

ଦଳବଦ୍ଧ ମଧୁମକ୍ଷିକାର ଗୀତ

ସତେକି ବୀଣାସୂତ୍ରର ଝଙ୍କାର ଶବଦ

ଦୂର ବିଲ ବାଉଁଶ ବୁଦାରୁ ଶୁଭେ

କୁମ୍ଭାଟୁଆ ଡାକ...

ଡଙ୍ଗରତଳ ଜନଜାତି ପଲ୍ଲୀରୁ ଶୁଭୁନି

ଧାନ କୁଟାର ଦୁଲୁଦୁଲୁ ଶବ୍ଦ...

ଅସମ୍ଭବ ନିରବତା

କଉପିନି ମରା ପୁଙ୍ଗୁଳା ଦେହରେ

ପଣସ ଗଛର ଛାଇରେ ଧଙ୍ଗିଆ ଫୁଙ୍କା

ଡହରା ଦିଶୁଛି ଉଦାସ... ।

ଅଣଜେଜେର ଲାଉଦୋଳାରୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଦିମ ସଭ୍ୟତାର ଆଧୁନିକ ଭବିଷ୍ୟତର
ଅପପୁଷ୍ଟି ଆଖି ଦୁଇଟି ଚାହିଁଛି ଜୁଳୁଜୁଳୁ ।
ପଥର ଚଟାଣରେ ବସି ଖରାପିଠିଆ ଜୁଆନ
ନଣ୍ଡା ଡଙ୍ଗରରେ ଖୋଜୁଛି ବର୍ତ୍ତମାନ... ! !
ପଣସ ପତ୍ରର ମୁଖାପିନ୍ଧି
ସ୍ୱପ୍ନ ସଜାଡୁଛି ନୂଆ ଧାଙ୍ଗଡ଼ା.. ?
ନିରବିଛି ମହୁରୀଆର ମହୁରୀ, ଚାଙ୍ଗୁର ଖଡ଼ିକା
ଶୃତିକଟୁ ଲାଗଇ ଧ୍ୱନିବାହକର ଡିଜେ ଗାନା ଗୀତ
ପେଣ୍ଡମ ଆସର, ଢେମସା
କଟିଦେଶେ ଛନ୍ଦାଛନ୍ଦି ହାତ
ପରମ୍ପରା ଗୃହବନ୍ଦୀ ବେଣ୍ଟ, ଧନୁ, ତୀର
ବିଶ୍ୱଶାନ୍ତି ସକାଶେ
ଯାହା ଚାଲିଛି ଉପଚାର !
ଏଇ ତ ଚଇତି ପରବ,
ଧାଙ୍ଗିଡ଼ିର ଆଖିଠାର କରେ ଆକର୍ଷିତ
ହଜାରେ ବାହାନାପରେ ଭେଟ ହୁଏ ମିତ
ଛୁଅଁନା... ଛୁଅଁନା...
ସାଇତି ରଖିଥା ମନ
କଥା ଦେଇ ରଖିବାଟା ଆମ ସ୍ୱାଭିମାନ

 Magazine Downloaded from www.aahwaan.com

ଆମେ ପରା ସ୍ୱାଧୀନ ଭୂମିର ସନ୍ତାନ...

ଅଛୁଆଁ ରୋଗଟାର ନାହିଁ ଯେ ନିଦାନ !!

ଜୀବନ ରହିଲେ

ଆର ଚଇତରେ ସରଧା କରିବ !!!

ଏଇ ତ 'ଚଇତି ପରବ' ।

ଚିତ୍ରକୋଣ୍ଡା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଫଳ ମୁଁ ନୁହଁ



ତୁଷାରକାନ୍ତ ନାଏକ

ମନ ସମୁଦ୍ରରେ ଉଙ୍କି ମାରୁଥିବା
ଭାବର ଲହଡ଼ିକୁ ଛବିରେ ଆଙ୍କିବା
ପାଇଁ ଶିଳ୍ପୀ କି,
ପେଷାଦାର କାରିଗର ମୁଁ ନୁହଁ ।

ତଥାପି ହୃଦୟ କୋଠରୀ ଭିତରେ
ପାଳମୂର୍ତ୍ତିର ଏକ ଷ୍ଟ୍ରକ୍‌ଚର ତିଆରି
ହୋଇଯାଏ ଆପେ ଆପେ ।
କିନ୍ତୁ ଏ କଣ ? ମାଟି କାଦୁଅରେ
ତାର ପୁଙ୍ଗୁଳା ଶରୀରକୁ
ଲୁଚେଇବାରେ ରିକ୍ତହସ୍ତା, ରଙ୍ଗ ତୁଳୀର
କଅଁଳିଆ ସ୍ପର୍ଶରେ ତାକୁ ରଙ୍ଗୀନ କରି
ଗଢ଼ି ତୋଳିବାରେ ମୁଁ ବିଫଳ,
ସଫଳ ମୁଁ ନୁହେଁ ।

ବେଳେ ବେଳେ କଟାକ୍ଷ ଦୃଷ୍ଟିରେ ଚାହିଁ
ହସିଦିଏ ସେଇ ପାଳ ଷ୍ଟ୍ରକ୍‌ଚରଟି ଏବଂ
ପଲକ ନ ପକାଇ ଚାହିଁଥାଏ ମୋ ହାତରେ
ଥିବା ରଙ୍ଗ ଆଉ ତୁଳୀକୁ ।

ଏବେ ତ ପାଗଳ ହେଇ ଯାଉଛି
ତାର ପୂର୍ଣ୍ଣ ଶରୀରଟାକୁ ଅନ୍ତତଃ
ଥରେ ଆଖି ପୁରେଇ ଚାହିଁବାକୁ ।
ନିଶାସକ୍ତ ମଣିଷ ଆଜି ମୁଁ
ଦଗ୍ଧ ହୁଏ ସେଇ ମନ୍ଦାରଫୁଲିଆ
ହସ ବାଣରେ ।
କଟାକ୍ଷ ଦୃଷ୍ଟିରେ କୁଞ୍ଚୁକୁଞ୍ଚିଆ
ହସିଟିଏ ପୁଣି ଚୁପ୍ ହୋଇଯାଏ ।
ତା ଠାରୁ ଦୂରେଇ ରହିବାରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ବିଫଳ, ସଫଳ ମୁଁ ନୁହେଁ ।

ଆବୁରୁଝାବୁରୁ କରି କେତେ
ଆଙ୍କିପକାଏ, ଗଢ଼ିବାକୁ ଚେଷ୍ଟାକରେ ।
କାଳେ ଅପୂର୍ଣ୍ଣାକୁ ପୂର୍ଣ୍ଣ କରିପାରିବି
ଦେଖିପାରିବି ସଫଳତାର ନୂଆ ଆଲୋକ ।
କିନ୍ତୁ ଆଜି ମୁଁ ବିଫଳ, ସଫଳ ମୁଁ ନୁହଁ ।

ଜୀବନର ସନ୍ଧ୍ୟା ସମୟଯାଏ
ମୋର ପ୍ରୟାସ, ଭଲ ପାଇବା
ଜାରି ରହିବ ।
ଭାବ ଜନ୍ମ ହେଉଥିବ, କିଛି
ଆବୁରୁ ଝାବରୁ ତିଆରି ହେଉଥିବ
ଆଉ କହୁଥିବ ଏବେ ବି
ମୁଁ ବିଫଳ, ସଫଳ ମୁଁ ନୁହଁ ।

ଯୁକ୍ତ ତିନି, ପିଏସ୍ଏସ୍‌ଜେ ଡିଗ୍ରୀ କଲେଜ
ବଅଁରପାଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସମୟର ଡର



ପୁଷ୍ପାଞ୍ଜଳି ପଣ୍ଡା

ସୁନେଲି ସକାଳ ଆଉ ଆଗପରି
ସୁନେଲି ଦିଶୁନି... !
ବଦଳି ଯାଇଛି ଢେର୍ ଏପଟୁ ସେପଟ ।
ସୁରୁଜ ର କଅଁଳିଆ କିରଣ ବି
ଆଗପରି ସୁନ୍ଦର ଲାଗୁନି ... ।
ସବୁବେଳେ ଅଗ୍ନି ବର୍ଷୁଛି
ଅସରନ୍ତି ସମୟ ଟା ହୁଏ ଯାହା ଖାଲି
ଛଟପଟ । ।

ଆଜି କାଲି ଲୁଚି ଲୁଚି ଝର୍କା ଫାଙ୍କେ
ବାହାରକୁ ଦେଖୁଛି... !
ଡ଼ର ଲାଗେ !କାଳେ ସେହି
ଅଦେଖା, ଅଜଣା, ଶାଗୁଣା ଆସି,
ଧରି ଦବ ତଣ୍ଟିଟାକୁ ମୋର,

ସବୁଆଡେ ନୀରବତା ,ପୁରା ଚୁପଚାପ
ଏହା ବୋଧେ ସମୟ ର ଡ଼ର !
ବାରହାତ ଖଣ୍ଡା କାଳେ ହୁଏ ସଜବାଜ
ଆରମ୍ଭିବ ମାରିବାକୁ ଚୋଟ । ।

ଜୀବନ ତ ଏଠି ଖାଲି ସକାଳଠୁ ସଞ୍ଜ ଯାଏ
ବିଷ ଉଦ୍ଗାରୁଛି ।
ଏବେ ପ୍ରତି ମୂହୁର୍ତ୍ତରେ ସମୟ ବି
ମୋଡ଼ ବଦଳାଇ ଧିମେଇ ଯାଉଛି ।
ସତରେ ସମୟ ଡ଼ରୁଛି କି !
ପ୍ରକୃତିର ମହାମାରୀ ସର୍ବଗ୍ରାସୀ ରୂପଦେଖି
ପଛକୁ ଫେରି ଯିବାକୁ ଓଲଟା ଚାଲୁଛି... ! !

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରେଶମ ନଗର



ଲିପ୍‌ସା ଆଚାର୍ଯ୍ୟ

ତୁ କେତେ ରେଶମୀ ଜଣା ନାହିଁ ମତେ !

ମୁଁ ଦେଖିଛି ତୁମକୁ

ବିଜ୍ଞାପିତଅଞ୍ଚଳରୁ ମହାନଗରୀ ହେବା ପର୍ଯ୍ୟନ୍ତ ।

ଅନେକ ପରିବର୍ତ୍ତନ ଆସିଛି ତୋ ଭିତରେ

ଆଧୁନିକତାର ସ୍ପର୍ଶ ପାଇ ତୋ ସହରୀ ସୌନ୍ଦର୍ଯ୍ୟ

ଲାବଣ୍ୟରେ ଭରି ଯାଇଛି ।

ନାଳପାଣିରୁ ଉଠି ଆସି

ସଂସ୍କୃତିର ବାର୍ତ୍ତା ଦେଉଥିବା ରଙ୍ଗିନ୍ କାନ୍ଥ

ଆଉ କୃତିମ ଝରଣାରେ ଗାଧେଇ

ନବ ବୋଧୂର ଟିକା ଲଲାଟରେ ଧାରଣ କରିଛୁ ।

ତୁ ଯେତେବେଳେ ଲାଜେଇ

ଭାରତଲୀଳା ଆଉ ଚଢେଇଆ ଚଢେଇଆଣୀରେ

ପ୍ରଣୟର ଆଖିମାରୁ

ମୁଗ୍ଧ ଦର୍ଶକର ମନ ବନ୍ଦୀ ପଡିଯାଏ ତୋ ଠାରେ ।

ତୁ ରେଶମୀ ସୁତାର ନାଲୀ ପାଟ ପରିଧାନ କରି

ହଳଦୀ ଆଉ ସୁନ୍ଦରର ମଲମ ଲଗାଉ

 Magazine Downloaded from www.aahwaan.com

ବୁଢୀ ଠାକୁରାଣୀ ପାଲଟି ଯାଉ ।

ତୋ ମନକୁ ମୋହିବା ପାଇଁ

ଅନେକ ଯାତ୍ରାର ତୋରଣ ସଜାହୁଏ ।

ତୁ ଯେତେବେଳେ ବେଲା ଚଟୁ ଥରି

ଘାଣ୍ଟ ଆଉ କାଞ୍ଜି ପାକ କରୁ

କିମ୍ବା ଉପମା ତରକାରୀ ର ଜଳଖିଆ କରୁ

ମହକି ଉଠେ ଧନୀ ଠାରୁ ଗରୀବ କୁଡିଆ ।

କବି ସମ୍ରାଟ ଉପେନ୍ଦ୍ର ଆଉ ପି.ଭି ଗିରି ଙ୍କ

ଜନ୍ମ ମାଟି ତୁ ; ତୁ ପୁଣି ଦେଇଚ୍ଥୁ

କେ. ରବି କୁମାର ଆଉ ପ୍ରିନ୍ସ ଡେନ୍ସ ଗ୍ରୁପ୍ ,

ତୋ ସନ୍ତାନ ତୋ ପାଇଁ ଆଣି ଦେଇଛନ୍ତି

ଜାତୀୟ ଆନ୍ତର୍ଜାତିକ ସମ୍ମାନର ମୁକୁଟ ।

ତଥାପି ତୋ ଦେହରେ ଜହ୍ନର କଳଙ୍କ

ନବ ବୋଧୂର ଯୌତୁକ ହତ୍ୟାର ।

କାହିଁକି ତୁ ତୋର ଏ କଳଙ୍କକୁ

ପୋଛିବାକୁ ଚେଷ୍ଟା କରୁନୁ !

ତୋ ମନରେ ଲୁଚି ରହିଥିବା

ହୀନ ମାନସିକତା ଆଜି ବି ସତେଜ ।

ମୁଁ ତୁମକୁ ଥରେ ଦେଖିଥିଲି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରୁପେଲି ଚାଦରରେ ଘୋଡାଇ

ଶାନ୍ତିରେ ନିଶ୍ୱାସ ମାରି ଘୁମେଇଥିବାର ।

ସେତେବେଳେର ମୋ କିଶୋରୀ ମନ

ଆଜି ବି ଅଟକି ରହିଛି ତୋ  ଗୋଲାପୀ ରାତିର ମୌନତାରେ ।

ଯେତେବେଳେ ତୋ ହିଂସ୍ର ଖରାର କୋଳାହଳ ଦେଖେ

ସବୁବେଳେ ନିଜକୁ ପ୍ରଶ୍ନ କରେ

ତୁ କ'ଣ ଖରାରେ ଚାଲି ଥକି ପଡୁନୁ ।

ଦିନରେ ଘୁମେଇ ଶୋଇଲେ

କେମିତି ଦିଶିବ ତୋ ଅଳସୀ ମୁହଁ  ।

ଆଜି ସାରା ଦିନ ତୁ ଖାଁ ଖାଁ ନିରବତା ରେ କାଟିଲୁ

ଖୁସି ଲାଗିଲା ନା, ମନେ ପଡିଲା  ଗହଳି ।

ସୁଯୋଗ ପାଇଛୁ ତୁ ଟିକିଏ ବିଶ୍ରାମ ନେଇଯା ।

ଆଗକୁ ଅନେକ ପଥ ଅତିକ୍ରାନ୍ତ କରିବାର ଅଛି

ଆହୁରି ଅନେକ ଲଢେଇ ବାକି ଅଛି ତୋର  ।

ମୁଁ ଆଜି ଅଛି, କାଲି କି ନ ଥିବି

ତୁ ଥିଲୁ ଆଉ ଥିବୁ ବି  ।

Q. G (14), ବ୍ରହ୍ମପୁରର ବିଶ୍ୱବିଦ୍ୟାଳୟ

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ଆସିଛି ବସନ୍ତ



କୃଷ୍ଣଚନ୍ଦ୍ର ଡାକୁଆ

ହଜାର ହଜାର ସ୍ୱପ୍ନ ମାନଙ୍କ ମଧ୍ୟରେ
ଆଜି ବସନ୍ତ ଧସେଇ ପଶିଛି
ସତେ ଯେମିତି ବସନ୍ତର ରାଜୁତି
ଆଉ ମୋ ଅଜ୍ଞାତା ଭିତରେ
ଲୁଚକାଳି ଆରମ୍ଭ କରିଦେଇଛି

ପବନ ବସନ୍ତ ବସନ୍ତ ପବନ
ଏ ଦୁହିଁଙ୍କ ଭିତରେ
ଆରମ୍ଭ ହୋଇଯାଇଛି ଭୀର୍ନ ପ୍ରେମ
ଅପରିପକ୍ୱତା ମାନସିକତାରେ
ପରିପକ୍ୱତ ଆକାଶକୁ ଛୁଇଁବାର ମୋହ

ଖିଆଲ ମନରେ
ରୂପ ପିଆସୀ ହୃଦୟର ବିରଳ ଭାବନା
ନିଜର ଚଞ୍ଚଳତା ରାସ୍ତାରେ
କିଛି ଗୋଟଏ ପାଇବାର
ଅହେତୁକ ସମ୍ଭାବନା ମୁଗ୍ଧ ମାନସିକତା
ନା ମୁଁ ଜାଣିଚି ଏ ସବୁର ବାସ୍ତବିକତା
ନା ଜାଣିଛି କୋହଭରା ଆକାଶର ପୂର୍ବରାଗ
ଇଏ ମୋର ଭୁଲ ନୁହେଁତ ?

ମନେ ହୁଏ ସ୍ୱପ୍ନ ମାନଙ୍କର
ବିଢ଼ିଆଣୀ ଜାଲ ମଧ୍ୟରେ
ନିଜକୁ ହଜାଇ ଦେଇ ଶତବାର ଭୁଲ କରେ
କେବେଳ ଆକାଶକୁ ଛୁଇଁବାର ମୋହ
ବାସ୍ତବିକତା ନ ଜାଣି ନ ବୁଝି
ଦିନ ରାତିର ମଗ୍ନତାରେ ଅଣ୍ଡାଳି ହୁଏ
ଆକାଶକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯାହା ହେଉ ଫଗୁଣର

ଧାବମାନ ରାସ୍ତାରେ ହଜିଥିବା

ପ୍ରବଣତା, ବିଭୋରତା,ମାଦକତା

ଏଇ ବସନ୍ତରେ ଛିଟିକି ପଡ଼ିଛି ଏବଂ

ମୋତେ ବନେଇ ଦେଇଛି

ଚେତନାରୁ ନିଶ୍ଚେତନା ....... ! !

କୃଷ୍ଣ ଚନ୍ଦ୍ର ଡାକୁଆ

କରଚୁଲି(ବୁଗୁଡ଼ା) ଗଞ୍ଜାମ

ପିନ୍ ୭୬୧୧୪୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଢ଼ଣା କହୁଛି ଓଢ଼ଣା ହେବ



ଜଗନ ପାଳ

ଫଗୁଣ କହଛି କାନେ କାନେ ଆସି
ହେଲାଣି ବୟସ ମତେ
ଫୁଲକୁ ଦେଖିଲେ ଭଅଁର ଖୋଜେ ମୁଁ
ଫୁଲ ପାଖେ ଯାଇ କେତେ ।
ନୂଆ ଭାଉଜ ମୋ ତାଗିଦ୍ କରନ୍ତି
କେତେ ଖସେ ତୁମ କାନି
ବଡପିଲା ଟିଏ ହେଲଣି ତଥାପି
ବୁଦ୍ଧିଶୁଦ୍ଧି ଜମା ନାହିଁ ।
ବିନା କାରଣରେ ହସି ପକୋଉଛି
କେଜାଣି କ'ଣ ଭାବି
ପାଖକୁ ଆସିଲେ କେହିବି କହୁଛି
କଥା କୁହ ଦୂରେ ରହି ।
ସାଙ୍ଗସାଥୀ ମୋର ମତେ କହିଲେଣି
ଓଢଣା ତୋ ଓଢଣୀ ହବ

କିଏ ଜଣେ ସିଏ ଏ ହାତ ଧରିବ
ତା ସାଥିରେ ନେଇଯିବ ।
ଅଜଣା ଛନକା ଛାତିକୁ ଡରାଏ
ଇଏ କି ଅଜବ ସ୍ଥିତି
ଚାଲୁ ଚାଲୁ ପାଦ ଆପେ ରହିଯାଏ
ପଛକୁ ଟିକିଏ ଦେଖି ।
ପାଦ ମାନୁ ନାହିଁ ମନର କଥାକୁ
ମନ ଅମାନିଆ ନଈ
ଇଛା ତା ଯୁଆଡେ ବହିଯାଏ ସିଏ
କୂଳକୁ ଛୁଇଁବା ପାଇଁ ।

ଗ୍ରାମ-ଚାରିମାଢିଆ, ପୋଷ୍ଟ-ବନ୍ଦାଲୋ
ଭାୟା-ତିଗିରିଆ, ଥାନା-ବାଙ୍କୀ
ଜିଲ୍ଲା-କଟକ, ପିନ୍-୭୫୪୦୩୦
ମୋ-୯୬୭୮୫୭୩୦୦୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତଥାପି ବଞ୍ଚିଛି



ଓଜସ୍ୱିନୀ ଶତପଥୀ

କିଏ ଫେରେଇ ପାରିବ ମତେ ମୋ ଅତୀତ

ମୋ ଧୂଳିଖେଳ ବାଲିଘର ଆଉ ତା ସଂଗେ ସେ ଆନନ୍ଦ ମୂହୁର୍ତ୍ତ ? ?

ଯେବେ, ମୁଁ ଫେରି ଚାହେଁ ମୋ ଅତୀତ କୁ

ଅବିସ୍ମୃତ, ଅବିଭୂତ ହୋଇଯାଏ ମୁଁ

ମନେ ହୁଏ ସତେ ଅବା ସ୍ୱପ୍ନ ରାଇଜରେ

ଅଥବା ଆଇ ମା କାହାଣୀର ପରୀ ରାଇଜରେ

ବେଳେ ବେଳେ ବସି ବସି ମୁଁ ଭାବେ

ସମୟ ଯଦି ପଛକୁ ଫେରି ଯାଆନ୍ତା

ମୁଁ ପୁଣି ଥରେ ଛୋଟ ପିଲା ହୁଅନ୍ତି

ଟୁକୁ ଟୁକୁ ଚାଲି ମିଠା ମିଠା କଥା କହି

ସମସ୍ତଙ୍କ ମନ ପ୍ରାଣ ମୋହି ନିଅନ୍ତି ।

ମୁଁ ଥିଲି ଦେବଶିଶୁ ସମ

ସରଳ ନିଷ୍ପାପ ନିଷ୍କପଟ ଥିଲା ମୋର ମନ

ହିଂସା ଦ୍ୱେଷ ପାପମୟ ସଂସାରର ବହୁତ ଦୂରରେ

ପ୍ରବଞ୍ଚନା, କପଟତା ପ୍ରତାରଣାର ଅନେକ ଊର୍ଦ୍ଧ୍ୱରେ

ସ୍ନିଗ୍ଧ, ଶାଶ୍ୱତ ଅମ୍ଲାନ ହୃଦୟ କୁଟୀରରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିତୁଥିଲା  ଜୀବନ ମୋ ଅମୃତ ର ସନ୍ଧାନ ରେ ।

ହଠାତ୍ ଦିନେ ମୁଁ ଆବିଷ୍କାର କଲି
ସବାଳୁଆ ପ୍ୟୁପା ର ପ୍ରଜାପତି ପରି
ମୁଁ ବି ବଡ଼ ହେଇ ସାରିଛି
ଏକା ଏକା ଉଡିବା  ଶିଖିଛି ।
ମୋ ବାଲିଘର ନାହିଁ
ମୋ ରନ୍ଧାବଢ଼ା ସଜ ବି ନାହିଁ ।

ପୋଛି ଦେଇ ମୋ ଦେହରୁ ଦେବତ୍ୱର ସମସ୍ତ ପ୍ରତୀକ
ଲୁଟି ନେଲା ସମୟ ମୋ ଶୈଶବର ନିଷ୍ପାପ ଅସ୍ତିତ୍ୱ
ବୁଝି ମୁଁ ପଚାରିଲି ନାହିଁ ସମୟର ଚକ୍ରବ୍ୟୁହ
ଅସହାୟେ ଚିତ୍କାର କଲି 'ବଞ୍ଚାଅ, ବଞ୍ଚାଅ'
କେହି ଶୁଣିଲେନି, କେହି ଆସିଲେନି
ଅପରାଧ କଣ ମୋର ନପାରିଲି ଜାଣି
ସମୟର ସ୍ରୋତରେ
ଭାସି ଭାସି ପହଞ୍ଚିଲି ଜୀବନ ମଧ୍ୟାହ୍ନରେ
ହିଂସା ଦ୍ୱେଷ ପ୍ରବଞ୍ଚନାର ଚାରିକାନ୍ଥ ଭିତରେ
ଦଗ୍ଧ ହେଲା ଜୀବନ ମୋ ପ୍ରତି ମୂହୁର୍ତ୍ତରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବନ ସଂଗ୍ରାମ କଲି......

ସତ୍ୟର ଦ୍ୱାହି ଦେଇ ମିଥ୍ୟା ବି କହିଲି

ପ୍ରେମର ଦ୍ୱାହି ଦେଇ ପ୍ରତାରଣା କଲି

ଲାଳସାର ମରୀଚିକା ପଛରେ

ଧାଇଁ ଧାଇଁ କ୍ଲାନ୍ତ ହୋଇ ପଡ଼ିଲି

ଆଜି ଜୀବନର ଶେଷ ପାହାଚରେ

ମୃତ୍ୟୁ ଓ ଜୀବନର ଘମାଘୋଟ ଯୁଦ୍ଧରେ

ତଥାପି ସମାପ୍ତି ନାହିଁ

ଏବେବି ବଞ୍ଚିଛି

ବଞ୍ଚିଥିବି ଆହୁରି

ମରି ମରି ପ୍ରତି ମୂହୁର୍ତ୍ତ ରେ

ବଞ୍ଚିବାର ଛଳନା କରି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପଖାଳ ଦିବସ



ଶାନ୍ତନୁ ବିଷୋୟୀ

ମାର୍ଚ୍ଚ କୋଡିଏ 'ପଖାଳ ଦିବସ'
ଖାଣ୍ଟି ଓଡ଼ିଆଙ୍କ ମନ ହରଷ । ।

ଝାଂଜି ଖରା ଆଉ ଅବସନ୍ନ୍ଲାନ୍ତି
ପଖାଳ ଖାଇଲେ ଲାଗିବ ଶାନ୍ତି । ।

ଲୁଣ, ଲଙ୍କା ସଙ୍ଗେ ଦେଶୀ ପିଆଜ
ମଚ୍ଛା ମଚ୍ଛି କରି, କର ମଉଜ । ।

ବାସି ପଖାଳକୁ ଅଳପ ଦହି
ଲେମ୍ବୁ ଚିପୁଡିକି ଦିଅନ୍ତୁ ଖାଇ । ।

ଚାଇଁ ପଖାଳର ମଜ୍ଜା ଅଲଗା
ଶାଗ, ଶୁଖୁଆକୁ ଆମ୍ବୁଲ ଲଗା । ।

ଆଳୁ,ବାଇଗଣ,ପାତଲଘଣ୍ଟା
ଏକା ସାଙ୍ଗେ କର ଘାଣ୍ଟ ଚକଟା । ।

ସଜପଖାଳର ସାଙ୍ଗରେ ଖାଅ
'ପଖାଳ ଦିବସ' ମାନ ବଢାଅ । ।

ଛପନ ଭୋଗୁଁ ଏ ଗୋଟାଏ ଭୋଗ
ଜଗନ୍ନାଥ ପାସେ ହୁଏ ନିଯୋଗ । ।

ଔଷଧୀୟ ଗୁଣ ଏଥିରେ ଅଛି,
ଅଂଶୁଘାତ ରୋଗ ଛାଡି ଯାଉଛି । ।

ପଖାଳ ଭାତକୁ ହୀନ ନ ମଣ
କୋଟି ଓଡ଼ିଆଙ୍କ ହୃଦସ୍ପନ୍ଦନ । ।

ଚଷା ପୁଅ ଭୁଂଜେ ହୋଇ ହରଷ
ଆଜି ସେ ପାଳୁଛି"ପଖାଳ ଦିବସ" । ।

ଭ୍ରାମ୍ୟଭାଷ : ୯୧୨୧୧୬୭୯୨୫ / ୭୦୭୭୧୭୧୮୧୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭଲପାଏ



ମିତ୍ରଭାନୁ ବିଶ୍ୱାଳ

ପଥର ହୃଦୟ ତରଳିଲା ଆଜି
ପ୍ରେମର ବହ୍ନିରେ ଜଳି
ଆଖି ଖୋଜୁଥିଲା ମନର ମାନସୀ
ତାକୁ ମୁଁ ତ ପାଇଗଲି
ଜୀବନେ ପାଇଲି ପ୍ରଥମ ପ୍ରେମର
ଚିର ବସନ୍ତର ଛୁଆଁ
ହୃଦୟ ମଧ୍ୟରେ ଖେଳ ଖେଳୁଥିଲା
ପ୍ରେମର ଅକୁହା ଧୂଆଁ
ସ୍ୱପ୍ନ ରାଇଜର ପରିଟିଏ ପରି
ଜୀବନେ ଆସିଛି ଖସି
ମରୁ ମରିଚିକା ହୃଦୟରେ ସିଏ
ଆପେ ଆପେ ଗଲା ବସି

ପହିଲି ବର୍ଷାର ଜଳ ବିନ୍ଦୁ ସମ
ହୃଦୟରେ ଗଲା ମିଶି
ଅନ୍ଧାର ରାତିରେ ଜହ୍ନଆଲୁଅରେ
ପାରଦ ଧଉତ ଦିଶି
ଫୁଲର ପ୍ରେମରେ ଭଅଁର ପାଗଳ
ଖୋଜି ବୁଲିଥାଏ ଜେହେଁ
ସ୍ୱପ୍ନର ସହରେ ମୁଁ ତ ଖୋଜୁଥିଲି
ଭଲପାଏଁ ବୋଲି ପ୍ରାଣେ

ବ୍ରାହ୍ମଣ ଡ଼ିହି (ପାଇକମାଲ), ବରଗଡ଼
ଫୋନ-୯୪୩୭୩୧୪୯୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେବୁନାହିଁ ବିସ୍ଥାପିତ



ଅଶ୍ୱିନୀ କୁମାର

ବିକାଶର ଦ୍ୱାହି ଦେଇ
ଆମ ଜଙ୍ଗଲ ରେ ପାଦ ପକାଇଲ ।
ଆମ ଜଙ୍ଗଲ ଜମି ଡଙ୍ଗରର
ସବୁଜିମା କୁ ଖିନଭିନ କଲ ।।

ସବୁ ସହିଲୁ,
ନିର୍ଯାତିତ ବି ହେଲୁ ।
ହେଲେ ଆଉ ନୁହଁ
ଏବେ ପ୍ରତିଟି ହୃଦୟରେ
କ୍ରାନ୍ତୀର ସ୍ୱର ।
ହେବୁ ନାହୁଁ ବିସ୍ଥାପିତ
ଏ ଭିଟାମାଟି ଆମ ସାତ ପୁରୁଷର ।।

ଇତିହାସ ଚିର ସାକ୍ଷୀ
ଏ ପ୍ରକୃତି ହିଁ ଅନ୍ନଦାତା ,
ତା ସହ ଓତଃପ୍ରୋତ ଭାବେ
ଜଡିତ ଆମ ଜୀବନ ଜୀବିକା ।
ଆମେ ତ ମାଟିର ମଣିଷ
ଚାହିଁ ନାହୁଁ କେବେ
ତୁମ ମୃଦୁପାନୀୟ ଓ
ସୁରମ୍ୟ ଅଟ୍ଟାଳିକା ।।

ଏ ମାଟି ଆମ ମାଆ
ଏ ଜଙ୍ଗଲ ହେଉଛି
ଆମ ଦେବତା ପିତର ତୁମା ,
ଏ ପ୍ରକୃତି ହି ଆମ ଈଶ୍ୱର ।
ହେବୁନାହିଁ ବିସ୍ଥାପିତ
ଏ ଭିଟାମାଟି ଆମ ସାତ ପୁରୁଷର ।।

ଶୁଷ୍କ ଆଜି ନଦୀ ନିର୍ଝରଣୀ
ଶ୍ରୀହୀନ ଦିଶେ ଚିର ସବୁଜିମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକାଶ ନାଆ ରେ ସବୁ ହେଉଛି ଧ୍ୱଂସ ।
ବିଦ୍ରୋହ ବିନା ନାହିଁ ଆନ ପନ୍ଥା
ଏ ତ ଆମ ଅସ୍ତିତ୍ୱର ପ୍ରଶ୍ନ
ନଚେତ ଗ୍ରାସ କରିବ ବିକାଶ ରାକ୍ଷସ ।।

ଆମେ ଭାଇ ମାଟିର ମଣିଷ
ଶାନ୍ତି ଚାହୁଁ କ୍ରାନ୍ତି ନୁହଁ ,
ଲୁଟି ନିଅ ନାହିଁ
ଆମ ହକ ଅଧିକାର ।
ହେବୁନାହିଁ ବିସ୍ଥାପିତ
ଏ ଭିଟାମାଟି ଆମ ସାତ ପୁରୁଷର ।।

ମାଟି ନୁହେଁ ବନ୍ଧୁ ବଜାର ଦରବ,
ତୁମେ ବା କାହୁଁ ବିଝିବି
ମହତ୍ତ୍ୱ ଏ ମାଟିର ।
ମାଟି ଆମ ସାହା
ମାଟି ଆମ ବଞ୍ଚିବର ରାହା
ମାଟି ମାଆ କୁ କେମିତି କରିବୁ ହସ୍ତାନ୍ତର ।।

ଭୁଲି ଯାଅ ନାହିଁ
ଏ ମାଟି ପାଇଁ କରିଥିଲେ
ଜୀବନ ଉତ୍ସର୍ଗ ,
ଆମ ପୂର୍ବପୁରୁଷ ହିଁ ଥିଲେ
ଉଲଗୁଲାନ ର ସୂତ୍ରଧାରା ।
ହେବୁ ନାହିଁ ବିସ୍ଥାପିତ
ଏ ଭିଟାମାଟି ଆମ ସାତ ପୁରୁଷର ।।

ମନେ ରଖ ତୁମେ
ଆମେ ସରଳ
ମାତ୍ର ଦୁର୍ବଳ ନୋହୁଁ ।
ଏ ବଣ ପାହାଡ଼ ଆମ
ସାଙ୍ଗ ସହୋଦର
ମିତ ମଇତର ।
ଜାଳିଦେବୁ ବିପ୍ଳବ ର ବହ୍ନି
ଲେଖିଦେବୁ କ୍ରାନ୍ତିର ଇସ୍ତାହାର ।
ହେବୁ ନାହିଁ ବିସ୍ଥାପିତ
ଏ ଭିଟାମାଟି ଆମ ସାତ ପୁରୁଷର ।।

ସହକାରୀ ଶିକ୍ଷକ
ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଚକଳାପଦର
ଝରିଗାଁ ନବରଙ୍ଗପୁର ।
ମୋ : ୮୦୧୮୯୧୨୪୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଜି ମୁଁ ସେଇ ରଜନୀ



ଲକ୍ଷ୍ମୀକାନ୍ତ ମାଝୀ

ଆଜି ମୁଁ ସେଇ ରଜନୀ
ଅନ୍ଧାର ଅମାବାସ୍ୟାର କରୁଣ କାହାଣୀ.....

ନାହିଁ  ଚନ୍ଦ୍ରମା ର ଶୀତଳତା, ଅଛି ମନେ ଜ୍ୱାଳା
ଉପାୟ ନାହିଁ ଉପଶମତା, ଘୋରିଛି ନିସ୍ତବ୍ଧତା
ଆଜି ମୁଁ ସେଇ ରଜନୀ......

ମନୋଜା ସାଜିଛି ପ୍ରସ୍ଥର , ନାହିଁ ତାର ଉତ୍ତର
କେହି ନୁହେଁ ତାହାର , ହୋଇ ନାହିଁ କାହାର
ଆଜି ମୁଁ ସେଇ ରଜନୀ.....

କ୍ଷଣିକ ସମୟ , ବୋଧେ ଅପବ୍ୟୟ
ହରାଇଛି ଲୟ , ଶିଥିଳ ହୋଇଛି କାୟ
ଆଜି ମୁଁ ସେଇ ରଜନୀ.....

ଭ୍ରମର ଯେ ମଧୁଷୋସି ,ଉଡ଼ିଗଲା ହୋଇ ଖୁସି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାକ୍ଷୀ ସପ୍ତର୍ଷି, ନିରେ ମୀନ ଜାଲେ କଣ୍ଟା ବନିସୀ.......

ଆଜି ମୁଁ ସେଇ ରଜନୀ......

ପଶ୍ଚାତାପର ସମୟ , ହୋଇଉଠିଛି ଅଥୟ

ତଥାପି ଅପେକ୍ଷାରେ ସମୟ, ସତ୍ୟର ହେବ ବିଜୟ

ଆଜି ମୁଁ ସେଇ ରଜନୀ......

ପଡିଛି କନା, ଲିଭିଯାଇଛି କର୍ପୁର ସିନା

ଥରୁଟିଏ ପଛକୁ ଅନା, ପଦିଏ ଶବଦ କୁହନା

ଆଜି ମୁଁ ସେଇ ରଜନୀ.......

କାଳର କରାଳ ଗତିରେ, ବିଲୀନ ନିଶ୍ଚେ ହେବିରେ

ସ୍ମୃତି ଯେ ଅପୂର୍ଣ୍ଣ ଅଚିରେ, ମୁକ୍ତାକାଶର ଶୂନ୍ୟ ଶୂନ୍ୟତାରେ

ଆଜି ମୁଁ ସେଇ ରଜନୀ......

- ଲକ୍ଷ୍ମୀ କାନ୍ତ ମାଝୀ

ନବରଙ୍ଗପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭୁ କାହିଁକି ଯାଇଛ ଶୋଇ



ବୈଦ୍ୟନାଥ ପଣ୍ଡା

ଭକତ ଅନ୍ୟାୟ ସହି ସହି ପ୍ରଭୁ
ଜାଣି ଜାଣି ଅଛ ଶୋଇ
ଅନାଥ ଭକତ ଦୋଷ ବୁଝିପାରି
(ଆଜି)ଡାକନ୍ତି ବିକଳ ହୋଇ
କମଳ ଆସନ ଭୁଜଙ୍ଗ ଶୟନ
ଭକ୍ତେ ଅଭିମାନ କରି
ଜାଣି ଜାଣି ପ୍ରଭୁ ନିଦେ ଶୋଇଅଛ
କିଛି ନଜାଣିଲା ପରି
ଆହେ ଦୟାମୟ କୁହ ଦୟାକରି
କେଉଁ ସେବା ହେଲା ଊଣା
ସେଥିପାଇଁ ପ୍ରଭୁ ଛାଡିଛ ମର୍ତ୍ତ୍ୟକୁ
ଅଜଣା ରୋଗ କରୋନା
ପତିତ ପାବନ ଶରଣ ରକ୍ଷଣ
ଉଠ ବାରେ ଦୟାବହି
ହେ ସର୍ବକାରଣ ଦୀନଜନ ପ୍ରାଣ
କର ପରିତ୍ରାଣ ତୁହି

ପ୍ରଭୁହୋଇ ଯେବେ ଦାଶ ପ୍ରତି ତୁମେ
ନରଖିବ ଦୟା ଭାବ
ହେ କ୍ଷମା ବାରିଧି ନାମରେ ତୁମର
କଳଙ୍କ ବାନା ଉଡ଼ିବ
କି ଯଶ ଅର୍ଜିବ କୁହ ଆହେ ପ୍ରଭୁ
ନିନ୍ଦା ବାଜଣା ବଜାଇ
ଉଠହେ ଠାକୁର ଆହେ ବିଶ୍ୱପତି
(ଆଉ)ଅଭିମାନ କରନାଇଁ
ସରବେ ଲଭନ୍ତୁ ନିରୋଗ ଜୀବନ
ତୁମ କୃପା ଥାଉ ରହି
ଭାରତ ବର୍ଷକୁ ନଆସୁ ସେ ବ୍ୟାଧି
(ମୋର) ଏଇ ଅଳି ତୁମ ଠାଇଁ

ଅବଦଲ ପୁର, ଯାଜପୁର
ଦୂରଭାଷ : ୯୪୩୯୮୫୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଖୁସି



ଅନୁସୂୟା ମିଶ୍ର

ମୁଁ ମା'ଟିଏ...

ଆଉ କା'ମୁହଁର ହସଟିକକ ପାଇଁ ଯିଏ

ନିଜକୁ ସମ୍ପୂର୍ଣ୍ଣ ନିଗାଡ଼ି ଦିଏ

ମୁଁ ସ୍ତ୍ରୀଟିଏ ବି...

ହାତରେ ହାତ ଛନ୍ଦି ଯିଏ

ମୃତ୍ୟୁକୁ ବି ଡେଇଁ ଯାଏ

ମୁଁ ଭଉଣୀଟିଏ...

ନିଜ ଭାଗର ସୁଖରୁ କାଟିକି ଯିଏ

ଆଉ କା'ପାଇଁ ସାଇତି ରଖୁଥାଏ

ମୁଁ ଝିଅଟିଏ...

ପର ହେଇକି ବି ଯିଏ

ନିଜର ହୋଇ ରହିଥାଏ

ମୁଁ ସାଥିଟିଏ...

ଜୀବନର ବୋଝକୁ ଯିଏ

ବିନା ସର୍ତ୍ତରେ ବାଣ୍ଟିନିଏ

ହଁ, ମୁଁ ନାରୀଟିଏ...

ଯିଏ ଅନ୍ୟ ପାଇଁ ଜିଉଁଥାଏ

ଜନ୍ମରୁ ମରଣ ଯାଏଁ ।

ହେଲେ,

ସେଥିରେ ନା 'ଆଦର୍ଶ' ଆସ୍ଫାଳନ ଥାଏ

ନା କର୍ତ୍ତବ୍ୟବୋଧର କପଟତା କିଛି

ଥାଏ ଖାଲି ମୋ ଖୁସି

ହଁ, ମୋ ଖୁସି...କେବଳ ମୋ'ରି ଖୁସି

ଯେଉଁ ଖୁସିର ସଂଜ୍ଞା ନଥାଏ କିଛି

ଯଦି ବା ଥାଏ

ତା' କେବଳ ମୁଁ ହିଁ ବୁଝିଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅକୁହା କିଛି କଥା



କାର୍ତ୍ତିକ ପାଣିଗ୍ରାହୀ

ଅକୁହା କଥାର କିଛି କଥା
ଆଜିକାଲି ଖୁବ ମନେ ପଡୁଛି
ଅକୁହା କଥାର ସ୍ମୃତିର ପସରା
କିଛି ବଜାରେ ବୁଲୁଛି
ଅକୁହା କଥାର କିଛି କଥା
କବି କଲମର ସାହାରା ଖୋଜୁଛି
ଅକୁହା କଥାର କିଛି ବ୍ୟଥା
କାହାଣୀରେ ନିଜକୁ ଖୋଜୁଛି
ଅକୁହା କଥାର କିଛି ହସ
ଜୀବନର ଗତିକୁ ଦେଖୁଚି
ଅକୁହା କଥାର କିଛି ଲୁହ
ମରଣର ସ୍ଥିତି ପରଖୁଛି
ଅକୁହା କଥାର ରୁଦ୍ଧ ସ୍ୱର
ଆଜିବି ଅପେକ୍ଷା କରିଛି
ସାତସୁରେ ବନ୍ଧା ଏକ
ଗୀତଟିଏ ପାଇଁ
ଅକୁହା କଥାର ପ୍ରତିବଦ୍ଧତା
ଅପେକ୍ଷା କରିଛି ତାର
ବାଟ ହୁଡ଼ି ଯାଇଥିବା
ମିତଟିଏ ପାଇଁ
ଅକୁହା କଥାର ଅସରନ୍ତି
କଥାର ସ୍ରୋତରେ
କିଛି କଥା ତମେ ହଜେଇଥିଲ
କିଛି କଥା ମୁଁ ବି ହଜେଇଥିଲି
ଆଉ କିଛି ଅକୁହା କଥାକୁ
ଦୁହେଁ ମିଶି ଫୁଲରେ ସଜେଇଥିଲେ
ମୁଁ ଠିକ ଜାଣେ
ସେ ଅକୁହା କଥାର କିଛି
ଆକୁହା କଥା
ତୁମ ଏକାନ୍ତ ନିଜସ୍ୱ
କିନ୍ତୁ ତମେ ଆଜି ବି ଜାଣିପାରିବନି
ସେ ଅକୁହା କଥାର ସବୁ କଥା
ମୋ ପାଇଁ ଏକାନ୍ତ ସର୍ବସ୍ୱ....

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଷ୍ଣୁନାମ



ରୋଜା ପଣ୍ଡା

ଜଗତ ଜନର ନାଥ ହେଲ ବୋଲି
ନାମ ହେଲା ଜଗନ୍ନାଥ,
କ୍ଷୁଧା ନିବାରଣ କରି ସଭିଙ୍କର
ବାଣ୍ଟିଲ ଅଭଡା ଭାତ ।।

ଆଙ୍ଗୁଠିରେ ଗିରି ଟେକିଥିଲ ବୋଲି
ନାମ ଗିରି ଗୋବର୍ଦ୍ଧନ,
ସଙ୍କଟୁ ଉଦ୍ଧାରି ଗୋପବାସୀଙ୍କର
କିଣି ନେଇଗଲ ମନ ।।

ନାଭିରୁ ତୁମର ପଦ୍ମ ଜାତ ହେତୁ
ନାମ ଅଟେ ପଦ୍ମନାଭ,
ଅନାଥର ତୁମେ ଠିକଣା ପ୍ରଭୁ ହେ
ଅଭାବର ତୁମେ ଭାବ ।।

ଲକ୍ଷ୍ମୀଙ୍କର ସ୍ୱାମୀ ପ୍ରଭୁ ହେ ଗୋସ୍ୱାମୀ
ନାମ ତୁମ ଲକ୍ଷ୍ମୀକାନ୍ତ,
ତୁମେ ନିରାମୟ ଅସୀମ,ଅଭୟ
ନାହିଁ ତୁମ ଆଦିଅନ୍ତ ।।

ଅନ୍ତର ବେଦନା ଜାଣୁଅଛ ବୋଲି
ନାମ ନେଲ ଅନ୍ତର୍ଯ୍ୟାମୀ,
ଦୁଃଖର ସାଗରୁ ପାରିକର ବୋଲି
ତୁମେ ତ ଜଗତ ସ୍ୱାମୀ ।।

ସହସ୍ର ସୁନ୍ଦର ନାମଧାରୀ ପ୍ରଭୁ
ତୁମେ ତ ଅମୂଲ୍ୟ ସମ,
ଲେଖିବାକୁ ନାହିଁ କଲମେ ଶକତି
ମୁହିଁ ତ ଛାର ଅଧମ ।।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର, ମଧୁପାଟଣା,
କଟକ : ୭୫୩୦୧୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସ୍ୱପ୍ନର ନାୟିକା



ପ୍ରଶାନ୍ତ କୁମାର ପଧାନ

ମୃଗ ପାଇଗଲା ତା ଦେହେ କସ୍ତୁରୀ
ତୁଟିଗଲା ତାର ଭ୍ରମ
ଲାଜ ଭୁଲିଗଲା ଲାଜକୁଳୀ ଲତା
ଜହ୍ନରେ ଲାଗିଲା ଗ୍ରହଣ ।।

ମଙ୍ଗଳ ଗ୍ରହରେ ବରଷିଲା ମେଘ
କନ୍ଦର୍ପ ଭୁଲିଲା ରତିକି
ତୁମ ସୌନ୍ଦର୍ଯ୍ୟରେ ସବୁତ ସମ୍ଭବ
ଆକାଶ ବି ଛୁଏଁ ମାଟିକି ।।

ଇନ୍ଦ୍ରଧନୁ ପୁଣି ହୁଏତ ବେରଙ୍ଗୀ
ସପ୍ତରଙ୍ଗ ପଡେ ଫିକା
ତୁମରି ପାଦରେ ଅଳତା ହେବାକୁ
ଆକାଶକୁ ଦିଏ ଧୋକା ।।

ଜହ୍ନ ଯେ ହରାଏ ରୂପା ରଙ୍ଗ ତାର
ହୋଇଯାଏ ରଂଗହୀନ
ବାଦଲ କୋଳରେ ଢାଙ୍କି ହୋଇଯାଏ
ଦେଖି ତୁମ ଯଉବନ ।।

ରୂପସୀ ତୁମେ ଗୋ ସ୍ୱର୍ଗର ଅପ୍ସରୀ
ତୁଳନା ନାହିଁ ତୁମର
ତୁମେ ମୋ ପ୍ରେମିକା ସ୍ୱପ୍ନର ନାୟିକା
ସ୍ପନ୍ଦନ ଏ ହୃଦୟର ।।

ଗ୍ରାମ-ବୁରୋମୁଣ୍ଡା
ଜିଲ୍ଲା-ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମେ ଗଲାପରେ



ପ୍ରଶାନ୍ତ କୁମାର ନାଥ

ପୁ-ତୁମେ ଗଲା ପରେ ଦେଖିଯାଅ ଥରେ

କେମିତି ବିତେ ମୋ ଦିନ

ଦିନ ସିନା ସବୁ ଚାଲି ଯାଇଅଛି

ସେମିତି ରହିଛି ଚିହ୍ନ ।

ତୁମରି ପ୍ରେମକୁ ମଥାରେ ବୋଳିଲି

ଭାବି ମୁଁ ପ୍ରୀତି ଚନ୍ଦନ

ହେଲେ ସେ ଚନ୍ଦନ ଅଙ୍ଗାର ସାଜିଲା

ଭାଙ୍ଗି ମୋ ସୁନା ସପନ

ଝି- ଜାଣି ଜାଣି ମୁହିଁ ଭାଙ୍ଗି ଦେଇ ନାହିଁ

ତୁମ ସେ ସୁନା ସପନ

ତୁମେ କି ଜାଣିନା ତୁମେ ଥିଲ ମୋର

ହୃଦୟର ମିଠା ସ୍ପନ୍ଦନ ।

ଭାଙ୍ଗିଗଲା ମୋର ଆଶା ଓ ଆକାଂକ୍ଷା

ସପନ ହୋଇଲା ଚୁନା

ଜୀବନଟା ମୋର ମରୀଚିକା ସମ

ସାଥି ସତେ ତୁମ ବିନା ।

ପୁ-ତୁମେ ଦେଲ ଯେଉଁ ଦୁଃଖର ଜହର

କାହାକୁ କହିବି କୁହ

ତୁମ ସ୍ମୃତି ସବୁ ବହି ଯାଉଅଛି

ଆଖିରେ ସାଜି ମୋ ଲୁହ

ଜହ୍ନ ଆଲୁଅ ବି ଫିକା ଫିକା ଲାଗେ

ସାଥି ତୁମେ ଗଲା ପରେ

କେମିତି ଭରିବି ଯେଉଁ ଶୂନ୍ୟସ୍ଥାନ

ସୃଷ୍ଟି କଲ ହୃଦୟରେ ।

ଝି- ଶୂନ୍ୟସ୍ଥାନ ସିନା ତୁମ ହୃଦୟରେ

ଆଜିବି ସେମିତି ଅଛି

ତୁମେକି ଜାଣିନା ତୁମ ଭାବନାରେ

ଦିନ ରାତି ବିତୁ ଅଛି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭୁଲି ପାରୁ ନାହିଁ ପଛ କଥା କିଛି

ତୁମକୁ ମୁଁ ନିତି ଝୁରେ

ଆଜି ବି ତୁମକୁ ମନ ମୋ ଚାହୁଁଛି

ଚାଲି ଗଲା ପରେ ଦୂରେ ।

ପ୍ରଶାନ୍ତ କୁମାର ନାଥ

୩୮/୧,ଲକ୍ଷ୍ମୀପୁରା,ବାଦ୍ରହାଲି,ସକାଲବାରା ରୋଡ଼,

ଜିଗନି ହୋବଲି,ଆନେକଲ ତାଲୁକ,ବାଙ୍ଗାଲୋର-୫୬୦୦୮୩

ମୋ-୦୮୮୯୨୩୦୧୧୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସବୁଜ ସ୍ୱର୍ଣ୍ଣ



ସତ୍ୟନାରାୟଣ ମିଶ୍ର

ଦୀର୍ଘ ଦିନ ପରେ କାର୍ଗିଲ ଘାଟିରୁ ଗାଁ କୁ ଫେରୁଛି ଯବାନ୍

ମୁଖ୍ୟ ରାସ୍ତାରୁ ଗାଁକୁ ଲମ୍ବିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ

ପଥ ପ୍ରାନ୍ତରେ ମାଇଲ୍ ଖୁଣ୍ଟ ବିଦ୍ୟମାନ୍ ।

ସମୟ ଦିନ ବାରଟା

ମୁଣ୍ଡ ଉପରେ ଅଂଶୁ ଢାଳୁଛି ପ୍ରଚଣ୍ଡ ତେଜା ଅଂଶୁମାନ୍

ଚତୁର୍ଦିଗକୁ ଦୃଷ୍ଟି ଦେଲେ ଶୁନସାନ୍ ଆଉ ଶୁନ୍ ସାନ୍

ଛାୟା ପ୍ରଦାୟିନୀ ପାଦପଟିଏ ବି ହଉନି କେଉଁଠି ଦୃଶ୍ୟମାନ୍

ଶାନ୍ତ ଶୀତଳ ଗାଁ ସବୁଜିମା ହେଇ କି ଯାଇଛି ଉଭାନ୍ !

ମନରେ ଭାବୁଛି ଯବାନ୍

"ଏଇକି ମୋ'ର ଜନମ ମାଟି ଅତି ଆଦରର ଗାଁ " !

ନା ଭୁଲ୍‌ରେ ହୁଏତ ଚାଲି ଆସିଲି ଥର୍ ମରୁଭୂମି

ରାଜସ୍ଥାନ୍ ?

ଭାବିଥିଲି ମୋ ଗାଁ ଭାଇ ମାନେ ମହାନ୍

ସଜାଇ ଥିବେ ଶ୍ୟାମଳି ତତେ ,

ବୃକ୍ଷ ଲଗାଇ ଯାହାକୁ ଯେତେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥାରେ ନୁହଁ କାମରେ ବଳିୟାନ୍

ହେଲେ କାହିଁ ?

ବାକ୍ୟ ବୀର ସବୁ ଭାଷଣ ମାରନ୍ତି ଜୟ ଯବାନ ଜୟ କିଷାନ୍

ତରୁ ବଳି ଦେଇ ପ୍ରତିଷ୍ଠା କରନ୍ତି ଶିଳ୍ପ ଖଣି ଖାଦାନ୍ ।

ନା ନା ଆଉନୁହଁ, ହେ ଗାଁ ମାଟି ତତେ ମୁଁ କରୁଛି ସଲାମ୍

କସମ୍ ଖାଇଲି ତୋ ନାଁ ରେ

ଭରିଦେବି ତତେ ସବୁଜିମା ରେ

ପୂର୍ଣ କରିବି ତୋ ସବୁଜ ସ୍ୱପ୍ନ ର ଅରମାନ୍

ସବୁଜ ସ୍ୱପ୍ନ ର ଅରମାନ୍

ସିନ୍ଧେକେଲା ବଲାଙ୍ଗୀର

ମୋ : ୯୫୮୩୬୦୫୯୧୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାହାଡ଼ର ଦୁଃଖ



ଅଶୋକ କୁମାର ପଧାନ

ଦେଖରେ ନିର୍ବୋଧ ଦେଖ ତାହାର ଅଶ୍ରୁ ଧାରା
କିପରି ଝରଝର ହୋଇ ଝରିଯାଉଛି
ତିଳେମାତ୍ର ତୋତେ ଦୃଶ୍ୟ ହେଉନାହିଁକି ?
ଶୁଣା ଯାଉନାହିଁକି କ୍ରନ୍ଦନ ସ୍ୱର
କେଡେ ଆକୁଳେ କାନ୍ଦୁଛି ସିଏ
ଅଭାଗିନୀଟିଏ ପରି ।
ତୋହରି ପାଇଁ ସେ ନିଇତି ଢ଼ାଳୁଥିଲା
ଝରଝର କ୍ଷୀରର ଧାର
ହାତେ ଦେଇଦେଉଥିଲା କେତେ ଯେ
ସୁନ୍ଦର ସୁବାସିତ କୁସୁମ,ଫଳ
ତିଳେ ମାତ୍ର ତାକୁ କଲୁନି ଦୟା
ବର୍ଚ୍ଛାଧରି ଖୁଂମ୍ପିଚାଲିଲୁ ତାରି ତନୁକୁ
ଓପାଡି ପକାଇଲୁ ତାରି ଚର୍ମକୁ
କରିଦେଲୁ ରକ୍ତାକ୍ତ
ତଥାପି କ'ଣ ବୁଝିଲାଣି ମନ ?
ଟାଣିଆଣୁଛୁ ତାରି ଭିତରେ ଥିବା ସମସ୍ତ ଅଙ୍ଗ
ଦେଖିପାରୁନୁ ତା ଶରୀରକୁ
ରକ୍ତରେ ଜୁଡୁବୁଡୁ ହୋଇ କିପରି ପଡିଛି ତୋ
ଚୋଟରେ
ଟିକେ ହେଲେ ଦୟାନାଇଁ କି ତୋ ହୃଦେ
ଗୋଟାଏ ଅଙ୍ଗକୁ ହେଲେ ଛାଡିଦେ
ବିଚାରି ପଙ୍ଗୁ ହୋଇ ହେଲେ ବଂଚିଯିବ
ଅଭାବ ଅନଟନରେ ନିଜପିଲାଙ୍କୁ ପାଳିନବ
ଧାରଧାର ରକ୍ତନିଗାଡି ତାଙ୍କୁ କରିବ ପୁଷ୍ଟ ।
ହେଲେ, ତୁ କଣ ଆଉ ବୁଝିବୁ
ମାରିବୁ, ମରିପକା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତନ୍ନତନ୍ନ କରି କାଢ଼ିଦେ

ତା ତନୁ ସବୁଯାକ ରକ୍ତ ଓ ଅସ୍ଥି

ଆପେଆପେ ମାଂସ ଗୁଡାକ ଖସି ସଢିଯିବ

ମାତ୍ର, ତୋତେ ତିଳେ ବାଧାଦବନି,ହବନି ନେହୁରା ।

କାହିଁକି ?

କାହିଁକି ଜାଣିଛୁ

ତାର ଝିଭଟାକୁ ତୁ ଆଗରୁ ଟାଣିଆଣିଛୁ

ଲେଖି ଦେଇଥାନ୍ତା ହେଲେ, ତାର ହାତ ଦି'ଟା କେବେଠୁ କାଟିସାରିଛୁ

ଖୋଜିବାକୁ ହେବ ତାରି ଉତ୍ତର

ବୁଝିବାକୁ ହବ ତାରି ହୃଦୟ

ନହେଲେ ତୁ'ବି ମିଶିଯିବୁ ତାରି ସବରେ ।

ଅଶୋକ କୁମାର ପଧାନ

ଓଡିଶା ଆଦର୍ଶ ବିଦ୍ୟାଳୟ, କଲ୍ୟାଣସିଙ୍ଗପୁର, ରାୟଗଡା

ମୋ-୯୧୭୮୪୪୦୬୮୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଧିକାର



ସୁବ୍ରତ କୁମାର ଜେନା

ଅଧିକାର ଅଛି ବୋଲି ଭାବି ମାଗିବନି ଏମିତି କିଛି,
ଯାହାକୁ ଦେବାକୁ ହୁଏତ ମୁଁ ଦେଇପାରେ ପଛଘୁଞ୍ଚା,
ମୁଁ ଜାଣେ ତୁମେ କରିବନି ଏମିତି କିଛି,
ସମ୍ପର୍କର ଯଜ୍ଞରେ କାହାର ଯେମିତି ପଡିବନି ଆହୁତି,
ଅଧିକାରକୁ ଜୋର ବଦଳରେ ,
ନେଇହେବ ଅନ୍ୟ ଉପାୟରେ ସମସ୍ତଙ୍କୁ ନିଜର କରି ।
ମାଟି ମାଟିହୋଇ ରହିବ,ଆଉ ଆକାଶ ପାଣି ପବନ,
ସମସ୍ତେ ହଟିଯିବେନି ନିଜ ନିଜର ପ୍ରତିଜ୍ଞା ରୁ,
ତେବେ ଏଠି ବଳ ପ୍ରୟୋଗର ଅର୍ଥ କଣ ବା ?
ମିଛଟାରେ ଖାଲି ଯାହା ବଦନାମ ହୁଏ ସମ୍ପର୍କ,
ନିଲାମ ହୁଏ ମଣିଷ ପଣିଆ ସ୍ୱାର୍ଥୀ ର ମୋହର ବାଜି ।
ଥରେ ଖାଲି ଯାହା ମନକୁ ନେବାକୁ ହେବ ,
ସେଇ ପୁଣ୍ୟ ପଥରେ ପୁଣ୍ୟାତ୍ମାଙ୍କ ପଥକୁ ଅନୁସରଣ କରି,
ଏପରି ପଥରେ ଥରେ ଚାଲି ଦେଖ,
ନିଶ୍ଚିତ ହଟିଯିବ ଅମା ଅନ୍ଧାର ମାୟା ମୋହର,
ଛୋଟ କ୍ଷଣ ଆଲୋକର ଶିଖାଟିଏ ବି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖାଇବ ସେହି ପଥକୁ ମୋକ୍ଷ ପ୍ରାପ୍ତିର,

ଖାଲି କଣ ଲୋକ ଦେଖାଣିଆ କାର୍ଯ୍ୟରୁ ସବୁ ମିଳିଯିବ,

ନା ଛୋଟରୁ ବଡ଼ ସମସ୍ତଙ୍କର ମହନୀୟତା କୁ ,

ବାନ୍ଧିରଖିବାକୁ ହେବ ସ୍ୱଳ୍ପ ଜୀବନର ପରିଧୀରେ,

ଆଉ କଣ ଯେ ଲୋଡ଼ା ଏ ଛୋଟିଆ ଜୀବନଟିକୁ ।

ନିଜକୁ ନେଇଗଲା ପରେ ସେମାନଙ୍କର ପଦାରବିନ୍ଦରେ,

ଆଉ ମାନେ କିଛି ରହିବନି "ଅଧିକାର"ର ଅହଂକାର ରେ ।

ସୁରଡ଼ିହ, ନନ୍ଦିପୁର, ୯୭୭୬୨୦୮୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାୟଶ୍ଚିତ୍ତ



ଗୌରୀ ପଣ୍ଡା

ଆଜି କିଆଁ ମନେ ପଡୁଛି
ତୁମର ସେ ଅଭୁଲା ସ୍ମୃତି ।
ଇତିହାସ ହୋଇଯାଇଛି
ସାଥି ତୁମ ବିଗତ ପ୍ରୀତି ।
ବାଣ୍ଟିଥିଲ ଅକୁହା କଥା
କହିଥିଲ ମନର ବ୍ୟଥା ।
ସେଇ କଥା ମନେ ପଡୁଛି
ଫୁଟି,, ଫୁଟି କୋହ ଉଠୁଛି ।
ଦେଇଥିଲ ସେନେହ ଯେତେ
ବ୍ୟଥା ଦେଲ ମନକୁ ସେତେ ।
ଏ ବ୍ୟଥା ର ମଲମ ନାଇଁ
କ୍ଷତ କିଛି ଦିଶୁନି କାଇଁ ?
ହୃଦୟରେ ଗଭୀର କ୍ଷତ
କରିବେନି କେହି ବି ସତ ।

ଜଳେ ଏଠି ହୃଦୟ ବନ
ଦେଖେ ଖାଲି ନିଜ ନୟନ ।
ପ୍ରୀତି କିଆଁ ଯୋଡିଲି ସାଥେ ?
ବେଦନା ବି ପାଇଲି ସେତେ ।
ତୁମ ସାଥେ ନଥିଲେ ପ୍ରୀତି
ସୁଖରେ ମୋ କଟନ୍ତା ରାତି ।
ଆଜି ଲାଗେ ଏ ରାତି ଫିକା
ତୁମ ବିନା ସାଥି ମୁଁ ଏକା ।
ନିଃସଙ୍ଗ ଏ ଜୀବନ ମୋର
ଭିଡ ଦେଖି ଲାଗୁଛି ଡର ।
ହୀନ ହେଲି ତୁମ ପ୍ରୀତି ରେ
ନିଃସଙ୍ଗ ମୋ ପ୍ରାୟଶ୍ଚିତ୍ତ ରେ ।

ଜୟପୁର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୀମାନ୍ତ ସୈନିକ



ଅଶୋକ କୁମାର
ପ୍ରଧାନ

ପଚାରନା ମୋର ଦୁଃଖ ଯାତନାକୁ
ଛାତିର କୋହ ଏ ଅନ୍ତର ବ୍ୟଥା
ଦେଶ ହିତ ପାଇଁ କାମ କରି ସଦା
ବଳିପଡୁ ମୋର ଉତ୍ତଙ୍ଗ ମଥା ।
ଦେଖିନାହିଁ ସଞ୍ଜ ସକାଳ ସୂରୁଜ
ଚାହିଁ ରହିଅଛି ସୀମାକୁ ନିତି
କେମିତି ସମୟ ସରିଯାଏ ମୋର
ଜାଣି ପାରେ ନାହିଁ ଦିନକି ରାତି ।
ନିଜ ଉଦରର ଭୋକଶୋଷ ସବୁ
ଭୂଲି ଯାଇଅଛି କାହିଁ କେବେଠୁ
ମୋ ଦେଶ ମାଟିର ସେବା କରିବାକୁ
ସୀମାନ୍ତ ସୈନିକ ହେଲି ଯେବେଠୁ ।
ନିଜ ପରିବାର ପାସୋରି ଯାଇଛି
ଦେଶକୁ ମାନିଛି ମୋ ପରିବାର
ଆଖିର ଲୁହକୁ ଓଠରେ ପିଇ ମୁଁ
ସବୁ ମୁଖେ ରଚେ ଖୁସି ଲହର ।
ଆଖିର ନିଦ ମୋ କାହିଁ କୋଉଦିନୁ
ମୀନ ପାଖେ ବନ୍ଧା ପକାଇ ଦେଇ
ଦେଶର ସୁରକ୍ଷା ପ୍ରତି ମୁହୂର୍ତ୍ତରେ
ମୋ ହୃଦୟେ ଘଣ୍ଟି ଦିଏ ବଜାଇ ।
ଶୀତୁଆ ବରଫ ଚଟାଣ ବି ମୋତେ
ଉଷୁମ ଉଷୁମ ଲାଗୁଛି ନିତି
ଶତ୍ରୁର ସାଥେ ମୁଁ ଯୁଦ୍ଧ କରି ଶେଷେ
ଦେଶ ହିତେ ମୋର ଦେଖାଏ ଛାତି ।
ଗ୍ରୀଷ୍ମପ୍ରବାହ ବି କାଟେ ନାହିଁ ମୋତେ
ବରଷା କରିନି ବ୍ୟଥିତ ଦିନେ
ଏ ଦେଶ ମମତା ଏ ଦେଶ ସୁରକ୍ଷା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବାର୍ତ୍ତା ଗୁଞ୍ଜରିତ ହୁଏ ମୋ କାନେ ।

ଛାତିରେ ଛାତିଏ ଦୁଃଖ ଧରିବି ମୁଁ

ମୁଖରେ ସର୍ବଦା ହସୁଛି ଆଜି

ମୋ ଦେଶ ସୁନାମ ମୋ ଦେଶର କୀର୍ତ୍ତି

ତନ ମନ ପ୍ରାଣେ ଯାଇଛି ଭିଜି ।

ଭୋକ ଶୋଷ ନିଦ ସବୁ ମୁଁ ତେଜିଛି

ମେଘଦୂତ ସାଜେ ମୋ ଦେଶ ପାଇଁ

ମୋ ଦେଶ ସୁରକ୍ଷା ଚିନ୍ତା କରି ମୋର

ପ୍ରାଣ ସୂର୍ଯ୍ୟ ଦିନେ ଯାଉରେ ନଇଁ ।

ଅଶୋକ କୁମାର ପ୍ରଧାନ(ଶିକ୍ଷକ)

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ

ରୋହିଗାଁ, ଗଞ୍ଜାମ

ମୋ-୮୨୪୯୧୧୯୧୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ସ୍ମୃତି



ଜୟନାରାୟଣ ପରିଡ଼ା

ତୁମେ ସିନା ହଜିଗଲ
କେଉଁ ଏକ ଅବାସ୍ତବ ସ୍ୱପ୍ନରେ
କିନ୍ତୁ ନିତି ମୁଁ ଖୋଜୁଥାଏ
ଏ ବାସ୍ତବ ଦୁନିଆରେ
ଆଉ ମୋର ଚିର ଅଭିଷିକ୍ତ ଆଶା ଓ ଆଶଙ୍କାରେ
ହୃଦୟର କେଉଁ କୋଣରେ
କେବେ ଭାସିଯାଅ ତୁମେ ସ୍ମୃତିର ରୁଧିର ହୋଇ
ତ କେବେ ଗଡିଯାଅ
ବେଦନାର ଲୋତକ ଭାବେ
ଚିର ଅଭିଶପ୍ତ ଏ ନୟନେ ।
ସତେ....
ତୁମେ ନାହଁ ଆଜି ମୋ ପାଖରେ
ହେଲେ ପଡିରହିଛି ତୁମ ସ୍ମୃତିର କିଛି ପାଉଁଶ
ଯେ ବାସୁଛି ଆଜି ଋତୁରାଜର ମାଦକତାରେ
ଭିଜୁଛି ଆଜି ବର୍ଷାର ମୁକ୍ତାବିନ୍ଦୁରେ
ଆଉ ଜଳୁଛି ରୌଦ୍ରଦଗ୍ଧିଆ ଗ୍ରୀଷ୍ମର ଅହଂକାରରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁମ ସ୍ମୃତିର ପାଉଁଶ ମୁଠାକୁ ଧରି

ଆଜି ହୋଇଯାଇଛି ମୁଁ ନିର୍ବିକାର

ଆଉ କେତେବେଳେ ସ୍ୱପ୍ନର ସୌଦାଗର

ତ ପୁଣି କେବେ ନିହାଣ ମୁନର ପଥର

ହଜେଇ ଦେଇଛି ନିଜକୁ କାଳର ବିଦଧ୍ୱଂସଲୀଳାରେ

ବୁଡିରହିଛି ନିତି କେଉଁ ସ୍ୱପ୍ନର ଦାରୁଣ ବେଦନାରେ

ଆଉ ଲୁକ୍କାୟିତ ହୋଇ ରହିଛି ଏ ବିଶାଳ ଧରାପୃଷ୍ଠରେ

ସତରେ.....

ତୁମେ ନାହଁ ଆଜି ମୋ ପାଖରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ



ପ୍ରସନ୍ନ ପ୍ରଧାନ

କେତେ ରାଜବଂଶ ଶାସନାଧିନରେ
ରହିଥିଲା ଦିନେ ଓଡ଼ିଶା
ବହୁ ଦୁଃଖକଷ୍ଟ ଦେଇଯାଇଥିଲା
ଇଂରେଜ ଶାସନ କଥା ।।
ଓଡ଼ିଆ ଜାତିର ଭାଷା ଓ ସଂସ୍କୃତି
ହୋଇଥିଲା ଭୂଲୁଣ୍ଠିତ
କେତେ ମହତ୍ ବ୍ୟକ୍ତି ଦାନ ଉପହରେ
ଓଡ଼ିଶା ହୋଇଲା ସ୍ୱତନ୍ତ୍ର ।।
ଉତ୍କଳ ଦୀପିକାର ସମ୍ପାଦକ ଥିଲେ
ରାୟ୍ ଶ୍ରୀ ଗୌରୀଶଙ୍କର
ଭାରତୀ ରୋଦନ ନାମକ କବିତା
ପ୍ରକାଶ କଲେ ମେହେର ।।
ବୈକୁଣ୍ଠନାଥ ଓ ଫକୀରମୋହନ
ବାଲେଶ୍ୱରେ କଲେ ସ୍ଥାପିତ
ଉତ୍କଳ ଦର୍ପଣ, ସମ୍ବାଦ ବାହିକା
ନାମେ ଖବର ପ୍ରକାଶିତ ।।
ଓଡ଼ିଆ ଭାଷାର ଏକତ୍ରୀକରଣ
ପାଇଁ ଶ୍ରୀ ମଧୁସୂଦନ
ଉତ୍କଳ ସମ୍ମିଳନୀ ନାମେ ଅନୁଷ୍ଠାନ
କରିଥିଲେ ସେ ଗଠନ ।।
ଓଡ଼ିଆ ଭାଷାକୁ ଲୋପ କରିବାରେ
ବଙ୍ଗାଳୀଏ ଥିଲେ ଚେଷ୍ଟିତ
ବଙ୍ଗଳାର ଏକ ଉପଭାଷା ବୋଲି
କରୁଥିଲେ ପ୍ରକାଶିତ ।।
ବିଚ୍ଛିନ୍ନାଞ୍ଚଳର ଏକତ୍ରୀକରଣ
ପାଇଁ ସର୍ବେଦେଲେ ମନ
ବଙ୍ଗ, ବିହାର ଓ ମାନ୍ଦ୍ରାଜରୁ ଆଣି
ଓଡ଼ିଶାରେ ମିଶାଇଣ ।।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ଏକ ଦିନ
ସ୍ୱତନ୍ତ୍ର ଓଡିଶା ପ୍ରଦେଶ ରୂପେ
ଓଡ଼ିଶା ହେଲା ଗଠନ ।।

ଯୁକ୍ତ ତିନି ପ୍ରଥମ ବର୍ଷ (ଓଡ଼ିଆ ବିଭାଗ)
ସରକାରୀ ସ୍ୱୟଂଶାସିତ ମହାବଦ୍ୟାଳୟ
ଭବାନୀପଟଣା,କଳାହାଣ୍ଡି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହୋଲି ମଉଜ



ରୋହିତ ସେଠୀ

ଶୀତ ଶେଷ ହେଲା ବସନ୍ତ ଆସିଲା
କୋଇଲି ଗାଇଲା ଗୀତ,
ମଳୟ ବହିଲା ବାସ ଚହଟିଲା
ଧରା ହେଲା ପୁଲକିତ ।୧ ।

ରସାଳ କୁଞ୍ଜର ବଉଳ ବାସନା
ମନ ଆହ୍ଲାଦିତ କରେ,
ମଧୁପ ଦଳର ମୃଦୁ ଗୁଞ୍ଜନରେ
ହୃଦେ ଶିହରଣ ଭରେ ।୨ ।

ଫୁଲେଇ ଫଗୁଣ ହୁଏ ଆଗମନ
ଅବିର ପସରା ନେଇ,
ଶାନ୍ତି ମୈତ୍ରୀ ଐକ୍ୟ ଭାବନାର
ନୂତନ ସନ୍ଦେଶ ଦେଇ ।୩

ବୈଶାଖ ଝାଞ୍ଜିକୁ ନିସ୍ତେଜ କରି
ପାଦ ଥାପେ ଋତୁରାଜ,
ଭାଇଚାରାର ସମ୍ପର୍କ ଭିତରେ
ପାଳନ୍ତି ହୋଲି ମଉଜ ।୪ ।

ସୁବାସିତ ରଙ୍ଗେ ବୋଳୁଥା'ନ୍ତି ଅଙ୍ଗେ
ନୃତ୍ୟ ସଙ୍ଗୀତ ସଙ୍ଗେ,
ଉଚ୍ଛବ ମୁଖର ଗଗନ ପବନ
କଂସାଳ ଝାଞ୍ଜ ମୃଦଙ୍ଗେ ।୫ ।

ପଲ୍ଲୀରୁ  ସହର ଗହଳ ଚହଳ
ଭକତଙ୍କ ସମାଗମ,
ପାଳନ କରନ୍ତି ହରଷ ମନରେ
ଗାଇ ରାଧାକୃଷ୍ଣ ନାମ ।୬ ।

ଫଗୁଣ ପୂର୍ଣ୍ଣିମା ଝୁଲଣ ଯାତରେ
ସଭିଏଁ ନିଅନ୍ତି ମଜା,
ଓଡ଼ିଆଙ୍କ ଘରେ କ୍ଷୀରି ପୂରୀ ପିଠା
ଖଇ ଲଡୁ ଫେଣି ଖଜା ।୭ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ

ସରବେ ଏକାଠି ହୋଇ,

ବସନ୍ତେ ବାସନ୍ତି ଉତ୍ସବ ପାଳନ୍ତି

ଫଗୁ ବୋଳାବୋଳି ହୋଇ ।।୮ ।

ରୋହିତ ସେଠୀ, ଶିକ୍ଷକ

ଦୁତୀମେଣ୍ଡି (ମଲିକସାହି)

ଖଜୁରୀପଡା, କନ୍ଧମାଳ

ଦୂରଭାଷ-୯୪୩୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନବଧା ଭକ୍ତି



ରାଜେଶ ଦୀପ

ପ୍ରଥମେ ଶ୍ରବଣ ମାଧ୍ୟମେ କରି ଭକତି
ବ୍ରହ୍ମଜ୍ଞାନ ଲଭି ନିର୍ମଳ ଏ ମତି ।
ସ୍ମରଣ ଭକତି ଯେ ପରମ ସୁଖଦାୟି
ମଗ୍ନ କରି ଚିତ୍ତ ବସିଥାନ୍ତି ଯୋଗୀ ।
ପାଦ ପଦ୍ମ ଧୋଇ ସେବ ନିତ୍ୟ ଗୁରୁ ସେବା
ନାରାୟଣ ସମ ସେହି ଗୁରୁ ଦେବ ।
ନିଷ୍କପଟ ଚିତ୍ତରେ ସଦା କରି ଭଜନ
ମୁକତିର ଦ୍ୱାର ନାମ ରସାୟନ ।
ଅନ୍ତର ମଧ୍ୟେ ରଖ ନିତି ଦୃଢ ବିଶ୍ୱାସ
ରାମ ମନ୍ତ୍ରକୁ ସ୍ତୁତି ଲଭ ହରଷ ।

ଇନ୍ଦ୍ରିୟ ନାଶ କରି ଉତ୍ତମ ଗୁଣ ଘେନ
ସଦାଚାର ଧର୍ମ ଅଧର୍ମକୁ ଜାଣ ।
ହୃଦେ ଚିନ୍ତ ସଖା ତଥା ଆତ୍ମୀୟ ସ୍ୱଜନ
ଦୁଃଖ ଶୋକ ବ୍ୟାଧି କରିବେ ଖଣ୍ଡନ ।
ସରଳ ମନରେ ପ୍ରଭୁ ସ୍ୱାମୀ ରୂପେ ମଣି
ଆରାଧନା କର ନାମ ତତ୍ତ୍ୱ ଜାଣି ।
ହରଷ ବିଷାଦ କେବେ ନ ଚିନ୍ତ ଯେ ମନେ
ସମର୍ପିତ ସ୍ୱୟଂ ସେହି ପଦ୍ମାନନେ ।
ନବଧା ଭକ୍ତିକୁ ଯିଏ ହୃଦୟେ ଚିନ୍ତଇ
କଳେବର ନିଶ୍ଚେ ବଇକୁଣ୍ଠ ପାଇ ।

ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ଆହ୍ୱାନ-ପତ୍ରିକା

Magazine Downloaded from www.aahwaan.com

# ପ୍ରଥମ ପ୍ରେମର ଶେଷଚିଠି



ଚକ୍ରେଶ୍ୱର ସନବର୍ଷିଆ

ଆରମ୍ଭ ଆଉ ଶେଷ ନ ଥିଲା ମୋର
ଭଲ ପାଉଥିଲି ତୁମକୁ
ସ୍ୱପ୍ନ ନୁହେଁ ଇଏ ସତ୍ୟତା ଭିତରେ
ଭୁଲିଗଲି ମୁଁ ତମକୁ ।

ଆଜି ଏ ସତ୍ୟ ଲେଖିଲା ବେଳକୁ
ହାତ ଥରିଉଠେ ମୋର
କେମିତି କହିବି ଏସଂସାରଟା ପରା
କଲା ମୋତେ ଅନାଦର ।

ମୋ ପ୍ରେମକୁ ବଞ୍ଚେଇବାକୁ ଯାଇ
କେତେ ଯେ ଏ ମିଛ ବାହାନା
ଦେଲି ତମ ହୃଦୟରେ ଘାତ ନିଷ୍ଠୁର
ଆଉ ପାରିବିନି କରି ସେ ଛଳନା ।

ଭୁଲିବା ଆଗରୁ ଲେଖୁଛି ଏ ଚିଠି
ହୁଏତ ଏଇଠି ଶେଷ
ନିଶ୍ଚୟ ଶାନ୍ତ ହେବ ଏ ସଂଦେହ
ରହିବନି ଅବଶୋଷ ।

କରିଥବା ତୁମ ପ୍ରତିଟି ପ୍ରଶ୍ନର
ଉତ୍ତର ଏଇଠି ରଖୁଛି
ନା ନା କରି ଆସିଥିବା ଏ ଯାଏଁ
ହଁ ସବୁଥିରେ ଭରୁଛି ।

ବିଧାତା କଲା ମୋତେ ଅତି ସୁନ୍ଦରୀ
ପଡ଼ିଲା ସବୁ ନଜର
ଉଚ୍ଛୁଳା ଯୌବନେ ନ ଥିଲା ଡୋର
ଶାଗୁଣା ବିଲୁଆ କଲେ ଆଦର ।
ବିଚିତ୍ର ଏ ସଂସାର କରୁଣାମୟର
ବୁଝି ପାରିଲିନି ମୁଁ
ଗରିବ ଘରେ ଜନ୍ମ ହେଲିବଲି
ମୁଣ୍ଡ ଗୁଞ୍ଜିଲି ମୁଁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିବାର ମୋର ଅସହାୟ ଥିଲା
ବାହାରି ଗଲି ପଦାକୁ
ଏଖୁସିରେ ସେଦିନ ତୁଚ୍ଛ ଲାଗୁଥିଲା
ଦୁଇ ଦିନିଆ ପ୍ରେମକୁ ।

ଯଉଠିକି ଗଲି ଶାଗୁଣା ବିଲୁଆ
ଆଁ କରିକି ଠିଆ
ନିଜ ନିଜ ଭିତରେ ଲଢ଼େଇ କରିକି
ଆଗକୁ ମାରୁଥାନ୍ତି ଡିଆଁ ।

ସତ୍ୟ ଅଟେ ଏହା ଶୁଣିଛ ଯାହା ତୁମେ
ଖୁମ୍ପି ଖାଇ ଗଲେ ସବୁ
କି ଉପାୟ କରିବି କାହାକୁ କହିବି
ଥିଲେ ସିନା ସେହି ପ୍ରଭୁ ।

ବାପାକୁ ହରେଇକି ମାଁ ପାଗିଲି
ଏଠୁ ସେଠୁ ସେ ଦଉଡ଼େ
ତୁମେ ମୋର ଥିଲ ସହରୀ ବାବୁହୋଇ
ଜୀବନଟା ଉଠେ ପଡ଼େ ।

ନିଜ ବୋଲି କେହି ନ ଥିଲେ ଆଉ
ଫେରିଗଲି ସେହି ବିଲକୁ
ମାଂସ ରକ୍ତ ହାଡ଼ ଦେଇ ଦେବି ପଛେ
ବଞ୍ଚେଇବି ମୋ ପରିବାରକୁ ।

ହଁ, ସତ୍ୟ ଅଟେ ମୋ ପ୍ରେମ ସତ୍ୟ ଏ ସବୁ
ଶେଷ ଅଟେ ଏ ଚିଠି ତମକୁ
ପ୍ରଥମ ଥିଲ ତମେ ଶେଷ ହୋଇ ରହିବ
ମୁକ୍ତ କଲି ତୁମ ପ୍ରେମ ବନ୍ଧନକୁ ।

କହିବାକୁ ପଡ଼ିବନି ଭୁଲିଯାଅ ଭୁଲିଯାଅ
ଶାନ୍ତିରେ କର ବାସ
ଧର୍ମରାଜ ତମେ ସତ୍ୟର ପଥିକ
ଏହା ହିଁ ମୋର ବିଶ୍ୱାସ ।

ଚନ୍ଦ୍ରେଶ୍ୱର ସନବର୍ଷିଆ
କେନ୍ଦ୍ରୀୟ ବିଦ୍ୟାଳୟ ନ. ୬, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଶା



ନନ୍ଦିନୀ ରାଉତ

ଶୁଣ ଶୁଣ ମୋର ନର ଭାଇ
କ୍ଷୁଦ୍ର ଜୀବ ଟିଏ ଅଟେ ମୁହିଁ ।
ସହର ନଗରେ ରହୁ ଥାଏ
ଅତି ଦୁଖେ ମୋର ଦିନ ଯାଏ ।
ଅତୀତ ରେ ଥିଲି ଭାରି ଖୁସି
ରକ୍ତ ପିଉଥିଲି ହସି ହସି ।
ସ୍ୱଚ୍ଛ ଭାରତ ର ଡାକ ହେଲା
ଖାଲ ଖମା ସବୁ ପୋତା ଗଲା ।
ବୁଦା ବଣ ସବୁ କାଟି ଦେଇ
ମୋ ଘର ଭାଙ୍ଗିଲ କାହିଁ ପାଇଁ ?
ମଶାରୀ ଦେଲେ ତ ସରକାର
ମୋତେ କଲେ ବଡ଼ ହରବର ।
ମଶା ମରା ଧୂପ ଲଗାଇଲ
ଅକାଳ ରେ ମୋର ପ୍ରାଣ ନେଲ ।

ଏବେ ହୋଇଗଲି ମୁହିଁ ଉଗ୍ର
ଭାଙ୍ଗି ଦେବି ସବୁ ତୁମ ଗର୍ବ ।
ସଫା ପାଣିରେ ମୁଁ କରି ବାସ
କରି ଦେବି ତୁମ ସର୍ବ ନାସ ।
ଡେଙ୍ଗୁ ମହାମାରୀ ମୁଁ ଆଣିବି
ତୁମ ସବୁ ସୁଖ ସାରି ଦେବି ।
ମ୍ୟାଲେ ରିଆ ଆଉ ଡେଙ୍ଗୁ ଜ୍ୱର
କରିବି ତୁମ କୁ ହରବର ।
ବିଧାତା ଙ୍କ ର ଯେ ସୃଷ୍ଟି ମୁହିଁ
ଅକାରଣେ ମୋତେ ମାର ନାହିଁ ।
ବେଳୁ ହୋଇଯାଅ ସାବଧାନ
ନହେଲେ ନେବି ମୁଁ ତୋ ଜୀବନ ।

ବାଲିପଙ୍ଗା, ଅନୁଗୁଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚଇତି ଚକୋର



ଧୀରେନ୍ଦ୍ର କୁମାର ପ୍ରଧାନ

ଜାଣି ଜାଣି ହାରେ ତୋତେ
ଭଲପାଏ ବୋଲି ।
କ୍ଷତ ଦେଉ ବାରମ୍ବାର
ସହିପାରେ ବୋଲି ।
ତାଜାତାଜା କେତେ ଚିହ୍ନ
ରଖିଛି ସାଇତି
ଲେଖୁଛି ମୋ ମନକଥା
ନାହିଁ ତା'ର ଇତି ।
ଯନ୍ତ୍ରଣାର ସ୍ମୃତି ପାଇଁ
କେତେ କୋଣାରକ
ଗଢି ପ୍ରାଣବଳି ଦିଏ
ନିତି ଏ ପ୍ରେମିକ ।
କୋଟି ଲାଖଘର ସାଜି
ପ୍ରସ୍ତୁତ ମୁଁ ଅଛି

ପଳାଶ ପରାଏ ପ୍ରେମ
ଜଳିବାକୁ ଅଛି ।
ତୋ ପ୍ରେମର ଛାୟା ପାଇଁ
ଅଛି ତ ପ୍ରସ୍ତୁତ
ଅପେକ୍ଷା ତୋ ପ୍ରେମାଗ୍ନିରେ
ଢାଳିବାକୁ ଘୃତ ।
ତୋର ଅଭିନୟ ପଣେ
ଶକୁନିର ପଶା
ଇତିହାସ ପଢିଦେଖ
କାହାର ଦୁର୍ଦ୍ଦଶା
ପ୍ରେମ ମୋର ଯାଜ୍ଞସେନୀ
ଯଜ୍ଞ କୁଣ୍ଡ ନିଆଁ
ଶ୍ୱେତ ସତ୍ୟ ଜୀବନ ମୋ
ଭୀଷ୍ମ ର ପ୍ରତିଜ୍ଞା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱାର୍ଥୀ ଧୃତରାଷ୍ଟ୍ର ପରି
ତୋ ଭଲ ପଣିଆ
ଚିହ୍ନି ପାରୁନି ମୁଁ ତୋର
ପ୍ରେମ ଦିଆନିଆ ।

ଭାବିଥିଲି ସାଜିବି ତୋ
ଶ୍ରୀକୃଷ୍ଣ ସୁନ୍ଦର
ତୋ ଭାଗ୍ୟ ରେ ନାହିଁ ଲୋ ମୋ
ପ୍ରେମ ବଂଶୀସ୍ୱର ।
ଭାବିଥିଲି ସଜାଇବି
ଯୁଦ୍ଧ କୁରୁକ୍ଷେତ୍ର
ମନ କି ବା ଜିଣି ହେବ
କରିଲେ ପରାସ୍ତ ।
ପ୍ରେମ ନୁହେଁ ଦାସତ୍ୱଲୋ
ନା ଅଟେ ପ୍ରଭୁତ୍ୱ
ରାଧାମୋହନଙ୍କ ପରି
ଅଟଇ ଶାଶ୍ୱତ ।

ଝଜିରୀ ବାହାଳ । ଅନୁଗୋଳ ।୯୪୮୮୧୦୮୫୯୬।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିକ୍ଷକ



ବିଶ୍ୱନାଥ ଭୁଏ

ଏଇ ବଡ଼ ଦୁନିଆଁରେ
ଶିକ୍ଷକ ସ୍ଥାନ ଉଚ୍ଚରେ,
ଏ ସମାଜ ତା' ହସ୍ତରେ
ଦାତା ଅଟଇ ଜ୍ଞାନରେ ।

ପୁଷ୍ପ ସେ କଣ୍ଟା ପଥରେ
ମହକାଏ ତା' ବାସ୍ନାରେ,
ସୂରୁଜ ସେ ଅନ୍ଧକାରେ
ଦେଖାଏ ତା' ଆଲୁଅରେ ।

ନାଉରୀ ସେ ନଉକାରେ
ନଇ ଜିଣେ ତା' ପାରିରେ,
ସଳୀତା ସାଜେ ଦୀପରେ
ଅଟଳ ତା' କର୍ତ୍ତବ୍ୟରେ ।

କେଶାଇପାଲି, ଭଟଲି
ଜିଲ୍ଲା - ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପହିଲି ଛୁଆଁରେ



ସତ୍ୟବ୍ରତ ସାହୁ

ମୁଁ ଯେ ବସନ୍ତର ପହିଲି ଛୁଆଁରେ ନାଲି ଟୁକୁ ଟୁକୁ ପଳାଶ
ତନୁରେ ମୋ' ଆଜି ଭରା ଯଉବନ ମନ ଖୋଜେ ପ୍ରୀତି ଆଭାସ ।(୦)
ମଳୟ ପବନେ ଭରା ପ୍ରଣୟର ମାଦକତା
ଜହ୍ନର ପରଶ ପାଇ ମୁଦି ହୁଏ ଆଖିପତା
ଅମାନିଆ ମନ ମୋର ଅଦିନିଆ ମେଘ ପରି ଖୋଜୁଥାଏ ପୀରତିର ପୀୟୁଷ ।(୧)
ଫୁଲର ସୁବାସେ ଭରା ବାସନାର ମଧୁ ଗୀତି
ମୋ' ହୃଦୟ ପଶରାରେ ବେଦନା ବିଧୁର ସ୍ମୃତି
ହଳଦୀ ବସନ୍ତ ଯେବେ ସାଥି ସହ ଖେଳୁଥାଏ ମନଖୋଜେ ସାଥିଟିର ପରଶ ।(୨)
ମୁଁ ଯେ ବସନ୍ତର ପହିଲି ଛୁଆଁରେ ନାଲି ଟୁକୁ ଟୁକୁ ପଳାଶ
ତନୁରେ ମୋ' ଆଜି ଭରା ଯଉବନ ମନ ଖୋଜେ ପ୍ରୀତି ଆଭାସ ।(୦)

ପଲ୍ଲାସାହି, କମାଳପୁର,
ଅହିୟାସ ଯାଜପୁର/୭୫୫୦୩୬
ମୋ- ୯୩୩୮୯୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁଦାମାର କୋହ



ସଂଜୀବ କୁମାର ଦାସ

ଏ ସମ୍ପର୍କ ସମ୍ପୂର୍ଣ ଅଲଗା,ଭିନ୍ନ ଅନେକ କୋଣରୁ ।

ଏତେ ନିବିଡ ଯେ କୃଷ୍ଣ ସୁଦାମାର ଗାଥା ବି ଏଠି ପଡିଯିବା ଫିକା ।

ଆମ ସମ୍ପର୍କ ଏଇ ଟେଲିଫୋନ କିମ୍ବା ହ୍ୱାଟ୍ସଅପ ସଂଯୋଗରୁ ନୁହେଁ ,

ବରଂ ,ଏ'ତ ତିନି ଦଶନ୍ଧିରୁ ଅଧିକ ଦୁହେଁ ଦୁହିଁଙ୍କୁ ଅତି ନିକଟରୁ ଦେଖିବାର ସୁଦୀର୍ଘ ଯାତ୍ରାର କଥା ।

ମୋ ବନ୍ଧୁକୁ ମୁ କିଛି ମାଗି ନଥିଲି ,ମାଗିଥିଲି କେବଳ ସ୍ନେହ ବୋଳା କଥା କେଇପଦ ।

ସତରେ ମହରଗ ହେଲାକି ? ଅବା ସମୟ ଟିକେ ହେଲାନି ! ବୁଝି ହୁଏନି ଏ ସବୁ କାହିଁକି କେଜାଣି !

************************

ଆଖିରୁ ଝରି ଆସେ ସୁଦାମାର ଲୁହ

ବୁଝି ପାରେନି ମନ, ତା'ର ସଖା କିପାଇଁ କଲେ ଏତେ ହତାଦର !

ଭୁଲ ରହିଲାକି ତା ସଂଖାଳିବାରେ !

କହିଦେଲା କି କଣ ଗୋଟେ ସଖାକୁ ଖରାପ !

ବୁଝି ପାରେନା ତା ଛୋଟିଆ ମନ ।

ସମ୍ପର୍କର ସେତୁ ଗଢ଼ିଥିଲା ଅତି ଯତନରେ,ଅତି ସାବଧାନେ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାଙ୍ଗିବ କେମିତି ତାହା ଏଇ କ୍ଷଣେ !

ମନକୁ ବୁଝାଇ ସେ କିଛି ବୁଝି ପାରେନା ।

ସଖା ଏବେ ଦେଖା ଦେଲେ କହନ୍ତେନି ପଦୁଟିଏ କଥା ।

ସୁଦାମା କଳିପାରେନି ତା ମନର ବ୍ୟଥା ।

ତା ଖୁଦରେ ରହିଲା କି ଖୁଣ କିଛି ! ଭାବେ ,ଆଉ ଥରେ ନେଇଯିବ

ଅବା

ନୂଆ କିଛି ଖୁଦ ଚାଉଳ ।

ମନେଇବାକୁ ସଖାଙ୍କୁ ଏଥର ।

କିନ୍ତୁ ବୁଝିଲେତ ସଖା !

ଚିନ୍ତାରେ ସୁଦାମା କିଛି ବୁଝି ପାରୁ ନଥିବା ବେଳେ 'ସ୍ୱପ୍ନ ଭଙ୍ଗ ' ପରି ଉଠି ବସେ ।

ପାଶେ ଦେଖେ ପଛରୁ ସଖା ତାକୁ ଟେକି ନେଇ କୋଳରେ ବସାନ୍ତି,ବୋଲନ୍ତି 'ଆହେ ସଖା ସୁଦାମା,ଏ କି ଅଭିମାନ ?'

ସୁଦାମା କହେ,କୋହ ମୋର ନିଜସ୍ୱ ସଖା,ଏକାନ୍ତ ସ୍ୱଛ ।

କାଇଁ, ପର କରିବାର କାରଣ ମୁଁ ଜମା ବୁଝି ପାରେନା ।

ନଅରରେ କା'ର ପ୍ରବେଶ ପୂର୍ବରୁ ମୁ ହିଁ ଏକା ଥିଲି ସଖା

ଏକାନ୍ତ ତମର ।

କହନ୍ତି ବଡ ସଖା କୋଳେଇ -

ସୁଦାମାରେ, ମୁଁ ଥିଲି ତମର ସଖା, ସହୋଦର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅଛି,ରହିବି ମଧ୍ୟ ।

ସୁଦାମା ଓଠ ଚିପି କୋହ ଆପଣେଇବାରେ ତଟସ୍ଥ ହୁଅନ୍ତେ

ସ୍ୱପ୍ନ ଭାଙ୍ଗିଯାଏ

ସପନ ରାଇଜରୁ ନିଜକୁ ଫେରାଇ ସଖା ପାଦେ ହାତ ଦେଇ

ସୁଦାମା କହନ୍ତି :

ଭୁଲ ବୁଝାମଣାରେ ଦୋଷ କାହାର ?

ନା ତମର ,ନା ମୋର,

ଏ'ତ କୃଷ୍ଣ ସୁଦାମାର "ଇସ୍ତାହାର "।

କଟକ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁପ୍ତ ମାନବ



ସରୋଜିନୀ ମିଶ୍ର

ସୁପ୍ତ ମାନବ ହୁଅ ଜାଗ୍ରତ
ସମୟ ଦିଏ ହୁଂକାର
ପୀଡିତ, ନଗ୍ନ, ଲାଞ୍ଛିତ, ମୃତ
ସ୍ୱାଧୀନତା ଅହଂକାର ◌ା

ଅଭାବ କଷଣ ନୁହେ ବିକଟାଳ
ବିକଟାଳ ବୁଭୁକ୍ଷତା
ଅବଚେତନାର ଅପରିପକ୍ୱତା
ନଗ୍ନ ମାନସିକତା ◌ା

ମୃତ ଆଜି ଆମ ସଂସ୍କାର ସଂସ୍କୃତି
କ୍ଷୁବ୍ଧ ମନିଷୀ ଗଣ
ଅଶ୍ରୁର ଶ୍ରାବଣେ ବିଧୌତ ଶରୀର
ଜୀବନରେ ନାହିଁ ପ୍ରାଣ ◌ା
କୁତ୍ସିତ କାମନା ଶଙ୍କୁଚିତ ମନ
ପ୍ରାଚୁର୍ଯ୍ୟର ଅହଂକାର
କରେ କଳୁଷିତ ଏଦେଶର ମାଟି
ଜାଗି ପ୍ରତିକାର କର ◌ା

ସ୍ୱାଧୀନତା ଆଜି କରଇ ରୋଦନ
ଭଗ୍ନ ହୃଦୟ ନେଇ
ହେବେ କି ଅବଳା ସଭିଙ୍କ ଭଗିନୀ
ପୂର୍ଣ୍ଣ ସ୍ୱାଧୀନ ହୋଇ ◌ା

ହୋଇବକି ସତ୍ୟ ଗାନ୍ଧିଜୀଙ୍କ ସ୍ୱପ୍ନ
ଆସିବକି ରାମରାଜ୍ୟ
ଭାରତ ମାତାର ନୂତନ ଗଗନେ
ଉଇଁବେକି ନବ ସୂର୍ଯ୍ୟ ?
ଜାଗିଉଠ ଜାଗିଉଠ ଦେଶବାସୀ
ମାଆ କରଇ ରୋଦନ
ମାଆର ଲହୁରେ ଖେଳ ନାହିଁ ହୋଲି
ଜାଗ୍ରତ କର ଚେତନ ◌ା

ଆଲୋକ ନଗର
ଆମ୍ବପୁଆ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଧୁନିକା ବୋହୂ



ପ୍ରଭାସିନୀ ସେନାପତି

ଅତି ଆଧୁନିକ ଆଜିର ବୋହୂ
କଥାରୁ ଯାହାର ଝରଇ ମହୁ,
ଶାଢ଼ୀ ବଦଳରେ ଜିନ୍ସ ପିନ୍ଧେ....
ଛଳ କପଟରେ ସଭିଙ୍କୁ ବାନ୍ଧେ ।

ରୋଷେଇ କରିଲେ ହୁଏ ଆଲର୍ଜି...
ଗୁରୁ, ଗୁରୁଜନେ କୁହଇ ଗର୍ଜି,
ଶାଶୁ ବୁଢ଼ୀ କରେ ବାସୀ ପାଇଟି
ବିଛଣାରେ ଖୋଜେ ସେ ବେଡ଼-ଟି ।

ତଥାପି ବୋଲାଏ ଭାରି ସଂସ୍କାରି..
ମୁହେଁ ମିଠା କଥା ପଛରେ ଛୁରୀ,
ଭଲ ଲାଗେନାହିଁ ଲକ୍ଷ୍ମୀ ପୁରାଣ...
ଗୀତା ଭାଗବତ ଭକ୍ତି ଜଣାଣ ।

ଏସବୁ ପୁରୁଣା ହେଲାଣି କୁହେ..
ବିଦେଶୀ ସଭ୍ୟତା ପଛେ ଗୋଡ଼ାଏ,
ଗୃହର ଲକ୍ଷ୍ମୀ ସେ ଜନମ ଦାତ୍ରୀ...
ସର୍ବଂସହା ପୁଣି ଅଟେ ଧରିତ୍ରୀ ।

ନାରୀ ଟିଏ ଯଦି ସଂସ୍କାରି ହୁଏ...
ତା ଚାରି ପାଖକୁ ସଜାଡି ଥାଏ,
ଉଗ୍ର ଅଧୁନିକା ଯଦି ସେ ହୁଏ....
ହସିଲା ସଂସାର ଉଜୁଡ଼ି ଯାଏ ।

ଭିଙ୍ଗାରପୁର, ଭାଟପାଟଣା
ଖୋର୍ଦ୍ଧା .

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମେ ଗଲାପରେ



ଦେବବ୍ରତ ବାରିକ

କାହାକୁ କହିବି

ଏ ଛାତି ଭିତରେ ଥିବା

ଯେତେ ସବୁ ଯନ୍ତ୍ରଣା ଲୁଚି ରହିଛି

ଆଖି ଆଗରେ ନାଚି ବୁଲୁଛି

ତୁମେ ବିତାଇଥିବା ଟିକେ ଟିକେ

କଷ୍ଟମୟ ସମୟ ର ପ୍ରତି ଛବି

ଭାବେଲେ ବିସ୍ୱାଶ ହେଉନି । ।

ଏ ତୁମେ କଣ  ?

ସତରେ ମୋ ପାଖରେ ନାହଁ

ନା ଛୋଟ ପିଲା ପରି

ଲୁଚକାଳି  ଖେଳୁଛ ମୋ ସହିତ

ଏ ଶୁଣ ନା ଆଜି

ଏକା ଏକା

ଲାଗୁଛି ନିଜ କୁ ନିଜେ

ତମେ ଛାଡି ଯାଇଥିବା ଏ ସଂସାର

ମୁଁ କଣ ଚଳେଇ ପାରିବି ତୁମ ବିନା.......

ମୁଁ ଜାଣିଛି ତମେ କେବେ

ଫେରିବ ନାହିଁ ମୋ ପାଖକୁ

ତଥାପି ଅପେକ୍ଷା କରିଛି....

ତମେ ଦେଇ ଯାଇଥିବା

କିଛି ସ୍ମୃତି ଆଉ ଦେଇଥିବା

ଏ ଦୁଇ ସନ୍ତକ କୁ

କେବେ ନିଜଠୁଁ ଦୁରେଇ ଦେବିନି

ମଣିଷ ପରି ଗଢି ତୋଳିବି ତାଙ୍କ

ଜୀବନକୁ....

ସମ୍ପାଦକ : ପ୍ରୀତି ପ୍ରଣତି

ଆନନ୍ଦପୁର, କେନ୍ଦୁଝର

ମୋ - ୯୩୪୮୭୭୯୩୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସନ୍ଧ୍ୟା



ଅଲେଖ ମେହେର

ଆତ୍ମ ହତ୍ୟା କରେ ଅସ୍ତାଚଳେ ଭାନୁ
ବିଛେଇ କର ରକ୍ତିମ,
ମଧୁ ମାସ ହସେ ରଜନୀ ଦ୍ୱାରରେ
ବାସରେ ଟାଣି ବିରାମ ।
ଆମ୍ର ବଉଳର ମାଦକ ବାସ୍ନାରେ
ବସନ୍ତଦୂତ କୁଜନ,
ମୃଦୁଳ ମଳୟ ଅନିଳ ପରସେ
ଉଦ୍ବେଳିତ ତନୁ ମନ ।
ସାରସ ପତିଙ୍କ ରକ୍ତିମ ମୟୁଖ
ବିତରେ ଅପୂର୍ବ ଶୋଭା,
ମରାଳ ବାହିନୀ ନଭ ମଣ୍ଡଳରେ
ଭାସନ୍ତି କି ମନଲୋଭା ।
ରକତ ରଞ୍ଜିତ ତଟିନୀ କାସାର
ଆବର ଅଟବୀ ପୁର,
ମନ୍ଦ ମନ୍ଦ ବାଆ ସୁମନ କାନନୁ
ଆଣଇ ବାସ ଅତର ।
ଦେବ ମନ୍ଦିରରେ ଶୁଭେ କମ୍ବୁନାଦ
ଘଣ୍ଟବାଦ୍ୟ ହରିବୋଲ,
ସିତାଂଶୁ ସବିତା ମୟୁଖ ମିଶ୍ରଣେ
ପ୍ରକୃତି ହୁଏ ମାତାଳ ।
ହିମାଂଶୁ ଅମ୍ବରେ ଜ୍ୟୋସ୍ନା ବିତରିବେ
ତାରାଳି ମଣ୍ଡଳେ ରହି,
ତାମସୀର କୋଳେ ହେବେ ଶୁପ୍ତ ଜୀବେ
କାଉଁରୀ ପରଶ ପାଇ ।
ସନ୍ଧ୍ୟାମଣି ଆସି କରିବ ରାଜୁତି
ବିଭାବରୀ ହେବ ଘନ,
କ୍ଷାନ୍ତହେବ ନର କର୍ମ ମୟ ତାର
ନିଦ୍ରା କରିବ ଆଛନ୍ନ ।

ସୋହେଲା ବରଗଡ଼
ମୋ- ୬୩୭୦୨୨୭୦୫୫୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁହି ମୋର ମୁକତିପଥ



ନିଲାମ୍ବର ମହାନନ୍ଦ

ବୁଲି ବୁଲି ଆଖ ପାଖ
କରୁଅଛି ଭିକ୍ଷା ମୋର
କେବେ ଯିବି ଗାଁ ତୋର
ମାଗିବି ମୁଁ ତୋତେ ଭିକ
ମୁକତି  ପାଇବି  ସତେ
ମୁଁ  ଏ  ମଣିଷ ଜନମ
ଲଗେଇଦେ ଡୋରି ତୋର
କାଳିଆ ରେ....................
କାଳିଆ ରେ....................
ତୁହି ମୋର ମୁକତି ପଥ   । ।

ଶୁଣି ଅଛି କାନେ ମୋର
ଦେଖିନାହିଁ ଶ୍ରୀ ମନ୍ଦିର
ଯିବି କେବେ ବଡ଼ଦାଣ୍ଡେ
ନିର୍ମାଲ୍ୟ ପାଇବି ତୁଣ୍ଡେ
କଟିଯିବ ପାପ ତାପ
ଧନ୍ୟ ହେବି ମୁହିଁ ନର
ଲଗେଇଦେ ଡୋରି ତୋର
କାଳିଆ ରେ....................
କାଳିଆ ରେ....................
ତୁହି ମୋର ମୁକତି ପଥ   । ।

ଅବଢ଼ା ଖାଇବି ତୁଣ୍ଡେ
ଭୁଲି ଯିବି ଭୋକ ମୋର
ମୁକତି ପାଇବି ତେବେ
ଏ ଭିକାରି ଜନ୍ମ ମୋର
ବୁଲି ଯିବି ମହୋଦଧି
ବୁଡ଼ ଦେଇ ଶାନ୍ତି ହେବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଖୁଥିବି ରାତି ଦିନ

ଲଗେଇଦେ ଡୋରି ତୋର

କାଲିଆ ରେ....................

କାଲିଆ ରେ....................

ତୁହି ମୋର ମୁକତି ପଥ

ତୁହି ମୋର ମୁକତି ପଥ ।।

ନାମ:-ନିଲାମ୍ବର ମହାନନ୍ଦ

ଗ୍ରାମ:-ଆମ୍ବଗୁଡା ବ୍ଲକ:-ଗୋଲାମୁଣ୍ଡା ଜିଲ୍ଲା:-କଳାହାଣ୍ଡି

ମୋ:-୯୩୪୪୨୦୪୫୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଷଠିଘର



ପ୍ରୀତିରଞ୍ଜନ ନାୟକ

ଜନ୍ମ ଭୂମି ଆଉ ଜନ୍ମ ମାଟି
ପୂଜ୍ୟ ସତେ ହୃଦୟରୁ
ଏଇ ଷଠିଘରେ ଜନମ ନେଇଣ
ବଢ଼ିଛି ଏଇ ଗାଁ ରୁ ।

ଅତୀତ ହଜିଛି ସମୟ ଯାଇଛି
ସ୍ମୃତି ରୁହେ ମଥା ଟେକି,
ଯେତେ ଭାବିଲେ ବି ଲାଗଇ ଯେମିତି
କିଛି ରହିଗଲା ବାକି ।

ଏଇ ଗାଁ ମାଟି ମଥାରେ ଲାଗିଲେ
ଚନ୍ଦନ ଚନ୍ଦନ ବାସେ,
କାଣ୍ଡ କାରନାମା ମନେ ପଡିଗଲେ
ମୁରୁକି ମୁରୁକି ହସେ ।

ସେଇ ପିଲା ଖେଳ ସେଇ ଧୂଳି ମାଟି
କେବେ ବି ଭୁଲି ନ ପାରିବି,
ହୃଦୟର ସେଇ ପ୍ରଚ୍ଛଦପଟ ରେ
କେମିତି ବା ଗାର ଟାଣିବି !

ମନେ ପଡେ ସବୁ ଗତ ଇତିହାସ
ମନେ ପଡେ ଅଳି ଅଝଟ,
ଏଇ ମାଟି ପୁଣି ସହିଛି କେତେ ଯେ
ଗୋଡ଼ କଚଡ଼ା ର କଷ୍ଟ ।

ଶେଷେ ମୋ ପ୍ରଣାମ ମୋ ଜନ୍ମ ମାଟିକୁ
ଏଡି ରୁ ଏଡେ ସେ କରିଛି
ତା ' ରି ଉପରେ ନାଚି କୁଦି ପୁଣି
ବୟସ ଗଢ଼େଇ ଆସିଛି ।

ଜୟନଗର, ରାଜକନିକା, କେନ୍ଦ୍ରାପଡ଼ା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରେମ ଶରଧାବାଲି



ଆଶୁତୋଷ ମେହେର

ପ୍ରେମ ଅଫୁରନ୍ତ ମନ ପାହାଡରୁ
ଚିର ସ୍ରୋତସ୍ୱିନୀ ଧାର
କଳକଳ ବହେ ଅସରନ୍ତି ଭାବେ
ଜନମ ରୁ ଆରପାର ।
ସକାଳ ସୂରୁଯ ରକ୍ତବର୍ଣ୍ଣ ଆଭା
ଫୁଲରେ ବାସନା ଭରି
ଭସା ବାଦଲରେ ପ୍ରେମିକ ପକ୍ଷୀଟେ
ଉଡେ କଳରାବ କରି ।
ଫୁଲର ମହକେ ପାଖୁଡାର ରଂଗେ
ପରଜାପତିର ଖେଳ
ପ୍ରେମ ରାସରଂଗେ କି ସୁନ୍ଦର ସତେ
ମାଦକତା ଭରା ମେଳ ।
ତୁଳସୀର ପ୍ରେମ ପ୍ରଭୂ ପାଦ ଧୂଳି
ବାସ ଦେଉଥାଏ ବୁଣି

ଦାସିଆ ପ୍ରେମରେ ବାଇ ହେଲେ ନାଥ
ନାରିକେଳ ନେଲେ ଟାଣି ।
ସୁଦାମା ଗରିବ ଖୁଦ ଭଜା ପ୍ରେମେ
ବାଇ ନଟବର ରାୟ
ନିମନ୍ତ୍ରଣ ଦେଲେ ରାଜ ଦରବାରେ
ପାଦ ଧୋଇବାକୁ ତୟ ।
ମଣିଷ ର ଏଇ ଜୀବନ ଟା ପ୍ରେମ
ମରଣ ତା'ଠାରୁ ବଳି
ଦୁଃଖ ସୁଖ ଫେଣ୍ଟା ହସ କାନ୍ଦ ଭରା
ପ୍ରେମର ଶରଧା ବାଲି ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ,ପଟିଆ
ଭୁବନେଶ୍ୱର୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଏଇତ ଜୀବନ



ରଞ୍ଜୀତ
ଅରେବେଡ଼ିଆ

ନିଜ ପେଟକୁ ଅପୋଷା ରଖି
ସଭିଁଙ୍କୁ ଦିଏ ପୋଷଣ
ଖରା,ବର୍ଷା,ଶୀତକୁ ନଡରି
ଅକ୍ଲାନ୍ତ ପରିଶ୍ରମରେ କରେ ଭୂମିକର୍ଷଣ
ଏଇତ ଜୀବନ ଏଇତ ଜୀବନ (୧)

ପଢିବାର ମନୋବଳ ଥିଲେ ମଧ୍ୟ
ପ୍ରତିବନ୍ଧକ ସାଜେ ଅର୍ଥ
ରଖିଥିବା ଆଶା ଦେଖିଥିବା ସ୍ୱପ୍ନ
ପୂରଣ କରିବାରେ ହୁଏ ଅସମର୍ଥ
ନିରୁପାୟ ହୋଇ ଖଟିଯାଏ ଦାଦନ
ଏଇତ ଜୀବନ ଏଇତ ଜୀବନ (୨)

ଦେଶକୁ ରକ୍ଷାକରିବା ପାଇଁ
ଦିନ ରାତି ଜଗିବସିଥାଏ ଶତ୍ରୁକୁ ଅନାଇ
ଦେଶପାଇଁ ଜାତିପାଇଁ ସଦା
ନିଜ ଜୀବନକୁ କରିଥାଏ ବଳିଦାନ
ଏଇତ ଜୀବନ ଏଇତ ଜୀବନ (୩)

ନିଜ ବାପା ମାଙ୍କୁ ଦୂର କରି
ଚାଲିଯାଏ ଶାଶୂଘର
ବୈବାହିକ ଜୀବନ ପାଇଁ
ବଧୂବେଶ ଧରି ହୋଇଯାଏ ପର
କରିଯାଏ କେତେ ମାନ ଅଭିମାନ
ଏଇତ ଜୀବନ ଏଇତ ଜୀବନ (୪)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମନ୍ଦିର ବେଢାରେ ଥାଳିଟିଏ ଧରି

କରୁଥାଏ ଭଜନ

ପ୍ରଭୁନାମ ଧରି ଧରି ବିତାଇଦିଏ ଦିନ

ଏଇତ ଜୀବନ ଏଇତ ଜୀବନ (୫)

ନାମ - ରଞ୍ଜୀତ ଅରେବେଡିଆ

ଗ୍ରାମ - ମିର୍ଜାପୁର, କଳାହାଣ୍ଡି

ଭବାନୀପାଟଣା ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟ

ଓଡ଼ିଆ ବିଭାଗର ଛାତ୍ର (+୩ ଶେଷ ବର୍ଷ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରି ଓ ପକ୍ଷି



ସନାତନ ମହାକୁଡ଼୍

ମୂଳ ବଙ୍ଗଳା ରଚନା : ଦେବାରତି ମିତ୍ର

ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ନୀଳ, ଅତିନୀଳ ସମୁଦ୍ରର ନିଦ
ଭାଙ୍ଗିଦେଇଛି ପରି ଓ ପକ୍ଷି ।
ସଦା ଚଞ୍ଚଳ ଏ ଗାଲିଚାରେ
ଯଦି କେବେ ଭାସି ଭାସି
ଦୂରେ ଚାଲିଯାଏ
ପଡ଼ିରହିବ ଅସହ୍ୟ ଖଟା ଅସୀମ
ରାଗ ବିରହ
ଆଉ ମିଠା ମିଠା ସ୍ୱପ୍ନ ।
ପକ୍ଷି ଓ ପରି
ସେତେବେଳେ କାହାକୁ ନେଇ ଖେଳିବେ ?

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨
ଜିଲ୍ଲା : ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୯୭୨୦୧୬୮
ଇମେଲ୍ : sanmahakud@gmail.com
ୱେବ୍‌ସାଇଟ୍ : www.sanatanmahakud.in

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚିଠି



ରମଣୀରଞ୍ଜନ ବିଶ୍ୱାଳ

ସଫା କରୁଥିଲି ଜୁହ୍ନା ବାକସକେ,
ପାଏଲି ତୁମର ଚିଠି
ସୋର ପଡିଗଲା ଅ◌ାଘର କଥା,
ଶୁଇନି ପାରଲି ରାତି ।
ଜଲ ଜଲ ଦିଶୁଥିଲା ଗୁରି ମୁହୁଁ,
ଚିଠିର ଲେଖା ଭିତରେ
ମୁହୁଁ ମଲକେଇ କଥା କହୁଥିଲେ,
ଅକ୍ଷର ମାନେ ବତରେ ।
କାମନାର ବିନାଶରେ ଦୁଖର ବିନାଶ,
ଲେଖିଥିଲ ଯେନ ପଦେ

ସେତେବେଲର କଥା ସୋର ପଡଲେ,
ଇହାଛିନିବି ବାଧେ ।
କେତେକଥା ଚିଠି ଭିତରେ ଥିଲାଯେ,
ଇହାଦେ ପାରୁଛେ ବୁଝି
କହିଦିଅ ତୁମର ଠିକାନା ମତେଗୋ,
ଗୁଟଗୁଟ ଦେମି ସୁଝି ।
ଗଲା କଥାକେ ହେତେଇ ଦେଲେଗା,
ଆଁଖଲ ଯାଏସି ବୁହି
ଯେନଥିଲାସେନ ଚଉତି କରିଗୋ,
ଚିଠିକେ ଦଉଛେ ଥୁଇ ।

ଉପର ବାହାଲ , ବଲାଙ୍ଗିର
ମୋ- ୭୭୪୯୦୦୧୯୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁନୁଷ



ରମଣୀକାନ୍ତ ସାହୁ

ରେ ମୁନୁଷ, ଆଇଛୁ ଏକଲା
ହେଇକରି ନଙ୍ଗଲା
ଫେର୍ କାଏଁ ଯେ କରସୁ ଏତେ ଗରବ୍
ଯିବୁ ବି ତ ଏକଲା, ହେଇକରି ନଙ୍ଗଲା ।

ମାଲିକ୍‌ଟେ ହେଲୁବଲି
କାଁ ଯେ ଖଟଉଛୁ ପଶୁ ବାଗିର୍
ସେମାନେ ବି ତ ମୁନୁଷଆନ୍
ନାଇଁକର ଯହ ଗୁଲ୍‌ଗୁଲା
ତୁଇ ବି ତ ହେବୁ ଦିନେ ହେନ୍‌ତା ଗୁଲ୍‌ଗୁଲା ।

ଚାକରୀଟେ କଲୁବଲି ଲାଁଚ୍ ନଉଛୁ
ଦରମା ଉପରେ ଉପୁରି ନଉଛୁ
ଯେତ୍‌କି ନେଲେ ହେତ୍‌କି ବଢୁଛେ ତୋର୍ ଲୋଭ୍
ତୋର୍ ଲୋଭ ତତେ ଖାଇବାରେ ମୁନୁଷ୍
ନାଇଁକର ଜହ ଲୋଭ୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧନୀଟେ ହେଲୁବଲି ଚିଟ୍‌ଫଣ୍ଡ୍ ନାଁ ଥି
ଗରିବ୍ ଖଟିଖିଆର୍ ପଏସା ଲୁଟୁଛୁ
ଗରିବ୍ ଦୁଃଖୀର୍ ଶାଁସ୍ ପଡ୍‌ବା
ମରବୁ ହେଇ ଛଟ୍‌ପଟ୍
ଫିରେଇ ଦେ, ଫିରେଇ ଦେ, ତାଁକର୍ ପଏସା ଝଟପଟ୍ ।

ମନ୍ତ୍ରୀଟେ ହେଲୁବଲି
କୋଟି କୋଟି ଟଁକା ଘୋଟାଲା କରୁଛୁ
ଆଜିର୍ ମୁନୁଷ୍ ତ ଖାନା ନାଇଁ ପଚେଇପାର୍‌ବାର୍
ତୁଇ କେନ୍‌ତା ହଜମ୍ କର୍‌ବୁ ପଏସା
ଜନତାର୍ ପଏସା ଖାଏଲେ
ନାଇଁ ହଏ ତୋର୍ ଭଲ୍ ଦଶା ।

ରେ ମୁନୁଷ୍
ଏବେ ବି ସମିଆ ଅଛେଁ, ସୁଧରି ଯା'
ମୁନୁଷ ଜାଏତ୍‌କେ ଆଉ ନାଇଁକର ବଦ୍‌ନାମ୍
ମୁନୁଷ୍ ବାଗିର୍ ମୁନୁଷଟେ ହେଇକରି ରହ
ଆର୍‌ଥରେ ନାଇଁମିଲେ ଇ ମୁନୁଷ ଜନମ୍ ।

ଭ୍ରାମ୍ୟଭାଷ : ୯୪୩୭୭୩୬୬୧୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାଲାବନ୍ଦ



ଫିରୋଜ କୁମାର ପଟେଲ

ଘରେ ଥିମା ଘରେ ଥିମା ହୋ ଭାଇ
ପରିବାର ସଙ୍ଗେ ଥିମା
ଏବେ ତରକିଲେ ସବୁ ଠିକ ହେବା
ବଞ୍ଚି କରି ଆମେ ଥିମା

କରୋନା ମହାମାରୀ ଆଇଛେ ମାଡି
ଡଟି କରି ଆମେ ଥିମା
ଥଣ୍ଡା ଖାଁସିକି ଦେହେ ନସି ଗଲେ
ଡାକ୍ତରଖାନ ଆମେ ଜିମା

ଥର ଥର ଆମେ ହାତ ଧୁଇମା
ଗହଲି ନୁ ଦୁରେ ରହେମା
ପଖାଲ ଦିଟା ଆର ଶାଗ ଟିକେ ଖାଇ
ଘରର ଭିତରେ ଶୁଇମା

ସରକାର ଆମର ଡିଙ୍ଗରା ଦେଇଛେ
ମାନମା ଆମେ ସଭେ
ତାଲାବନ୍ଦ ତାଲାବନ୍ଦ ହୋ ଭାଇ
ନାଇଁ ବାହାରୁ ଘରୁ ଏଭେ

ଶିରୀ ସମଲେଇ ସାହା ହ ମାଁ
ତୁଇ କରୁଣା ଦେ ଢାଳି
ମାନବ ସମାଜ ତ୍ରାହି ପାଉ ମାଁ
ଇ ବିପଦ ଯାଉ ଟଳି ।

ଅବନକେଲା ସୁନ୍ଦରଗଡ଼-୧୯
ମୋ- ୯୭୭୭୬୩୨୩୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମର କେନ୍ତା ହେବା ମେଲ



ଫିରୋଜ କୁମାର ପଟେଲ

ତୁଇ ପୁଷ ର କାକର ଭିଜା ସକାଳ ହେଲେ
ମୁଇଁ ଜେଠ ର ଦଅଁ ଦଅଁ ଖରା ବେଲ
ତୁଇ ଫୁଲର ସହରେ ଫୁଲକୁମାରୀ ଆଉ
ମୁଇଁ ସୁଖା ଗଛ ର ବେଲ
ଆମର କେନ୍ତା ହେବା ମେଲ ସଜନୀ ;
ଆମର କେନ୍ତା ହେବା ମେଲ ।

ତୁଇ କେନ୍ ରସିଆ କବିର
ସେ ମହାନି ଦିଆ କଥା
ମୁଇଁ କେନ ଗୁମନାମ ସାୟାର ର
ବେୱାଫା କବିତା
ମୁଇଁ ବଦନାମ ସବୁଆଡେ ଆଉ
ତତେ ସବେ କରସନ ଗେଲ
ଆମର କେନ୍ତା ହେବା ମେଲ ସଜନୀ
ଆମର କେନ୍ତା ହେବା ମେଲ ।

ଅବନକେଲା ,ସୁନ୍ଦରଗଡ଼-୧୯
୯୭୭୭୬୩୨୩୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିରମତିର୍ ହଁସି



ଦେବରାଜ ମେହେର

ସଖାଲୁ ସଂଜ ବଢ୍ଢେ କିଲିବିଲି
ଘର ଭିତରେ ବସି ବସି
ଭଟାକେ ବାହାରିଲେ ଜଗିଛେ 'ମାମୁଁ'
'ମେରହା' ଥି ଦଉଛେ କସି !!

ପହଁପହଁନୁ ଗଧା ବୁଢ଼ାସାରି
ତାଡ଼ି ଦଉଛେଁ ଖୁରେବାସି !
ପୁଡ଼ାଝୁରି ଥି ନୁନ୍ ମିରଚାକେ ଚିଟର୍କି
ସୁରତ୍ କରି ଠୁକୁଛେଁ ଠେସି ଠେସି ।

ଲାଙ୍ଗଛାଟ ହୋଇ ଗଡ଼ଗଡୁଛେ ଯେ
ଝୁଲି ହେଇଗଲାନ ମୋର ଖଟର୍ ଡୋର୍ !
କୁମ୍ଭକର୍ଣ୍ଣ ଲେଖେଁ ନାକର ଗରଜନ୍ କେ
ଶିରମତି ହଁସୁଛେ ଜୋରସୋର୍ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆମର୍ ନନିର୍ ମାଁକେ କହେଲି
ଘିଚିଲାଗବ କେଁ ମୋର୍ ଖଟର୍ ଡୋର୍ ?
ଫଟା ମାଇକ୍ ଲେଖେଁ ଛାଡ଼ଲା ରଡ଼ି
'ଭାଇରସ'କେ ଘାରେ କରିଦେଖ ସୋର୍ ।

ଛିଆଟୁଆ, ଦିଆନିଆ, ସବୁ ହେଇଛେ ମନା
ନାଇଁମାନଲେ ପରେ ଡେଗିଯିବା କରୋନା ।
ଏନ୍ତା ବତରେ ଲହଁକି ଯିବା ନାଇଁ ପଡ଼େ ତ ଜନା
ସରଦି, ଖାସି, ଜରେ ମୁଡ଼େ ହେଉଥିବ ତନାଘନା ।

କାହିଁଥିଲା, ଦେଖ ତ ଇ ନିଛାଲ 'କରୋନା'
ଇତାର୍ ଲାଗି ପରେ ସବୁକଥା ଗଲାନସି ।
ମୁନୁଷକେ ଦେଖଲେ ଡରୁଛେ ମାହେଜି
ଦିନାଦୁ ଗଲେ ମୁଇଁ ହେଇଯିମିକେ ସନ୍ୟାସୀ ।

ଦେବଭବନ, ଗୋହିରା ପଦର, ବଲାଙ୍ଗିର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୁନୁଷ୍ ଜୀବନ୍



ବୈବସ୍ୱତ ନାଏକ

ମନୁଷ୍ ଜୀବନ
ପାଏନ୍ ଫଟକା ପରା
ଆଏଜ୍ ଅଛେ
କାଲ୍ କେ ନାଇଁ ।
ଦୁଃଖ ସୁଖ ତ
ଲାଗିଛେ ଏ ଜୀବନେ
ଯାଏଁ ହେଲେ ବି କାଏଁ କରମା
ଏଇଟା ତ ବିଧିର ବିଧାନ୍ ।
ନାଇଁ ବୁଝବାର୍ ସସାର୍ ମାୟାକେ
ଘାଟି ହଉଛୁ ଜଞ୍ଜାଳ ନେ ।
ଆଏଜ୍ ଭୁଲି ଯାଉଛି ନିଜର୍ ବୁଆମା କେ
ଯେନେ ଏଡେଟେ କଲା
କଥା ଆଉ ଚାଲି ଶିଖାଲା ।
ମନ ନେଇନ୍ ନଙ୍ଗଲ୍ କଏଟ୍ ଧରି ଚାଷ କରବାକେ
ସଭେ ଖୋଜୁଛନ୍ ସରକାରୀ ଚାକରୀ ଟେ ।
କାମ୍ କବାର୍ ଲାଗି ସହରରେ ରହି
ଭୂଲି ଯାଉଛୁ ଗାଁ ଭୂଇଁକେ ।
ବାନ୍ଧି ହେଉଛୁ ସସାର ବନ୍ଧନ ନେ
ଦୁଇ ଦିନିଆ ଜୀବନ ନେ ।
କାଏଁ ଯେ ଗରବ୍ କରମା
ହସ ଖୁସିରେ ଦିନ କଟାମା ।
ରାଗରଷା ଛାଡ଼ିକରି
ସଭେ ସୁଖଦୁଃଖ ବାଣ୍ଟମା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସୁନାର୍ ଗାଆଁ



ଭରତ ଧରୁଆ

ଜୁହାର୍ ଜୁହାର୍ ଜନମ୍ ମାଏଟ୍ ଗରଭ୍ ଧାରିନି ମାଆଁ
କେତ୍‌ନି ସୁନ୍ଦର୍ ଝାର୍ ପରବତ୍ ନାଆଁଟା ସୁନାର୍ ଗାଆଁ ।
ଚାରିହି କୁତିକେ ନଏଦ୍ ନଲିଆ ଝରନା ଝରୁଛେ ଖଲ୍
ଚାର୍ ଆମ୍ବ ଜାମ୍ କୁର୍,ଲୁ ଡୁମ୍ବେର୍ ଅମରୁତ୍ ଲାଗେ ଫଲ୍ ।
କୁଇଲିଲ୍ ଗଉଛେ ଫଗୁନ୍ ବଉଲେ କୋଶଲ୍ ଗିତିର ଭାସା
ଗିତ୍ ଡାଲଖାଇ ରସର୍ ବଉଲି ନାଁ କମେଇଛେ ଉଡସା ।
ଭୁଦୋ ନୁଆଁଖାଇ ଦସ୍ରା ଫୁସପୁନି ତିହାର୍ କେତେ ଉଛବ୍
ଡାଁଡ୍ ବାହାଁସୁତା ଖଗଲା ପଏଁରି କପଡ଼ା ଧୁତି ଦରବ୍ ।
ଇ ଭେସ୍ ଭୁସା ଆଏ ସିରଜିନା କୋଶଲି ଗାଆଁର୍ ଢଙ୍ଗ
ପାଲା ସଁପରଦା କିର୍ତନ୍ କରମା ରଙ୍ଗବତୀ ଗିତ୍ ରଙ୍ଗ ।
ଝର୍ ଝର୍ ବୁହେ ଇ ମାଏଟ୍ ଦେଇ ମହାନଏଦ୍ ପାଏନ୍
ସିରି ସମଲେଇ ପାହା ଧୁଇ କରି ଗଙ୍ଗା ପାଲଟେ ଧଏନ୍ ।
କାହିଁ ଫୁଲଝର୍ ଡଙ୍ଗର୍ ଭିତରୁଁ ଘେଁସ୍ ଘେଁସାଲିର୍ ଜୋର୍
ଇ ଗାଆଁର୍ ମାଟିର୍ ବିରତା ମାନକୁଁ  ରଖିଛେ ହେତେଇ ସୋର୍ ।
ମାଧୋ କୁଂଜଲ୍ ସିଂ ବଏରି ହଟେ ଯେ ଜିବନ୍ ଦେଲେ ମୁରଛି
କବି ଗଙ୍ଗାଧର୍ ଖଗେଶ୍ୱର୍ ସେଠ୍ ହଲଧର୍ କହେ ସାକ୍ଷୀ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗାଆଁଟା ସୁନ୍ଦର୍ ବଏଁକୁଠ୍‌ପୁର୍ ସତର୍ ମହାପ୍ରୁ ଉଭା

ଦାରିଚୁରି ମିଛ୍ ଅନିଏ ଅନିତି ବସସି ଗାଆଁନ ସଭା ।

ଜଏ ଜଏ ସତ୍ ସୁଖ୍ ଶାଂତି ପଦ୍ କିରିଆ ଆସ କରମା

ଗାଆଁକେ ଆମର୍ ସରଗ୍ ସୁନ୍ଦର୍ ସୁନାର୍ ଗାଆଁ ଗଢମା ।

ନାଟ୍ୟମହର୍ଷି ଭରତ ଧରୁଆ

ପୁଡ଼ାପଦର, ରାଜ୍ ଆଗଲପୁର, ବଲାଙ୍ଗିର

ଭ୍ରାମ୍ୟଭାଷ : ୯୭୭୭୪୩୫୨୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଧରତି



ଆଶିଷ କୁମାର ପଣ୍ଡା

ମା ଗୋ ତୁଇ ମମତାମୟୀ ତୁଇ ଗୋ ସର୍ବସଂହା ଧରତି
ମା ଗୋ ତୁଇ ସବୁ ଜୀବର ଜନନୀ ଜୀବର ଜୀବନଦାୟିନୀ ।
କେତେ ଯୁଗୁ ଆଦରି ରଖିଛୁ ତୋର ପେଟ ଭିତରେ
ଭାତ, ପଖାଳ, ଅରନ୍, ପାଏନ୍, ଧଉଛୁ ସୁତରେ ସୁତରେ ।
ସେଥିର୍ ଲାଗି ଜୀବନ୍ ଧରିଛେ ଇ ମୁନୁଷ ଜାତି ।
ସବୁ ଦିନ୍ ଏନ୍ତା କରୁଣା କର ଗୋ ମାଁ ମୋର ମାଟି ।
କେତେ ଯେ ତୋର କରୁଣା ଇ ମୁନୁଷ ଜାତି ଉପରେ
ମୁନୁଷ ହେଇଥିଲେ ବୁଝିପାରତା ମନୁଷ୍ୟତ୍ୱରେ ଥିଲେ ।
କେତେ ହଟହଟା କରୁଛେ ମା ଇ ମୁନୁଷ ଜାତି
ହେତିର ଲାଗି ଦେଖେଇ ଦେଶୁ ଗୋ ତୋର୍ ଅସଲ ମୂର୍ତ୍ତି ।
ବୈଦିକ୍ ଯୁଗେ ପୃଥ୍ୱି ବୋଲି ପୂଜୁଥିଲେ ତୋତେ
ଆଜି ଆର୍ ନାଇନ ତୋ ପୂଜା ମାଁ ଉଭିଗଲା ସତେ ।
ରିସ୍ ମି ହେଲେ ତୁଇ ଗୋ ମା କରସୁ ଭୂମିକମ୍ପ
ଲାକ୍ଷ ଲାକ୍ଷ ମୁନୁଷ ମାନକର ନେସୁ ତୁଇ ଜୀବନ ।
ତୁଇ ଗୋ ମାଁ ଶକ୍ତିମୟୀ, ଜଗତଜନନୀ ଧରତି
ମୁନୁଷ ମାନକୁ ଦେ ଗୋ ମା ସଦବୁଦ୍ଧି ଆର୍ଖତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋର୍ ମାଁ ରୁସିଛେ



ସ୍ୱାଗତିକା ଦିସ୍ରି

କାଏଁ ଭୁଲ୍ ହେଲା କାଏଁ ଗୋ ମା
ଏତେ ରାଗି ଜାଇଛୁ ।
ତୋର୍ ଇ ଛତ୍ରଛାୟା ତଲୁ
ଆମ୍କୁ ଦୁରିଆ କରୁଛୁ ।
ଭୁଲ୍ ହେଇଥିଲେ କ୍ଷମା କରିଦେବୁ
ଛୁଆକର୍ ଉପ୍ରେ କାଏଁ ରାଗ୍ ରୁଶା ।
ତୁଇ ହାତ୍ ଛାଡ଼ି ଦେଲେ ଭାସି ଯିମୁ ଆମେ
ଆର୍ କାହାକେ କର୍ମୁ ଭର୍ଷା ।
ତୁଇ ସରବ୍ସହିନି ଜଗତ୍ଜନନୀ
ଇଷ୍ଟଦେବୀ ଆମର୍ ମା ସମଲେଇ ।
ଭାସି ଆସିଛେ ଜେନ୍ ଦୂଖର୍ ବାଦଲ୍ କେ
ନେଇଜା ଉଡେଇ କରି ।
ମାଁ ଲୁକେଇ ଦେ ତୋର୍ ପନତ୍ ଢାପିକରି
ଇ ଜଗତ୍ ଦେଖୁ ତୋର୍ ମହିମା କେ ଆଏକ୍ ଡେରି ।

ବଇଦୁପାଲି, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲଟର୍ ପଟର୍



ଆଶୁତୋଷ ଠାକୁର

ନାଇଁ ହେବୁ ଲଟର୍ ପଟର୍
ଫୁକି ଦେବା ମହନି ମନ୍ତର୍
ପଡିଯିବୁ ତାର୍ ପାଲେ !!

ଲହଙ୍ଗ ଝପର୍ ମଲର୍ ମଲର୍
ଚେହେରା ଦେଖା ଅଂଠି ପହର୍
ଲଟକି ଯିବୁ ରସର୍ ଜାଲେ !!

ତୁଇ ଫାଲେ ତର୍ ମନ୍ ଫାଲେ
ଚୁମା ଦେବେ ତର୍ ଦୁହିଗାଲେ
ବସି ଭାବୁଥିବୁ କଲେ କଲେ !!

ମହନି ଲହ ବଢସି ଯହ
ବାସୁଥିସି ମହମହ
ନାଇଁ ଦେଖେ ଠାନ୍ ଅଠାନ୍
ଛୋଟ୍ ଛାଟ୍ କରି ଗାଡ଼ିଦେବୁ
ଭାବର୍ ଖଣେକ୍ ରାଏଁଛ !!

ସମିଆଁ ର୍ ଚକା ଆଗକେ ଆଗକେ
କେଭେ ନାଇଁ ଫିରେ ପଛକେ
ନିଜର୍ ଗୁଡ଼େ ଜଦର୍ବି ଠାଡ଼ ହେବୁବେଲେ
ତର୍ ମନ୍ କେ ରଖ୍ ଆକଟେ !!

ଭ୍ରାମ୍ୟଭାଷ - ୯୯୩୭୯୩୩୧୧୪,
ମଣ୍ଡଲ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଲେହେଁଟିଆ ମନୁଷ୍ର ପଲଟିଆ ଜୀବନ୍



ଜିତେନ୍ଦ୍ର ସାହୁ

ଛୁଆ ବେଳେ ତ ବଡ୍ ହେବାର୍
ମନୁଷର୍ ସଧାବେଳେ ଯେ ମନ୍,
ବଡ୍ ହେଇକରି ସେ ଛୁଆ ବେଳ୍ କେ
ହର୍ ମିସା ଘୁଚିଯିବାର୍ ତାର୍ ସପନ୍ ।
ଇଟା ସେ
ଲେହେଁଟିଆ ମନୁଷର୍ ପଲ୍ଟିଆ ଜୀବନ୍ ।(୧)

ଗାଉଁଲିଆ ଲୋକର୍ ଯେ ସହରେ
କୁଟୁମ୍ ପୁଷ୍ ବାର୍ ବଢା ମନ୍,
ଆଉ ସେ ସହରେ ନାଇ ପଚ୍-ରାଲେ କିହେ
ଶୋର୍ କରୁଥିସି ସେ ଗାଁ ର୍ ପାଏନ୍ ପବନ୍ ।
ହଁ ହୋ ଇଟା ସେ
ଲେହେଁଟିଆ ମନୁଷର୍ ପଲ୍ଟିଆ ଜୀବନ୍ ।(୨)

ମାଁ ବୁଆର୍ ଆଦର୍ କେ ଭୁଲିକରି
ସାଙ୍ଗ୍ ସଏର୍ ତା ଗଠନ କରି,
ପୀରତି ନାମେ କଟାସନ୍ ଉଧ୍-ଲିଆ ଜୀବନ ।
ସେ ଜୀବନ କେ ଭାଙ୍ଗିକରି
ଘର୍ ଦୁଆର୍ କେ ଫିରିକରି,
ଗୁଲ୍-ଗୁଲିଆ ସମିଆ ନେ
ମାଁ ବୁଆର୍ ପାଦେ ପଡ୍-ସନ୍ ଶରନ୍ ।
ଏନ୍ତା କରି ଚଲୁଛେ
ଲେହେଁଟିଆ ମନୁଷର୍ ପଲ୍ଟିଆ ଜୀବନ ।(୩)

ସକାଳ୍ ପାଏଲେ କିରିଆ କରି
ଚାକିରି କର୍ ମି ମେହନତ୍ କରି
ଦେଖଉଥିସି ଦୁନିଆଁ କେ ସତ୍-ପନ୍ ।
ଉସତ୍ ହେଲା ଚାକିରି କରି
ସତ୍-ପନିଆ କିରିଆ ଭୁଲିକରି
ଲାଞ୍ଚର୍ ଲାଗି ହଉଥିସି ତନ୍-ତନ୍ ।
ଇଟା ସେ ଆମର୍
ଲେହେଁଟିଆ ମନୁଷର୍ ପଲ୍ଟିଆ ଜୀବନ୍ ।(୪)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରହର୍ ପିଲା ଭୁଲ୍ କେ ଆଏଁଖ୍ କରି,

ଘାଟେ ପକାସନ୍ କଥା କେ ଟପା ମାରି ।

ଯେଭେଁ ପଲେଇ ଆଏସି

କଥା ନିଜର୍ ଘର୍ କେ ମାଡିକରି,

ଦେଖେଇ ହଉଥିସନ୍ ଫେର୍

କଥା କେ ଭିଡ଼େଇ୍ କରି ।

ଛୁଆ ପିଲା ଲୋକ୍ ଭୁଲ୍ ଭଟ୍-କା ଦେଇଛେ କରି,

ମାଫ୍ କରିଦଉନ ଆଙ୍କା ଭୁଲିକରି ।

ଏନ୍ତାକରି  ମନୁଷ୍ ନିଜର୍ ଭୁଲ୍ କେ କର୍-ସି ବାରନ୍,

ଆଏତ ଇଟା ଲେହେଁଟିଆ ମନୁଷର୍ ପଲ୍-ଟିଆ ଜୀବନ ।(୫)

ନାଁ-ଜିତେନ୍ଦ୍ର ସାହୁ

ଗାଁ-ଟାଲ୍,ବ୍ଲକ-ପଦ୍ମପୁର

ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଏଲା ବସନ୍ତ



କ୍ଷମାନିଧି ସାହୁ

ଚଏତ୍ ମାସ୍ ଆଏଲା ଯେଭେଁ
ଫୁଟଲା ପତର୍ କଅଁଳି
ଡୁଁଣା ଗଛ୍ ଲହ ସାଗୁଆ ହେଲେ
ପତର୍ ଆଏଲା ପାଆଁଳି..

ଆମର୍ ହିନ୍ଦୁ ନୂଆବଛର୍ କେ
ଉଜୁର୍ ପରଦିପଦା ତିଥି
ଗହକି ମନାସୁ ଶୁଭଦିନ୍ ଭାବି
ମାନସୁ ନିୟମ୍ ନିଷ୍ଠା ବିଧି..

ଭେଲୁଆଁ ପାଚି ସରି ବସଲା
କଁଚା ଆମ୍ ଚନ୍ନିର୍ ପାଳି

ଦିନାଦୁ ଗଲେ ଖାଏମା ତେତର୍କେଁ
ପାଚଲା କେନ୍ଦୁ ବୁଲି..

ଉସୋ ବଏଲେ ହଏରଡା ଗୁରୁ
ପାଚି ପଡଲା ତଳେଁ
ଔଁରଚି,ଟୁପଲି,ଡଲାଭାର୍ ନିଦାନ୍
ମହୁଲ୍ ବେଟି ଗଲେଁ..

ଇଆଡେ ଖଜୁର୍ କଁଷି ଧରଲେଁ
ସେଆଡେ ପାଚଲା ତେତେଲ୍
ଡୁମେର୍ ଗୁଟେଗୁଟେ ପାଚି ବସଲେଁ
ଅଛେ ଫେର୍ କୁସମ୍ ପାଁକେଲ୍..

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହୁଲ୍ ଝାରେ ଲଟ୍'ଲଠା ହେଇ
ପାଚିଛେ ତେହିଁ ଚାର୍
ମୋର୍ ମାଆ କରୁଛେ ପଲସା ଫୁଲେ
ଚଏତର୍ ମଙ୍ଗଳବାର୍..

ବୁଗବୁଗା ଫୁଟିଛେ ଶେମେଲ୍ ଫୁଲ୍
ଲାଲ୍ ଟହଟହ ପଲସା
ମାଁ ମଙ୍ଗଳାକେ ଚନାଲଡୁ ସାଙ୍ଗେ
ଟିଖିରି,ଲିଆର୍ ମେସା..

ଇ ଫଗୁନ୍ ଚଏତ୍ ଦୁହିମାସ୍ ନେଇ
ବସନ୍ତ ଋତୁର୍ ଦିନ୍
ସୁର୍ଲା ଟିକେ ଟିକେ ପିଟି ବସଲେଁ
ଦିହି ଲାଗସି ଶୁଇନ୍...

ଜାମପାଲି, ମେଲଛାମୁଣ୍ଡା, ବରଗଡ଼, ୭୭୩୫୫୦୯୫୮୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା



କ୍ଷମାନିଧି ସାହୁ

(ବି.ଦ୍ର. ଚିନି, ପାଏନ୍, ଇଟଲି, ଭାତ୍, ଆମର୍ ମକା ବଏଲେ ଚିନ୍, ସ୍ପେନ୍, ଇଟାଲି, ଭାରତ୍, ଆମେରିକା ଔ କବିତାଥି କରୋନାକେ ଟେଁଣ୍ଢେଇ ସାଙ୍ଗେ ଜୁଝା ହେଇଛେ)

ପଲା ଗୋ ତୁଇଁ କରୋନା ଦେବୀ
କାଏଁ ଆସିଛୁ ଇନକେ
ଚିନି ପାଏନ୍ ସାଙ୍ଗେ ଇଟଲି ଖାଏଲୁ
ଭାତେ ଖାଏବୁ କନ୍ଦମୂଳ୍ କନ୍ଦାକେ..

ଆମର୍ ମକା ବାଁରି ବି ଗୁରଦୁ ଖାଏଲୁ
ତଥାପିର୍ ହଉଛୁ ଚଠେଇ
ସବୁବେଳେ ନିଘା ଭାତ୍ ନ ଏଭେଁ
ଇଆଡେ ହେଇଛୁ ଟେଁଣ୍ଢେଇ..

କିଛି ତତେ ପରେ ନି ପୁରବାର୍
ଲୁକର୍ ରକତ୍ ଦଉଛୁ ଶୁଷି
ଆମର୍ ଦେଶେ ଜାନ୍ ଲୁକର୍ ରାଶି ଟାନ୍
ଭୁଜାଲି ଦେବେ ନ ଭୁସି..

ଆମର୍ ଇନର୍ ଲୋକ୍ ବଢେ ବୁଧିଆ
କେଭେଁ ନାଇଁ ଖୁଳନ୍ ଟେଡ୍
ଖିଡ୍ ଖିଡେଇକରି ବଟେଇନେବେ ତତେ
ବାଟେଁ କରିନେବେ ଠେଁଟ୍..(ସିଧା ଟେସନ୍ ନୁ ଚେକପ୍)

ଯେନୁ ଆସିଛୁ ସେନକେ ପଲା ତୁଇଁ
କାଏଁ ହଉଛୁ ଗୁନ୍ଦଲେଇ
ଇଟା ପରେ ଆମର୍ ଜଗନ୍ନାଥର୍ ଦେଶ୍
ଫେର୍ ଅଛନ୍ ମାଁ ସମଲେଇ...

ଜାମପାଲି, ମେଲଛାମୁଣ୍ଡା, ବରଗଡ଼,
୭୭୩୫୫୦୯୫୮୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କୁଛି



ପ୍ରସନ୍ନ ପ୍ରୟାସ ଭୁଏ

ଯେତେ ଥାଉ ଘରେ ନି ଦିଶେ ଆଏଁଖ୍ କେ
ଆର୍ ଗୁଡ଼ାଦୁ ରଖତି ଛଁଚି,
କୁହି ପୁଖରି ପଁଚି ସଢ଼ି ଯାଉ ଥାଉ ପଛେ
ଦେଖି ଦେଖି କରି ଥିସିଁ ବାଆଁଚି ।

ନାଇଁ ଖାଏ କେଭେ ପେଟ୍ ପୁରତୁନୁ
କରୁଥିସି ଲେକ୍ ଲେକ୍,
ସରିଯିବା ବଲି କେତେ ହଉଥିସି ହୁର୍ଗୁନି
ଥର୍ ଥର୍ କରୁଥିସି ଚେକ୍ ।

ଧନ୍ ଯଉବନ୍ କେଭେ ରହିଛେ କାଏଁ ଥାବେ
ସମିଆର୍ ଧାରେ ଯିବା ଉହୁଲି,
ଠିକ୍ ସମିଆ ଥି ନାଇଁ ହେଲେ ତାର୍ ବେଭାର୍
ସରବା ଜୀବନ୍ କାଠ୍ କୁହୁଲି ।

ଆଏଜ୍ କହୁଛୁ ମୋର୍ ବଲି ଯେନ୍ ଧନ୍ କେ
କାଏଲ୍ ଥିବା ଆର୍ କାହାର୍ ପାଖେ,
କୁଛି ହଇ କରି କାଏଁ ଖୁରାଉଛୁ ସୁଖ୍ କେ
ସରବା ବଲି ହୁର୍ଗୁନି ହଇ ଜୀଁଉଛୁ ଦୁଖେ ।

ଆଇଛୁ ବି ଏକଲା ଯିବୁ ବି ତୁଇ ଏକଲା
ସାଂଗେ ନି ନଉ ଧନ୍ ସୁନା ରୁପା,
କେନ୍ ମାୟା ଜାଲେ ହଇ ଯାଇଛୁ ଛନ୍ଦି
ଘାଁଟି ଗୁନଲେଇ ହଇଛୁ ଗୁପା ।

ବନ୍ଧୁ ବାନ୍ଧବ୍ ଭାଇ ଦାଇ ପୁଓ ଯେତେ ସମ୍ପର୍କ
ମଶାନ୍ ପଦା ତକ୍ ତାକର ପାହା,
ମାଟିର୍ ଦେହେ ଯେଭେ ହଇଯିବା ମାଏଟ୍
ଛଁଚଲା ଧନ୍ ସବୁ ହେବା ସୁଆହା ।

ପ୍ରଧାନପାଲି, ସମ୍ବଲପୁର, ୮୬୫୮୭୯୮୭୬୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବଧିଆଁ



ସୁଭାସ୍ ଚନ୍ଦ୍ର ଭୁଏ

ହୁରୁଦ୍ ଖୁଲି ମା କରେ ଅରଦଲି
ଗୁହାରି ସୁନ୍ ମା ଏତେ
ମୁନୁସପନିଆ ବିଚାରର୍ ଗଙ୍ଗା ପାଏନ୍
ଦିହେଁ ଝିଟି ହେଲି ହାତେ

ଛିଟ୍ ବସତର୍ ଲେଖେ ଭାବ୍ ସରଧା
ସବୁକେ ଦେଲି ସଁପି
ପୂଜା କରେ ସୁମରି ହୁରୁଦ୍ କୁଠିନେ
ଅଠିପହର୍ ଜପି ତପି

ଦିପ୍ ଲେଖେ ଥୁଇ ନିରମଲ୍ ମନ୍
ଜ୍ଞାନ୍ ସଏଲତା ଜାଲି

ହୁଁକରେଇ ଭିରିକସି ବିର୍ ପନକେ
ତେଜେଇ ନେସି ଘି ଢ଼ାଲି

ସମରପନ୍ ଭାବର୍ ଅରୁଆ ଚଉଲ୍
ତିନ୍ ଠାନେ ଦେଲି ପୂଜା
ଚଲତି ମହାପୁରୁ ମା ବୁଆ ଗୁରୁ
ଉଡୁଥାଉ ତାକର୍ ଧଜା

ସଁସାରର ଝାରୁ ଅଏଲେଖ୍ ଗଛୁ
ନୁକୋ ଫୁଲ୍ ଆଁନଲି ତୁଲି
ସୁଖ୍ ଉସତର୍ ଫୁଲ କେ ଚଢେଇ
ଦୁଖଃ ଦରଦ୍ ଜାଏ ଭୁଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସିନ୍ଦୁରେଂ ମିସେଇ ବଏରି ପନ୍ କେ
ତୋର୍ ଆଗେ ଦେଲି ଭଂଜେଇ
ସିରା ମାଖୀ ସିନ୍ଦୁର୍ ଅଜାତ ସତରୁ
ନାମେ ଦେବୁ ମତେ ସଜେଇ

ଭକ୍ତିର୍ ସରସର୍ ଗୁରସ୍ ଗଡୁ କେ
ଗୁଡ଼େ ମୁଡ଼େ ଦେଲି ରୁକି
ଭକ୍ତିର୍ ଅଭାବିଆ ଭାବ୍ କେ କେଭେଁ
ନାଇଁ ଦେବୁ ମା ଗୋ ଢୁକି

ମଦଗରବିଆ ପନର୍ ନଡ଼ିଆ କେ
ପିଟି ଫଟାଲି ପାହା ତଲେ
ଫକ୍ ପରରା ଗୁଦାଲ୍ ସେବାର୍ ଭାବନା
ମନେ ରଖି ନେବୁ ଭଲେ

ମାପୋ ସଁସେ ଲେଖେ ଧୂପକାଠି ବାସେ
ବିନ୍ ମତଲବିଆ ଧୂପ ମୋହର୍ ଫାସେ
ମନ୍ ସାଙ୍ଗେ ମନ୍ ଜୁଡେଇ
ହିଂସା ଅଂହକାର୍ ରିସା କୋର୍ କପଟ୍
ସବୁକେ ଦେଲି ପୁଡ଼େଇ

ଧରଜ୍ୟର୍ ଭୋଗ୍ ବାଢ଼ି ପରସି ଦେମି
ପହର୍ ସମିଆ ଜାନି
ବଲ୍ ଦେବୁ ଦୁଖେ ଉନା ନାଇଁ କରି
ଚାଲନି ନ ଦେବୁ ଛାନି

ସବୁ ବଧି ଚଢେଇ ବଦଲା ମାଗୁଛେ
ଏତକି ବଧିଆ ତତେ
ହାତ୍ ଜୁଡି ଆକୁଲେ କରୁଛେ ଜୁହାର୍
ଦୟା କରିଥିବୁ ମତେ

ଜଏ ଜଏ ମା ଗୋ ସିରି ସମଲେଇ
ପାଦ୍ ତଲେ ଗଲି ସରନ୍
ଛପନ୍ କୁଟି ସଁସାରର୍ ଜିବ ଜନ୍ତୁ କୁ
ଦୁଖେ ସୁଖ୍ ଦେବୁ ଅରନ୍

ଧାଙ୍ଗେର୍,ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଲ୍‌କାନ୍‌ଗିରି



ବିଶ୍ୱନାଥ ଭୁଏ

ଆଏଲେ ଥରେ ମାଲ୍'କାନ୍'ଗିରି
ମନ୍ ନାଇଁ ଲାଗେ ଯିବାର୍'କେ ଫିରି,
ସୁଂଦର୍ ଭରା ଇ ପ୍ରକୃତିର୍ ଡୁରୀ
ବାଂଧି ନେସି ଇ ମନ୍ କେ ଘେରି ।

ପ୍ରକୃତି ଦେଇଛେ ସମ୍'କୁ ସ୍ୱାଧୀନ୍
କିହେ ଭି ନାଇଁନ ଇନୁ ହୀନ୍,
ନଏଦ୍'ନଲିଆ ନାଇଁ ହଏ ଶୁଇନ୍
ନିଥ୍'ରୁ ଥିସି ରାଏତ୍'ଦିନ୍ ।

ଜଂଗଲ୍ ଭି ଗଉଛେ ଗୀତ୍ ଗୁଟା
ଖରା ବର୍ଷାର୍ ଶୀତର୍ କଥା,
ପଶୁପକ୍ଷୀର୍ ରୁହାବସା
ଦେଖ୍,ବାର୍ କେ ଲାଗ୍'ସି ନିଶା ।

ପବନର୍ ଖେଲେ ଗଛର୍ ଡାଲେ
ପତର୍ ହଲୁଥିସି ଲାଡ଼େଗେଲେ,
ଠାନେଠାନେ ଧର୍'ତୀର୍ କୁଲେ
ଲଟା ନାଚୁଥିସି କଲେକଲେ ।

ଧାଡ଼ିକେଧାଡ଼ି ଠିଆ ହେଇକରି
ଆକାଶ୍ ଉପର୍ ମୁଡ୍ ଟେକିକରି,
ପାହାଡ୍ ପର୍ବତ୍ ହାଁତ୍ ଧରାଧୁରି
ଖେଲ୍ ଖେଲୁଥିସନ୍ ଏକାସାରି ।

ଆଏଲେ ଥରେ ମାଲ୍'କାନ୍'ଗିରି
ମନ୍ ନାଇଁ ଲାଗେ ଯିବାର୍'କେ ଫିରି
ମନ୍ ନାଇଁ ଲାଗେ ଯିବାର୍' କେ ଫିରି.... !

କେଶାଇପାଲି, ଭଟଲି
ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତାଳି, ଥାଳି, ଦୀପ ବନାମ ବିରୋଧୀ



ସୁବଳ ମହାପାତ୍ର

ଆପଣ ମାନେ "ଥ୍ରୀ ଇଡିଅଟ" ମୁଭି ଦେଖିଥିବେ । ସେଥିରେ ଗୋଟେ ସିନ ଅଛି," ରାଜୁ ଦି ମହଲା ରୁ ତଳକୁ ଡେଇଁ ଆହତ ହେବାରୁ ଡାକ୍ତରଖାନା ରେ ଭର୍ତ୍ତି ହୋଇଥିବ । କୋମା ରେ ଥିବ, ସବୁ ଶୁଣି ପାରୁଥିବ ଆଉ ଦେଖି ପାରୁଥିବ କିନ୍ତୁ ସୁସ୍ଥ ହେଉ ନଥିବ । ଭିତରେ ଭିତରେ ସେ ଭାଙ୍ଗି ସାରିଥିବ, ସେ ଡିପ୍ରେସନ ଆଡକୁ ଯାଉଥିବ ଓ ବଞ୍ଚିବାର ଆଶା କ୍ଷୀଣ ହୋଇ ଆସୁଥିବ ।

ଏତିକି ବେଳେ Rancho ଆଉ ଫାର୍ହାନ ସବୁ ପ୍ରକାର ମିଛ, ସତ କହି ରାଜୁ ର ମନ ଜିଣିବାକୁ, ତାକୁ ଟିକେ ଖୁସି କରେଇବାକୁ ଓ ତା ମନ କୁ ଅନ୍ୟ ଆଡେ ଟାଣିବାକୁ ଚେଷ୍ଟା କରୁଥିବେ । ଆଉ ଶେଷ ରେ rancho ଏଇୟା କହିବ ଯେ ," ରା..ଜୁ... ତୁ..ଝେ..ପ.. ତା.. ହେ.. ?? କ..ମୋ..କି.. ସା..ଦି..ଫି..କ୍ସ.. ହୋ..ଗ..ୟା..ହେ... ଔ..ର.. ପ..ତା..ହେ.. ଦୁ..ଲ୍ଲା..କୌ..ନ..ହେ..??.. ଆ..ପ..ନା.. ୟେ.. ଫ..ର..ହା..ନ.. ହାଁ.. ୟେ.. କ..ରେ..ଗା.. ତେ..ରୀ.. ବେ..ହେ..ନ୍.. ସେ.. ସା..ଦି.. ଓ..ଭି...ବି.ନା.. ଦ..ହେ..ଜ.. ମେ...

ଆଉ ଆସ୍ତେ ଆସ୍ତେ ରାଜୁ କୋମା ରୁ ବାହାରକୁ ଆସିବ । ଆସିଲା ପରେ କହିବ, ସାଲେ, ମୁଝେ ପତା ଥା କି ତୁମ ସବ ଝୁଟ ବୋଲ ରହେଥେ, ପର thanks ....

ଏବେ କହିପାରିବେ ୟା ପଛ ର କାରଣ କଣ ?? କାହିଁକି ରାଜୁ ଠିକ ହୋଇଗଲା ? କାହିଁକି ସେ ଡିପ୍ରେସନ ରୁ ବାହାରକୁ ଆସିଲା ? କାହିଁକି ପୁଣି ତାକୁ ବଞ୍ଚିବାକୁ ଇଛା ହେଲା ? ଆଉ କାହିଁକି ତୁରନ୍ତ ରିକଭର କରି ସମ୍ପୂର୍ଣ୍ଣ ସୁସ୍ଥ ହେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଟିଏ କାରଣ ହେଲା ମାନସିକ ଅବସ୍ଥା । ସେ ପର୍ଯ୍ୟନ୍ତ ସେ ଚିନ୍ତା ରେ ଥିଲା । ପାଠ, ଭଉଣୀ ର ବିବାହ, ଯୌତୁକ, ଘରର ଅବସ୍ଥା, ଭିଣ୍ଡି ବାରା ରୁପୀୟା କିଲୋ ଇତ୍ୟାଦି ଇତ୍ୟାଦି...

କିନ୍ତୁ ସେ ଯେତେବେଳେ ଏ ମାନସିକ ଦୁଶ୍ଚିନ୍ତା ରୁ ମୁକ୍ତ ହେଲା ଓ ତାକୁ ସମସ୍ତେ ଭଲ ପାଉଛନ୍ତି ବୋଲି ଜାଣିଲା ସେ ଆସ୍ତେ ଆସ୍ତେ ସୁସ୍ଥ ହେବାକୁ ଲାଗିଲା । ତା ନର୍ଭ ସବୁ କାମ କରିବାକୁ ଲାଗିଲେ, ରୋଗ ପ୍ରତିରୋଧକ ଶକ୍ତି ବଢ଼ିଲା ଓ ସେ ପୁଣି ସୁସ୍ଥ ହୋଇ ସୁଖୀ ଜୀବନ ଯାପନ କଲା....

ଆଚ୍ଛା ଏତେ ସବୁ ଆପଣଙ୍କୁ କହିବା ର କାରଣ କଣ ? ?

ଆଜି ମୋଦୀ ଜି ସକାଳ ନଅଟା ରେ କହିଲେ ଯେ, ରବିବାର ରାତି ନଅଟା ରେ ଆମେ ଦୀପ କିମ୍ବା କ୍ୟାଣ୍ଡେଲ ଜାଳିବା, କିମ୍ବା ଟର୍ଚ୍ଚ ଓ ମୋବାଇଲ ରୁ ଲାଇଟ ପକେଇବା । ଆଗରୁ ବି ଥରେ ସେମିତି ଘଣ୍ଟ, ଘଣ୍ଟା, ଥାଳି ଓ ତାଳି ବଜେଇବାକୁ କହିଥିଲେ ।

ୟା ପରେ କିଛି ମୋଦୀ ଓ ବିଜେପି ବିରୋଧୀ ଗୋଷ୍ଠୀ ତା ପଛରେ ଲାଗିଗଲେ, କାରଣ କଣ ? କଲେ କଣ ହେବ ? ଖାଇବାକୁ ନାହିଁ, ଭେଣ୍ଟିଲେଟର ନାହିଁ, ଡାକ୍ତରଖାନା ନାହିଁ, ଡାକ୍ତର ନାହାନ୍ତି...ଏ ବେଳ ରେ ଏସବୁ କଣ ? ?

ସେମାନଙ୍କୁ ମୋ ଉତ୍ତର, ଯଦି ଉପର ପାରା ପଢି କିଛି ବୁଝି ପାରି ନାହାନ୍ତି ତେବେ ତଳକୁ ପଢନ୍ତୁ...

– ଏହାଦ୍ୱାରା ମଣିଷ ମନରେ ଏକ ସକାରାତ୍ମକ ଶକ୍ତି ତିଆରି ହେବ, ଯାହା ତା ର ରୋଗ ପ୍ରତିରୋଧକ ଶକ୍ତି ବଢ଼େଇବାରେ ସାହାଯ୍ୟ କରିବ ।

– ମଣିଷ ଏତେଦିନ ଘରେ ରହି ବିରକ୍ତ ହୋଇଯାଇଥିଲା, ଏହା ଦ୍ୱାରା ଆଗକୁ କଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେବ (ଗୋଟେ ଖୁସି ଆଉ) ବୋଲି ତା ମନରେ ଉତ୍ସୁକତା ରହିବ ।

– ଘର ଲୋକଙ୍କ ସହ ମିଶି ଏକାଠି ଛାତ ଉପରେ ମଜା କରିବେ ଓ ଆଖ ପାଖ ସାହି, ପଡିଶା (ଯାହାକୁ ବିଗତ ଦିନରେ ଦେଖି ନଥିଲେ ସେମାନଙ୍କୁ ଦେଖି ଖୁସି ହେବେ । feel good ହରମୋନ ଦେହ ଭିତରେ କ୍ଷରଣ ହେବ ଓ ସୁସ୍ଥ ରଖିବାରେ ସାହାଯ୍ୟ କରିବ ।

– ଯେଉଁମାନେ କରୋନା ଯୋଗୁଁ ସମ୍ପୂର୍ଣ୍ଣ ଭାବେ ଭୟଭୀତ ସେମାନଙ୍କ ମନ ଭିତରେ ୟା ସହ ଲଢ଼ିବାକୁ ଶକ୍ତି ଆସିବ । (ମନେରଖନ୍ତୁ ବାହୁବଳ ଅପେକ୍ଷା ମନର ବଳ ବେଶି ଶତ୍ରୁକୁ ହରେଇବା ପାଇଁ)

– ଭଲ ପାଇବା ବଢିବ ଓ ମାନସିକ ଭାବେ ଜଣେ ସୁସ୍ଥ ରହି ପାରିବ....

ଆଛା,

– ତାଳି, ଥାଳି ନ ବଜେଇଥିଲେ ଡାକ୍ତରଖାନା ତିଆରି ହୋଇଯାଇଥାନ୍ତା ? ନା ଦୀପ ନ ଜାଳିଲେ ଭେଣ୍ଟିଲେଟର ଆସିଯିବ ? ଯାହାର ଇଚ୍ଛା ହେଉଛି କର, ଇଚ୍ଛା ନାହିଁ କରନି, ବସି ଟିଭି ଦେଖ...ଏତେ ଯୁକ୍ତି କାହିଁକି ? ତୁମକୁ କିଏ ବାଧ୍ୟ କରୁଛି କି ? ?

– ସବୁ କଥାକୁ ଯୁକ୍ତି ମାଧ୍ୟମରେ ବୁଝିବା ଭଲକଥା, କିନ୍ତୁ କୌଣସି ଶତ୍ରୁତା ବା ଦଳଗତ ଭାବ ଯୋଗୁଁ ଭଲକଥାକୁ ବିରୋଧ କରିବା ମୂର୍ଖାମୀ ନିଶ୍ଚିତ ।

---X---

ବି.ଦ୍ର – ମୁଁ କୌଣସି ଦଳକୁ ସମର୍ଥନ କରେ ନାହିଁ କିନ୍ତୁ ଭଲ କଥାକୁ ସମ୍ମାନ ଦିଏ ।

ଯଦି କେହି ଅସହିଷ୍ଣୁ ବ୍ୟକ୍ତି ଏ ଲେଖା ଉପରେ ଖରାପ ଭାଷାରେ କମେଣ୍ଟ ଦିଏ, ମୁଁ ତାକୁ ଗ୍ରହଣ କରିବି ନାହିଁ । ଯାହା ବୁଦ୍ଧଦେବଙ୍କ ଭାଷାରେ ତୁମେ ନିଜେ ନିଜ ପାଖରେ ରଖିବ ଓ ତୁମ ନିଜର ସମ୍ମାନ ଖରାପ ହେବ (ବୁଦ୍ଧଦେବଙ୍କ ଏ କାହାଣୀ ଯଦି ଜାଣିନାହାନ୍ତି

 Magazine Downloaded from www.aahwaan.com

ତେବେ ଶେଷ ପାରା ଦେଖନ୍ତୁ) । ତୁମେ କି ପ୍ରକାର ବ୍ୟକ୍ତି, ସମସ୍ତେ ତୁମ ଭାଷାରୁ ଜାଣିବେ । ତେଣୁ ଯଦି କାହାର ଯୁକ୍ତି କରିବାର ଅଛି କରି ପାରନ୍ତି କିନ୍ତୁ ଖରାପ ଭାଷା ପ୍ରୟୋଗ ନ କରିବାକୁ ଅନୁରୋଧ ।

---x---

ଥରେ ଜଣେ ଲୋକ ଆସି ବୁଦ୍ଧଦେବଙ୍କୁ ଜୋରଦାର ଗାଳି କଲା, କିନ୍ତୁ ବୁଦ୍ଧଦେବ ନିରବ ନିଶ୍ଚଳ ହୋଇ ବସିଥାନ୍ତି । ସେ ଗଲା ପରେ ଶିଷ୍ୟ ଜଣେ ପଚାରିଲେ ---

-- "ଆଚ୍ଛା, ଗୁରୁଦେବ, ସେ ଆପଣଙ୍କୁ ଏତେ ଗାଳି କଲା କିନ୍ତୁ ଆପଣ ତାକୁ କିଛି କହିଲେ ନାହିଁ ? ?

-- ବୁଦ୍ଧଦେବ କହିଲେ,"ଆମେ ଭିକ୍ଷା ମାଗିବାକୁ ଯାଉଛେ । ଯଦି ଜଣେ କିଛି ଜିନିଷ ଦେଲା ଓ ଆମେ ତାକୁ ଗ୍ରହଣ କଲେନାହିଁ ତେବେ ସେ ଜିନିଷଟି କାହା ପାଖରେ ରହିବ ? ?"

-- ଶିଷ୍ୟ କହିଲେ," ନିଶ୍ଚିତ ଭାବେ ସେ ଲୋକ ପାଖରେ ରହିବ"

ବୁଦ୍ଧଦେବ -- ଏସବୁ ଗାଳି ମୁଁ ଗ୍ରହଣ କରିନାହିଁ । ତେଣୁ...

ଶିଷ୍ୟ ଏବେ ବୁଝି ପାରିଲେ ଓ ଗୁରୁଙ୍କ ପାଦଧୂଳି ନେଲେ...

---x---

ଖଲାରୀ, ଅନୁଗୁଳ, ଓଡିଶା

୯୩୭୬୦୧୫୦୦

ଇମେଲ୍ : subal.mohapatra@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗରୀବର ଦୁଃଖ



ନିବେଦିତା ମହାପାତ୍ର

ଆଧ୍ୟାତ୍ମିକ ପରିବେଶ ସେ ମନ୍ଦିର ହେଉ ଅବା ଯଜ୍ଞସ୍ଥଳ ସବୁଠି ମନକୁ ଏକ ଅପୂର୍ବ ଶାନ୍ତି ମିଳିଥାଏ । ଦୈନନ୍ଦିନ ଜୀବନର କ୍ଲାନ୍ତି ଓ ଅବସାଦକୁ ଦୂରେଇବା ପାଇଁ ମୋ ମତରେ ଏଇ ସ୍ଥାନଟି ଉପଯୁକ୍ତ ଅଟେ । ସେଥିପାଇଁ ସମୟ ମିଳିଲେ ବେଳେବେଳେ ମନ୍ଦିର ଆଡେ ଟିକେ ବୁଲି ଆସେ । ଆଜି ବି ସକାଳୁ ଭାରି ଇଚ୍ଛା ହେଲା ମନ୍ଦିର ଯିବାକୁ,ସେଥିପାଇଁ ବାହାରି ଆସିଲି ପାଖରେ ଥିବା ଏଇ ମନ୍ଦିରକୁ । ପାହାଡ ପାଖରେ ଥିବା ଏଇ ମନ୍ଦିରର ପାହାଚକୁ ମୁଁ ଯେତେଯେତେ ଚଢୁଥାଏ ମନରେ ଏକ ଅପୂର୍ବ ଉନ୍ମାଦନା ଖେଳି ଯାଉଥାଏ । ଲାଗୁଥାଏ ସତେ ଯେମିତି ମୁଁ ସବୁ ଦୁଃଖ, କଷ୍ଟ, ଯାତନା, ମାୟା ଓ ମୋହରୁ ଉର୍ଦ୍ଧ୍ୱରେ ଚାଲୁଛି । କେବଳ ଭଗବତ୍ ସତ୍ତାକୁ ପ୍ରାପ୍ତି କରିବାର ଉଲ୍ଲାସରେ ମନ ଉଲ୍ଲସିତ ହେଇ ଯାଉଥାଏ । ମନରେ ମହାମନ୍ତ୍ରକୁ ଗାଇ ଗାଇ ମୁଁ ଅଜଣା ଦିବ୍ୟ ଆନନ୍ଦରେ ପ୍ରଫୁଲ୍ଲିତ ଚିତ୍ତରେ ଆଗକୁ ବଢି ଚାଲିଥାଏ ।

ହଠାତ୍ କିଛି ବାଟ ଯିବାରେ ମୋ ଧ୍ୟାନ ଭଗ୍ନ କଲା କିଛି ଲୋକଙ୍କର କୋଳାହଳ ମୟ ସ୍ୱର । ଏମିତି ଏକ ଆଧ୍ୟାତ୍ମିକ ପରିବେଶରେ ଏପରି ଗଣ୍ଡଗୋଳ ଓ ଅଶାନ୍ତି ପ୍ରତୀକର ନୁହେଁ । ଘଟଣା ସଂପର୍କରେ ଜାଣିବା ପାଇଁ ମୁଁ ପାଦ ଆଗକୁ ବଢାଇଲି । ପାଖରେ ପହଞ୍ଚି ଯାହା ଦେଖିଲି ନିଜ ଆଖିକୁ ବିଶ୍ୱାସ କରି ପାରିଲିନି । କିଛି ଲୋକଙ୍କ ସହ ଜଣେ ଗେରୁଆ ବସ୍ତ୍ର ପିନ୍ଧା ସାଧୁ ମଧ୍ୟ ଗୋଟିଏ ଗରୀବ ଲୋକର ବିକ୍ରି ସାମଗ୍ରୀକୁ ଫୋପାଡୁଛନ୍ତି ।

ମୋ ଆଶ୍ଚର୍ଯ୍ୟର ସୀମା ରହିଲାନି । ଜଣେ ସାଧୁଙ୍କ ଚରିତ୍ର କ'ଣ ଏପରି ହେବା ଉଚିତ୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ତ ମୁଁ କୌଣସି ପୁରାଣ, ଗଳ୍ପ, ପ୍ରବଚନରେ ଏମିତି ଉଗ୍ର ରୂପଧାରୀ ସାଧୁଙ୍କ ବିଷୟରେ ଶୁଣିନି । ସାଧୁଙ୍କ ସ୍ୱଭାବ ନମ୍ର ହୋଇଥାଏ; ହେଲେ ଏ ତ ! !

ଘଟଣା ସଂପର୍କରେ ଅଧିକ ଜାଣିବା ପାଇଁ କୌତୁହଳ ବଶତଃ ସେଠାରେ ଉପସ୍ଥିତ ଥିବା ଲୋକ ମାନଙ୍କୁ ପଚାରିଲି । ସେମାନଙ୍କ ଠାରୁ ଯାହା ଶୁଣିଲି ଖୁବ୍ ଅଜବ ଲାଗିଲା । ସେ ଗରୀବ ଲୋକ ଜଣଙ୍କ ବହୁଦିନରୁ ସେଠି ପସରା ଖୋଲି ଜିନିଷ ବିକ୍ରି କରୁଛନ୍ତି । ଖାଲି ସେତିକି ନୁହଁ ସେଥିପାଇଁ ସେ ପ୍ରତି ମାସରେ ସେ ସାଧୁଙ୍କୁ ଟଙ୍କା ବି ଗଣୁଛନ୍ତି; ହେଲେ ଆଜି ସେମାନେ ତାଙ୍କ ଜିନିଷ ପତ୍ର ଫୋପାଡି ହଇରାଣ କରୁଛନ୍ତି ।

ସେଠାରେ ଉପସ୍ଥିତ କିଛି ଲୋକ ପ୍ରତିବାଦ କରୁଥିଲେ ମଧ୍ୟ ଅନ୍ୟ କିଛିଲୋକ କେବଳ ନିରବଦ୍ରଷ୍ଟା ସାଜିଥିଲେ । ସେ ସାଧୁ ଓ ତାଙ୍କ ଶିଷ୍ୟମାନଙ୍କ କାର୍ଯ୍ୟକଳାପକୁ ସମସ୍ତେ ଯେମିତି ଉପଭୋଗ କରୁଥିଲେ ।

ସେଦିନ କୁରୁସଭାରେ ବହୁ ଗୁଣୀ ଜ୍ଞାନୀଲୋକଙ୍କ ଉପସ୍ଥିତି ସତ୍ତ୍ୱେ ବି ଯେପରି ଦୌପଦୀଙ୍କ ବସ୍ତ୍ରହରଣର ଘୃଣ୍ୟ କାର୍ଯ୍ୟ ରୂପାୟନ ହୋଇଥିଲା ସେପରି ଆଜି ବି ଏତେ ଲୋକଙ୍କ ଉପସ୍ଥିତିରେ ଘଟି ଚାଲିଥିଲା ଗରୀବ ଉପରେ ଅତ୍ୟାଚାର । ପ୍ରତିବାଦ କରିବାର ଇଛା ଥିଲେ ବି ମୁଁ କିଛି କରି ନପାରି କେବଳ ଦେଖୁଥିଲି ବିଧାତାଙ୍କ ଦରବାରରେ ଘଟୁଥିବା ଅନ୍ୟାୟର ପ୍ରତିଛାୟାକୁ । ବେଶୀ ସମୟ ସେ ସ୍ଥାନରେ ରହି ଅନ୍ୟାୟକୁ ଦେଖି ପାପରେ ଭାଗି ହେବା ପାଇଁ ନିଜ ବିବେକ ଓ ଆତ୍ମା ମତେ ଅନୁମତି ଦେଲା ନାହିଁ । ଶେଷରେ ଭଗବାନଙ୍କ ଦର୍ଶନ ନ କରି ମୁଁ ଫେରି ଆସିଲି ।

ମୋ ଫେରିବା ବାଟରେ ଗୋଟିଏ ପ୍ରଶ୍ନ ମୋ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା ସତରେ ଆଜିର ଏ କଳିଯୁଗରେ ନ୍ୟାୟ କ'ଣ ତା'ର ଅସ୍ତିତ୍ୱ ହରେଇ ବସିଛି ? ? ଗରୀବ

Magazine Downloaded from www.aahwaan.com

ହେବା କ'ଣ ଅଭିଶାପ ନା କୌଣସି ପ୍ରାରବ୍ଧ କର୍ମର ଫଳ ? ?

ଶ୍ରୀକୃଷ୍ଣ ତ ନିଜେ ସେଦିନ ଗରୀବ ସୁଦାମକୁ ସ୍ୱାଗତ କରିବା ପାଇଁ ରାଜ ସିଂହାସନ, ସ୍ୱର୍ଣ୍ଣ ମୁକୁଟ, ପାଟ ପିତାମ୍ବରୀକୁ ତୁଚ୍ଛ କରି ଖାଲି ପାଦରେ ଧାଇଁ ଯାଇ, ନିଜ ହାତରେ ତାଙ୍କ ପାଦ ଧୋଇ ଦେଇଥିଲେ । ସେହି ଦେଶର ଲୋକ ହେଇ ଆଜି କାହିଁକି ଏ ମଣିଷ ଗରୀବଙ୍କ ପ୍ରତି ଏତେ ଅତ୍ୟାଚାର କରୁଛନ୍ତି । ତାଙ୍କୁ ହୀନ ଦୃଷ୍ଟିରେ ଦେଖୁଛନ୍ତି ? ? ଏ ଦୁନିଆଁରେ ଗରୀବର କ'ଣ କିଛି ମହତ୍ତ୍ୱ ନାହିଁ କି ? ?

ନିବେଦିତା ମହାପାତ୍ର

ମୁକୁନ୍ଦ ମିଶ୍ର ନଗର,ପୁରୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରାଚୀନ ଘୁମୁସର ରାଜ୍ୟ



## ପ୍ରାଚୀନ ଘୁମୁସର ରାଜ୍ୟର ବିଷ୍ଣୁଚକ୍ରଗଡ଼ ଓ ହୟଗ୍ରୀବ ଉପାସନା

ବି. ପ୍ରକାଶ ଚନ୍ଦ୍ର ପାତ୍ର

ପ୍ରାଚୀନ ଘୁମୁସର ରାଜ୍ୟର ବିଷ୍ଣୁଚକ୍ର ଗଡ଼ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ । ଘୁମୁସର ରାଜ୍ୟ ଜୟନ୍ତୀଗଡ଼ଠାରେ ରାଜଧାନୀ ପ୍ରତିଷ୍ଠା ନିଜ ରାଜ୍ୟର ସାମ୍ରାଜ୍ୟ ବିସ୍ତାର କରିବାପାଇଁ ରଘୁନାଥ ଭଞ୍ଜଙ୍କ ଠାରୁ କୃଷ୍ଣଭଞ୍ଜଙ୍କ ପର୍ଯ୍ୟନ୍ତ ବହୁ ରାଜା ଆପ୍ରାଣ ଉଦ୍ୟମ କରିଛନ୍ତି । ଭୌଗଳିକ କାରଣରୁ ନିଜ ରାଜଧାନୀ କୁଲାଗଡ଼କୁ ପରିବର୍ତ୍ତନ କରାଯାଇ ଘୁମୁସର ରାଜ୍ୟର ସାମାଜିକ ଓ ସାଂସ୍କୃତିକ ବିତ୍ତକୁ ସମୃଦ୍ଧ କରିବା ନିମନ୍ତେ ଭଞ୍ଜରାଜାମାନେ ଯତ୍ପରୋନାସ୍ତି ଉଦ୍ୟମ କରି ସଫଳ ହୋଇ ପାରିଥିଲେ । କୁଲାଗଡ଼ଠାରେ ରାଜଧାନୀ ପ୍ରତିଷ୍ଠା ପରଠାରୁ ରାଜ୍ୟକୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ସ୍ଥାନରେ ଅସ୍ତ୍ରଶସ୍ତ୍ର ସହିତ ସୈନ୍ୟସାମନ୍ତ ମାନଙ୍କୁ ନିୟୋଜିତ କରିବା ନିମନ୍ତେ ବିଭିନ୍ନ ଅଞ୍ଚଳରେ ଗଡ଼ମାନ ପ୍ରତିଷ୍ଠା କରିଥିଲେ । ଭଞ୍ଜରାଜାମାନେ ଭିନ୍ନ ଭିନ୍ନ ସମୟରେ ଜୟନ୍ତୀଗଡ଼ଠାରୁ ଆରମ୍ଭ କରି ବରପଲ୍ଲୀ, ପାଟୁଳିଗଡ଼, ନୂଆଁଗଡ଼, ବିଷ୍ଣୁଚକ୍ରଗଡ଼, ରାମଗଡ଼, ବାଦଗଡ଼, କଳିଗଡ଼ ପ୍ରଭୃତି ଗଡ଼ ବା ଚ୍କ୍ରଗଡ଼ ଅନ୍ୟତମ । ଗଡ଼ ଅତି ରହସ୍ୟମୟ ଓ ବିଭବପୂର୍ଣ୍ଣ ଅଞ୍ଚଳ । ବିଷ୍ଣୁଚକ୍ର ଏକ ଛୋଟିଆ ଜନବସତି । ଆଜି ବି ଗ୍ରାମୀଣ ପରିବେଶରେ ବେଶ୍ ସଂସ୍କାରପୂର୍ଣ୍ଣ । ଅଧିବାସୀମାନଙ୍କ ଚାଲିଚଳଣ ଆଚାର ବ୍ୟବହାର ସାମାଜିକ ଓ ସାଂସ୍କୃତିକ ହୃଦୟ, କୃଷିକର୍ମଣ ପରିବେଶ ମଧ୍ୟରେ ବେଶ୍ ସରସ ସୁନ୍ଦର ଗାଁଟିଏ । ବିଷ୍ଣୁଚକ୍ରଗଡ଼ - ଯାହା ଆଜିର ଆଲୋଚନାର ବିଷୟ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଷ୍ଣୁଚକ୍ର ଗ୍ରାମଟି ପ୍ରାଚୀନ ଘୁମୁସର ରାଜ୍ୟର ମଧ୍ୟଭାଗରେ ଅବସ୍ଥିତ ଆଧୁନିକ ଗଞ୍ଜାମ ଜିଲ୍ଲାର ଘୁମୁସର ସବଡିଭିଜନ୍ ଅନ୍ତର୍ଗତ ବାଲିପଦର ନିକଟରୁ ୫ କିମି ଦୂରରେ ତଥା ଭଞ୍ଜନଗରଠାରୁ ୨୫ କିମି ଦୂରରେ ବଡ଼ନଦୀ ନିକଟସ୍ଥ ପୋଚାଲୁଣ୍ଡି ନିକଟରେ ଅବସ୍ଥିତ । ଏହାର ପୂର୍ବଦିଗରେ ରାମଗଡ଼ ଡେଙ୍ଗାପଦର ଗ୍ରାମ ଓ ଦକ୍ଷିଣରେ ମହାତ୍ମା ଗାନ୍ଧୀଙ୍କର ଆଶ୍ରମ ଗ୍ରାମ, ଉତ୍ତରରେ ପ୍ରାଚୀନ ଗହଙ୍ଗୁ ମଠ ତଥା ପ୍ରାଚୀନ କୃଷ୍ଣଗଡ଼ ଅବସ୍ଥିତ । ଗ୍ରାମଟି ବିସ୍ତୀର୍ଣ୍ଣ ଓସାରିଆ ଦାଣ୍ଡ ବିଶିଷ୍ଟ ଗ୍ରାମ । ଗ୍ରାମର ଚତୁଃପାର୍ଶ୍ୱରେ ନାରିକେଳ ଗଛ ପରିପୂର୍ଣ୍ଣ । ମଝିଦାଣ୍ଡରେ ଭାଗବତ ଟୁଙ୍ଗି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ମହାଶିବ ଗଡ଼ ତାର ନିକଟବର୍ତ୍ତୀ ରହିଛି ଦମଦମା ଗଡ଼ ଯେଉଁଠି ରାଜାଙ୍କ ଅସ୍ତ୍ରଶସ୍ତ୍ର ଘାଟି ରହିଥିଲା । ଦୁଇଟି ଗଡ଼ର ମଧ୍ୟଭାଗରେ ପ୍ରାଚୀନ ଶିବ ମନ୍ଦିର ତାର ପାର୍ଶ୍ୱ ଦେଶରେ କଳିଗଡ଼ ତା ନିକଟରେ ଗ୍ରାମଦେବତୀଙ୍କ ମନ୍ଦିର । ରାଜା ଶ୍ରୀକର ଭଞ୍ଜଙ୍କ ସମୟରେ ଏହି ମନ୍ଦିର ନିର୍ମାଣ କରାଯାଇଛି । ଆନୁମାନିକ ୧୭୬୭ ମସିହା ବେଳକୁ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ସରିବାର ଅନୁମାନ କରାଯାଏ । ମନ୍ଦିରର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀ । ପାଚେରୀକୁ ଲାଗି ରହିଛି ସ୍ୱଚ୍ଛ ନିର୍ମଳ ଦେଉଳ ବନ୍ଧ । ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଗଛ ତଥା ନାରିକେଳ, ଅଶୋକ, ତେଜପତ୍ର, ଲେମ୍ବୁ, ପିଜୁଳୀ, କରୁଣା ତଥା ମାଳତୀ ଲତା ମନ୍ଦିର ପରିବେଶକୁ ଗମ୍ଭୀର କରିଦିଏ । ମନ୍ଦିରରେ ତିନୋଟି ଦ୍ୱାର ରହିଛି । ତିନୋଟି ମନ୍ଦିର ବିଶିଷ୍ଟ ଗର୍ଭଗୃହ, ନାଟ୍ୟମଣ୍ଡପ ଓ ସିଂହଦ୍ୱାରରେ ଦୁଇଟି ଧାବମାନ ସିଂହ ବିରାଜମାନ କରିଛନ୍ତି । ତିନୋଟି ନୀଳଚକ୍ର ମନ୍ଦିର ଚୁଡ଼ାରେ ରହିଛି, ଯେଉଁଥିରେ ପତାକା ଫରଫର ଉଡୁଥାଏ । ନାରାୟଣ ମନ୍ଦିର ସିଂହାସନରେ ୨ଟି ବିଷ୍ଣୁ ପ୍ରତିମା ବିରାଜମାନ କରିଛନ୍ତି । ଗୋଟିଏ ଆସନରେ ନାରାୟଣ ଲକ୍ଷ୍ମୀ ଅନ୍ୟଟି ହୟଗ୍ରୀବ ତଥା ଶ୍ରୀମନ୍ ନାରାୟଣ ନାମରେ ନାମିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଛନ୍ତି ବୋଲି ଗ୍ରାମବାସୀ ମତବ୍ୟକ୍ତ କରନ୍ତି । ପାର୍ଶ୍ୱ ଦେବାଦେବୀ ଭାବରେ ବାଳକବି ଶ୍ରୀ ହନୁମାନ ଶାଳଗ୍ରାମ ଓ ମା ସରସ୍ୱତୀଙ୍କ ବିଜେ ପ୍ରତିମା ମଧ୍ୟ ବିଦ୍ୟମାନ । ମନ୍ଦିର ଭିତର ପାର୍ଶ୍ୱରେ ବିଭିନ୍ନ ଦେବାଦେବୀଙ୍କ ଚିତ୍ରପଟ ଅଙ୍କାଯାଇଛି । ନାଟ ମଣ୍ଡପରେ ଶ୍ରୀ ଗରୁଡ଼ ଦଣ୍ଡାୟମାନ ଏବଂ ମନ୍ଦିର ବେଢ଼ା ଭିତରେ ଦୋଳ ମଣ୍ଡପ, ମୁଖ୍ୟ ଦ୍ୱାର ଆଗରେ ସୂର୍ଯ୍ୟସ୍ତମ୍ଭ ରହିଛି । ଯେଉଁଠି ସୂର୍ଯ୍ୟ ପ୍ରଥମେ ସୂର୍ଯ୍ୟ ପୂଜା ପରେ ମନ୍ଦିରରେ ଭୋଗ ଲାଗିଥାଏ । ପ୍ରତିଦିନ ୫ଟି ଭୋଗ ହୋଇଥାଏ, ୩ଟି ଭୋଗ ଅଭ୍ୟାଗତ ମାନଙ୍କୁ ଦିଆଯାଏ ଓ ଅନ୍ୟ ଦୁଇଟି ପୂଜାରୀ ଓ ବିକ୍ରି ହୋଇଥାଏ । ଭୋଗ କହିଲେ ଭାତ, ଡାଲି, ତରକାରୀ, ଆମ୍ବିଳ ଓ ବଡ଼ସିଂହାର ୫ଟି ହୋଇଥାଏ । ୫ଟି ବଡ଼ ସିଂହାର ୧୦ ଟଙ୍କାରେ ବିକ୍ରୀ ହୋଇଥାଏ । ଏହା ବ୍ୟତୀତ ସ୍ୱତନ୍ତ୍ର ଭାବେ ପହିଲି ଭୋଗ ମନ୍ଦିରରେ ଲାଗିଥାଏ । ଏ ଅଞ୍ଚଳର ସ୍ୱାଦିଷ୍ଟ ଓ ବଡ଼ ପହିଲି ଭୋଗକୁ ଭକ୍ତମାନେ କିଣି ନେଇଥାନ୍ତି । ପହିଲି ଭୋଗରେ ୩୪ ପ୍ରକାରର ଖାଦ୍ୟ ପ୍ରସ୍ତୁତ ହୋଇଥାଏ । ଖେଚୁଡ଼ି, ଡାଲି ଦୁଇ ପ୍ରକାର - କାନ୍ଦୁଲ ଓ ମୁଗଡାଲି, ୪ ପ୍ରକାର ତରକାରୀ, ଆମ୍ବିଳ, ଖିରୀ, ଭଜା, ଖଜରା, ଦହିନଡ଼ିଆ, କରମଙ୍ଗା ଚଟଣୀ ସାଙ୍ଗକୁ ପୋଦନା ପତ୍ର, ଧନିଆ ପତ୍ର ପ୍ରଭୃତି ପାଚେଡ଼ି ହୋଇଥାଏ । ଏହା ସାଙ୍ଗକୁ ପୁଳି ଓ ମୁଆଁ ମଧ୍ୟ ପୂଜା ହୋଇଥାଏ । ଭକ୍ତମାନେ ଶ୍ରୀମନ୍ ନାରାୟଣ ମନ୍ଦିରର ଭୋଗ ଖାଇବା ପାଇଁ ବହୁ ଦୂରଦୂରାନ୍ତରୁ ଆସି ଆଗୁଆ ଅଗ୍ରୀମ ଦେଇ ଯାଇଥାନ୍ତି । ମନ୍ଦିରର ସମ୍ପତ୍ତି କହିଲେ ପୋଖରୀ, ଗଡ଼ଜମି ଓ ୩୦୦ ଭରଣ ଜଳସେଚିତ ଜମି ରହିଛି । ଜମିର ଚତୁଃପାର୍ଶ୍ୱରେ ମାଧବରିଡ଼ା କେନାଲ ପ୍ରବାହିତ । ଗ୍ରାମକୁ ପ୍ରବେଶ କଲାବେଳେ ବିସ୍ତୀର୍ଣ୍ଣ ଶାଙ୍କୁଳାଇ ପର୍ବତର ପାଦଦେଶରେ ମିଛା ନାୟକଙ୍କ ସ୍ମୃତିସ୍ତମ୍ଭ ଓ ବିରାଟ ପୋଖରୀ ରହିଛି । ଯେଉଁ ପୋଖରୀରେ ଶହ ଶହ ସଂଖ୍ୟାରେ କୃଷ୍ଣସାର ମୃଗମାନେ ତୃଷାନିବାରଣ ପାଇଁ ଜଳପାନ କରିଥାନ୍ତି । ଗାଁରେ ବଡ଼ଦାଣ୍ଡ ସାହି, ବାରି ସାହି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଲ ସାହି, ଖଦାଳ ସାହି, ପାଳ ସାହି ଥିବା ବେଳେ ଓଡ଼ିଆ, ଆଳିଆ, କରଣ ଓ କେଉଟ, ବ୍ରାହ୍ମଣ ପ୍ରଭୃତି ସଂପ୍ରଦାୟର ଅଧିବାସୀମାନେ ରହିଥାନ୍ତି । ବିଷ୍ଣୁଚକ୍ରର ଦୁଇ ପାର୍ଶ୍ୱରେ ଥିବା ପୋଚାଲୁଣ୍ଡି ଓ ରାମଗଡ଼ ଗ୍ରାମ ସହିତ ବିଭିନ୍ନ ପଡ଼ାକୁ ମିଶାଇ ଏକ ବୃହତ ଗ୍ରାମ କରିବା ଆଳରେ ରାଜାଥିବା ବେଳେ କେତେ ଜଣ ବ୍ରାହ୍ମଣ ତାହା କରାଇ ଦେଇନଥିଲେ । ତଥାପି ବର୍ତ୍ତମାନ ପୋଚାଲୁଣ୍ଡି ଓ ବିଷ୍ଣୁଚକ୍ର ଗ୍ରାମ ଏବେ ପ୍ରାୟତଃ ମିଶିଗଲାଣି ।

ଏଠାରେ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ସଂପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟ ରହିଛି । ତତ୍କାଳୀନ ସମୟରେ କାର୍ଜି କରଣମାନଙ୍କ ଦ୍ୱାରା ଶାସିତ ହେଉଥିବା ଏହି ଦୁଇ ଗ୍ରାମର ଅଧିବାସୀମାନଙ୍କ ମଧ୍ୟରେ ଏକ ଭାଇଚାରା ସୃଷ୍ଟି କରିବାପାଇଁ କୃଷିଭିତ୍ତିକ ପର୍ବ ପାଳନ ନିମନ୍ତେ ଏଠାରେ ମା ଦଣ୍ଡକାଳୀଙ୍କ ମନ୍ଦିରରେ ପୂଜା ହୁଏ । ଦଣ୍ଡଯାତ୍ରା ବର୍ତ୍ତମାନ ମଧ୍ୟ ମହାସମାରୋହରେ ପାଳିତ ହୁଏ । ବାରମାସରେ ତେର ଯାତ୍ରା ପରି ବିଷ୍ଣୁଚକ୍ର ହୟଗ୍ରୀବ ମନ୍ଦିରରେ ବିଭିନ୍ନ ଆଦି ଯାତ୍ରା ଅନୁଷ୍ଠିତ ହୋଇଥାଏ । ଶ୍ରଦ୍ଧାର ସହ ଏହି ଗ୍ରାମ ତଥା ଆଖପାଖ ଗ୍ରାମର ଅଧିବାସୀମାନେ ତଥା ପୋଚାଲୁଣ୍ଡି, ରାମଗଡ଼, ଆଶ୍ରମ ଏ. କରଡ଼ାବାଡ଼ି, ବଣପଲ୍ଲୀ, ଡେଙ୍ଗାପଦର, ସୋରଡ଼, ଗହଙ୍ଗୁ, ଆମ୍ବପୁଆ, ନାହାଡ଼ା, ବାଙ୍ଗରଡ଼ା ପ୍ରଭୃତି ଗ୍ରାମର ଜନସାଧାରଣ ଭିନ୍ନ ଭିନ୍ନ ସମୟରେ ହୟଗ୍ରୀବ ନାରାୟଣଙ୍କ ଯାତ୍ରା କରିଥାନ୍ତି । ଦୋଳପୂର୍ଣ୍ଣିମା ଯାତ୍ରା, ଜନ୍ମାଷ୍ଟମୀ, ସପ୍ତପୁରୀ ଅମାବାସ୍ୟା, ଶ୍ରୀପଞ୍ଚମୀ, କାର୍ତ୍ତିକ ପୂର୍ଣ୍ଣିମା, ଗହ୍ମା ପୂର୍ଣ୍ଣିମା ଓ ନନ୍ଦ ଉତ୍ସବ ମହାସମାରୋହରେ ପାଳନ କରିଥାନ୍ତି । ବିଭିନ୍ନ ବାଦ୍ୟଯନ୍ତ୍ର, ବେଶପୋଷାକ, ଆଖଡ଼ା, ବାଘ ବୃଷଭ ନାଚ, ଯାତ୍ରା ଭାରତଲୀଳା ଓ ପ୍ରହଲ୍ଲାଦ ନାଟକ, କୃଷ୍ଣଲୀଳା, ରାଧାପ୍ରେମଲୀଳା ଭଳି ନାଟକ ବେଳେ ବେଳେ ଯାତ୍ରା ସମୟରେ ପରିବେଷଣ କରାଯାଇଥାଏ । ଏଠିକାର ପୂଜକ ଭଳି ବ୍ରାହ୍ମଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂପ୍ରଦାୟର ହୋଇଥାନ୍ତି । ପ୍ରଥମେ ବୁଗୁଡ଼ା ନିକଟସ୍ଥ ଆଦିପୁରରୁ ଆସି ବ୍ରାହ୍ମଣମାନେ ପୂଜକ ଥିଲାବେଳେ ପରେ ପରେ ଗହଙ୍ଗୁରୁ ପୂଜକ ଆସି ପୂଜା କରୁଥିଲେ । ଏବେ ତାଙ୍କ ବଂଶଧରମାନେ ଉକ୍ତ ଗ୍ରାମରେ ରହି ପୂଜାର୍ଚ୍ଚନା କରୁଛନ୍ତି । ପୂଜକମାନଙ୍କ ପାଇଁ ରୋଷେଇଘର, ରହିବା ଘର ସମେତ ୫ଟି ଭଣ୍ଡାର ଘର ମଧ୍ୟ ମନ୍ଦିର ଟ୍ରଷ୍ଟି ତରଫରୁ ଯୋଗାଇ ଦିଆଯାଇଛି । ଏହି ଐତିହାସିକ ମନ୍ଦିର ସଂପ୍ରତି ସରକାରଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଅଧୀନରେ ରହିଛି । ଉକ୍ତ ବିଷ୍ଣୁଚକ୍ର ଗ୍ରାମର ବହୁ ସଂଭ୍ରାନ୍ତ ପରିବାର ପର୍ଯ୍ୟାୟକ୍ରମେ ଟ୍ରଷ୍ଟିଭାବେ ରହି ମନ୍ଦିର ପରିଚାଳନା କରି ଆସୁଛନ୍ତି । ବିଷ୍ଣୁଚକ୍ର ଗ୍ରାମ ତଥା ଏହି ମନ୍ଦିର ସଂପର୍କରେ ବହୁ କିମ୍ବଦନ୍ତୀ ଓ ଜନଶ୍ରୁତି ରହିଛି । ୧୭୫୩ ମସିହା ବେଳକୁ ଏହି ବିଷ୍ଣୁଚକ୍ର ଅଞ୍ଚଳ ଘଞ୍ଚ ବାଉଁଶ ବଣ ହୋଇ ରହିଥିଲା । ଫରାସୀମାନେ ସେତେବେଳେ ଗଡ଼ଜାତ ଅଞ୍ଚଳକୁ ଅକ୍ତିଆର କରିବାର ଆଶଙ୍କା ଥିବାରୁ ରାଜାକୃଷ୍ଣଭଞ୍ଜଙ୍କ ପୂର୍ବରୁ ଉକ୍ତ ବାଉଁଶ ବଣ ଅଞ୍ଚଳରେ ଗହଙ୍ଗୁ ଓ ବିଷ୍ଣୁଚକ୍ରଠାରେ ରାଜା ଗଡ଼ ପ୍ରତିଷ୍ଠାକରି ଆଦିବାସୀ ତଥା କନ୍ଧ ସଂପ୍ରଦାୟର ସୈନ୍ୟମାନଙ୍କୁ ଅବସ୍ଥାପିତ କରିଥିଲେ । ୧୭୫୩ ମସିହାରେ ଋଷିକୂଲ୍ୟା ନଦୀ ପାରହୋଇ ଫରାସୀ ସୈନ୍ୟମାନେ ବାଦଗଡ଼ ଘାଟି ଆକ୍ରମଣ କରି ବାଲିପଦର କଳିଗଡ଼ ଆକ୍ରମଣ କଲାବେଳେ ବିଷ୍ଣୁଚକ୍ରଗଡ଼ଠାରେ ଥିବା ଦୁର୍ଦ୍ଧଶ କନ୍ଧ ସୈନିକମାନେ ଫରାସୀ ମାନଙ୍କୁ ଆକ୍ରମଣ କରିଥିଲେ । ଘମାଘୋଟ ଯୁଦ୍ଧ ହୋଇ ୨୯ଜନ ଫରାସୀ ସୈନ୍ୟ ବାଲିପଦରଠାରେ ନିହତ ହେବା ସହ ଅନ୍ୟମାନେ ଛତ୍ରଭଙ୍ଗ ଦେଇଥିବାର ଘୁମୁସରର ଇତିହାସରେ ଉଲ୍ଲେଖ ଅଛି । ବିଭିନ୍ନ ଐତିହାସିକମାନେ ମତ ରଖିଛନ୍ତି ବହୁ ଭଞ୍ଜ ଗବେଷକ ତଥା ଘୁମୁସର ରାଜ୍ୟ ସଂପର୍କରେ ଅନୁସନ୍ଧାନ କରି ନିଜ ରଚନାରେ ବିଷ୍ଣୁଚକ୍ରଗଡ଼ ତଥା ରହସ୍ୟମୟ ହୟଗ୍ରୀବ ମନ୍ଦିର ସମ୍ପର୍କରେ ବହୁ ଚମତ୍କାର ତଥ୍ୟ ଉପସ୍ଥାପନ କରିଛନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରାୟଣ ବିଷ୍ଣୁଙ୍କ ୨୪ ଅବତାର ମଧ୍ୟରୁ ଏକ ଅବତାର ହେଉଛନ୍ତି ହୟଗ୍ରୀବ ଅବତାର । ମାନବ ଶରୀରରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ଚତୁର୍ଦ୍ଧାମୂର୍ତ୍ତି ନାରାୟଣଙ୍କ ମୁଣ୍ଡଟି ଗୋଟିଏ ଘୋଡ଼ାର ମୁଣ୍ଡ । ଘୋଡ଼ାମୁଣ୍ଡ ବିଶିଷ୍ଟ ଚତୁର୍ଦ୍ଧାମୂର୍ତ୍ତିଙ୍କ ମହିମା ଅପାର । ବହୁ ସାଧୁସନ୍ଥ, କବି, ଲେଖକ, ଭକ୍ତ, ଶ୍ରଦ୍ଧାଳୁ ସମସ୍ତେ ଶ୍ରୀମନ୍ ନାରାୟଣ ତଥା ହୟଗ୍ରୀବଙ୍କ ଅପାର କରୁଣାରୁ ରୋଗମୁକ୍ତ ସାଙ୍ଗକୁ ବହୁ ଅଭାବ ଅସୁବିଧା ଦୂର କରିଛନ୍ତି ଓ ବରପ୍ରାପ୍ତି ହୋଇ ସିଦ୍ଧ ହୋଇଥିବାର ଜନଶ୍ରୁତି ରହିଛି । ଉତ୍କଳର ପ୍ରଖ୍ୟାତ କବି ତଥା ଉତ୍କଳ ଘଣ୍ଟ ହାସ୍ୟରସର କବି ଯଦୁମଣି ମହାପାତ୍ର ଏହି ହୟଗ୍ରୀବ ମନ୍ଦିରରେ ଅଧିଆ ପଡ଼ି ହୟଗ୍ରୀବଙ୍କ କରୁଣା ପ୍ରାପ୍ତି ହୋଇଥିବା କଥା ତାଙ୍କ ରଚନାରେ ଉଲ୍ଲେଖ କରିଛନ୍ତି । କିମ୍ବଦନ୍ତୀ ରହିଛି ଯେ କବି ଯଦୁମଣି ନୟାଗଡ଼ଠାରେ ପ୍ରାଥମିକ ଶିକ୍ଷା ଶେଷ କରିବାପରେ ବିଭିନ୍ନ ସଂସ୍କୃତ ପଣ୍ଡିତମାନଙ୍କଠାରୁ ସଂସ୍କୃତରେ ଜ୍ଞାନ ଆହରଣ କଲେ । ଅଧିକ ସଂସ୍କୃତ ଶିକ୍ଷା କରିବା ନିମନ୍ତେ ତାଙ୍କ ଗୁରୁ ପଣ୍ଡିତ ବିଦ୍ୟାଧର ମହାପାତ୍ରଙ୍କ ନିର୍ଦ୍ଦେଶରେ ବିଷ୍ଣୁଚକ୍ର ଗ୍ରାମରେ ରହୁଥିବା ଓ ହୟଗ୍ରୀବ ମନ୍ତ୍ରରେ ଦୀକ୍ଷିତଥିବା ବିଦ୍ୱାନ ପଣ୍ଡିତ ପଞ୍ଚମୁଖ କବିରାଜ ଭଗବାନ ବାହିନୀପତିଙ୍କ ନିର୍ଦ୍ଦେଶରେ କବି ଯଦୁମଣି ନିଷ୍ଠାର ସହିତ ବହୁ ଶାସ୍ତ୍ର ଅଧ୍ୟୟନ କରିବା ସହିତ - ଓଁ ହୟଗ୍ରୀବାୟ ନମଃ ମନ୍ତ୍ରକୁ ଚାରିଲକ୍ଷ ଥର ପ୍ରତ୍ୟହ ଜପ କରି ୨୧ ଦିନଯାଏ ମନ୍ଦିରର ନିକଟବର୍ତ୍ତୀ ଶିବମନ୍ଦିର ଶ୍ମଶାନ ଘାଟଠାରେ ଅଧିଆ ପଡ଼ିଥିଲେ । ଶେଷ ରାତ୍ରୀର ମଧ୍ୟରାତ୍ରରେ ଚତୁର୍ଦ୍ଧାମୂର୍ତ୍ତି ଘୋଡ଼ାମୁହାଁ ଶ୍ରୀମନ୍ ନାରାୟଣ ଅବିର୍ଭାବ ହେବାର ଦେଖି ଯଦୁମଣି ଦୈବୀତନ୍ଦ୍ରାରେ କିଛି ବୁଝିନପାରି ଭଗବାନଙ୍କୁ ତାତ୍ସଲ୍ୟ କରି କହିଲେ, ହେ ନାରାୟଣ ତମର ୪ଟି ହାତରେ ତ ଆୟୁଧ ରହିଛି, ତମ ନାକରୁ ସିଂଘାଣି ବାହାରୁଛି କେମିତି ପୋଛୁଛ ? ଯଦୁମଣିଙ୍କ ଏହି ହାସ୍ୟ କଥା ଶୁଣି ନାରାୟଣ ତାଙ୍କୁ ବରପ୍ରାପ୍ତି କରିଥିଲେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହିଥିଲେ ତମେ ଜଣେ ପ୍ରତ୍ୟୁତ୍ପନ୍ନ ମଣି ବ୍ୟକ୍ତିତ୍ୱ ହୋଇ ପ୍ରତିଷ୍ଠିତ ହୁଅ । ସେହିଦିନଠାରୁ ଯଦୁମଣି ଜଣେ ପ୍ରଚଣ୍ଡ ପ୍ରତିଭାଧାରୀ ବ୍ୟକ୍ତି ହୋଇଥିଲେ ବୋଲି ନିଜେ ଯଦୁମଣି ତାଙ୍କ କାବ୍ୟରେ ଉଲ୍ଲେଖ କରିଛନ୍ତି ।

ହୟଗ୍ରୀବ ମହାପ୍ରଭୁ ପ୍ରତାପେ

ଥୋଡ଼ା ନୁହେଁ ଲୋଡ଼ା କରନ୍ତି ନୃପେ

ଯୋଡ଼ା ହେବା ମୋ ପ୍ରୌଢ଼ କବିତାକୁ

ବନ୍ଦି ବନ୍ଦି ରସଦାନି କର୍ଣ୍ଣକୁ

ଭଲେ ଭଲ ଖଣ୍ଟେ ଖଣ୍ଟ ମୋ

ନଳ ଦୁର୍ବାଦଳ ଶ୍ୟାମଳ କୃପାରୁ

ମୋ ନାମ ଉତ୍କଳ ଘଣ୍ଟ ମୋ....

ଉତ୍କଳର ବିଖ୍ୟାତ କବି ଏହି ବିଷ୍ଣୁଚକ୍ର ଗ୍ରାମର ଜଣେ ବଳିଷ୍ଠ ତାନ୍ତ୍ରିକ ତଥା ଜ୍ଞାନୀ ପଣ୍ଡିତ ସଂସ୍କୃତ ବିଦ୍ୱାନ ଭଗବାନ କବିରାଜ ବାହିନୀପତିଙ୍କ ପ୍ରେରଣା ଯୋଗାଇଥିବା ଶୁଣିଲେ ଗର୍ବରେ ଛାତି ଫାଟି ପଡୁଛି । ରାଜା ଶ୍ରୀକର ଭଞ୍ଜଙ୍କ ପରେ ପରେ ରାଜବଂଶରେ ଅସ୍ଥିରତା ଲାଗି ରହିଥିଲା । ଘନଭଞ୍ଜଙ୍କ ଶାସନ କାଳରେ ବିଷ୍ଣୁଚକ୍ର ମୌଜାରୁ ପଣ୍ଡିତ ଭଗବାନ କବିରାଜ ବାହିନୀପତିଙ୍କୁ ବିତାଡ଼ିତ କରାଯାଇଥିଲା । ଫଳରେ ସେହିଦିନଠାରୁ ବିଷ୍ଣୁଚକ୍ର ମନ୍ଦିରରୁ ହୟଗ୍ରୀବ ମୂର୍ତ୍ତି ଅନ୍ତର୍ଦ୍ଧାନ ହୋଇଥିବା ଶୁଣାଯାଏ । ଆଶ୍ଚର୍ଯ୍ୟର କଥା ଏହି କି ଯେ ଭଞ୍ଜ ରାଜବଂଶର ରାଜାମାନେ ଘୁମୁସରର ବିଭିନ୍ନ ଅଞ୍ଚଳରେ ମନ୍ଦିର ପ୍ରତିଷ୍ଠା କରିଥିଲେ, କିନ୍ତୁ ନାରାୟଣ ମନ୍ଦିର ପ୍ରତିଷ୍ଠା କରିବାର ଏକ ସ୍ୱତନ୍ତ୍ର କାରଣ ରାଜା ଶ୍ରୀକର ଭଞ୍ଜଙ୍କ ସମୟରେ ହୋଇଥିଲା ବୋଲି କିମ୍ବଦନ୍ତୀ କହେ । ବିଷ୍ଣୁଚକ୍ର ଗ୍ରାମର ଅନତିଦୂରରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଡେଙ୍ଗାପଦର ଗ୍ରାମ ଅବସ୍ଥିତ । ଏକ ଜମିଦାର ଶାସନ ଥାଏ ସେଇ ଗ୍ରାମରେ । ଜଣେ ବ୍ରାହ୍ମଣ ତା ସ୍ତ୍ରୀ ସହ ସେହି ଗ୍ରାମରେ ବସବାସ କରି ରହୁଥିଲେ । ପ୍ରୌଢ଼ ହେଲାପରେ ମଧ୍ୟ ବ୍ରାହ୍ମଣ ବ୍ରାହ୍ମଣୀଙ୍କ କୌଣସି ସନ୍ତାନ ସନ୍ତତି ନଥିଲା । ଦୁଃଖରେ ଜୀବନ କଟୁଥିଲା ଦମ୍ପତିଙ୍କର । ଦିନେ ବ୍ରାହ୍ମଣ ରୋଗଶଯ୍ୟାରେ ଥିବାବେଳେ ସ୍ତ୍ରୀ ବ୍ରାହ୍ମଣୀ ସ୍ୱାମୀଙ୍କ ସେବା କରୁଥିଲେ । ମଧ୍ୟ ରାତ୍ରୀରେ ଟିକେ ଶୋଷ ମେଣ୍ଟେଇବା ପାଇଁ ବ୍ରାହ୍ମଣ ପାଣି ମାଗିଲେ । ବ୍ରାହ୍ମଣୀ ଶେଯରେ ହିଁ ବସି ହାତ ବଢ଼ାଇ ରୋଷେଇ ଶାଳରୁ ପାଣି ଆଣିଦେଲା । ଏହା ଦେଖି ବ୍ରାହ୍ମଣ ଭୟଭୀତ ହୋଇଗଲେ ଓ ସକାଳୁ ଉଠି ଗାଁରେ ଥିବା ରାଜକର୍ମଚାରୀଙ୍କୁ କହିଲେ ରାଜାଙ୍କୁ କହିବ ମୋ ଘରେ ଏକ ପିଶାଚ ଅଛି । ତୁରନ୍ତ ମୋତେ ଏଠାରୁ ଉଦ୍ଧାର କରିବ । ରାଜା ରାଜକର୍ମଚାରୀଙ୍କ ଠାରୁ ଶୁଣି ନ ଶୁଣିଲା ପରି ରହିଗଲେ । କିନ୍ତୁ ପରଦିନ ଖବର ପାଇଲେ ବ୍ରାହ୍ମଣ ଜଣକ ମରିଯାଇଛି । ରାଜା ବହୁତ ଦୁଃଖ କଲେ । କିଛିଦିନ ପରେ ରାଜ ଶ୍ରୀକର ଭଞ୍ଜ ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରୁଥିବା ବେଳେ ରାମେଶ୍ୱରଠାରେ ତୀର୍ଥ ପକାଇଲା ବେଳେ ସେଠିକାର ଜଣେ ବ୍ରାହ୍ମଣ ରାଜାଙ୍କୁ ଦେଖି କହିଲେ ତୁମେ ବ୍ରହ୍ମ ହତ୍ୟା ଦୋଷରେ ଦୋଷୀ ଅଛ । ତୁରନ୍ତ କିଛି ପ୍ରତିକାର କର । ରାଜା କିଛି ସମୟ ନିରବ ରହି ପୂର୍ବର କଥା ସ୍ମରଣ କଲେ ଏବଂ ବ୍ରହ୍ମହତ୍ୟା ଦୋଷର ପ୍ରତିକାର ତୀର୍ଥାଟନରେ ବ୍ରାହ୍ମଣଙ୍କୁ ପଚାରିଲେ । ବ୍ରାହ୍ମଣ କହିଲେ ତମେ ଯଦି ପାଞ୍ଚଟି ମନ୍ଦିର ପ୍ରତିଷ୍ଠା କରିବ ତେବେ ବ୍ରହ୍ମହତ୍ୟା ଦୋଷ ଦୂର ହେବ । ଶ୍ରୀକର ଭଞ୍ଜ ନିଜ ରାଜ୍ୟକୁ ଫେରି ପାଞ୍ଚଟି ମନ୍ଦିର ପ୍ରତିଷ୍ଠା କଲେ । ପଞ୍ଚନାରାୟଣ ମନ୍ଦିର, କୁଲାଡ଼ର ଲକ୍ଷ୍ମୀ ନାରାୟଣ, ନାଟାଙ୍ଗା ବରପଲ୍ଲୀର ଶ୍ରୀନାରାୟଣ ଓ ବାବନପୁର ମଠରେ ଶ୍ରୀ ହୟଗ୍ରୀବନାରାୟଣ ପ୍ରତିଷ୍ଠା କରିଥିଲେ । ପରିତାପର ବିଷୟ ଆସ୍କା ବାବନପୁରଠାରେ ମନ୍ଦିର ସମ୍ପୂର୍ଣ୍ଣ ହୋଇନାହିଁ । ରାଜାଙ୍କ ଦେହାନ୍ତ ହୋଇଗଲା । ଶୁଣାଯାଏ ବାବନପୁର ମଠକୁ ଏହି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେହି ହୟଗ୍ରୀବ ମୂର୍ତ୍ତିକୁ ଜଣେ ବାବାଜୀ ନେଇ ପୂଜା କରୁଥିବା ଜନଶ୍ରୁତି ରହିଛି ।

ଆପଣମାନେ ଅବଗତ ଥିବେ ଯେ କୁଲାଡ଼ ଘୁମୁସର ରାଜ୍ୟର ରାଜଧାନୀ, କୁଲାଡ଼ଠାରୁ ଭଞ୍ଜରାଜାମାନେ ଆସ୍କା ପର୍ଯ୍ୟନ୍ତ ତଥା ବାଦଗଡ଼ ପର୍ଯ୍ୟନ୍ତ ଯିବା ଆସିବା ପାଇଁ (ବଡ଼ନଦୀ) ଭଞ୍ଜନଗର ଘାଇଠାରୁ ପ୍ରବାହିତ ବଡ଼ନଦୀର ହିଡ଼ର ଦୁଇ ପାର୍ଶ୍ୱରେ ବିରାଟ ପଡ଼ିଆ ନିର୍ମାଣ କରିଥିଲେ । ଜଳଖାଇ ଯେଉଁ ଖାଇରେ ନୌକା ସାହାଯ୍ୟରେ ଆଜି କୁଲାଗଡ଼ଠାରୁ ନଈକୂଳେ କୂଳେ ବରପଲ୍ଲୀ, ଜୟନ୍ତୀଗଡ଼, ବଦଗଡ଼, ବିଷ୍ଣୁଚକ୍ରଗଡ଼, ଗହଙ୍ଗୁ ଓ ବାଦଗଡ଼ଯାଏଁ । ବଡ଼ନଦୀର ଦୁଇ ପାର୍ଶ୍ୱ ପଡ଼ିଆ ଜଳଖାଇରେ ଆସି ବିଭିନ୍ନ ଅଞ୍ଚଳର ସମସ୍ୟାର ସମାଧାନ କରୁଥିଲେ । ଶ୍ରୀକର ଭଞ୍ଜଙ୍କ ପରେ ପରେ ଇଂରେଜମାନେ ଘୁମୁସର ରାଜ୍ୟ ଆକ୍ରମଣ କଲେ । ରାଜ ଧନଞ୍ଜୟ ଭଞ୍ଜ ପଳାୟନପନ୍ଥୀ ହୋଇ ଉଦୟଗିରି ଅଞ୍ଚଳକୁ ଚାଲିଯାଇ ମୃତ୍ୟୁବରଣ କରିବାପରେ ଘୁମୁସର ରାଜ୍ୟରେ ସୃଷ୍ଟି ହୋଇଥିବା ମଠ, ମନ୍ଦିର ଓ ସଂସ୍କୃତିର ଉତ୍ସଗୁଡ଼ିକର ବିକାଶ ହୋଇପାରିଲା ନାହିଁ । ପ୍ରାଚୀନ ଶିଳ୍ପକଳା ଓ ସଂସ୍କୃତିର ଅବକ୍ଷୟ ହେବାକୁ ଲାଗିଲା । ଆଜିର ଡିଜିଟାଲ୍ ଯୁଗରେ ନୂତନ ପୀଢ଼ିର ଯୁବସମାଜ ସଂସ୍କୃତି ଆଡ଼କୁ ଫେରି ନ ଆସିଲେ ସଂପୂର୍ଣ୍ଣ ରୂପେ ବିରାଟ ବିଭବ ଦିନେ ଲୁପ୍ତ ହୋଇଯିବ ଏଥିରେ ସନ୍ଦେହ ନାହିଁ ।

ଅଧ୍ୟକ୍ଷ, ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ
ବାଲିପଦର, ଗଞ୍ଜାମ
ଭ୍ରାମ୍ୟଭାଷ : ୮୪୫୭୦୯୩୯୦୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ଏକ ବିଶ୍ୱ ମହାମାରୀ



ଶୁଚିସ୍ମିତା ଗୌଡ଼

ପ୍ରକୃତି ଓ ମନୁଷ୍ୟ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପ୍ରକୃତି ମନୁଷ୍ୟର ପାଳନକର୍ତ୍ତା ହେଲେ, ମନୁଷ୍ୟ ପ୍ରକୃତିର ରକ୍ଷାକର୍ତ୍ତା । ଜଣଙ୍କ ବିନା ଅନ୍ୟଜଣେ ମୂଲ୍ୟହୀନ । ଯଥା : ସୁନ୍ଦର ପ୍ରକୃତି ଥାଇ ଯଦି ତାହାକୁ କେହି ଉପଭୋଗ ଅବା ବ୍ୟବହାର କରିବେ ନାହିଁ, ତେବେ ସେହି ପ୍ରକୃତି ପଙ୍ଗୁ ହୋଇଯିବ । ଠିକ ସେହିପରି କେବଳ ମାନବ ତଥା ପ୍ରାଣୀ ସମାଜ ପ୍ରକୃତିର ବିନା ସହାୟତାରେ କଦାପି ତିଷ୍ଠି ରହିପାରିବେ ନାହିଁ । ଯୁଗେ ଯୁଗେ ଏହି ସମ୍ପର୍କ ଘନିଷ୍ଠ ତାର ପରିଚୟ ଦେଇ ଆସିଛି ଏବଂ ଏହା ସହ କେବେ କେବେ ମାନବ ସମାଜକୁ ପ୍ରକୃତିର କରାଳ ରୂପର ସାମ୍ନା କରିବାକୁ ପଡିଛି । କୁହାଯାଏ ମାନବ ସମାଜର ଉଦାର ପ୍ରକୃତି ଉପରେ ଅତ୍ୟାଚାର ବଢ଼ିଗଲେ ତାହାର ସହନଶୀଳତାର ସୀମା ଲଙ୍ଘିଯାଏ । ସେତେବେଳେ ଆମର ବାସସ୍ଥାନ ପ୍ରିୟ ପ୍ରକୃତି ବାତ୍ୟା, ସୁନାମୀ, ଭୂସ୍ଖଳନ, ମହାମାରୀ ରୂପରେ ଆସି ଆମ ଅତ୍ୟାଧୁନିକ ମନୁଷ୍ୟ ସମାଜକୁ ଏକ ଶିକ୍ଷା ଦେଇଥାଏ । ବିଜ୍ଞାନ ବଳରେ ବ୍ରହ୍ମାଣ୍ଡ ଜିଣିଥିବା ମାନବ ସମାଜର ମେରୁଦଣ୍ଡ ଭାଙ୍ଗିଯାଏ । ଅନେକ ସଚେତନତା ସତ୍ତ୍ୱେ କାଳ ତାକୁ ଗ୍ରାସ କରି ପକାଏ । ନିଃସହାୟ ମଣିଷ ଶେଷରେ ଈଶ୍ୱରଙ୍କୁ ଭରସା କରି ମୁକ୍ତି ଅଥବା ମୋକ୍ଷ ନିମନ୍ତେ ଚାହିଁ ରହିଥାଏ ।

ସଭ୍ୟତାର ଆଦି କାଳରୁ ଆଜି ପର୍ଯ୍ୟନ୍ତ ମାନବ ସମାଜ ବହୁ ଉତ୍ଥାନ ପତନ ଦେଇ ଗତି କରି ଆସିଛି । ନିଜକୁ ପ୍ରତିଷ୍ଠିତ କରିବା ପାଇଁ ପ୍ରକୃତିର ସାହାଯ୍ୟ ଲୋଡ଼ିବା ସହ ପ୍ରକୃତି ସହ ପ୍ରତିଦ୍ୱନ୍ଦିତା ମଧ୍ୟ କରି ଚାଲିଛି । ଏହାର ଫଳସ୍ୱରୂପ ୧୯୯୯ର ମହାବାତ୍ୟା, ୨୦୧୩ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫାଇଲିନ, ୨୦୧୪ର ହୁଡହୁଡ, ୨୦୧୮ର ତିତଲି, ୨୦୧୯ର ଫନି ପରି ମହାବାତ୍ୟା ଓଡିଶା ମାଟିକୁ ଥରହର କରିଛି । ଏହି ଦୁଃଖଦୁର୍ଦ୍ଦଶାର ଦିନ କେଇଟି ମୁହୂର୍ତ୍ତକୁ ସାଥିରେ ନେଇ ଆସିଥାଏ ଓ ଚାଲିଯାଏ । ପ୍ରଭାବ ଅନେକ ବର୍ଷଯାଏଁ ରହିଲେ ମଧ୍ୟ ଅଣ୍ଟା ସଳଖି ଠିଆ ହେବାପାଇଁ ଆମ ଓଡ଼ିଆ ଭାଇମାନଙ୍କ ପାଖରେ ସାମର୍ଥ୍ୟ ରହିଥାଏ । କିନ୍ତୁ; ପୂର୍ବରୁ ଘଟିଥିବା ମହାମାରୀ ଯଥା : ହଇଜା, କାମଳ, ଦୁର୍ଭିକ୍ଷ ଆଦି ପ୍ରକୃତିର ତାଣ୍ଡବଲୀଳା ଓଡିଶାବାସୀଙ୍କ ପ୍ରାଣ, ହୃଦୟରେ ଘର କରି ରହିଥିଲା । ଆର୍ତ୍ତଚିତ୍କାର, କୁଢ଼ କୁଢ଼ ଶବ ଭିତରେ ଓଡ଼ିଶାର ପାଣିପବନକୁ ପ୍ରଦୂଷିତ କରି ଦେଇଥିଲା । ମହାମାରୀ ପ୍ରଭାବରେ ଓଡ଼ିଶାର ବାୟୁମଣ୍ଡଳ ତ୍ରାହି ଡାକରେ ପ୍ରକମ୍ପିତ ହେଉଥିଲା । ଓଡିଶାବାସୀଙ୍କ ସତ୍ତା ହଜିଯିବାକୁ ବସିଥିଲା । ବହୁ କଷ୍ଟ, ଅଭାବ, ଅନଟନ ଏବଂ ପ୍ରକୃତିର ଧ୍ୱଂସଲୀଳାର କଠୋର ସାମ୍ନା କରି କରି ଓଡିଶା ଆଜି ପ୍ରଗତି ପଥରେ ଅଗ୍ରସର ହୋଇଛି । ଓଡ଼ିଶାର ପୁରୀ ଧାମ, କୋଣାର୍କ ପରି ଅକ୍ଷୟ କୀର୍ତ୍ତି ଆଜି ବିଦେଶୀ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଟାଣି ଆଣୁଛି । ଏକ ସଭ୍ୟ ଶିକ୍ଷିତ ସମାଜ ପାଇଁ ଏକ ଅଭିଶାପ ସଦୃଶ ପୁନର୍ବାର ପ୍ରକୃତିର ଏହି ଅଦେୟ ଉପହାରଟି ହେଉଛି "କରୋନା" ।

'କରୋନା', ଏହା ଏକ ଏପରି ମହାମାରୀ ଯାହା ବର୍ତ୍ତମାନ ସମଗ୍ର ବିଶ୍ୱକୁ ନିଜ କବଳରେ କବଳିତ କରି ଧ୍ୱଂସଲୀଳା ତଥା ମୃତ୍ୟୁ ତାଣ୍ଡବ ରଚି ଚାଲିଛି । ପ୍ରଥମେ ଏହା ଡ଼ିସେମ୍ବର ୨୦୧୯ରେ ଚାଇନା ଦେଶର ବୁହାନ ପ୍ରଦେଶର ହୁବେଇ ସହରରେ ଦେଖା ଦେଇଥିଲା । କାଳ କ୍ରମେ ଏହା ଦ୍ରୁତ ଗତିରେ ସମଗ୍ର ବିଶ୍ୱକୁ ବ୍ୟାପି ଚାଲିଛି । ଏହାର ଭୟା ବହତାକୁ ଲକ୍ଷ୍ୟ କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ବିଶ୍ୱ ମହାମାରୀର ଆଖ୍ୟା ଦେବା ପରେ ବିଶ୍ୱବାସୀ ଏହାକୁ ଗମ୍ଭୀରତାର ସହ ନେଇଛନ୍ତି ।

ଅନେକ ସାବଧାନତା ଓ ସଚେତନତା ସତ୍ତ୍ୱେ ଏହା ଚୀନ, ଇଟାଲୀ, ଆମେରିକା ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିକଶିତ ରାଷ୍ଟ୍ର ଗୁଡିକର ମାନବ ସମ୍ବଳର କ୍ଷୟ କରିବା ସହ ସମସ୍ତ ଦେଶର ଶିଳ୍ପ, ସ୍ୱାସ୍ଥ୍ୟ ବିଶେଷ କରି ଅର୍ଥନୀତି ଉପରେ ପ୍ରଭାବ ପକାଇଛି । ଉନ୍ନତ ମାନର ଜୀବନ ଶୈଳୀ, ଉନ୍ନତ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ଥିବା ସମ୍ଭ୍ରାନ୍ତ, ଉଚ୍ଚ ଶିକ୍ଷିତ, ସଭ୍ୟ ସମାଜ ଯେଉଁ କ୍ଷେତ୍ରରେ ଏଭଳି ଏକ ମହାମାରୀର ମୁକାବିଲା କରିବା ପାଇଁ ଅସମର୍ଥ ସେପରି ସ୍ଥଳେ ଭାରତ ପରି ବିକାଶଶୀଳ ରାଷ୍ଟ୍ରର ଅବସ୍ଥା ସହଜେ ଅନୁମେୟ ।

ଏପରି ଏକ ମହାମାରୀ କବଳରୁ ଓଡ଼ିଶାବାସୀ ତଥା ଭାରତବାସୀଙ୍କୁ ରକ୍ଷା କରିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିହିତ ପଦକ୍ଷେପ ନେଇଛନ୍ତି । ଆମ ରାଜ୍ୟରେ ମାର୍ଚ୍ଚ ମାସ ୨୩ ତାରିଖରୁ କ୍ରମାଗତ ୨୧ ଦିନ ପର୍ଯ୍ୟନ୍ତ ଅତଏବ ଏପ୍ରିଲ ମାସ ୧୪ ତାରିଖ ପର୍ଯ୍ୟନ୍ତ ଲକଡାଉନ ପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ପ୍ରକ୍ରିୟା ସହ ସମସ୍ତ ଜିଲ୍ଲା ଗୁଡିକର ସୀମା ଗୁଡିକୁ ମଧ୍ୟ ସିଲ କରାଯାଇଛି । ଏହା ସାଧାରଣ ଜନତାଙ୍କ ଉପରେ କଠୋର ପ୍ରଭାବ ପକାଇଛି । ଗ୍ରାହକଙ୍କ ଠାରୁ ଆରମ୍ଭ କରି ଉତ୍ପାଦକ ଓ ବିତରକ ପର୍ଯ୍ୟନ୍ତ ସମସ୍ତେ ବହୁ କ୍ଷତିର ସମ୍ମୁଖୀନ ହୋଇଛନ୍ତି । କିନ୍ତୁ; ଏସବୁ ପଦକ୍ଷେପ କେବଳ ଆମର ସୁରକ୍ଷା ନିମନ୍ତେ ଏହା ଆମକୁ ବୁଝିବା ଦରକାର । ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିୟମାବଳୀ ଅନୁସାରେ ବାହାରୁ ଆସିଥିବା ଲୋକମାନଙ୍କୁ ରେଜିଷ୍ଟ୍ରେସନ କରିବା ପାଇଁ କୁହାଯାଇଥିବା ଏବଂ ସେମାନଙ୍କୁ ଆବଶ୍ୟକ ସ୍ଥଳେ ମାଗଣା ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଲକଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀର ଉପଲବ୍ଧତା ସହ ଗରିବ ତଥା ଶ୍ରମିକ ଶ୍ରେଣୀୟ ଜନ ସାଧାରଣଙ୍କୁ ମାଗଣାରେ ଖାଦ୍ୟ ବଣ୍ଟନ କରିବା ସହ ବିଭିନ୍ନ ସତର୍କତା ମୂଳକ ନିୟମାବଳୀ ଜାରି କରାଯାଇଛି । ଏହି ସବୁ ବ୍ୟତୀତ ଆହୁରି ଅନେକ ପଦକ୍ଷେପ ନିଆଯାଇଛି ଆମର ସୁରକ୍ଷା ନିମିତ୍ତ । ପ୍ରଶାସନିକ ସେବାରେ ନିଯୁକ୍ତ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପୋଲିସ ଭାଇ ବନ୍ଧୁ ଏବଂ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଡାକ୍ତର, ନର୍ସ ଇତ୍ୟାଦି ଆମ ସେବାରେ ଲାଗି ରହିଛନ୍ତି ।

ଏପରି ସ୍ଥଳେ ଆମର ମାତ୍ର କେତୋଟି ସାଧାରଣ କର୍ତ୍ତବ୍ୟ ରହିଛି । ଯେପରିକି ସଚେତନ ରହିବା ସହ ଅନ୍ୟକୁ ସତର୍କ କରାଇବା ଏବଂ ହାତ ବାରମ୍ବାର ଧୋଇବା, ମାସ୍କର ବ୍ୟବହାର ଓ ସାମାଜିକ ଦୂରତା ବଜାୟ ରଖିବା । ଲକଡାଉନ ସମୟରେ ପୋଲିସ ବନ୍ଧୁଙ୍କୁ ପୂର୍ଣ୍ଣ ସହଯୋଗ କରିବା ସହ ସରକାରଙ୍କ ନିୟମାବଳୀ ଅନୁସରଣ କରିବା । ଅଯଥା ଅନାବଶ୍ୟକ ସ୍ଥଳେ ଘରୁ ବାହାରିବା ନାହିଁ । ମୂଳତଃ କହିଲେ ବେଳ ଥାଉଥାଉ ସଜାଗ ହେବା ଉଚିତ । ନଚେତ ଆମ ଦେଶ କରୋନାର ଦ୍ୱିତୀୟ ସ୍ତରରୁ ତୃତୀୟ ସ୍ତରକୁ ଯିବାପାଇଁ ବେଶୀ ସମୟ ଲାଗିବ ନାହିଁ । ଥରେ ଏହା ଏହି ସ୍ତରରେ ପହଞ୍ଚିଗଲେ ସଂକ୍ରମଣକୁ ରୋକିବା ଅସମ୍ଭବ ହୋଇଯିବ ଓ ଏହାର ଭୟାବହତା ଅକଳ୍ପନୀୟ । ଏଣୁ ଆସନ୍ତୁ ଆମେ ସମସ୍ତେ ସଜାଗ ରହିବା ଏବଂ ନିଃସଙ୍କୋଚରେ ସରକାରଙ୍କୁ ସହଯୋଗ କରିବା । ତେବେ ଯାଇ ଆମେ ଏହି ବିଶ୍ୱ ମହାମାରୀ କରୋନା କବଳରୁ ମୁକ୍ତି ପାଇପାରିବା ।

ଶୁଚିସ୍ମିତାଗୌଡ଼
ଶିକ୍ଷୟିତ୍ରୀ
ସ. ନୂ. ଉ. ପ୍ରା. ବିଦ୍ୟାଳୟ,ଲୁଚୁକିବାହଲ
ଲୋଇସିଂହା, ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆପଣଙ୍କ ପସନ୍ଦ : ଜୀବନ ନା ମୃତ୍ୟୁ



ଇଂ ବିଦ୍ୟାଧର ପଣ୍ଡା

ଅରକ୍ଷିତକୁ ଦଇବ ସାହା ଭଳି କରୋନା ଭାରତରେ ଟିକିଏ ସମ୍ଭାଳିଛି । କରୋନାର ସଂହାରଶକ୍ତି ଆଗରେ ଇଟାଲୀ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ପରେ ଆମେରିକାରେ ଲକ୍ଷେ ଉପରେ ଆକ୍ରାନ୍ତ ଏବଂ ମୃତ୍ୟୁସଂଖ୍ୟା ଦୁଇହଜାର ଡେଇଁବା ଦେଖି ଟ୍ରମ୍ପ୍ ସରକାରଙ୍କ ବୁଦ୍ଧି ହଜିଗଲାଣି । ଆମର ଦିନ ମଜୁରିଆ ଖଟିଖିଆ ଲୋକମାନେ ଯେପରି ମେଳିବାନ୍ଧି ହଜାରହଜାର ସଂଖ୍ୟାରେ ସହର ଛାଡି ଗାଁମୁହାଁ ହେଉଛନ୍ତି ସେଥିରେ କରୋନା ସଂକ୍ରମଣର ସହଜତା ଅନୁମାନ କରିହେଉଛି । କିଛି ଅସାମାଜିକ ଲୋକ ଏହି ସମୟରେ ନାଗରିକମାନଙ୍କୁ କୁହୁଡି ପହଁରାଉଛନ୍ତି । ସେମାନେ ସରକାରଙ୍କ ବିରୋଧି ହୋଇ ଜନବିରୋଧି କାମ କରୁଛନ୍ତି । ସରଳ ଜନତା ତାଙ୍କ ଚିକ୍କଣ କଥାର ପ୍ରକୃତ ମରମ ନବୁଝି ସଂସାଧନ ଥାଇ ମଧ୍ୟ ଗାଁକୁ ଯିବାକୁ ଗୋଟିଏଜାଗାରେ ଏକତ୍ର ମେଳା କରି ସାରା ବିଶ୍ୱରେ ଭାରତର ନାଁ ଖରାପ କରୁଛନ୍ତି ।

ମଣିଷ ଜୀବନରେ ସଦାବେଳେ ସମାନ କଥା ନଥାଏ । ଶଗଡ ପହିଆପରି ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଉପର ତଳହୋଇ ବାରିବାରି ପାଳି କରିଆସେ । କେତେବେଳେ ଅନୁକୁଳ ତ କେତେବେଳେ ପ୍ରତିକୁଳ ସମୟ ଅନୁଭୁତ ହୁଏ । ଆମ ମୁନିଋଷିମାନେ କହି ଯାଇଛନ୍ତି ଅନୁକୁଳ ସମୟରେ ବେଶି ଉତ୍‌ଫୁଲ୍ଲ ହେବା ଠିକ୍ ନୁହେଁ କି ପ୍ରତିକୁଳ ସମୟରେ ପୂରା ଭାଙ୍ଗିପଡିବା ବି ଅନୁଚିତ୍ । ଆଜି କେବଳ ଆମ ଦେଶରେ ନୁହେଁ ସାରା ବିଶ୍ୱରେ କରୋନା ଭୂତାଣୁ ଜରୁରୀ ପରିସ୍ଥିତି ସୃଷ୍ଟି କରିଛି । ଦିନକୁ ହଜାରହଜାର ନିରୀହ ଲୋକଙ୍କ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାଣ ଲିଭିଯାଉଛି । ସମସ୍ତଙ୍କୁ ଜଣାଅଛି ଏଥିରୁ ରକ୍ଷା ପାଇବା ପାଇଁ କିଛି ଔଷଧ ଏପର୍ଯ୍ୟନ୍ତ ଉଦ୍ଭାବନ ହୋଇନାହିଁ, ତେଣୁ ସାମାଜିକ ଦୂରତା ରକ୍ଷାକରି ନିଜର ହାତ ବାରମ୍ବାର ଧୋଇ ସଫା କରିବା ଅଭ୍ୟାସଟି ବଜାୟ ରଖିଲେ କରୋନାକୁ ନିଜ ଶରୀରଠାରୁ ଦୂରେଇଦେଇ ବଂଚିହେବ । ନିଜଘରେ ନିଜକୁ ପଣବନ୍ଦି କରି ରହିବାକୁ ପଡିବ । ସ୍ୱପ୍ନପ୍ରିୟ କଳ୍ପନାବିଳାସୀ ଅତି ମାତ୍ରାରେ ସାମାଜିକ ପ୍ରାଣୀ ଭାରତୀୟଙ୍କ ପକ୍ଷରେ ଏହା ସମ୍ଭବ ଯଦିଓ ନୁହେଁ ତଥାପି ବଂଚିବାକୁ ହେଲେ ଅସମ୍ଭବକୁ ଆଜି ସମ୍ଭବ କରିବାକୁ ପଡିବ । ଏହା ଅନେକଙ୍କ ପକ୍ଷରେ କଷ୍ଟକର ହେଲେ ମଧ୍ୟ ସମ୍ପୂର୍ଣ୍ଣ ଅସମ୍ଭବ ଆଦୌ ନୁହେଁ । ମନଧ୍ୟାନ ଚୈତନ୍ୟରେ ଏହି ସାମାଜିକ ଦୂରତା କଥାଟିକୁ ପୂରେଇ ଘରେ ରହିଲେ ନିଜେ ବଂଚିବା ସହ ନିଜର ପରିବାର ଏବଂ ସମାଜ ବଂଚିବ । ଏହାର ଅନ୍ୟ କୌଣସି ବିକଳ୍ପ ଉପାୟ ନାହିଁ ।

ଘରେ ବସିଲେ ମଣିଷ କରିବ କ'ଣ ! ଆହାର, ବିହାର, ନିଦ୍ରା ଓ ମୈଥୁନକୁ ନେଇ ପଶୁମାନେ ସିନା ଚଳିଯିବେ ହେଲେ ମଣିଷମାନେ କେମିତି ଥୟ ହେବେ ? ପ୍ରତିକ୍ଷଣ ଅଗଣିତ ବିରଜୁଆରର ଲହଡି ମନଟିକୁ ଅଶାନ୍ତ କରିଦେଉଛି । ଝରକାଖୋଲି ପଡୋଶରେ ଥିବା ବ୍ୟକ୍ତି ସହ କଥୋପକଥନ ଆରମ୍ଭରେ ଧିରେ ଧିରେ ଅଗଣାକୁ ଆସି ବାହାରକୁ ପାଦଦୁଇଟା ଆପେଆପେ ପିଚୁରାସ୍ତାକୁ ଟାଣିଆଣୁଛି । କିନ୍ତୁ ଏହା ଏକ ସୁନାଗରିକର କର୍ତ୍ତବ୍ୟ ଆଦୌ ନୁହେଁ । ଗଣମାଧ୍ୟମରେ ଯେଉଁଭଳି ଭାବରେ ତଥ୍ୟ ଉପସ୍ଥାପିତ କରାଯାଉଛି, ତାକୁ ଦେଖି ଆମେ ସତର୍କ ହେବା ଦରକାର । ଆଜିର ଦିନରେ ଯାହା ଆମଦେଶର ପ୍ରଧାନମନ୍ତ୍ରୀ ଓ ଆମରାଜ୍ୟର ମୁଖ୍ୟମନ୍ତ୍ରୀ ଆମମାନଙ୍କୁ ଅନୁରୋଧ କରିଛନ୍ତି ତାକୁ ଅକ୍ଷରେଅକ୍ଷରେ ପାଳନ କରିବା ଆମର ଜାତୀୟ ଓ ନୈତିକ କର୍ତ୍ତବ୍ୟ । ଭାରତ ଏବେ ଜରୁରୀକାଳୀନ ପରିସ୍ଥିତି ଆଡକୁ ଗତି କରୁଛି । ଜନସାଧାରଣ ଜାଣିବା ଉଚିତ୍ ଯେ ଭାରତରେ ମାତ୍ର ତିନିଥର ଏଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିସ୍ଥିତି ଆସିଛି, ଯାହାକି ଚତୁର୍ଥଥର ପାଇଁ ନିକଟ ଭବିଷ୍ୟତରେ ଦେଖିବାର ଦୁର୍ଯୋଗ ଆସୁଥିବାର ଅନୁମାନ ହେଉଛି । ୧୯୬୨ମସିହା ଅକ୍ଟୋବର୍ ୨୬ତାରିଖରେ ଚୀନର ଅତର୍କିତ ଯୁଦ୍ଧ ଡାକରାରେ, ୧୯୭୧ ମସିହା ଡିସେମ୍ବର ୩ତାରିଖରେ ଭାରତ-ପାକିସ୍ଥାନ ଯୁଦ୍ଧ ସମୟରେ ଏବଂ ଶେଷଥର ଆହ୍ଲାବାଦ୍ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଇନ୍ଦିରାଗାନ୍ଧୀଙ୍କ ନିର୍ବାଚନକୁ ଅବୈଧ ଘୋଷଣା କରିବାରୁ ପ୍ରତିକ୍ରିୟା ସ୍ୱରୂପ ୧୯୭୫ମସିହାରେ ଜରୁରୀକାଳୀନ ପରିସ୍ଥିତିକୁ ଭାରତ ସାମ୍ନା କରିଥିଲା । ଏବେ ଆମେ ଦେଖୁଛେ ବିକଶିତ ଦେଶଗୁଡିକ କରୋନା ଭୂତାଣୁରେ ଅସ୍ତବ୍ୟସ୍ତ ହୋଇ ଜରୁରୀ ପରିସ୍ଥିତି ଘୋଷଣା କରିସାରିଲେଣି । ତେଣୁ ଭାରତରେ ଏହାର ପୁନରାବୃତ୍ତି ହେବାଟା ଅବଶ୍ୟମ୍ଭାବୀ । ତେଣୁ କେବଳ ମାତ୍ର ଆମେ ନିଜେ ନିଜକୁ ସୀମିତ ରଖି ସମାଜିକ ଦୂରତା ରକ୍ଷାକଲେ ସମ୍ଭାବ୍ୟ ମହାବିପତ୍ତିରୁ ଦେଶକୁ ରକ୍ଷା କରିବା ସହ ଆମଦେଶରେ ଜରୁରୀକାଳୀନ ପରିସ୍ଥିତିକୁ ବି ଏଡାଇ ଦେଇ ପାରିବା ।

ନିଜର ସ୍ୱାର୍ଥପାଇଁ କିଛି କୁଜି ନେତା ଅସାମାଜିକ ତତ୍ତ୍ୱମାନଙ୍କ ସହ ମିଶି ଲୋକମାନଙ୍କ ମନରେ ଭୟ ସୃଷ୍ଟିକରି ଆଭ୍ୟନ୍ତରୀଣ ସଙ୍କଟ ସୃଷ୍ଟିକରିବା ଚେଷ୍ଟାରେ ଅଛନ୍ତି । ତେଣୁ ସେମାନଙ୍କୁ ଚିହ୍ନି ଏଭଳି ସମୟରେ ଜାତୀୟ ଏକତା ସୃଷ୍ଟି କରିବା ସମସ୍ତ ସୁନାଗରିକ ମାନଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ । ଲୋକମାନଙ୍କ ମନରୁ କରୋନା ଭୟ ଦୂର କରେଇ କରୋନାକୁ ପ୍ରତିହତ କରିବା ପାଇଁ ଜନସଚେତନତା ଜାଗୃତ କରିବା ସମସ୍ତ ବୁଦ୍ଧିଜୀବୀ ମାନଙ୍କର ଦାୟିତ୍ୱ । ଅନେକ ଲୋକଙ୍କର ସାଧାରଣ ପ୍ରଶ୍ନ, 'ଘରେ ରହିଲେ କରିବୁ କ'ଣ !' ଟିଭି ଦେଖନ୍ତୁ । ଏବେ ତ ରାମାୟଣ ମହାଭାରତ ସର୍କସ ଆଦି ଲୋକପ୍ରିୟ ଧାରାବାହିକ ଗୁଡିକର ପୁନଃପ୍ରସାରଣ ଆରମ୍ଭ ହେଲାଣି । ନାନା ପ୍ରକାର ଇନ୍‌ଡୋର୍ ଗେମ୍‌ସ ଅଛି ଯାହାରେ ଭରପୂର୍ ମଜା ନେଇହେବ । ନୂଆକରି ଚିତ୍ରାଙ୍କନ ଅଭ୍ୟାସ ଆରମ୍ଭ କରନ୍ତୁ । କିଛି ନହେଲେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାଲାବନ୍ଦି ସମୟରେ ବହି ସହ ମିତ ବସନ୍ତୁ । ବହିପଢିବା ଦ୍ୱାରା ଆମର ବୁଦ୍ଧି ବଢିବ, ଶବ୍ଦଭଣ୍ଡାର ସମୃଦ୍ଧ ହେବ, ଲିଖନଶକ୍ତି ଜାଗୃତ ହେବ, ସ୍ମୃତିଶକ୍ତି ବଢିବ, କଳ୍ପନାଶକ୍ତିର ନୂତନଉତ୍ସ ସୃଷ୍ଟି ହେବ, ବିଷାଦ ଦୂରେଇ ଯିବ, ନିଜକୁ ଚିହ୍ନି ଆମେ ଆତ୍ମକୈନ୍ଦ୍ରିକ ହୋଇପାରିବା, ବାକ୍‌ଶକ୍ତି ବୃଦ୍ଧି ହେବ ଏବଂ ସର୍ବୋପରି ଅଶାନ୍ତ ମନକୁ ଶାନ୍ତ କରିବାର ଅପର୍ଯ୍ୟାପ୍ତ କ୍ଷମତା ବହି ପଠନ ଭିତରେ ଅଛି ।

ଇଚ୍ଛାଥିଲେ ଉପାୟ ବଳେବଳେ ଆସେ । ଦେଶର ମର୍ଯ୍ୟାଦା ଓ ସମ୍ମାନରକ୍ଷା ପ୍ରତ୍ୟେକ ନାଗରିକଙ୍କ ନିକଟରେ ମହନୀୟ । କାରଣ ଦେଶର ମର୍ଯ୍ୟାଦା ଓ ସମ୍ମାନ ସହ ପ୍ରତ୍ୟେକ ବ୍ୟକ୍ତିର ମର୍ଯ୍ୟାଦା ଓ ସମ୍ମାନ ଜଡିତ । କରୋନା ପୂର୍ବରୁ ସହଜେ ଆମ ଅର୍ଥନୀତିକୁ ସୁଧାରିବା ପାଇଁ ଆମେ ପ୍ରଚେଷ୍ଟା ଆରମ୍ଭ କରିଥିଲେ । ଏବେ ଏହା ଆହୁରି ଖରାପ ହୋଇଗଲା । କରୋନା ଭୂତାଣୁର ଆବିର୍ଭାବ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟ । ତେଣୁ ଏହାକୁ କାହାର ବଳକଳ ନାହିଁ, କେବଳ ନିଜର ସଂଯତ ଓ ଶୃଙ୍ଖଳା ବଳରେ ହିଁ କରୋନାକୁ ଜିତି ହେବ । ମହାଭାରତରୁ ଆମେ ଶିଖିଛେ ଅଭିମାନୀ ମାନଗୋବିନ୍ଦ (ଦୁର୍ଯ୍ୟୋଧନ) ମାନ ସରୋବର ଭିତରେ ଲକ୍ଷ୍ମୀଙ୍କକୋଳରେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲା । ଭୀମରଢିକୁ ଅଳ୍ପକିଛି ସମୟ ସହି, ନିଜକୁ ସମ୍ଭାଳି ରହି ଯାଇଥିଲେ ବିଚରା ବଂଚିଯାଇଥାନ୍ତା । ଲକ୍ଷ୍ମୀଙ୍କ ଉପଦେଶକୁ ପ୍ରତ୍ୟାଖାନ କରି ମାନସରୋବର ବାହାରକୁ ଆସି ଭୀମସହ ଲଢେଇକଲା ଯୋଗୁଁ ନିଜେ ମଲା । ଆଜି ସେହିପରି ଘରବାହାରକୁ କରୋନା ଡାକୁଛି । ଭୀମ ଗଦାଠାରୁ କରୋନା ଆଉରି ଶକ୍ତିଶାଳି । ମୋଦିଜୀ ବାରମ୍ବାର ହାତଯୋଡି ପ୍ରାର୍ଥନା କରୁଛନ୍ତି ଘରେ ରୁହନ୍ତୁ । ନବୀନବାବୁ ଓଡିଆରେ ବୁଝାଉଛନ୍ତି ଘରୁ ବାହାରିଲେ ବିପଦ । କାହାକଥା ପାସଙ୍ଗରେ ନପକେଇ ଯଦି ବାହାରେ ବୁଲିବା ତେବେ ଆମେ ତ ଭୋଗିବା, ଆମସହ ଆମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପରିବାର, ଆମ ସମାଜ ଓ ଆମ ଦେଶ ବି ଏହାର ଭୟଙ୍କର ପରିଣତି ଭୋଗିବ । ପୂରା ମହାଭାରତ ତ ମାତ୍ର ଅଠରଦିନରେ ସରିଯାଇଥିଲା, କିନ୍ତୁ ଏହା ଶହେଅଶି ଦିନ ଚଳେଇ ସାରାବିଶ୍ୱରେ ମହାଭାରତର ମୃତ୍ୟୁସଂଖ୍ୟାର ବହୁଗୁଣ ଅଧିକମୁଣ୍ଡ ଗଡେଇ ସାରିଲାଣି । ତେଣୁ ବଂଚିବାକୁ ଯଦି ଇଚ୍ଛା, ତେବେ ଘରେ ରହିବା ଛଡା ଅନ୍ୟ ଉପାୟ ନାହିଁ । ଆପଣଙ୍କ ଜୀବନ ଆଜି ଆପଣଙ୍କ ନିଜ ହାତରେ । ଆପଣଙ୍କ ପସନ୍ଦ ଜୀବନ ନା ମୃତ୍ୟୁ !

ଇଂ. ବିଦ୍ୟାଧର ପଣ୍ଡା, ବି.ଟେକ୍. ସିଭିଲ୍, ଏମ୍.ଟେକ୍.(ପରିବେଶ), ଏଲ୍ଏଲ୍ବି
ଏଲ୍-୧୭/୧୫, ପଂଚଶଖା ନଗର, ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧, bdpanda1@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା : ଏକ ଅଦୃଶ୍ୟ ଶତ୍ରୁ



ଦୀପକ୍ ଷଡ଼ଙ୍ଗୀ

ସାମ୍ପ୍ରତିକ ପରିସ୍ଥିତିରେ କରୋନା ଭୂତାଣୁକୁ ନେଇ ସାରା ବିଶ୍ୱ ଏବେ ଚିନ୍ତାରେ । ଚୀନର ଉହାନ ରାଜ୍ୟରୁ ଡିସେମ୍ବର ୨୦୧୯ରୁ ଆରମ୍ଭ ହୋଇଥିବା ଏହି ଭୂତାଣୁ ଏବେ ସାରା ବିଶ୍ୱକୁ କବଳିତ କରି ରଖିଛି । ଲାଗୁଛି ଯେପରି ଏକ ଅଦୃଶ୍ୟ ଶକ୍ତି ମଣିଷ ସମାଜକୁ ମାନବଶୂନ୍ୟ କରିବାକୁ ବଦ୍ଧପରିକର । ଏହି ଭୂତାଣୁର ଅଦୃଶ୍ୟ ମାଡରେ ଏବେ ସାରା ପୃଥିବୀ ଭୟରେ ଥରହର ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ-୧୯କୁ ମହାମାରୀ ଘୋଷିତ କରି ସାରଥିବା ବେଳେ ଭାରତ ସମେତ କିଛି ଦେଶରେ ଜରୁରୀ କାଳୀନ ସ୍ଥିତି ଘୋଷଣା କରା ହୋଇସାରିଛି । ଆଜକୁ ପ୍ରାୟ ଶହେ ବର୍ଷେ ତଳେ ସ୍ପାନିଶ ଫ୍ଲୁ ତମାମ ବିଶ୍ୱରେ ଯେଉଁ ବିଭୀଷିକା ନେଇ ଆସିଥିଲା; ଏବେ କରୋନା ପ୍ରାୟତଃ ସମାନ ସ୍ଥିତିକୁ ନେଇ ଆସିଛି । ଗତ ୧୦୦ ବର୍ଷର ବ୍ୟବଧାନ ଭିତରେ ସଭ୍ୟତାର ଜୟଯାତ୍ରା ଆମକୁ ଢେର ଆଗକୁ ନେଇ ଆସିଛି ସତ ତଥାପି ମଣିଷର ଜୀବନକୁ ନେଇ ଅସହାୟତା ଆମକୁ ଅନିଶ୍ଚିତ ଓ ଅସାଢ଼ କରି ରଖିଛି । ୧୯୧୮ ମସିହା ଜୁନ ମାସରେ ଟାଇମସ୍ ଅଫ ଇଣ୍ଡିଆର ଏକ ସଂସ୍କରଣରେ ରହସ୍ୟମୟ ସଂକ୍ରାମକ ଜ୍ୱର ବିଷୟରେ ସୂଚନା ଦିଆ ହୋଇଥିଲା, କିନ୍ତୁ ସେ ସମୟରେ ଲୋକମାନେ ଏତେ ସଚେତନ ନଥିଲେ ଯାହାର ଫଳ ସ୍ୱରୂପ ଲକ୍ଷାଧିକ ଲୋକ ମୃତ୍ୟୁ ମୁଖରେ ପଡିଥିଲେ । ସେତେବେଳେ ମଧ୍ୟ ଏହି ଫ୍ଲୁ ରୋଗ ଚୀନରୁ ହିଁ ବ୍ୟାପିଥିଲା ଚୀନର ଶ୍ରମିକମାନଙ୍କ ସ୍ଥାନନ୍ତରଣକୁ ନେଇ । ଚୀନର ଏହି ଶ୍ରମିକମାନେ ବାହାର ଦେଶରେ ଶସ୍ତାରେ, କମ ପାରିଶ୍ରମିକରେ ରାସ୍ତା ତିଆରି କରୁଥିଲେ, କଳକାରଖାନାରେ କାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥିଲେ, ଟ୍ରେଞ୍ଚ ଖୋଳୁଥିଲେ ଏବଂ କୌଣସି ଜାଗାକୁ ଯିବାବେଳେ ଏମାନେ ଟ୍ରେନରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଯାତ୍ରା କରୁଥିଲେ ଏବଂ ରହୁଥିଲେ ମଧ୍ୟ ଯାହା ଫଳରେ କି ଏହି ରୋଗର ସୂତ୍ରପାତ ହୋଇଥିଲା । ଏହି ରୋଗ ଚିହ୍ନଟ ହେବାର ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ହଜାରେରୁ ଅଧିକ ଲୋକ ସଂକ୍ରମିତ ହୋଇ ସାରିଥିଲେ । ଭାରତକୁ ମଧ୍ୟ ଏହି ରୋଗ ଖୁବଶୀଘ୍ର ବ୍ୟାପୀ ଯାଇଥିଲା । ଏହି ରୋଗ ବ୍ୟାପିବାର କିଛି ମାସ ମଧ୍ୟରେ ଯେଉଁ ବିଭୀଷିକାମୟ ଚିତ୍ର ଭାରତ ଦେଖିଲା ଯେ ତାକୁ ନେଇ ବିଶିଷ୍ଟ ହିନ୍ଦୀ କବି ନିରଳ ଲେଖିଥିଲେ ଯେ ଉତ୍ତରପ୍ରଦେଶର ଗଙ୍ଗାଘାଟର ଉଭୟ ପାର୍ଶ୍ୱରେ ଏପରି ଶବଗୁଡିକ ଗଦା ହୋଇ ରହିଥିଲା ଯେ ସେଗୁଡିକୁ ପୋଡିବା ପାଇଁ ସେତେବେଳେ କାଠର ଅଭାବ ପଡି ଯାଇଥିଲା । ଏକ ହିସାବ କହିଥାଏ ଯେ ପ୍ରତ୍ୟେକ ଶହେ ବର୍ଷରେ ଥରେ ଏପରି ଏକ ମହାମାରୀ ବିଶ୍ୱରେ ଦେଖା ଯାଇଥାଏ । ତେବେ ଏଇଠି ମନେରଖିବା ଦରକାର ଯେ ଏ ପୃଥିବୀ ଗ୍ରହ କେବଳ ମନୁଷ୍ୟପାଇଁ ନୁହେଁ ଗଛଲତା, ପଶୁପକ୍ଷୀ, କୀଟପତଙ୍ଗ, ଭୂତାଣୁ, ଜୀବାଣୁ, କୀଟାଣୁ  ଆଦି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ । ମଣିଷ ଯେତେବେଳେ ପ୍ରକୃତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରେ ତାକୁ କବଳିତ କରିବାକୁ ଚେଷ୍ଟା କରେ ସେମିତି ପ୍ରକୃତି ମଧ୍ୟ ତା'ର ପ୍ରତିଉତ୍ତର ଦେଇଥାଏ । ବର୍ତ୍ତମାନ ସେହି ସମୟ ଉପନୀତ । ପ୍ରକୃତିର ଅଦୃଶ୍ୟ ପ୍ରହାର ମାନବ ସଭ୍ୟତା ଉପରେ ପଡିଛି । ଏ ଭୂତାଣୁମାନେ କେଉଁ ନୂଆ ଗ୍ରହରୁ ଆସି ଏଠି ବସା ବାନ୍ଧିଲେ ତାହା ନୁହେଁ ଏମାନେ ସବୁଆଡେ ବ୍ୟାପ୍ତ । ସେମାନେ ସେମାନଙ୍କ ସ୍ୱାଭାବିକ ଅବସ୍ଥାରେ ରହିଲେ ସମସ୍ୟା ନାହିଁ । ସେମାନେ ସବୁଆଡେ ଘୁରି ବୁଲନ୍ତି । ଅନୁକୂଳ ପରିସ୍ଥିତିରେ ସେ ତା'ର କାୟା ବିସ୍ତାର କରେ ଇତର ପ୍ରାଣୀମାନଙ୍କ ଠାରୁ ମଣିଷ ଶରୀରକୁ ଅତି ସହଜରେ ଆସି ବସା ବାନ୍ଧିକରି ରହିଥାଏ । ଏବେ କିନ୍ତୁ ଏ ମଣିଷ ସେମାନଙ୍କ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସ୍ୱାଭାବିକ ସ୍ଥିତି ସହିତ ଖେଳିବାକୁ ଆରମ୍ଭ କରିଛି । ବିଜ୍ଞାନ ବଳରେ ଗର୍ବୀ ହୋଇ ସେମାନଙ୍କ ପ୍ରାକୃତିକ ଚକ୍ରକୁ ଧ୍ୱଂସ କରିବାକୁ ବସିଛି । ଯେତେବେଳେ କୌଣସି ଜୀବକୁ ଅତ୍ୟଧିକ ଅତିଷ୍ଠ କରାଯାଏ ସେ ତା'ର ପ୍ରାଣ ରକ୍ଷା ନିମିତ୍ତ ପ୍ରତି ଆକ୍ରମଣ କରେ । ବର୍ତ୍ତମାନ ପ୍ରକୃତି ତା'ର ପ୍ରତି ଆକ୍ରମଣ ଆରମ୍ଭ କରିଛି ଏଇ ଭୂତାଣୁ, ଜୀବାଣୁ ମାନଙ୍କ ମାଧ୍ୟମରେ ।

ଭେଷଜ ବିଜ୍ଞାନ ଉନ୍ନତିର ଶହେରୁ ଉର୍ଦ୍ଧ ବର୍ଷ ବିତି ଯାଇଥିଲେ ମଧ୍ୟ କରୋନାକୁ ପ୍ରତିହତ କରିବା ପାଇଁ ଏବେ ଆମ ପାଖରେ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ ସତ କିନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସଚେତନତା ଆମକୁ ଖୁବ ସତର୍କ କରି ଦେଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କରୋନା ନିୟନ୍ତ୍ରଣ ପ୍ରଦତ୍ତ ସମସ୍ତ ନିୟମକୁ ଠିକ ସେ ମାନି ଚାଲିଲେ ଆମେ ସମସ୍ତେ ମିଳିମିଶି ଏ ଭୂତାଣୁ କବଳରୁ ନିଜକୁ, ନିଜ ପରିବାରକୁ ଓ ଆମ ଦେଶ ଭାରତକୁ ଏହି ଅଦୃଶ୍ୟ ଶତ୍ରୁର ଆକ୍ରମଣରୁ ମୁକ୍ତ କରି ପାରିବା ।

ଅଧ୍ୟାପକ, ରୋଲାଣ୍ଡ୍ ଫାର୍ମାସୀ କଲେଜ
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା ଭୂତାଣୁ



କୈଳାଶଚନ୍ଦ୍ର ସାହୁ

ବର୍ତ୍ତମାନ ସାରା ବିଶ୍ୱରେ କରୋନା ଭାଇରସ ଏକ ବୈଶ୍ୱିକ ମହାମାରୀରେ ପରିଣତ ହୋଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ଥିବା ଆମେରିକା ଓ ଇଟାଲୀ ଭଳି ଦେଶ ଏହି ମହାମାରୀକୁ ମୁକାବିଲା କରିନପାରି ହାତ ଟେକି ଦେଇଛନ୍ତି । ଆମେରିକା, ଇଟାଲୀ, ସ୍ପେନ୍, ଚାଇନା, ଇରାନ୍ ଆଦି ଦେଶରେ ଦୈନିକ ହଜାର ହଜାର ଲୋକ ଏହି ରୋଗରେ ମୃତ୍ୟୁବରଣ କରୁଛନ୍ତି । ଏତେ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି ଯେ ଶବଦାହ କରିବାପାଇଁ ସ୍ଥାନ ଓ ସମୟର ଅଭାବ ରହୁଛି । ଏହି ରୋଗର ମୁକାବିଲା କେମିତି କରିହେବ ସେହି ଚିନ୍ତାରେ ସମଗ୍ର ବିଶ୍ୱ ବର୍ତ୍ତମାନ ବିବ୍ରତ । ଏହି ସମୟରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଯେପରି ଭାବେ ଏହାର ମୁକାବିଲା କରିଛି ଏହା ନିଶ୍ଚିତ ଭାବରେ ପ୍ରଶଂସାଯୋଗ୍ୟ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଭାରତର ଭୁରି ଭୁରି ପ୍ରଶଂସା କରିଛି । ପୁରା ବିଶ୍ୱ ଏହି ଭୂତାଣୁର ଔଷଧ ଆବିଷ୍କାର କରିବାପାଇଁ ଗବେଷଣାରେ ଲାଗି ପଡ଼ିଛି । ବର୍ତ୍ତମାନ ସୁଦ୍ଧା ଏହାର ଔଷଧ ବାହାରିନାହିଁ ।

ଏହାର ଏକମାତ୍ର ଔଷଧ ହେଉଛି ସଙ୍ଗରୋଧ ବା ଏକାନ୍ତବାସ । ଏବେ ପୁରା ବିଶ୍ୱ ଏହାକୁ ମାନି ନେଇଛି । ନିଜ ନିଜ ଦେଶକୁ ଲକଡାଉନ୍ କରିଦେଇଛି ଓ ସମସ୍ତଙ୍କୁ ଘରେ ରହିବାକୁ ଉପଦେଶ ଦେଇଛି । ଏହି ପରିସ୍ଥିତିରେ ଡାକ୍ତର, ନର୍ସ, ଅନ୍ୟ ହସପିଟାଲ୍ କର୍ମଚାରୀ, ପୋଲିସ ଓ ପ୍ରଶାସନର ଉଦ୍ୟମ ପ୍ରଶଂସନୀୟ । ଏହି ସମସ୍ତ କର୍ମକର୍ତ୍ତା ବର୍ତ୍ତମାନ ଆମପାଇଁ ଭଗବାନଙ୍କର ଦେବଦୂତ ଭାବେ ଦେଖାଦେଇ ଦିନରାତି ଏକ କରି ନିଜ ପରିବାରକୁ ଛାଡ଼ି ଆମ ଦାୟିତ୍ୱ ନେଇଛନ୍ତି । ଏଇ ସମୟରେ ଆମର କର୍ତ୍ତବ୍ୟ ହେଉଛି ଆମେ ସେମାନଙ୍କ କଥା ମାନିବା ଆଉ ସେମାନେ ନେଉଥିବା ପଦକ୍ଷେପକୁ ସମ୍ମାନ ଦେଇ ଘରେ ରହିବା ।

ଉଭୟ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ହୃଦୟରୁ ଧନ୍ୟବାଦ ।

ବେଲବାହାଲି, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କରୋନା : ଅଦୃଶ୍ୟ ରୋଗ



ଶାନ୍ତନୁ କୁମାର ରାଉତ

କରୋନା... କଣ ସତରେ ଏ ଜୀବ ଜଗତ ଲୋପ ପାଇଯିବ ? କଣ ଏ ଅଦୃଶ୍ୟ ରୋଗ ନେଇଯିବ କୋଟି କୋଟି ଜୀବନ ? କଳିଯୁଗ ଶେଷ ହେବ କିପରି ? ମାଳିକାରେ କଣ ମିଛ କଥା ଲେଖା ହୋଇଥିଲା କି ? ଏହିପରି ବାର୍ତ୍ତାଳାପ ଚାଲିଥାଏ ଆମ ଗାଁ ଈଶ୍ୱର ବଡବାପା ଏବଂ ପାଖ ଗାଁ ମଣ୍ଡପଡାର ପଦିଆ ମଉସା ମଧ୍ୟରେ ଗାଁ ମଝି ଗେଡୁ ଦାଦା ତେଜରାତି ଦୋକାନ ପାଖରେ ବସି ।...

ଈଶ୍ୱର :: ଆରେ ଭାଇ କଳିଯୁଗ ଶେଷ ହବାର ସମୟ ଆସିଗଲାଣି ସେଥି ଲାଗି ଏ ସବୁ ମହାମାରୀ, ଦୁର୍ଭିକ୍ଷର ଦର୍ଶନ କରିବାକୁ ପଡୁଛି ।

ପଦିଆ :: ହଁ ପରା ଦେଖୁନୁ ଆଗରୁ କେତେ ଦୁର୍ଭିକ୍ଷ ହେଇଛି ହେଲେ ଏପରି ଘରେ ବନ୍ଦୀହୋଇ କୋଉଠି ରହିଥିଲେ ? ଶେଷରେ ପୁରୀ ଶ୍ରୀମନ୍ଦିରର ବାନାରେ ନିଆଁଲାଗି ଜଳିଗଲା ଘୋର କଳି । ଏ କରୋନା କେତେ ଭୟଙ୍କର ସତ୍ତ୍ୱେ ସାରବିଶ୍ୱର ଚାବିକୁ ବନ୍ଦ କରିଦେଲାଣି । ଯାହାପାଇଁ କି ଦେଶର ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ସମଗ୍ର ଜନତାମାନଙ୍କ ପାଖରେ ହାତଯୋଡ଼ି ଘରୁ ନ ବାହାରିବା ଲାଗି ଅନୁରୋଧ କରୁଛନ୍ତି ।

ସେହି ପାଖ ରାସ୍ତାରେ ମୁଁ ଛିଡା ହୋଇ ଶୁଣୁଥାଏ ଦୁହିଁଙ୍କର କଥାକୁ କାହିଁକି କେଜାଣି ଦୁଇ ପଦ କହିବାକୁ ଇଛା ହେଲା ଏବଂ ମୁଁ କହିଲି ଆଜ୍ଞା covid 19 Novel corona ଯାହାକି ଗୋଟିଏ ଭୁତାଣୁ ଯିଏ କି ଗୋଟେ microne ଠାରୁ ମଧ୍ୟ ଛୋଟ ଯାହା ମଧ୍ୟ ଖାଲି ଆଖିକୁ ସଠିକ ଭାବରେ ଦେଖା ଯିବନାହିଁ ଯିଏକି ଆଜି ସାରା ବିଶ୍ୱରେ କୋକୁଆର ଭୟ ସୃଷ୍ଟି କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାରିଲାଣି । ତା'ର ଉଦ୍ଭବ ଚାଇନାରୁ ହେଇଛି କିନ୍ତୁ କିପରି ଉଦ୍ଭାବ ହେଇଛି ଏବେବି ମଧ୍ୟ ଜଣା ପଡ଼ିନାହିଁ । କିନ୍ତୁ ସେ ଭୁତାଣୁ ଆପଣ ହାତ ମିଳାଇବା ଏବଂ ଅତି ନିକଟତର ହେଲେ ଛିଙ୍କ, କାଶ ଦ୍ୱାରା ସଂକ୍ରମିତଙ୍କ ପାଖରୁ ଆପଣଙ୍କ ଶରୀରକୁ ଆସିପାରେ । ତେଣୁ ଆପଣମାନେ ହାତକୁ ଭଲଭାବେ ସାବୁନ ହୋଉ ଅବା Hand Wash ରେ ଅଧିକରୁ ଅଧିକ ଥର ସଫା କରାନ୍ତୁ ନହେଲେ ସାନିଟାଇଜର ବ୍ୟବହାର କରନ୍ତୁ, ଥଣ୍ଡା, ଜ୍ୱର, ଛିଙ୍କ, କାଶ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ ଏବଂ ସାମାଜିକ ଦୂରତା ରଖନ୍ତୁ ଯାହା ପାଇଁ କି ସରକାର ୨୧ ଦିନର lockdown ରଖିଛନ୍ତି କାରଣ ଆପଣ ଘରେ ରହିଲେ କେଉଁ ସଂକ୍ରମିତ ବ୍ୟକ୍ତିଙ୍କ ସାଙ୍ଗରେ ମିଶି ପାରିବେନି କି ଆପଣ ମଧ୍ୟ ସଂକ୍ରମଣର ଶିକାର ହେବେନାହିଁ ।

ହଁ ମୁଁ ବି ମଧ୍ୟ ଶୁଣିଥିଲି ଅତୀତର ଜ୍ଞାନୀ ଗୁଣୀମାନଙ୍କୁ ଭବିଷ୍ୟତର କିଛି କିଛି ଅଂଶ ଜଣାଥିଲା ଯାହାକି ଗ୍ରନ୍ଥ ବା ଉପନ୍ୟାସରେ ଲେଖି ଯାଇଛନ୍ତି ସେ ଶ୍ରୀମଦ ଭାଗବତ ଗୀତା ହଉ କିବା କୋରାନ ହଉ କି ବାଇବେଲ ହଉ ସବୁଥିରେ କିଛି କିଛି ଲେଖା ଅଛି ମୋ କଥା ନ ସରୁଣୁ ଈଶ୍ୱର ବଡବାପା କହିଲେ ହଁରେ ପୁଅ ଅଚ୍ୟୁତାନନ୍ଦ ହାଡ଼ିଦାସ ଭବିଷ୍ୟ ମାଳିକାରେ ଲେଖିଥିଲେ ପରା ........

ଭୈରବ ଡ଼ାକିବ ଭୁତାଣୁ ରୂପରେ
ଅଦୃଶ୍ୟ ତାହାର ରୂପ ....
ଅଚିହ୍ନା ବ୍ୟାଧୀଯେ ଘୋଟିବ ସଂସାରେ
ଭାରାକ୍ରାନ୍ତ ହେବ ପାପ ...
ବୈଦ୍ୟ ନ ଜାଣିବେ ନିଦାନ ଔଷଧ
ହୋଇଯିବେ ବାଟ ବଣା ......

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତ୍ରାହି ତ୍ରାହି ବୋଲି ଡାକିବେ ଜନତା

ଦୂରେଇବେ ଚିହ୍ନା ଜଣା .....

ଆତଙ୍କ ଭୟରେ ରଖିବେ ଦୂରତ୍ୱ

ଅସ୍ଥିର ରହିବ ମନ .......

ପରିବାର ସହ ଗୃହେ ବନ୍ଦୀ ହୋଇ

ରହିବେ ସକଳ ଜନ ......

ବଳଦ ପରାଏ ମୁଖେ ତୁଣ୍ଡି ବାନ୍ଧି

ରହିବାକୁ ହେବେ ବାଧ୍ୟ .....

ବିପଦେ ଆପଦେ ନ ଦେଖିବେ ମୁହଁ

ବନ୍ଧୁ ସ୍ୱଜନ ବି ମଧ୍ୟ .....

ନୂଆସାହି, ପାଟରଙ୍ଗା, ଯାଜପୁର

ଭ୍ରାମ୍ୟଭାଷ : ୯୮୬୧୭୫୬୧୯୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆତଙ୍କିତ ବସନ୍ତ



ଅରୂପ ଗିରି

ଋତୁ ଶ୍ରେଷ୍ଠ ବସନ୍ତ । ଯାହାର ଆଗମନରେ କୋଇଲିର ମିଠା ସ୍ୱର ଆଉ ଆମ୍ବ ବଉଳର ମିଠା ବାସ୍ନା ପାଇଁ ମନ ପୁଲକିତ ହେଇଯାଏ , ସତରେ କ'ଣ ସେ ବସନ୍ତ ଆଜି ଆତଙ୍କିତ ?

ମଣିଷ, ଯାହାକୁ ଈଶ୍ୱର ଆଉ ଏ ପ୍ରକୃତି ଏକ ଶ୍ରେଷ୍ଠ ପ୍ରାଣୀ ଭାବରେ ପରିଗଣିତ କରନ୍ତି , ସତରେ କଣ ଏ ମଣିଷ ସମାଜ ଆଜି ଆତଙ୍କିତ ?

ମଣିଷ ଯିଏ ସବୁଥିରେ ସଫଳତା ପାଇବା ପରେ ସାରା ବିଶ୍ୱକୁ ନିଜ ଅକ୍ତିଆରରେ ବଶ କରିସାରିବା ପରେ ମଧ୍ୟ ପ୍ରକୃତିର ସନ୍ତୁଳନ ନଷ୍ଟ କରି ଆଜି ସେ ନିଜେ ଏକ ଚିଡ଼ିଆଖାନାର ବନ୍ଦୀ ପଶୁ ଭଳି ବନ୍ଦୀ ।

ଆଜି ନାହିଁ ସେ ରାସ୍ତାରେ ଗହଳି, ନାହିଁ ସେ ଦୋକାନ ବଜାରରେ ଭିଡ଼ , ନାହିଁ ପଇସା ଉପାର୍ଜନର ଲୋଭ କି ନାହିଁ ସେ ପ୍ରତିଯୋଗିତାର ଭାବ । ସାରା ବିଶ୍ୱରେ ଏବେ କେବଳ ଗୋଟିଏ ସ୍ୱର "ଏକାନ୍ତବାସ ହିଁ ଏକମାତ୍ର ସମ୍ଭବ"/ "Stay home, Save lives".

ଆଜି ମଣିଷ ଏ ପ୍ରକୃତି ପାଖରେ ଗୋଟେ ତୁଚ୍ଛ ପ୍ରାଣୀ ହେଇଯାଇଛି । ଜୀବନ ବିକଳରେ ସେ ଘରେ ବସି ରହିଛି , ଯେତେବେଳେ କି ସେହି ଜାଗାରେ ପଶୁ ପକ୍ଷୀ ମାନେ ପ୍ରକୃତିର କୋଳରେ ମନଖୁସିରେ ଖୋଲା ଆକାଶ ତଳେ ଆଉ ଖୋଲା ରାସ୍ତାରେ ନିର୍ଭୀକ ବିଚରଣ କରିପାରୁଛନ୍ତି । ଦିନେ ରାସ୍ତାରେ ଯେଉଁ ଗାଈ ଗୋରୁମାନେ ଗାଡ଼ି ମଟର ଗହଳିରେ ଚାଲିବାକୁ ମଧ୍ୟ ପାଉନଥିଲେ ଆଜି ସେମାନେ ନିର୍ଭୟରେ ବିଚରଣ କରିପାରୁଛନ୍ତି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପ୍ରକୃତରେ ଏହାହିଁ କ'ଣ ଜୈବ ବିବିଧତାର ଉପଯୁକ୍ତ ଉଦାହରଣ ? ଏହାହିଁ କ'ଣ ପ୍ରକୃତରେ ସମାନତା ଭାବ ? ଏଇ କ'ଣ ପ୍ରକୃତି ରାଣୀ ର ପ୍ରକୃତ ବସନ୍ତ ?

ଆଜି ପବିତ୍ର ରାମନବମୀ ମଧ୍ୟ ସ୍ଥଗିତ ଏ ବିଶ୍ୱ ମହାମାରୀ ପାଇଁ । ଏ ଜନସମାଜ ଏଥିରୁ ଜାଣିରଖିବା ଦରକାର ଯେ ପୂଜାପାଠ କରି ବିଭିନ୍ନ ଯଜ୍ଞର ଆୟୋଜନ କରିବା ଦ୍ୱାରା ଭଗବାନ କି ପ୍ରକୃତି ପ୍ରକୃତରେ ଖୁସି ହୋଇନଥାନ୍ତି । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ପ୍ରାଣୀ ଉଦ୍ଭିଦଠୁ ଆରମ୍ଭ କରି ନିର୍ଜୀବ ବସ୍ତୁ ଯାଏଁ , ସଭିଏଁ ସମାନ ।

ତେଣୁ ଏ ମନୁଷ୍ୟ ସମାଜକୁ ଏ ଲେଖା ମଧ୍ୟମରେ ଏତିକି ନିବେଦନ କି ପ୍ରକୃତିକୁ ସମ୍ମାନ ଦିଅନ୍ତୁ । ପରିବେଶରେ ସନ୍ତୁଳନ ବଜାୟ ରଖନ୍ତୁ ଏବଂ ସମସ୍ତଙ୍କ ସହଯୋଗରେ ଏ ବିଶ୍ୱ ମହାମାରୀ ର ନିବାରଣ କରନ୍ତୁ ଯେପରି ଆଗାମୀ ବସନ୍ତ ଆତଙ୍କର ବସନ୍ତ ନହୋଇ ଏକ ମଧୁର ବସନ୍ତ ହଉ ।

ନାମ - ଅରୂପ ଗିରି
ଗ୍ରାମ/ପୋଷ୍ଟ - ଶୈଳେନ୍ଦ୍ର ପଲ୍ଲୀ
ଜିଲ୍ଲା - ଭଦ୍ରକ
ପିନ୍ -୭୫୬୧୩୨
ଦୁରଭାସ -୭୨୦୫୮୧୩୨୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗୃହବନ୍ଦୀର ଆତ୍ମକଥା



ପଙ୍କଜ ପାଣିଗ୍ରାହୀ

ବିଭିନ୍ନ ଅବାସ୍ତବ, ଅହେତୁକ, ଭ୍ରାନ୍ତିକର ତଥ୍ୟ ସୃଷ୍ଟି କରିବା, ଅନ୍ୟମାନଙ୍କ ଦ୍ୱାରା ରଚିତ ତଥ୍ୟକୁ ପଢିବା ଏବଂ ସେଗୁଡିକୁ ନିର୍ବୋଧ ଭାବେ ଅନ୍ୟମାନଙ୍କୁ ପ୍ରଚାର ପ୍ରସାର କରି ବିତରଣ କରିବା ସବୁଠାରୁ ବଡ କର୍ମ ହୋଇଥାଏ ଗୃହ ବନ୍ଦୀ ସମୟରେ ଯାହାସବୁ ଆମେ ସମସ୍ତେ କରୁଛେ ବର୍ତ୍ତମାନ । କିନ୍ତୁ ନିଜ ମାନବୀୟତା ଉପରେ ଯଦି ଟିକିଏ ମଧ୍ୟ ସ୍ୱାଭିମାନ ଥାଏ ତାହେଲେ ଏସବୁଠାରୁ ଦୂରରେ ରହି କାହାର କୌଣସି ପ୍ରକାର କଥା ହେଉ କିମ୍ବା ନିଜର ଭ୍ରାନ୍ତିକର ଭାବନା କାହାକୁ ପ୍ରେରଣ କରିବା ପୂର୍ବରୁ ପ୍ରଥମେ ସେସବୁର ଜ୍ଞାତ, ଅଜ୍ଞାତ ବିଷୟରେ ନିଜର ଦକ୍ଷତା ପରୀକ୍ଷା କରି ତଥ୍ୟାଟିର ପରୀକ୍ଷାମୂଳକ ଉପାଦେୟତା ଉପରେ ମୋହର ବାଜିଲା ପରେ ସେହି କାମ କଲେ ନିଜର, ନିଜ ପରିବାର ତଥା ପୂର୍ବ ପୁରୁଷଙ୍କ ଖ୍ୟାତି ବଢିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କର ତଥା ମଣିଷ ସମାଜର ଉନ୍ନତି ହେବ । ଅନ୍ୟଥା ନିଜେ ଅସୁବିଧାର ସମ୍ମୁଖୀନ ହେବା ସହିତ ସମସ୍ତଙ୍କୁ "ଆପେ ମରି, ସଙ୍ଗେ ଲୋଡ଼ି" କରିବା ଛଡା ଆଉ କିଛି ହୋଇ ନପାରେ । ଏହି ପ୍ରସଙ୍ଗରେ ବର୍ତ୍ତମାନର ଭୟାବହତା ଉପରେ ଆଧାର କରି ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବା ଏକ ନୂତନ ଚିହ୍ନିତ ଭୂତାଣୁର ପ୍ରଭାବରେ ସାରା ବିଶ୍ୱ ଯେପରି ଆତଙ୍କିତ ତାହାର ସବିଶେଷ ତଥ୍ୟ ବଡ ବଡ ଦକ୍ଷ ଭୂତାଣୁ ବୈଜ୍ଞାନିକମାନଙ୍କ ପାଖରେ ନଥିବା ବେଳେ ଗାଁରେ ରହୁଥିବା କ୍ଷୁଦ୍ର ଜ୍ୟୋତିର୍ବିଦଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ରାଜନୀତିଜ୍ଞ ତଥା ଅନ୍ୟାନ୍ୟ ସାମାଜିକ କର୍ମୀମାନେ ଅନେକ ତଥ୍ୟ ଦେବାରେ ସମର୍ଥ ହେଉଥିବା କେବଳ ଭାରତୀୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାନଙ୍କ ଦକ୍ଷତା ନା ଏହା ଆମର ନିର୍ବୋଧତା ପ୍ରମାଣ କରୁଛି ତାହାରି ଉପରେ ଆମଦେଶରେ କାହାର କୌଣସି ପ୍ରକାର କଟକଣା ନଥିବା ହେତୁ ଜନସମାଜ ବ୍ୟାପକ ଭ୍ରାନ୍ତିକର ପରିବେଶରେ ରହୁଥିବା ଦେଖିବାକୁ ମିଳୁଛି ।

ଭୁତାଣୁ ଉପରେ କୌଣସି ବ୍ୟକ୍ତିଗତ ମତାମତ ନଦେଇ ସେମାନଙ୍କର ଗୁଣ, ଚରିତ୍ର ତଥା କାର୍ଯ୍ୟକ୍ଷମତା ଏବଂ ସୃଷ୍ଟି, ବିନାଶ ଉପରେ ବୈଜ୍ଞାନିକମାନଙ୍କ ମତ ଯାହା ବିଶ୍ୱବ୍ୟାପୀ ଗ୍ରହଣୀୟ ହୋଇଥାଏ ତାହାର କିଞ୍ଚିତ ଅଂଶ କେବଳ ଜନସଚେତନତା ପାଇଁ ପ୍ରକାଶ ପୂର୍ବକ କୁହା ଯାଇପାରେ ଯେ..........

ଭୁତାଣୁ ଗୋଟିଏ ପ୍ରାକୃତିକ ଯୌଗିକ ପଦାର୍ଥ ଯାହା କୌଣସି ପରିସ୍ଥିତିରେ ସୃଷ୍ଟି ହୋଇ ବିଭିନ୍ନ ମାଧ୍ୟମ ତଥା ମୁଖ୍ୟତଃ ଜଳ ଓ ବାୟୁ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହା କୌଣସି ସଜୀବ ସହିତ ସଂସ୍ପର୍ଶରେ ଆସିଲା ପରେ ନିଜର ଜୀବନଧାରଣ କରି ସମ୍ପୃକ୍ତ ଶରୀର ମଧ୍ୟରେ ବ୍ୟାପି ରୋଗ ସୃଷ୍ଟି କରିଥାଏ । କୌଣସି ସ୍ତରରେ ସମ୍ପୃକ୍ତ ସଜୀବର ଶରୀର ରୋଗ ପ୍ରତିଷେଧକ ଦୁର୍ବଳତା ଥିଲେ ବେଳେ ବେଳେ ତାହା ମୃତ୍ୟୁର କାରଣ ମଧ୍ୟ ହୋଇଥାଏ । କିନ୍ତୁ ହୃଷ୍ଟପୃଷ୍ଟ ଶରୀର ମଧ୍ୟରେ ଭୁତାଣୁ ବ୍ୟାପକ କ୍ଷତି କରିବାରେ ସକ୍ଷମ ହୋଇନଥାଏ । ବିଭିନ୍ନ ପ୍ରକାରର ଭୁତାଣୁ ସମୟକୁ ନେଇ ସୃଷ୍ଟି ହୋଇଥା'ନ୍ତି ଏବଂ ସେମାନଙ୍କ ଭୟାବହତା ପ୍ରଦର୍ଶନ କରିଥାନ୍ତି, ଯାହା ଆଜିର ନୂତନ ଆବିଷ୍କୃତ ଭୁତାଣୁ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି ସେଥିମଧ୍ୟରୁ ଗୋଟିଏ । ବ୍ୟାକ୍ଟେରିଆ, ଫଙ୍ଗାଇ, ଭଳି ବିଭିନ୍ନ ଅଣୁଜୀବଗୁଡିକୁ ଔଷଧ ମାଧ୍ୟମରେ ମାରି ହେଉଥିବା ବେଳେ ଭୁତାଣୁ ବା ଭାଇରସ ଅନ୍ୟତମ ଯାହା ସଜୀବ ଶରୀରରେ ପ୍ରବେଶ କରିବା ପରେ ଔଷଧ ଖାଇ ସେମାନଙ୍କୁ ମାରିବା ସମ୍ଭବ ନୁହେଁ । ପ୍ରକୃତିର ନିୟମ ଅନୁଯାଇ କେତେକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସେମାନଙ୍କ ବଂଶ ବୃଦ୍ଧି ସହିତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜୀବିତ ରହିବେ ଏବଂ ସେମାନଙ୍କ ସମୟ ସମ୍ପୂର୍ଣ୍ଣ ହେଲାପରେ ସେମାନେ ସବୁ ନିଜେ ନିଜେ ମରିଯାଇଥା'ନ୍ତି । ଅର୍ଥାତ ସେମାନଙ୍କ ଜୀବନ କାଳ ସମୟ ଭିତରେ ଆମ ଶରୀର ତାକୁ ସହ୍ୟ କରିପାରିବା ଭଳି ପ୍ରତିରୋଧକ କ୍ଷମତା ଥିଲେ ଆମ ଶରୀରର ବିଶେଷ କ୍ଷତି ହୋଇନଥାଏ, ଏବଂ ଦୁର୍ବଳ ଶରୀରକୁ ବ୍ୟାପକ କ୍ଷତି ତଥା ବେଳେବେଳେ ମୃତ୍ୟୁ ମୁଖକୁ ମଧ୍ୟ ଠେଲି ଦେଇଥାଏ । ଅଦ୍ୟାବଧି ପୃଥିବୀରେ ଭୁତାଣୁ ମାରିବା ପାଇଁ କୌଣସି ଔଷଧ ବାହାରିନି କିମ୍ବା ପୃଥିବୀର କୌଣସି ଶକ୍ତି ମଣିଷ ଶରୀରରେ ଥିବା ଭୁତାଣୁକୁ ମାରିପାରିବା ଭଳି କ୍ଷମତା କାହାରି ପାଖରେ ନଥିବା ହେତୁ ତାହା ସହିତ ଆହ୍ୱାନ ନକରି କେବଳ ତାହାଠାରୁ ଦୁରେଇ ରହିବା ଶ୍ରେୟ ବୋଲି ମତବ୍ୟକ୍ତ କରନ୍ତି ବିଶେଷଜ୍ଞ । ଅର୍ଥାତ ଆମେ କୌଣସି ଭ୍ରାନ୍ତିକର ତଥ୍ୟ ଉପରେ ଆଧାରିତ କୁହେଳିକା ନଶୁଣି କିମ୍ବା ନିଜକୁ ଦୁର୍ବିପାକକୁ  ନଟାଣି କେବଳ ତାହାଠାରୁ ଦୁରେଇ ରହିବା ଶ୍ରେୟ ବୋଲି ମତାମତକୁ କେତେଦୂର ମାନ୍ୟତା ବିଚାର ଆପଣଙ୍କର । ତାହାଛଡ଼ ଆଉ ସବୁ ତଥ୍ୟ ମିଥ୍ୟା ଏବଂ କୁହେଳିକା ମାତ୍ର ! ସେଥିରେ ନିଜର ସଙ୍ଗେ ସଙ୍ଗେ ନିଜ ପରିବାର ଏବଂ ସମଗ୍ର ଜନସମାଜର ବ୍ୟାପକ କ୍ଷତି ହେବାର ସମ୍ଭାବନା ଅତ୍ୟନ୍ତ ବେଶୀ ।

ତେଣୁ ଆମର ବିନୀତ ଅନୁରୋଧ ନିଜର କିମ୍ବା କୌଣସି ମାନ୍ୟତା ନଥିବା ବ୍ୟକ୍ତି କିମ୍ବା ସଂସ୍ଥାର କୌଣସି ଭ୍ରାନ୍ତିକର ତଥ୍ୟ ନିଜେ ଗ୍ରହଣ ନକରିବା ସହିତ ନିଜ ସାମାଜିକ ମାଧ୍ୟମ, ଗଣମାଧ୍ୟମ କିମ୍ବା ବ୍ୟକ୍ତିଗତ ଭାବେ ପ୍ରଚାର ପ୍ରସାର ନକରିବା ସହିତ କୌଣସି ମାନ୍ୟତାପ୍ରାପ୍ତ ସଂସ୍ଥାରୁ ଆସିଥିବା ଦର୍ଶାଯାଇଥିବା ମନ୍ତବ୍ୟକୁ ମଧ୍ୟ ପ୍ରଚାର ପ୍ରସାର କରିବା ଠାରୁ ଦୂରରେ ରୁହନ୍ତୁ । ଅଧିକନ୍ତୁ ସରକାରୀ ସଚେତନତା କେବଳ ନିଜେ ଗ୍ରହଣ କରି କାହିଁ ନପଚାରିବା ପର୍ଯ୍ୟନ୍ତ କୌଣସି ପ୍ରକାର ମନ୍ତବ୍ୟ କିମ୍ବା ପ୍ରଚାର କରନ୍ତୁ ନାହିଁ । କେବଳ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସରକାରୀ ନିର୍ଦ୍ଦେଶନାମା ନିଜେ ଏବଂ ନିଜ ପରିବାରରେ ପ୍ରଚଳିତ କରନ୍ତୁ । କାହାକୁ ଜଣାଇଦେଇ ଖ୍ୟାତି ଅର୍ଜନ କରିବାପାଇଁ ବ୍ୟଗ୍ରତା ଅନେକ ଭାରି ପଡିପାରେ ଆସନ୍ତା ଭବିଷ୍ୟତରେ ଯଦି କୌଣସି ଦୂରଦିନ ଆରମ୍ଭ ହୋଇଯାଏ । ବର୍ତ୍ତମାନ କୌଣସି କାରଣ ଜନିତ ଏହା ଏକ ବ୍ୟାପକ ବିପଦସଂଙ୍କୁଳ ପରିସ୍ଥିତି ଦେଇ ଗତି କରୁଥିବା ହେତୁ ଆରମ୍ଭରୁହିଁ ସଚେତନ ରହିବା ଚାଲାକ ପଣିଆ ହେବ ବୋଲି ଆମର ବିଚାରରେ ଆପଣଙ୍କ ମତାମତ ଅପେକ୍ଷାରେ ।

ଧନ୍ୟବାଦ ।

ପଙ୍କଜ ପାଣିଗ୍ରାହୀ

ସୋସିଆଲ ଫୋରୁମ (India)

ଛତ୍ରପୁର, ଗଞ୍ଜାମ, ଓଡିଶା

ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁଃସ୍କୃତ ବିନାଶ : ଅଗ୍ନିଅସ୍ତ୍ରର ପ୍ରୟୋଗ !



ସୋସିଆଲ୍ ଫୋରମ୍

ଏକ ସୁସ୍ଥ ସଭ୍ୟ ମଣିଷ ସମାଜରେ ସାଧାରଣତଃ ସମସ୍ତଙ୍କୁ ସମାନ ସାମାଜିକ ଅଧିକାର ଦିଆଯାଇ କିଛି ଅଭିଜ୍ଞ, ଦକ୍ଷ ଓ ବୁଦ୍ଧିମାନ ମଣିଷଙ୍କୁ ତାହାର ପରିଚାଳନା ଦାୟିତ୍ୱ ଦିଆଯାଇଥାଏ, ଯାହାପାଇଁ ସେମାନଙ୍କୁ ସାମୁହିକ ଉନ୍ନତି କରାଯିବା ଉଦ୍ଦେଶ୍ୟରେ ଆଦାୟ କରାଯାଇଥିବା ଅର୍ଥରାଶିରୁ କିଛି ଅଂଶ ପ୍ରଦାନ କରାଯାଇଥାଏ । ପୁନଃ ସେମାନେ ସେହି ଅର୍ଥରାଶି ଆଦାୟ ଏବଂ ଖର୍ଚ୍ଚ ହିସାବ ରକ୍ଷା ସାଙ୍ଗକୁ ସେସବୁର ସଠିକ ଉପାୟରେ ବିନିଯୋଗ କରାଯିବା ସହିତ ଆବଶ୍ୟକ/ଅନାବଶ୍ୟକ ନିର୍ଦ୍ଧାରଣ ପୂର୍ବକ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ ବହନ କରିଥା'ନ୍ତି । କୌଣସି କାରଣ ବଶତଃ ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେଲେ ବା ସେମାନେ ସେହି ଅର୍ଥର ଦୁରୁପଯୋଗ କିମ୍ବା ଆତ୍ମସାତ କରୁଥିବା ଲକ୍ଷ କରାଗଲେ ସମ୍ପୃକ୍ତ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କୁ ଦଣ୍ଡବିଧାନ କରାଯିବା ସହିତ ଉକ୍ତ କାର୍ଯ୍ୟରୁ ବହିଷ୍କୃତ କରାଯିବା ବିଧାନ ରହିଥାଏ ସାମାଜିକ ନିୟାମକ ଭିତରେ । (ସେମାନଙ୍କୁ ସରକାରୀ କର୍ମଚାରୀ ବା ସହାୟକ ବୋଲି କୁହାଯାଏ) ।

ସେହି ସହାୟକ ଗୋଷ୍ଠୀଙ୍କୁ ସୁଚାରୁରୂପେ ପରିଚାଳନା କରାଯିବା ତଥା ସେମାନଙ୍କଠାରୁ ଗୁଣାତ୍ମକ ଓ ସଠିକ କାର୍ଯ୍ୟ ହାସଲ କରି ସମାଜରେ ସମସ୍ତଙ୍କୁ ସମାନତା ଦେଇ ସୁସ୍ଥ ସମାଜ ପରିଚାଳନା କରାଯିବା ଲକ୍ଷ୍ୟନେଇ ଏକ ସେବକ ଦଳ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଯେଉଁମାନେ ସହାୟକ ତଥା ସରକାରୀ ସୂତ୍ରଧର ମାନଙ୍କୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପରିଚାଳିତ ଓ ନିୟନ୍ତ୍ରିତ କରିଥାନ୍ତି । (ସେମାନଙ୍କୁ ଲୋକ ପ୍ରତିନିଧି ବା ସେବକ ବୋଲି କୁହାଯାଏ) ।

ସେହି ସମସ୍ତଙ୍କୁ ସୀମିତ ନିୟାମକ ମଧ୍ୟରେ ରହି ନିଜର ସୀମାରେଖା ମଧ୍ୟରେ କାର୍ଯ୍ୟ କରିବା ତଥା କୌଣସି କାରଣରୁ ବିରୁଦ୍ଧାଭାସ ଆସିଲେ ସେମାନଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯିବା ଲକ୍ଷ ଏବଂ କ୍ଷମତା ରହିଥାଏ ଅନ୍ୟ ଏକ ଗୋଷ୍ଠୀ ଯାହାଙ୍କୁ ଆଇନର ରକ୍ଷକ ବୋଲି ମାନ୍ୟତା ଦିଆଯାଇଥାଏ । (ସେମାନଙ୍କୁ ନ୍ୟାୟପାଳିକା ବୋଲି କୁହାଯାଏ) ।

ଆଉ ଶେଷରେ ସେହି ସମସ୍ତଙ୍କ କିଛି ତ୍ରୁଟି ହେଉ କିମ୍ବା ଷଡ଼ଯନ୍ତ୍ର କରି ସାମାଜିକ ବ୍ୟବସ୍ଥାକୁ କ୍ଷୀଣ କଲାଭଳି ଲୁକାୟିତ କାର୍ଯ୍ୟ ଯୋଗୁ ଯଦି କିଛି ସାମାଜିକ ବ୍ୟବସ୍ଥାର କ୍ଷତି ସାଧିତ ହେଉଥାଏ ତାହେଲେ ସେସବୁ ସାର୍ବଜନୀନ କରି ଲୋକଲୋଚନକୁ ଆଣିବା ପାଇଁ ଏକ ଖବରଦାତା ଗୋଷ୍ଠୀଙ୍କୁ ମାନ୍ୟତା ଦିଆଯାଇଥାଏ । ସେମାନେ ସାଧାରଣତଃ ସମାଜରେ ଅନୁସନ୍ଧାନୀ ଭଳି କାର୍ଯ୍ୟରତ ଥା'ନ୍ତି ଯେଉଁମାନେ ଅତ୍ୟନ୍ତ ନିଷ୍ଠାର ସହିତ ସବୁବେଳେ ଜନ କଲ୍ୟାଣମୟ ଭାବନାରେ ବ୍ରତୀ ହୋଇଥା'ନ୍ତି । (ସେମାନଙ୍କୁ ସାମାଜିକ କର୍ମୀ ବା ଗଣମାଧ୍ୟମ ବୋଲି କୁହାଯାଏ) ।

ସେହି ସମସ୍ତେ ନିଜନିଜ କାର୍ଯ୍ୟ ଉପଯୁକ୍ତ ଭାବେ ତୁଲାଇଲେ ଏକ ସୁସ୍ଥ ମଣିଷ ସମାଜ ଗଠନ ହେବା ସମ୍ଭବ ହୋଇଥାଏ । କିନ୍ତୁ କେହି ଯଦି ତିଳେ ହେଲେ ପଥଭ୍ରଷ୍ଟ ହୁଅନ୍ତି କିମ୍ବା ସେମାନେ ସମସ୍ତେ ମିଳିମିଶି ସାଧାରଣ ଜନତାଙ୍କ ବିଶ୍ୱାସରେ ବିଷ ଭରି ଅସାମାଜିକ କାର୍ଯ୍ୟରେ ଲିପ୍ତ ହୁଅନ୍ତି ତାହେଲେ କ'ଣ ହୁଏ ବିଚାର କରିବା ?!

ବିଶ୍ୱ ଇତିହାସ ସମୀକ୍ଷା କଲେ ଜାଣିହୁଏ ଯେ ମଣିଷ ସମାଜ ଗଠନ ପୂର୍ବରୁ ଏବଂ ତାହାର ପରବର୍ତ୍ତୀ ସମୟ ଗୁଡିକରେ ମଧ୍ୟ ଜୋର ଯାର ମୁଲକ ତାର ହିସାବହିଁ ଆଜିଯାଏ ଚାଲି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆସୁଅଛି ! ଅର୍ଥାତ ଏଇଠି ବାହୁବଳୀ ଏବଂ ବିଚକ୍ଷଣ ମଣିଷ ସାଧାରଣ ମଣିଷ ଗୁଡିକୁ ନିୟନ୍ତ୍ରିତ ଓ ବଶବର୍ତ୍ତୀ କରି ରଖୁଥିବା ଦେଖିବାକୁ ମିଳୁଛି । ସମୟର ସୁଅରେ ବିଭିନ୍ନ ସମୟର ଭିନ୍ନ ଭିନ୍ନ ଗୋଷ୍ଠିରେ ଥିବା ମଣିଷ ମାନଙ୍କ ବିଚାରଧାରା ଏବଂ କାର୍ଯ୍ୟକଳାପକୁ ନେଇ ପ୍ରଭାବିତ ହୋଇଥାଏ ମଣିଷ ସମାଜ । ହେଲେ ସାମାଜିକ ଦାୟିତ୍ୱରେ ଥିବା ସମସ୍ତ ଗୋଷ୍ଠୀ ଯଦି ସୁଚାରୁରୂପେ କାର୍ଯ୍ୟ ନକରି କିଛି ବ୍ୟତିକ୍ରମ ଘଟେ, ସାମାଜିକ ବ୍ୟବସ୍ଥା ଭୁଶୁଡି ପଡ଼ିବାର ସମ୍ଭାବନା ଦେଖା ଦେଇଥାଏ । ଅର୍ଥାତ ସେହି ସମୟରେ ଯଦି କୌଣସି ଗୋଟିଏ ଗୋଷ୍ଠୀ କିମ୍ବା ସେମାନେ ସମସ୍ତେ ମିଳିମିଶି ସାମାଜିକ ବ୍ୟବସ୍ଥାକୁ ରସାତଳଗାମୀ କରିବା ପାଇଁ ଉଦ୍ୟମ କରିଥାନ୍ତି, ତାହେଲେ ସାଧାରଣ ଜନତା ନିଜର ଭବିଷ୍ୟତ ଟେକି ଦେଇଥିବା ସେହି ଗୋଷ୍ଠୀମାନଙ୍କ କବଳରୁ ନିଜକୁ ରକ୍ଷା କରିବାରେ ସମର୍ଥ ହୋଇ ପାରନ୍ତି ନାହିଁ । ଅର୍ଥାତ ସହନଶୀଳତାର ଚରମ ସୀମାରେ ପହଁଚିଲେ ସାଧାରଣ ଲୋକେ ମେଳି ହୋଇ ସେହି କ୍ଷମତାଧାରୀ ମାନଙ୍କ ବିରୁଦ୍ଧରେ ସାମୁହିକ ଜନଆନ୍ଦୋଳନ ତେଜିବାର ଅନେକ ଉଦାହରଣ ଆମକୁ ଇତିହାସ ପୂର୍ବରୁ ଦେଇଛି । ଅତଏବ ଏକ ଵିଧ୍ୱଂଶକାରୀ ପରିବେଶ ମଧ୍ୟ ଦେଖିବାକୁ ମିଳିଛି ପୂର୍ବରୁ, ଯେତେବେଳେ ସାଧାରଣ ଜନତା ନିଜକୁ ଏକ ଅମାନୁଷିକ ଗୋଷ୍ଠୀଙ୍କ କବଳରୁ ରକ୍ଷା କରିବା ପାଇଁ ଜନ ଆନ୍ଦୋଳନ ତେଜିଥା'ନ୍ତି । ଏବଂ ସେହି ଜନ ଆନ୍ଦୋଳନ ବ୍ରହ୍ମାସ୍ତ୍ର ଭଳି କାର୍ଯ୍ୟକରେ ଯାହା ସେହି ଅମାନୁଷିକ (ରାକ୍ଷସ) ସହାୟକ ବା ସେବକଙ୍କୁ ଦମନ କରି ସେମାନଙ୍କ କବଳରୁ ସମାଜକୁ ରକ୍ଷା କରିବା ପାଇଁ ।

ଉପରୋକ୍ତ ବିଷୟକୁ ଆଧାର କରି ଶୀର୍ଷକଟିର ମୂଲ୍ୟାଙ୍କନ ପୂର୍ବକ ଏଠାରେ ଏକ ଅଭିନବ ଉପାୟ ଅବଲମ୍ବନର ପନ୍ଥା ଦିଆଗଲା । ଯଦି କୌଣସି ସ୍ଥାନରେ ତାହାର ପ୍ରୟୁଜ୍ୟତା ଅନୁଭବ ହୁଏ ତାହାଲେ ସର୍ବ ସାଧାରଣ ମଣିଷ ଏହି ପ୍ରୟୋଗାତ୍ମକ କାର୍ଯ୍ୟ କରି ସମାଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସଂସ୍କାର ଦିଗରେ କାର୍ଯ୍ୟ କରିପାରିବେ ବୋଲି ଆମର ମତ । ଏହାଦ୍ୱାରା ସାମାଜିକ ମଙ୍ଗଳ ହେବା ସହିତ ରାକ୍ଷସ, ଭକ୍ଷକ ମୁଳୋତ୍ପାଟନ ହୋଇ ଏକ ସୁନ୍ଦର ସମାଜ ସ୍ଥାପନ ହୋଇପାରିବ ବୋଲି ଆମର ମତ । ବିଚାର ଆପଣଙ୍କର ?!

ବ୍ରହ୍ମାସ୍ତ୍ର ପ୍ରୟୋଗ କରାଯିବା ପୂର୍ବରୁ ଅଗ୍ନିଅସ୍ତ୍ର ପ୍ରୟୋଗ କରି ସାଧାରଣରେ ଯଦି ସମସ୍ୟାର ସମାଧାନ ବାଟ ମିଳିପାରୁଛି ହୁଏତ ଜୀବନ ହାନି ଏବଂ ସାମାଜିକ କ୍ଷୟ କ୍ଷତିରୁ ବଞ୍ଚିଯାଇପାରେ ସମାଜ ବୋଲି ଆମର ଭାବନା । ଅତଏବ ଏଠାରେ ପ୍ରଶ୍ନ ହେଉଛି ଅଗ୍ନିଅସ୍ତ୍ର କ'ଣ ଏବଂ ତାହା କେମିତି ପ୍ରୟୋଗ କରାଯାଇ ପାରିବ ?!! ହଁ, ନିଶ୍ଚିତ ଭାବେ ଏହା ମଧ୍ୟ ଏକ ଏମିତି ଅସ୍ତ୍ର ଯାହା ସମସ୍ତ ଜନସାଧାରଣ ସ୍ୱଇଚ୍ଛାରେ ପ୍ରୟୋଗ କରିପାରିବେ । ହେଲେ ସମସ୍ତେ ମିଳିମିଶି ଅହିଂସା ମାଧ୍ୟମରେ ଏକା ସାଙ୍ଗରେ ଏହି ଅଗ୍ନିଅସ୍ତ୍ର ଆନ୍ଦୋଳନରେ ଭାଗ ନେଲେ ହୁଏତ ନିଶ୍ଚିତ ରାକ୍ଷସ ବଂଶ ପୃଥିବୀରୁ ଲୋପ ପାଇ ନିଶ୍ଚିହ୍ନ ହେବେ  ଏବଂ ପୁନର୍ବାର ସତ୍ୟ ଯୁଗର ଆବିର୍ଭାବ ହେବ, ସେଥିରେ ସନ୍ଦେହ ନାହିଁ ! ତେଣୁ ଯଦି କୌଣସି କ୍ଷେତ୍ରରେ କୋଉ ସମୟରେ ତାହାର ଆବଶ୍ୟକତା ଅଛି ବୋଲି କେହି ଭାବନ୍ତି ଏହି ଅସ୍ତ୍ର ପ୍ରୟୋଗ କରାଯିବାରେ ବିଳମ୍ବ ନକରି ତୁରନ୍ତ ଆରମ୍ଭ କରାଯିବା ବିଧେୟ ।

ଅଗ୍ନିଅସ୍ତ୍ର କେମିତି ପ୍ରୟୋଗ କରିବା ? ଭାରତ ଓ ତାହାର ପଡୋଶୀ ରାଷ୍ଟ୍ର ସମେତ ପ୍ରାୟତଃ ପୃଥିବୀର ଅନେକ ଦେଶ ଗୁଡିକରେ ଧର୍ମୀୟ ଭାବନାକୁ ଅଧିକାଂଶ ଲୋକ ଗ୍ରହଣ କରୁଛନ୍ତି ଏବଂ ଏକ ଅଲୌକିକ ନିୟନ୍ତ୍ରିତ ଶକ୍ତି ଉପରେ ସମସ୍ତଙ୍କ ବିଶ୍ୱାସ ଏବଂ ଭୟ ଥିବା ଦେଖିବାକୁ ମିଳୁଛି । ଅର୍ଥାତ ସାଧାରଣତଃ ସମସ୍ତ ମଣିଷ ଏକ ପ୍ରକାର ଭଗବାନ ଏବଂ ସେମାନଙ୍କ ସହଚର ଖେଚରୀଗଣ ଏବଂ ସଂହାର କର୍ତ୍ତାଙ୍କ ଉପରେ ଗଭୀର ଭକ୍ତି ଏବଂ ଭୟ ରଖିଥିବା ଅସ୍ୱୀକାର କରିହେବ ନାହିଁ ! କିଏ କ'ଣ ଅଛିକି ନାହିଁ କ'ଣ କରିବ କି ନାହିଁ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଜଣା ନଥିଲେ ମଧ୍ୟ ସୃଷ୍ଟିକର୍ତ୍ତା, ପାଳନ କର୍ତ୍ତା ଏବଂ ସଂହାର କର୍ତ୍ତାଙ୍କ ନାମ ପଡିଲେ ସମସ୍ତେ ନିଶ୍ଚିତ ଥରହର !! କିନ୍ତୁ ସେମାନଙ୍କ ଠାରୁ ଆଶୀର୍ବାଦ ପ୍ରାପ୍ତି କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରି ଅନେକ ସାମାଜିକ ଦୁଷ୍କର୍ମ କରିବାକୁ ପଛଘୁଞ୍ଚା ଦେଇନଥା'ନ୍ତି ଅନେକ ଲୋକ !! ଆଜିକା ସମୟରେ କହିବାକୁ ଗଲେ ପ୍ରାୟତଃ ସମସ୍ତ ମଣିଷ !! ତେଣୁ ସେହି ସୃଷ୍ଟିକର୍ତ୍ତା ହୁଅନ୍ତୁ କି ପାଳନ କର୍ତ୍ତା କିମ୍ବା ସଂହାରକର୍ତ୍ତା, ସେମାନଙ୍କ ନିକଟରେ ଏହି ଅପରାଧୀ ରାକ୍ଷସ ମାନଙ୍କ ବିରୁଦ୍ଧରେ କୌଣସି ଅଭିଯୋଗ ଆସୁନଥିବା ହେତୁ ସେମାନେ ନିଜେ ନିଜେ ନିଜର ଭୁଲ ସ୍ୱୀକାର କରି ସେହି ମହାନ ଆତ୍ମାଙ୍କ ଠାରୁ ନିଜର ପାପ ଖଣ୍ଡନ କରାଇଦେବାରେ ସମର୍ଥ ହୋଇଯାଉଥିବେ ବୋଲି ସେମାନେ ଭାବୁଥିବା ସହିତ ସମସ୍ତଙ୍କୁ ଅନୁଭବ ହୁଏ ! କିନ୍ତୁ ଯଦି ସେହି ରାକ୍ଷସ ମାନଙ୍କ ଉଦେଶ୍ୟରେ ସେହି ମହାନ ଆତ୍ମା ତଥା ସୃଷ୍ଟିକର୍ତ୍ତା ଏବଂ ସଂହାରକର୍ତ୍ତାଙ୍କ ପାଖରେ ସାମୁହିକ ଅଭିଯୋଗ ଏକତ୍ରିତ ହୁଏ ତାହେଲେ ସେମାନେ ଆଉ ବଞ୍ଚିଯିବାର ରାସ୍ତା ପାଇପାରିବେ ନାହିଁ ! ଏବଂ ନର୍କଗମୀ ହେବା ସୁନିଶ୍ଚିତ ହୋଇପାରେ ବୋଲି ଏକ ବିଶ୍ୱାସ ସେମାନଙ୍କ ମଧ୍ୟ ଥାଇପାରେ !

ତେଣୁ ଯଦି କୌଣସି ପ୍ରକାର ଅସାମାଜିକ ପ୍ରକ୍ରିୟା ହେଉ କିମ୍ବା ସାମୁହିକ ଅର୍ଥ ଲୁଣ୍ଠନ ଠାରୁ ଆରମ୍ଭ କରି ଯେକୌଣସି ପ୍ରକାର ଦେଶଦ୍ରୋହୀ କାର୍ଯ୍ୟ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ କରୁଥିବା ଆମେ ଅନୁଭବ କରୁଛେ ଅର୍ଥାତ ଯିଏ ଯିଏ ଏହି ଦୁଷ୍କର୍ମରେ ଲିପ୍ତ ଅଛନ୍ତି ବୋଲି ଆମେ ଭାବୁଛେ ସେ ସମସ୍ତଙ୍କ ନାମ ନେଇ, ସେମାନଙ୍କ ସଦଗତି କାମନା କରି ଚଣ୍ଡୀରୂପିଣୀ ସଂହାରକର୍ତ୍ତା ଙ୍କ ଠାରୁ ଆରମ୍ଭ କରି ପ୍ରକୋପୀ ସନିଦେବ ଏବଂ ଯମ ଦେବତାଙ୍କ ପାଖରେ ପ୍ରତିଦିନ ଦୀପଟିଏ ପ୍ରଜ୍ୱଳନ କଲେ ତାହାର ବିପରୀତ ପ୍ରତିକ୍ରିୟା ସେହି ରାକ୍ଷସ ଅସାମାଜିକ ବ୍ୟକ୍ତି ମାନଙ୍କ ଉପରେ ପଡିପାରିବ ଏବଂ ସେମାନେ ସଂସାରରୁ କିଛିଦିନ ମଧ୍ୟରେ ବିଲୁପ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇ ଏକ ସୁସ୍ଥ ମଣିଷ ସମାଜ ଗଠନ ହୋଇପାରିବ ବୋଲି ଆମର ବିଚାର ! ଅତଏବ ପ୍ରତ୍ୟେକ ମନ୍ଦିର ତଥା କୌଣସି ସ୍ଥାନରେ ହଜାର ହଜାର ମଣିଷ ନିଜ ସହଯୋଗିତା ସାବ୍ୟସ୍ତ କରି ମନେମନେ ସେହି ସମସ୍ତଙ୍କ ନାମ, (ଯାହାଙ୍କୁ ସେମାନେ ଭାବୁଛନ୍ତି ଜଣେ ସମାଜ ଵିରୋଧି, ଲାଞ୍ଚଖୋର ବା ଖଳ ପ୍ରକୃତି ଲୋକ ବୋଲି) ନେଇ ପ୍ରତ୍ୟେକ ଦିନ ଏହିସବୁ ଦେବୀ ଦେବତାଙ୍କ ପାଖରେ ସେମାନଙ୍କ ସଦଗତି କାମନା କରି ଦୀପଟିଏ ଦେବା ଆରମ୍ଭ କରିବା ବିଧେୟ ! ଅର୍ଥାତ ସେହି ଅଗ୍ନିଦେବଙ୍କ ମାଧ୍ୟମରେ ଅଗ୍ନିଅସ୍ତ୍ର ସଦୃଶ୍ୟ ପ୍ରଦୀପ ସେମାନଙ୍କୁ ଧୀରେ ଧୀରେ ନିର୍ମୁଳ କରିଦେବ ବୋଲି ଆଶା !! ଅତଏବ ଏହି ପ୍ରକ୍ରିୟାଟିକୁ ଜନରବ କରାଯାଇ ଏକା ସାଙ୍ଗରେ ଦେଶସାରା ପାଳନ କରାଗଲେ ଦୁଃସ୍କୃତ ସମାଜ ଭୟଭୀତ ହେବା ସହିତ ସେମାନଙ୍କ ପାରିବାରିକ ପ୍ରଭାବ ପଡ଼ିବାର ନିଶ୍ଚିତତା ଅସ୍ୱୀକାର କରିହେବ ନାହିଁ । ଆପଣଙ୍କ ସୁଵିଚାର ମନ୍ତବ୍ୟ ପ୍ରଦାନ ପୂର୍ବକ କାର୍ଯ୍ୟଧାରାଟିର ପ୍ରାଧାନ୍ୟତା ଅଛିକି ନାହିଁ ବିଚାର କରି ଦେଖନ୍ତୁ ! ଆପଣଙ୍କ ସୁଵିଚାର ମାନ୍ତ୍ୟବ୍ୟ କିମ୍ବା ଅଧିକ ଜାଣିବା ପାଇଁ ଆଗ୍ରହୀ ଥିଲେ ଆମ ସହିତ ଯୋଗାଯୋଗ କରିବା ହେବେ ।

ଧନ୍ୟବାଦ ।

ସୋସିଆଲ ଫୋରୁମ (India)

ଛତ୍ରପୁର, ଗଞ୍ଜାମ.

ଭ୍ରାମ୍ୟଭାଷ : ୯୪୩୭୩୨୪୧୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶିଶୁ ଶ୍ରମିକ



ସୌମ୍ୟରଞ୍ଜନ ପାଢ଼ୀ

ପିଲାଦିନ ମନୁଷ୍ୟ ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ ହୋଇ ଆସେ । ନା କୌଣସି କଥାକୁ ନେଇ ଚିନ୍ତା, ନା କୌଣସି ଦାୟିତ୍ୱ । ବାସ୍ ସବୁବେଳେ ଖେଳକୁଦ ପଢ଼ିବା ଲେଖିବାରେ ସମୟ ଅତିବାହିତ ହୋଇଥାଏ । କିନ୍ତୁ ଆମ ସମାଜରେ ଏପରି ବି ପିଲା ଅଛନ୍ତି, ତାଙ୍କର ପିଲାଦିନ ଏପରି ହୋଇନଥାଏ ।

ଶିଶୁ ଶ୍ରମିକଙ୍କ ସମସ୍ୟା ବିଷୟରେ ଆପଣ ସମସ୍ତେ ଜାଣନ୍ତି । ୧୪ ବର୍ଷରୁ କମ ବୟସର ଶିଶୁ ଯଦି କାମ କରେ ସେମାନଙ୍କୁ ଶିଶୁ ଶ୍ରମିକ ବୋଲି କୁହାଯାଏ । ଖାଇବାକୁ ନ ପାଇ ବାପାମା'ଙ୍କ ଠାରୁ ଅବହେଳିତ ହୋଇ ସେମାନେ ଖଟିବାକୁ ବାଧ୍ୟ ହୁଅନ୍ତି । ଅନେକ ପିଲା ଅଛନ୍ତି ଯେଉଁମାନେ ବାଲ୍ୟକାଳରୁ ସ୍କୁଲ୍ ଯାଇ ନାହାନ୍ତି । ସ୍କୁଲ୍ ନ ଯାଇ ସେମାନେ ରାସ୍ତାଘାଟରେ ଜରି କିମ୍ବା ପ୍ଲାଷ୍ଟିକ୍ ସାମଗ୍ରୀ ଗୋଟାଇ ନିଜ ଘରର ଅର୍ଥନୈତିକ ସ୍ଥିତି ସମ୍ଭାଳନ୍ତି । ଏଥିପାଇଁ ଯେ ସେମାନେ ସ୍କୁଲ୍ ଯାଆନ୍ତି ନାହିଁ ସେମାଣଙ୍କର ଘରର ଆର୍ଥିକ ସ୍ଥିତି ବହୁତ ଖରାପ, ଖଣ୍ଡେ ସାର୍ଟ୍ କିଣିବାକୁ ନିଜ ପାଖରେ ପଇସା ନଥାଏ, ସେମାନେ ସ୍କୁଲ୍ ଯାଇ ପାଠ ପଢ଼ିବେ କ'ଣ ! ସେଥିପାଇଁ ସେମାନଙ୍କୁ ଏ ଦୁନିଆ ଶିଶୁ ଶ୍ରମିକର ଆଖ୍ୟା ଦେଇଥାଏ । ଆଜି ଆମ ଦୁନିଆରେ ଏପରି ବି ପିଲା ଅଛନ୍ତି, ତାଙ୍କର ପିଲାଦିନ ସ୍କୁଲରେ କି ସାଙ୍ଗସାଥୀ ମେଳରେ ନୁହେଁ ବରଂ ହୋଟେଲ୍, ଘରେ ଝାଡୁପୋଛା କରିବାରେ କଟିଥାଏ । ଆମ ଭାରତର ଶିଶୁମାନଙ୍କ ଏପରି ପରିସ୍ଥିତି ନୈରାଶ୍ୟଜନକ । ସମଗ୍ର ବିଶ୍ୱର ଆମ ଭାରତରେ ସର୍ବାଧିକ ଶିଶୁ ଶ୍ରମିକ ଭାବରେ କାମ କରିବାର ନଜିର୍ ଅଛି । ବର୍ଷକୁ ବର୍ଷ ସେଇ ଶିଶୁ ଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଯଦିଓ ଆମ ଦେଶରେ ଚାଇଲ୍ଡ୍ ଲାଇନ୍ କାମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରୁଥାଏ, ତଥାପି ଆମ ଦେଶରେ ସଂପୂର୍ଣ୍ଣ ଭାବରେ ଶିଶୁ ଶ୍ରମିକ ଉଚ୍ଛେଦ କରିବା ଅସମ୍ଭବ ଭଳି ଲାଗୁଛି ।

ଶିଶୁ ଶ୍ରମିକ ମାନଙ୍କୁ ଶ୍ରମର ବୋଝରୁ ଉଦ୍ଧାର କରିବାପାଇଁ ଅନେକ ନିୟମ ଅନେକ ଆଇନ୍ ପ୍ରଣୟନ ହୋଇଛି ହେଲେ ସେ ସବୁ ଯେପରି କେଉଁଆଡ଼େ ବାଟବଣା ହୋଇ ଯାଇଛି । ଏବେ ବି ଶିଶୁ ଶ୍ରମିକ ଅନେକ ସଂଖ୍ୟାରେ ଅଛନ୍ତି ଦରିଦ୍ରତାର ବଶବର୍ତ୍ତୀ ହୋଇ ମଜୁରୀ ଖଟିବାକୁ ଯାଉଛନ୍ତି । ଯେଉଁ କୋମଳ ହାତରେ କଲମ ରହିବା କଥା, ଏବେ ସେହି ହାତ ଇଟା, ସିମେଣ୍ଟ, ପଥର ବୋଝ ଉଠାଉଛନ୍ତି, ତା ହେଲେ ଆମେ କେତେ ବିକଶିତ ହୋଇ ପାରିଛୁ ? ଯେଉଁଠାରେ ଶିଶୁର ଶୈଶବ କାନ୍ଦୁଛି, ନିଜକୁ ଅସୁରକ୍ଷିତ ମନେ କରୁଛି, ସେଠାରେ ବିକାଶର ଅର୍ଥ ବା କ'ଣ ? ପ୍ରଶ୍ନ ଅନେକଙ୍କ, ହେଲେ ଉତ୍ତର କାହା ପାଖରେ ? ଶିଶୁ ଶ୍ରମିକଙ୍କ ଦୃଶ୍ୟ ବିକାଶ ମୁହଁରେ କାଳିମା ସଦୃଶ୍ୟ । ହେଲେ ସମାଜ କିନ୍ତୁ ଚୁପ୍ ।

ଆମକୁ ମନେ ରଖିବାକୁ ହେବ ଆଜିର ଶିଶୁମାନେ କାଲିର ଯୁବକ, ଆସନ୍ତା କାଲିର ନାଗରିକ । ଶିଶୁ ଶ୍ରମିକମାନେ ଖରା, ବର୍ଷା, ଶୀତାକାକରରେ ଭୋକ ଉପାସକୁ ପାଥେୟ୍ କରି ପେଟପାଇଁ ଯେଉଁ କାମ କରୁଛନ୍ତି, ସେତେବେଳେ ମଧ୍ୟ ଏ ସମାଜର ଲୋକମାନେ ସବୁଦେଖି ନିରବଦ୍ରଷ୍ଟା ସାଜୁଛନ୍ତି ।

ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହା ସହିତ ଗରିବ ଓ ଶିକ୍ଷାର ଅଭାବ ମଧ୍ୟ ବୃଦ୍ଧି ପାଉଛି । ଯାହାକୁ ଶିଶୁ ଶ୍ରମିକର ଏକ ପ୍ରମୁଖ କାରଣ । ଜନସଂଖ୍ୟାର ବୃଦ୍ଧିକୁ ନେଇ ବେରଜଗାରୀ ବି ବଢ଼ିଥାଏ । କମ୍ ଟଙ୍କାରେ କାମ କରିବା ପାଇଁ କିଛି ଦୋକାନୀ, କାରଖାନା ମାଲିକ ଛୋଟ୍ ଛୋଟ ଶିଶୁଙ୍କୁ କାମ କରାଉଛନ୍ତି । ତାଙ୍କୁ କମ୍ ପାରିଶ୍ରମିକ ଦେବେ ବୋଲି ଏହାବି ଶିଶୁ ଶ୍ରମିକର ଏକ ମୁଖ୍ୟ ସମସ୍ୟା ।

ବିଲବାମନବିନ୍ଧା, ସାହାପୁର, ପିରହାଟ ବଜାର, ତିହିଡି, ଭଦ୍ରକ, ୭୫୬୧୩୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମଇ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ମଇ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : May 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । ଯେକୌଣସି ବିଭାଗରେ କେବଳ ଗୋଟିଏ ଲେଖା ହିଁ ପ୍ରକାଶିତ ହେବ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com